ମାଟିର ମହକ

ବଟକୃଷ୍ଣ ତ୍ରିପାଠୀ

Digitized by PPRACHIN, SOA

ମାଟିର ମହକ

(କ୍ଷୁଦ୍ରଗଳ୍ପ ସଂକଳନ)

ବଟକୃଷ୍ଣ ତ୍ରିପାଠୀ

ବିଦ୍ୟାପୁରୀ

Digitized by PPRACHIN, SOA

MATIRA MAHAKA
(A Collection of short stories)
by Batakrushna Tripathy
Publishers: Vidyapuri, Cuttack 753002

ପ୍ରଥମ ପ୍ରକାଶ ମାର୍ଚ୍ଚ ୧୯୯୭

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ସି–ମାଟିକ୍ କମ୍ପ୍ୟୁଟର୍ସ
୯୧ ଆଚାର୍ଯ୍ୟବିହାର, ଭୁବନେଶ୍ୱର

ମୁଦ୍ରଣ
କଟକ ଛାତ୍ରସାଥୀ ପ୍ରେସ୍

ମୂଲ୍ୟ ଟ ୩୫.୦୦

Digitized by PPRACHIN, SOA

ଉତ୍ସର୍ଗ

ନନା ,

ଜୀବନ ଜଂଜାଳରେ ଛନ୍ଦିହୋଇ ତମେ ଗାଁ ମାଟି ଛାଡି ରହିଲ ବହୁଦୂରରେ ତଥାପି ଗାଁ ମାଟି ପ୍ରତି ତମ ଭିତରେ ଥିଲା ଅନେକ ମୋହ, ଅନେକ ମମତା । ମୋ ଜୀବନର ପ୍ରଥମ ପ୍ରଭାତରେ ତମେ ତମ ସୃଷ୍ଟିର ନବଜାତକକୁ ନେଇ କ'ଣ ସ୍ୱପ୍ନ ଦେଖିଥିଲ କେଜାଣି, ଆଜି ସେ ସ୍ୱପ୍ନରେ ଗାଁ ମାଟିର ଭୁରୁଭୁରୁ ବାସ୍ନା ଓ ମୋ ଏନ୍ତୁଡିର ଗନ୍ଧ ବାରି ହୋଇ ପଡୁଥିଲା । ଆଜି ସେହି ସବୁ ସ୍ୱପ୍ନ ଓ ସ୍ମୃତିକୁ ସାଉଁଟି ରୂପ ଦେଇଛି 'ମାଟିର ମହକ'କୁ । ତମେ ଆଜି ଆରପାରିରେ । ତମ ହାତରେ ହିଁ ଟେକି ଦେଲି ଏଇ 'ମାଟିର ମହକ'କୁ ।

ତମର
ବଟ

Digitized by PPRACHIN, SOA

ସୂଚୀପତ୍ର

ଗାଁ ମାଟି	୧
ମଧୁ ମିଶ୍ରଙ୍କ ପୋଥି	୧୪
ପେଟରା	୨୧
ଯୁଗ ଯନ୍ତ୍ରଣା	୩୦
ପରିବର୍ତ୍ତନ	୪୧
ତାସେ ଯାଇଥିଲେ	୪୬
ଦଇବ ଦଉଡ଼ି	୭୪
କ୍ଷିତ୍ତୁ	୯୩

Digitized by PPRACHIN, SOA

ଗାଁ ମାଟି

ଉମାବୋଉ ଓଦାଲୁଗାର ତଳ କାନିଟାକୁ ଚିପୁଡ଼ି ଦେଇ, ଉପର କାନିରେ ଛୋଟ ଠେକାଟିଏ କରି ପାଣିଗରାଏ ମୁଣ୍ଡରେ ରଖିଲା ପରେ, ମାଠିଆରେ ଆଉ ମାଠିଆଏ ପାଣି ଅଣ୍ଟାରେ ଥୋଇ ନଈବନ୍ଧ ଉପରକୁ ଉଠିଲା ବେଳକୁ ଖରା ଆସି ପୋଲାଙ୍ଗ ତୋଟା ଉପର ଧଇଲାଣି । ଖରାଦିନେ ସକାଳୁ ସକାଳୁ ପାଣି ମୁନ୍ଦାଏ ନନେଲେ, ନଈପାଣି ଗୋଳିଆ ହୋଇଯାଏ । ଖାଲି ପଦ୍ମପୁର ଗାଁ କାହିଁକି, କୁଶଭଦ୍ରା ନଈକୂଳରେ ଯେତେ ଗାଁ ଗଣ୍ଡା, ସମସ୍ତଙ୍କର ଏଇ ନଈର ପାଣି ମୁନ୍ଦାକ ଉପରେ ନିର୍ଭର । ସେଇ ପାଣିରେ ରୋଷେଇ ହୁଏ, ସେଇ ପାଣିକୁ ଲୁଗାକାନିରେ ଛାଣି ମାଠିଆରେ ରଖି ପିଆହୁଏ । ଯେଉଁ ଘାଟରୁ ପାଣି ପିଇବା ପାଇଁ ନିଆହୁଏ ସେଇ ଘାଟରେ ମଣିଷଠାରୁ ଆରମ୍ଭ କରି ଗାଈ ଗୋରୁ ପର୍ଯ୍ୟନ୍ତ ସମସ୍ତେ ଗାଧାନ୍ତି ଏବଂ ସକାଳ ସନ୍ଧ୍ୟା ନିତ୍ୟକର୍ମ ମଧ୍ୟ କରନ୍ତି ।

ଉମାବୋଉ ତରତର ହୋଇ ପୋଲାଙ୍ଗ ତୋଟା ଭିତର ଦେଇ ତାଙ୍କ ଗାଁ ଆଡ଼କୁ ଲମ୍ବି ଯାଇଥିବା ପାଦଚଲା ରାସ୍ତାରେ ଚାଲିଥାଏ । ସେ ଅଳ୍ପ ବୟସରୁ ବିଧବା । ବିଶିଆ ଯେଉଁଦିନ ତାକୁ ଛାଡ଼ିଦେଇ ବାଡ଼ିରେ ଚାଲିଗଲା, ସେତେବେଳକୁ ଉମା ଦି ବର୍ଷର ଛୁଆ । ଉମା ବୋଉର ବୟସ ବାଇଶ କି ତେଇଶ । ଦେହରେ ଭରା ଯଉବନ । ପୁଆଣି ହୋଇ ଆସିବାର ମାସ କେତେଟାରେ ଉମା ତା' ପେଟରେ ରହିଲା । ସେ ଜନମ ହେବାର ବରଷ ଦି'ଟାରେ ତା ବାପ ତାଙ୍କୁ ଭାଇଭଗାରିଙ୍କ ପାଖେ ଛାଡ଼ିଦେଇ ଚାଲିଗଲା । ପାଖ ଗାଁରେ ହଇଜା ଲାଗିଥାଏ । ସମସ୍ତେ ମନାକଲେ, କହିଲେ- "ଆରେ ବିଶିଆ, ଆଳିପିଙ୍ଗଳ ନନ୍ଦ ସାହିରୁ ଦଶମୁଣ୍ଡ ଗଲେଣି । ପିଲା ବଡ଼ ହୋଇ ଆହୁରି ଆଠ କି ଦଶ ପଡ଼ିଛନ୍ତି । ତୁ ନଗଲେ କ'ଣ ସେ ସନ ନନ୍ଦ ବୁଢ଼ାର କାମ ଅଟକି ଯିବ ? ତାଙ୍କ ମଝିଆଁ ପୁଅ କାଲି ରାତିରୁ ବାଡ଼ିରେ ପଡ଼ି ମୁନ୍ଦୁରା ଧଇଲାଣି ।" ବିଶିଆ ଚିନ୍ତା କଲା- ନନ୍ଦ ଘରେ ବିପଦ । ବିପଦ ଆପଦବେଳେ ପାଖରେ ଟିକିଏ ଠିଆ ନହେଲେ ମଣିଷ ପଣିଆ କ'ଣ ? ନନ୍ଦଘର ଚାରି ଏକର ପଠା ଜମିକୁ ସେ ଧରିଛି । ସେଇ ଜମିରେ ଧାନ, ମୁଗ, ଶୀତଦିନେ ପନିପରିବା ସବୁ କରେ । ତାଙ୍କରି ଜମି ଲାଗି ସମସ୍ତେ ତାକୁ ହିଂସା ଆଖିରେ ଦେଖନ୍ତି । ତା ଭଲ ଚଳିବାକୁ ସହି ପାରନ୍ତିନି । ବିଶିଆ ଚଷାପୁଅ । ଦିନରାତି ଚାଷରେ ଲାଗିଥାଏ । ଭଗବାନ ତାର ଗୁଜୁରାଣ ମେଣ୍ଟେଇବାରେ କେବେ ହଇରାଣ କରି ନାହାନ୍ତି । ତା'ଛଡ଼ା ତା ବାପ ଅଜା ସେମିତି କିଛି ଜମି ବାଡ଼ି ଛାଡ଼ିଦେଇ ଯାଇ ନଥିଲେ । ବାପ ଅଜା ଅମଳର ଦି ଏକର ପଡ଼ିଆ ଜମିରେ ସେ ଥିଲେ ଦି ଭାଇ । ବାପ ମଲା ପରେପରେ ଭିନେ ହେଲେ । ସାନଭାଇ ସବୁବେଳେ ତା ମାଇପ କଥାରେ ଚାଲିଲା । ଗାଁବାଲା ଯେତେ ବୁଝାଇଲେ କାହା କଥା ଶୁଣିଲାନି । ସମସ୍ତେ କହିଲେ ରସିଆଟା ମାଇପବୋଲା, ନହେଲେ ସେ ବିଶିଆ ପରି

Digitized by PPRACHIN, SOA

ଭାଇଠାରୁ ବାପମଲାର ମାସିକିଆ ଯାଉ ନଯାଉଣୁ ଭିନେ ହୋଇଥାନ୍ତା ? ହେଲା, ଯେତେବେଳେ ନିଜ ମା ପେଟର ଭାଇ ତାର ନହୋଇ ତା ମାଇପର ହେଲା, ମାଇପ କଥା ଶୁଣି ଘର ଭିତରେ ବାଡ଼ ପକାଇବାକୁ ବସିଲା, ସେ ବା କାହିଁକି ମନା କରିବ । କଥାରେ ଅଛି ଯେତେ ଭାଇ ସେତେ ଘର । ସାନଭାଇ ଯାହା ଚାହିଁଲା ବିଶିଆ ସେମିତି ବାଣ୍ଟିଦେଲା । ତା ଭାଗ ମାଣେ ପଡ଼ିଆ ଜମିରେ ସେ ବା ଚଳନ୍ତା କେମିତି ? ଆଳିପିଙ୍ଗଳ ନନ୍ଦ ବଉଁଶଙ୍କ ତାଙ୍କ ଗାଁ ପାଖ ନଈପଠାରେ ଜମି । ସନ ନନ୍ଦେ ତାକୁ ଡାକିକରି ଚାରିମାଣେ ଜମି ଭାଗ ବଖରା କରିବାକୁ ଦେଇଛନ୍ତି । ଏମିତି ବି ସେ କିଛି ପାଉ ନଥିଲେ । ବିଶିଆ ନେଲାଠାରୁ ନନ୍ଦବୁଢ଼ା ତା ଭାଗଟା ପାଆନ୍ତି । ଭାଗ ଦେବାରେ ବିଶିଆ କେବେ ହେଳା କରିନି କି ବାହ୍ମଣ ବୁଢ଼ାକୁ ଠକିନି । ସେ କହେ ବ୍ରହ୍ମସ୍ୱ, ଦେବସ୍ୱ ଯେ ଖାଇବ ତା ବଉଁଶରେ କେହି ରହିବେନି । ବିଶିଆକୁ ନନ୍ଦବୁଢ଼ା ପୁଅଠାରୁ ବଳି ଭଲ ପାଆନ୍ତି । ତାଙ୍କର ଯେତେବେଳେ ଏମିତିକିଆ ଗୋଟେ ବିପଦ, ବିଶିଆ ଯାଆନ୍ତାନି କେମିତି ?

ଗାଁବାଲାଙ୍କ କଥା ନମାନି ବିଶିଆ ଯାଇଥିଲା ଆଳିପିଙ୍ଗଳ ଗାଁକୁ । ନନ୍ଦବୁଢ଼ା ଘରକୁ । ବୁଢ଼ା ସଙ୍ଗେ କଥା ହେଲା । ଦୁଃଖ ଶୁଣିଲା । ସେ ବା ଆଉ କ'ଣ କରନ୍ତା ? ଆଳିପିଙ୍ଗଳରୁ ଫେରି ସେଇଦିନ ରାତିରେ ତାକୁ ହେଲା ଝାଡ଼ାବାନ୍ତି । ଗୋଟେ ରାତି ଯାଇଛି କି ନାହିଁ ତା ପରଦିନ ଦିପହରକୁ ବିଶିଆ ହଇଜାରେ ଗଲା । ବିଶିଆ ଚାଲିଗଲା ସିନା, କିନ୍ତୁ ତା ମଡ଼ା ଉଠେଇବାକୁ ଗାଁଲୋକ ଆସିଲେନି । ହଇଜା ଲାଗି ଗାଁରେ କୋକୁଆ ଭୟ । କିଏ କେତେ କଥା କହୁଥାନ୍ତି । ହଇଜାରେ ମରିଥିବା ଲୋକର ମଡ଼ା ଉଠେଇବାକୁ କିଏ ଆଗଭର ହୋଇ ଆସିବ ? ବିଶିଆ ହଇଜାରେ ଗାଁରୁ ପ୍ରଥମେ ଗଲାପରେ, ସେଇଦିନ ସନ୍ଧିଆ ବେଳକୁ ଗାଁ ଠାକୁରାଣୀ ପାଖେ ସମସ୍ତେ ବସିଲେ । କଥା ହେଲା, ଗାଁ ଠାକୁରାଣୀଙ୍କ ପାଖେ ସପ୍ତା ବସିବ । ସମସ୍ତେ ଚାନ୍ଦା ଦେଲେ । ବାହ୍ମଣ ବାଞ୍ଛା ବୁଢ଼ା ସପ୍ତାର କର୍ତ୍ତା ହେଲେ । ସନ୍ଧିଆ ବେଳକୁ ଗାଁମୁଣ୍ଡ ଠାକୁରାଣୀଙ୍କ ଚକଡ଼ା ସଂକୀର୍ତ୍ତନିଆଙ୍କ ପାଟିରେ କମ୍ପିଉଠିଲା । ଠାକୁରାଣୀଙ୍କ ପାଖେ ଭୋଗ, ଆଳତି, ବଳି, ସବୁ ଆରମ୍ଭ ହେଲା । ବୁଢ଼ୀ ଠାକୁରାଣୀ ଗାଁକୁ ବାଡ଼ି ଦାଉରୁ ରକ୍ଷା ନକଲେ ଆଉ କିଏ ରକ୍ଷା କରିବ ? ସପ୍ତା ବସିଲା ଦିନରୁ ବାଞ୍ଛା ବୁଢ଼ାକୁ କାଳେସୀ ଲାଗେ । ଅଧରାତି ପାଖାପାଖି ହେଲେ ବୁଢ଼ା କାଳିସୀ ହୋଇ ଠାକୁରାଣୀଙ୍କ ବେତ ଧରି ନାଚେ । ତା ମୁହଁ ରଙ୍ଗା ପଡ଼ିଯାଏ । ସମସ୍ତେ କୁହନ୍ତି ତାକୁ ଠାକୁରାଣୀ ଲାଗିଯାଆନ୍ତି । ସେତିକିବେଳେ ଗାଁ ଗୋଟାକଯାକର ଲୋକ ତା ଗୋଡ଼ତଳେ ଲମ୍ୱ ହୋଇ ପଡ଼ି ଡକା ପକାନ୍ତି, ''ମା' ଆମକୁ ରକ୍ଷା କର, ମା'' । କାଳେସୀଲଗା ବାଞ୍ଛାବୁଢ଼ା ଠାକୁରାଣୀଙ୍କ ବେତରେ କାହା ପିଠିରେ ଦି ଚାରି ବେତ ଦିଏ । ଗାଁରେ କିଏ କି ପ୍ରକାର ଅନିୟମ କାମ କରୁଛି, ତାକୁ ସମସ୍ତଙ୍କ ଆଗରେ କହିଦିଏ । ଠାକୁରାଣୀଙ୍କୁ ଭୋଗ ଦେବାରେ କିଏ ହେଳା କରୁଛି ବେତ ଦେଖେଇ ଚିହ୍ନେଇ ଦିଏ । ପୁଣି କହେ ଯେ ଗାଁରେ ଅନିଆ କରିବ ତା ଘରେ ବାଡ଼ି ପଶିବ । ଗାଁ ଲୋକେ ଭୟରେ କଂସା ବାସନ ବନ୍ଧା ପକାଇ

Digitized by PPRACHIN, SOA

ଠାକୁରାଣୀଙ୍କ ଗୃହା ଦିଅନ୍ତି । ପାଳିକରି ସପ୍ତା ଗ୍ଳେ । ଠାକୁରାଣୀଙ୍କ ପାଖେ ସନ୍ଧ୍ୟାବେଳେ ସଂକୀର୍ତ୍ତନ, ମାଜଣା ଗ୍ଳିଥିବା ବେଳେ ଏଣେ ଘରେ ମାଇପେମାନେ ଛୁଆ ପିଲାଙ୍କୁ ଧରି, କବାଟ କିଳି ଘର କଣରେ ଡିବି ଜାଳି ବସିଥାନ୍ତି । ଠକ୍‌କିନା କ'ଣ ଗୋଟେ ପଡ଼ିଲେ ଛାତି ଥରିଉଠେ ।

ବିଶିଆ ମରିଗଲା । ମରିକରି ତାର ଦେହ ବାସିମଡ଼ା ହେଲା । ଗାଁ ଲୋକ ଆସିଲେନି । ଉମାବୋଉ ବକଟେ ଛୁଆକୁ ଧରି ଘର କଣରେ ସକଉଥାଏ । କାହାକୁ କହିବ, କାହା ହାତରେ ଖବର ଦେବ ? ଭାଇ ତ ଭଗାରି, ପୁଣି ବିପଦବେଳେ ସାତ ଭଗାରିରୁ ବେଶି । ବଡ଼ ଭାଇ ମଲା, ସାନଭାଇ ଦୁଆର ମୁହଁ ମାଡ଼ିଲାନି । ତା ମାଇପ ଘରଛାଡ଼ି ବାପଘର ଗାଁକୁ ଗ୍ଳିଗଲା । ପ୍ରଥମ ଦିନ ସପ୍ତା ବସିଲା ପରେ, ରାତିଅଧକୁ ଯେତେବେଳେ ବାଣ୍ଟା ବୁଢ଼ାକୁ କାଳେସୀ ଲାଗିଲା, ସେଇ କାଳେସୀ କହିଲା ବିଶିଆ ମଡ଼ାକୁ ଜଲଦି ଉଠାଅ, ନହେଲେ ଗାଁଟାଯାକ ବାଡ଼ିରେ ଯିବ ।'' ତା ପରଦିନ ଗାଁଟାଯାକ ଲୋକ ମିଶି ବିଶିଆ ଶବକୁ ନଈପଠା ପୋଲାଙ୍ଗ ତୋଟା ମଶାଣିରେ ନ ପୋଡ଼ିବା ଯାଏ ତର ସହିଲାନି ।

ଉମାବୋଉ ପାଣିନେଇ ବାଡ଼ିପଟ ଟାଟିଟାକୁ ଖୋଲି ଘରକୁ ପଶିଲା ବେଳକୁ ଦେଖିଲା, ଉମା ମଝିଅଗଣାରେ ବସି ସକଉଛି । ଆଖି ଦିଇଟା ତାର ଗେଣ୍ଡା ପରି ଫୁଲି ଯାଇଛି । ଉମାକୁ ଦେଖି ଉମାବୋଉ କହିଲା, କାହିଁକି ସକଉଛୁ ଲୋ ଝିଅ, ଗରିବ ମାଇପ ତ ସମସ୍ତଙ୍କ ଶାଳୀ । ଏଠି ବସି ସକେଇଲେ କ'ଣ ତୋ ଭାଗ୍ୟ ଫେରିଆସିବ ? ଉମା କିଛି ଉତ୍ତର ନଦେଇ ଘର ଭିତରକୁ ଗ୍ଳିଗଲା । ଦୁଆରେ ମୁଣ୍ଡ ଉପରୁ, କାଖରୁ ପାଣି ମାଠିଆ ଓହ୍ଲାଇ ଉମାବୋଉ ତୁଳସୀ ଚଉରାରେ ପାଣି ଦେଇ ସୂର୍ଯ୍ୟଙ୍କ ଆଡ଼େ ପାଣି ଟେକି କହିଲା, ''ହେ ଧର୍ମ ଦେବତା, ତୁ ଥିଲେ ଏ ଗରିବ କଥା ବୁଝିବୁ ।''

ଗାଁରେ ଆଜି ନିଶାପ ହେବ ବୋଲି ଉମାବୋଉକୁ ଡକରା ଆସିଛି । ଗାଁ ମେମ୍ବର, ସରପଞ୍ଚ ଆଉ ଗାଁବାଲାଏ ବସି ପଞ୍ଚାୟତ କରିବେ ଉମା ବାହାଘର ବିଷୟରେ । ଉମାବୋଉ ମୂଳପକ୍ଷ । ଓଦାଲୁଗା ବଦଳାଇବାକୁ ସେ ଘର ଭିତରକୁ ପଶିଲା । ମନେ ମନେ ଭାବୁଥିଲା ତା ସାଙ୍ଗରେ ଆଉ କାହାକୁ ନେବ ବୋଲି । ପୁଣି ଭାବିଲା ଏଯାଏ ତ ସେ ସବୁ ଏକା ଏକା କରି ଆସିଛି । ଆଉ କାହାକୁ କାହିଁକି ଡାକିବ, କିଏ ବା ତା'ପରି ରାଣ୍ଡ ଖଣ୍ଡିକୁ ସାହାଯ୍ୟ କରିବାକୁ ଆଗେଇ ଆସିବ ?

ଅଠର ପୂରି ଉମାକୁ ଉଣେଇଶି ଗ୍ଳୁଛି । ଉମାକୁ ଦେଖିଲେ ଉମାବୋଉ ଭାବେ, ତାକୁ ଯେତେବେଳେ ଅଠର ବର୍ଷ ହୋଇଥିଲା, ସେ ଠିକ୍ ଏଇ ଉମା ପରି ଦିଶୁଥିଲା । ସେମିତି ଲମ୍ବ ଲମ୍ବ ଆଖି, କଳା ମିଚିମିଚି ଲମ୍ବ ବାଳ, ଉଗ୍ର ଉଗ୍ର ଛାତି । ମନରେ ଦୁଃଖ କରେ ତା ବର ମାତ୍ର ବରଷ ଦିଇଟା ତିନିଟାରେ ଗ୍ଳିଗଲା । ତା ଅଫୁରନ୍ତ ଯୁଆନ

Digitized by PPRACHIN, SOA

ଦେହଟାକୁ ଦେଖି ପାରିଲାନି କି ମନ ପୂରାଇ ଭୋଗ କରି ପାରିଲାନି । ହଉ, ଯାହାକୁ ତା ହାତରେ ଛାଡ଼ିଦେଇ ଯାଇଛି ସେ କିପରି ହାତକୁ ଦି'ହାତ ହେବ, ସେଇ ଚିନ୍ତା ତା ମୁଣ୍ଡରେ ପଶିଚି । ଝିଅ ଘିଅ ବେଶି ଦିନ ଘରେ ରହିଲେ ଗନ୍ଧାଏ । ହେଲେ ସେ ବା କ'ଣ କରନ୍ତା । ଉମା ଲାଗି ତାକୁ ଆଜି ପାଞ୍ଚପଞ୍ଚାୟତରେ ବସିବାକୁ ପଡ଼ିବ ।

ଓଦାଲୁଗାକୁ ବାଇଗବା ଗଛ ବାଡ଼ ଉପରେ ଶୁଖାଇଦେଇ ଉମାବୋଉ ଉମାକୁ ଡାକି କହିଲା, "ଆଲୋ ଉମା, ଘରଟା ଭିତରେ କାହିଁକି ପଶିଚୁ । ଘରେ ବସିଲେ ଆମକୁ କିଏ ଖାଇବାକୁ ଦେବା ନା ଆମ ଦୁଃଖ ଲାଘବ ହେବ । ତୁ ଯା ନଈପଠା ବାଇଗଣ ବାଡ଼ିରେ ସନିଆ ବାଇଗଣ ତୋଳୁଥିବ । ହାଟକୁ ନଗଲେ ନଚଳେ ।" ମା କଥା ଶୁଣି ଉମା ଘର ଭିତରୁ ବାହାରି ଲୁଗାଖଣ୍ଡକୁ ଦେହ ଗ୍ୱରିପଟେ ଗୁଡ଼ାଇ ଦେଇ ବାହାରିଗଲା ନଈପଠା ଆଡ଼େ ।

ଉମା ଯିବା ବାଟକୁ ଉମାବୋଉ ଘଡ଼ିଏ ଗ୍ୱହିଁ ରହିଲା । ବଢ଼ିଲା ଝିଅଟାକୁ ବାହାରକୁ ଛାଡ଼ିବାକୁ ତାକୁ ଡର ଲାଗେ । ବିଲୁଆ, ଶାଗୁଣା ସିନା ମଲା ମଣିଷକୁ ଖାଇ ମଇଳା ସଫା କରନ୍ତି । ଆଜିକାଲିକା ଯୁଆନ ଝିଅ ଗୋଟେ ଜିଅନ୍ତା ଶବ । ଆଂଖି ବୁଜିଦେଲେ ବେଢ଼ିଯିବେ ଏ ବିଲୁଆ ଶାଗୁଣା ଦଳ । ସଜ ପରିବାରେ ପୋକ ପକାଇବେ ଏଇମାନେ । ତାରି କଥା ସେ ମନେ ପକାଉଥିଲା । ବିଶିଆ ତାକୁ ଛାଡ଼ି ଦେଇଗଲା ପରେ, କେତେ ଲୋକ ତା ଉପରେ ଅସନା ଆଖି ପକାଇ ନାହାନ୍ତି ! ସରପଞ୍ଚ ବୁଢ଼ା ତା ବାପ ବୟସର ହେବ । ସଞ୍ଜ ବୁଡୁ ନବୁଡୁଣୁ ସେ ଆସି ତା ଘରେ ହାଜର । ସତେକି ଜନମ କଲା ବାପ । ଆସୁ ଆସୁ ଆଖିଟା ତାର କନକନ ହୋଇ ତା ଦେହ ଉପରେ ବୁଲିଯାଏ, ହାତଟା ସେତେବେଳେ ତାରି ଆଡ଼କୁ ଲମ୍ବିଆସେ, ମାତ୍ର ସେ ତାଙ୍କଠାରୁ ଦୂରେଇ ହୋଇ ରହିଲା ବୋଲି ତାଙ୍କ ହାତରୁ ବଞ୍ଚିଗଲା । କେବେଠାରୁ ସେ ମଲେଣି, ସ୍ୱର୍ଗକୁ ଗଲେଣି । ଗାଁବାଲାଙ୍କ ଆଗରେ ଦୁଃଖୀ ରଙ୍କିଙ୍କ ପାଇଁ ଲୁହ ଗଡ଼ାଏ । ଯେ ତା କଥାରେ ଗ୍ୱଲେ ତାଙ୍କ ପାଇଁ ଉପରବାଲାଙ୍କ ପାଖେ ସୁପାରିଶ କରେ । ଉମାବୋଉ ସେ ବୁଢ଼ା ସରପଞ୍ଚକୁ ହାଡ଼େହାଡ଼େ ଚିହ୍ନିଥିଲା, ଜାଣିଥିଲା ତାର କୁମ୍ଭୀର କାନ୍ଦଣା ।

ବାଡ଼ିପଟୁ ଶୁଖିଲା ତାଳପତ୍ର ଦିଂଇଟା ଗୋଟେଇ ଆଣି ସେ ଦୁଆର କଣ ଚୁଲି ଉପରେ ଭାତପାଣି ବସେଇଲା । ଘଷି ବାଉଁଶିଏ ଚୁଲି ମୁହଁକୁ ପେଲିଦେଇ ସେ ବାଡ଼ିଆଡ଼କୁ ଗ୍ୱହିଁଲା ଉମା ଆସିବା ବାଟକୁ ।

ବୁଢ଼ା ସରପଞ୍ଚ ମଲାପରେ ଏବେ ଆର ସାହିର ଦନେଇ ସାହୁ ସରପଞ୍ଚ । ତାଙ୍କ ସାଇର ଦାମ ପରିଡ଼ା ମେମ୍ବର । ଏଇ ଦାମ ତାକୁ ଆସି କହୁଥିଲା, ସେ ଜଣେ ମହିଳା ମେମ୍ବର ହେବାକୁ । ଜଳି ଆସୁଥିବା ନିଆଁକୁ ଚୁଲି ଭିତରକୁ ପେଲିଦେଇ ଉମାବୋଉ ମନେ ପକାଉଥିଲା ଏଇ ଦାମ କଥା । ସେ ଲେଖାଯୋଖାରେ ବିଶିଆର ଭାଇ ହିସାବ । ତା'ଠାରୁ ବୟସରେ

Digitized by PPRACHIN, SOA

ଦୁଇବର୍ଷ ସାନ । ଦୁଇ ଦୁଇଥର ମାଇନର ପରୀକ୍ଷାରେ ଫେଲ୍ ହେଲାପରେ ଘରେ ରହି ଚାଷ କାମ କଲା । ବାପା ଅଜା ଆଠ ଦଶମାଣ ଭଲଜମି ଛାଡ଼ି ଦେଇ ଯାଇଥିଲେ । ଘରେ ଗୋଠେ ଗାଈ, ଅଉଲ ନମ୍ବର ବଳଦ । ଚଳନ୍ତିପକ୍ଷ ଭାବେ ଗାଁରେ ସେ ଜଣେ । ଉମାବାପା ମଲାପରେ ସେ କେତେ ଥର ତା ଘରକୁ ନୂଆବୋଉ ନୂଆବୋଉ ଡାକି ଆସିଛି । ଘରକଥା, ଉପର ଠାଉରିଆ ଭାବେ ପଚାରେ, ଉମା ସ୍କୁଲକୁ ଯାଉଛି କି ନାହିଁ ବୁଝେ, ଆଉ ତାରି ଭିତରେ ତା ଦେହ ଉପରେ ଆଖି ବୁଲାଇନିଏ, କଥା କହୁକହୁ ତା ପାଟି ଖନି ମାରେ । ଉମା ବୋଉ ବୁଝେ, ଦାମା କାହିଁକି ତା ଘରକୁ ଆସେ । ଅଭିଆଡ଼ା ଦାମା ଦିନେ ମୁହଁ ସଞ୍ଜବେଳେ ମଝି ଦୁଆରେ ତାକୁ ଜାବୁଡ଼ି ଧରିଲା । ଛୋଟ ଉମା ସଞ୍ଜଦେବାକୁ ବାଡ଼ିପଟକୁ ଯାଇଥିଲା । ଦାମାର ଏପରି ବ୍ୟବହାରରେ ଉମାବୋଉ ବେଶିକିଛି ବ୍ୟସ୍ତ ନହୋଇ ଠିକେ ଠିକେ ଦାମାକୁ ବତାଇ ଦେଇଥିଲେ ଯେ ସେ ଯାଇ ତା'ଘରେ ତା ଭଉଣୀମାନଙ୍କ ସାଙ୍ଗେ ଲାଗୁ । ସେ ଯାହା ଭାବୁଛି ଉମାବୋଉ ସେମିତିଆ ମଣିଷ ନୁହେଁ । ଯେଉଁ ଲୋକ ତ ଅଇଁଠା କରିଥିଲା, ସେ ଖାଇ ନପାରି ଚାଲିଗଲା, ଆଉ ଏ ବାଦୁଡ଼ି ଦଳ ଆସିଛନ୍ତି ଖୁମ୍ପିବାକୁ । ବାଦୁଡ଼ି ଦଳକୁ ହୁରୁଡ଼େଇବା ପାଇଁ ସେ ତା ମନ ଗଛରେ ଟିଣ ବାନ୍ଧିଛି । ଆସନ୍ତୁ କେତେ ବାଦୁଡ଼ି, ଟିଣ ଧଡ଼ଧଡ଼ ଶୁଣିଲେ ଡେଣା ଫରଫର କରି ବସିବା ପୂର୍ବରୁ ଉଡ଼ିଯିବେ ।

ଭାତ ପାଣି ଫୁଟିଲାଣି । ଉମାବୋଉ ଚାଉଳ ଧୋଇ ହାଣ୍ଡିରେ ଚାଉଳ ପକାଇଲା ବେଳକୁ ବାଡ଼ିପଟେ ଉମା ଆସିବାର ପାଟି ଶୁଭିଲା ।

ସନିଆ ବେତେ କଳା ଛନଛନିଆ ବାଇଗଣ ଧରି ଦୁଆରେ ଠିଆ ହେଲା । ପଛେ ପଛେ ଉମା । ସନିଆ ମୁଣ୍ଡ ଉପରୁ ବୋଝ ଓହ୍ଲାଉ ଓହ୍ଲାଉ କହିଲା, "ଖୁଡ଼ି, ହାଟକୁ ସଅଳ ସଅଳ ଯିବାକୁ ହେବ । ନଈପଠାକୁ ବେପାରୀମାନେ ଆସିଥିଲେ । ବେପାରୀ ଶଳେ ଠକ । ନେଲାବେଳକୁ କିଲେକୁ ଗଡ଼େଇ କରି ନେବେ, ଏଣେ ଦେଲାବେଳକୁ ବଜାର ଭାଉର ଅଧା ପଇସା । ଜଲଦି ମୋତେ ଗଣ୍ଡେ ଖାଇବାକୁ ଦେଲେ, ମୁଁ ହାଟକୁ ବାହାରିଯିବି । ବାହାଘର ଘଡ଼ି । ଏଇଲେ ବାଇଗଣର ଦର ଅଛି ।" ସନିଆ କଥା ଶୁଣି ଉମାବୋଉ ଉମାକୁ ଘର ଭିତରୁ ମାଲପା ଶିଶିଟାକୁ ସନିଆ ହାତକୁ ବଢ଼ାଇ ଦେବାକୁ କହି ଗୋଟେ ବାଇଗଣ ଦେହରେ ଟିକିଏ ସୋରିଷ ତେଲମାରି ଚୁଲିରେ ପକାଇଲା । ସନିଆକୁ ପଖାଳ ସଙ୍ଗେ ବାଇଗଣ ପୋଡ଼ା ଭଲ ଲାଗେ ।

ମାଲପା ଦିହରେ ମାରିହେଲା ବେଳେ ସନିଆ ପଚାରିଲା, ଖୁଡ଼ି ଆଜି ପରା ଗାଁବାଲାଏ ନିଶାପ କରିବେ ଉମା ବାହାଘର ପାଇଁ । ତା କଥା ଶୁଣି ନ ଶୁଣିଲା ପରି ହୋଇ ଉମାବୋଉ କହିଲା, "ତୁ ଗାଧୋଇ ଖାଇ ହାଟକୁ ଯା', ସେ ନିଲଠା ନିଶାପରୁ ତତେ କ'ଣ ମିଳିବ ? ଆମ ପରି ଗରିବ ଗୁରୁବାଙ୍କ ପାଇଁ ନ୍ୟାୟ ନିଷ୍ପତ୍ତି ଆଗରୁ ହୋଇଥାଏ । ଖାଲି ଧର୍ମକୁ ଆଖିଠାର ମାରିବା ପାଇଁ ଏଇ ନିଶାପ, ପଞ୍ଚାୟତ ।" ସନିଆ ଆଉ କିଛି ନ ପଚାରି ମୁଣ୍ଡରେ ଗାମୁଛା ବାନ୍ଧି ନଈଆଡ଼େ ଚାଲିଲା । ଗାଧୋଇ ଆସିଲେ ସଅଳ ସଅଳ ବେତାକ

Digitized by PPRACHIN, SOA

ବାଇଗଣ ନେଇ ହାଟକୁ ଯିବ ।

ସନିଆ, ଉମାବୋଉର ପୁଅ ନହେଲେ ବି ପୁଅଠାରୁ ବଳି । ଶଗଡ଼ପାରି ଡୁଳିଆ ଜେନା ପୁଅ ସନିଆ । ବାପମଲା ରାଜଯକ୍ଷ୍ମାରେ । ମା ଗଲା ପେଟ ବେମାରୀରେ । ସନିଆକୁ ବାର ବର୍ଷ ବେଳକୁ ଉମାବୋଉ ତାକୁ ନିଜ ଘରକୁ ନେଇ ଆସିଥିଲା । ସେଇଦିନୁ ଅଛି । ଏବେ ବଡ଼ ହୋଇଗଲାଣି । ହଳ କଲାଣି, ବିଲବାଡ଼ି କାମ ବୁଝୁଛି । ନଈପଠାରେ ବାଇଗଣ, ଲଙ୍କା, ବିଲାତି, ମୂଳା, କୋବି କରେ । ଘର କଥା ସବୁ ଜାଣେ, ସେଥିଲାଗି ଉମା କଥା ପଗ୍ଗ୍ରିଦେଲା ।

ହାଣ୍ଡିରେ ଭାତ ଟକ୍ ଟକ୍ ହୋଇ ଫୁଟିଲାଣି । ଆଉ ଘଡ଼ିକରେ ଗଳାହେବ । ଚୁଲି ମୁଣ୍ଡରେ ବସି ଉମାବୋଉ ଭାବୁଥିଲା - କ'ଣ ପାଇଁ ଏ ନ୍ୟାଯ୍ୟ ନିଶାପ ? ତା' ବାପଘର ଛେନୁଅଁ ଗାଁର ବଟ ସ୍ୱାଇଁ ନିଜେ ଆସି, ଉମାକୁ ଦେଖି ବୋହୂ କରି ନେବ ବୋଲି ଜବାବ ଦେଇଗଲା । ବଟ ସ୍ୱାଇଁ ଲେଖାପୋଖାରେ ତା ଭାଇ ହେବ । ତା' ପୁଅ କଲେଜରେ ବି.ଏ. ପଢୁଛି । ଗୋଟିଏ ପୁଅ, ବିଲ ଆଠ ଦଶ ମାଣ । ତା'ଛଡ଼ା ବଟ ସ୍ୱାଇଁର ନାଆଁ ଆଖପାଖ ପାଞ୍ଚ ଦଶ ଖଣ୍ଡ ଗାଆଁରେ ଅଛି । ସେ ଯେତେବେଳେ ନିଜେ ଆସି ଉମାକୁ ଦେଖି ବୋହୂ କରି ନେବ ବୋଲି ଠିକ୍ କଲା, ଉମାବୋଉ ମନ କାହିଁରେ କ'ଣ ! ଏବେ ପଦ୍ମପୁରିଆ ନିଶାପ କରିବେ, ଉମା ତାଙ୍କ ଗାଁ ଝିଅ ହୋଇ ଛେନୁଅଁ ଗାଁର ବଟ ସ୍ୱାଇଁ ପୁଅକୁ ବାହା ହୋଇ ପାରିବ କି ନାଇଁ ? ତା ପୁଅର ଦୋଷ ଭିତରେ ଏତିକି ଯେ ସେ ଅନିଆ ବିରୁଦ୍ଧରେ ପ୍ରତିବାଦ କରିଥିଲା । ସରକାର ଗାଁ ଗଣ୍ଡାର ରାସ୍ତାଘାଟ, କୂଅ ପୋଖରୀ ମରାମତି, ଉଦ୍ଧାର ପାଇଁ ଲକ୍ଷଲକ୍ଷ ଟଙ୍କା ଦଉଛନ୍ତି । ଯୋଜନା ଟଙ୍କା ବ୍ଲକ ମାଧ୍ୟମରେ ଆସିଲେ କ'ଣ ହେବ, ଏମ.ଏଲ୍.ଏ. ନ କହିଲେ ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ । ଗାଁ ଗାଁରେ କମିଟି ହୋଇଛି । ଜହର ରୋଜଗାର ଯୋଜନା ଟଙ୍କା କେମିତି ଖର୍ଚ୍ଚ ହେବ ତାର ନିୟମ ରହିଛି, ମାତ୍ର ତାକୁ ପଗ୍ଗ୍ରେ କିଏ ? ସବୁ ତ ଦଳଗତ, ଦଳର ନେତା ଯାହା କହିବେ, ଯେମିତି କହିବେ, ସେମିତି ହବ । ଏମ.ଏଲ୍.ଏ. ଯେଉଁଠି ଠିକାଦାର ଠିକ୍ କରନ୍ତି, ସେଠି ମାଗଣାରେ ଠିକ୍ କରନ୍ତି ନାହିଁ । ଯେତିକି ଟଙ୍କାର କାମ ବରାଦ ହେବ, ସେତିକି ଟଙ୍କାର ଚଉଠେ ଆଗ ତାଙ୍କୁ ଦେଲେ, ପରେ ଠିକାଦାର କାମ ଉପରେ ହାତ ଦେବେ । ଯେଉଁ ଠିକାଦାର ପଇସା ଦେଇ କାମ ନିଏ, ସେ ତ ଆଉ ତା ହାତରୁ ଖାଇ ଘୋଡ଼ା ଆଗରେ ଡିଏଁନି ? ତା'ଛଡ଼ା ଅନ୍ୟମାନଙ୍କୁ ପାଉଣା ମଧ୍ୟ ତାକୁ ଦବାକୁ ପଡ଼େ । ବି.ଡି.ଓ., ଇଞ୍ଜିନିୟର, ଦରକାର ବେଳେ ପୋଲିସ, ଗାଁ ସରପଞ୍ଚ, ସମସ୍ତେ ଠିକାଦାର ଆଡ଼େ ହାତ ବଢ଼ାନ୍ତି । ୧୦୦ ଟଙ୍କା ସରକାର ଦେଲେ ୭୦ ଟଙ୍କା ଏମିତି ଛାଏଁ ଛାଏଁ ଉଡ଼ିଯାଏ, ବାକି ୩୦ ଟଙ୍କାର କାମ, ସେତିକି ବି କେଉଁଠି ହୁଏ, କେଉଁଠି ନାହିଁ, କିଏ ପଗ୍ଗ୍ରେ ।

ପଦ୍ମପୁର ଗାଁକୁ ଭଲ ରାସ୍ତାଟିଏ ନାହିଁ । ନଈବନ୍ଧରୁ ଗଡ଼ିଲେ ବର୍ଷାଦିନେ ଆଣ୍ଠୁଏ ପାଣି । ଛେନୁଅଁ - ପଦ୍ମପୁର ରାସ୍ତା ପାଇଁ ସରକାର ଲକ୍ଷେ ଟଙ୍କା ଦେଲେ । ପୁରୁଣା ମାଟି

Digitized by PPRACHIN, SOA

ରାସ୍ତା ଉପରେ ନାଲି ଗୋଡ଼ି ପଡ଼ି ଭଲ ରାସ୍ତା ହେବ । ବର୍ଷାଦିନେ ଲୋକେ ହଇରାଣ ହେବେନି, କାଦୁଅ ପଙ୍କ ଚକଟି ଚକଟି ଯିବେନି । ମାତ୍ର କାମ ହେଲା ଓଲଟା । ସରପଞ୍ଚ ତାଙ୍କ ଦଳ ମେମ୍ବରମାନଙ୍କୁ ଧରି ଏମ.ଏଲ.ଏ.ଙ୍କଠାରୁ ସୁପାରିଶ କରିନେଲେ । ସରପଞ୍ଚଙ୍କ ଶଳା ହେଲେ ଠିକାଦାର । ଦଶବାର ଟ୍ରକ ନାଲି ଗୋଡ଼ି ରାସ୍ତା ଉପରେ ବିଛେଇ ଦେଇ ଲକ୍ଷେ ଟଙ୍କାର ବିଲ୍ ଦେଲେ । ଜବାହର ରୋଜଗାର ଯୋଜନା କାମ ହେଲା । ଉଦ୍ଦେଶ୍ୟ ପୂରଣ ହେଲା । ବି.ଡି.ଓ. ରିପୋର୍ଟ ଦେଲେ ଯେ ତାଙ୍କ ବ୍ଲକକୁ ଯେତେ ଟଙ୍କା ଖର୍ଚ୍ଚ ପାଇଁ ଆସିଥିଲା, ସବୁ ଖର୍ଚ୍ଚ ହେଲା । ଯୋଜନା ସଫଳ । କିନ୍ତୁ ବଟ ସ୍ୱାଇଁ ପୁଅ ଦଳେ କଲେଜ ପଢୁଆ ଟୋକାଙ୍କୁ ଧରି ବି.ଡି.ଓ. ଅଫିସ ଆଗରେ ଧାରଣା ଦେଲା । ପ୍ରତିବାଦ ସଭା କଲ । ପ୍ରତିବାଦ ସଭା, ଧାରଣା, ସରପଞ୍ଚ ଆଉ ବି.ଡି.ଓ.ଙ୍କୁ ଅଡୁଆରେ ପକାଇଦେଲା । ବି.ଡି.ଓ. ସରପଞ୍ଚଙ୍କୁ ଡାକି କହିଲେ, "କିଓ ବଡ଼ବଡ଼ କଥା କହୁଥିଲ, ତୁମ ଶଳାଙ୍କୁ ତ ଠିକାଦାରୀ ଦେଲ, ମୋ ବ୍ଲକରେ କେତେ ଗାଁରେ ଏମିତି କେତେ ଯୋଜନା ସଫଳ ହେଲା ଆଉ ତୁମରି ଗାଁରେ ଖାଲି ଯୋଜନା ଅସଫଳର ପ୍ରତିବାଦ ? ମୋ ମୁହଁ ଆଉ ରହିଲା କେଉଁଠି ? ଖବରକାଗଜରେ ତ ବାହାରିଲାଣି, କିଛି ଗୋଟେ କର ।" ବି.ଡି.ଓ.ଙ୍କ କଥା ଶୁଣି ସରପଞ୍ଚ ଧାଇଁଲେ ଏମ.ଏଲ.ଏ. ପାଖକୁ । ସନ୍ଧ୍ୟାବେଳକୁ ତାଙ୍କ ବସାରେ ପହଞ୍ଚିଲା ବେଳକୁ ସେ ଆଉ ଶୁଣିବା ଅବସ୍ଥାରେ ନଥାନ୍ତି । ସରପଞ୍ଚଙ୍କୁ ଦେଖୁଦେଖୁ ଆଗ ତାଙ୍କ ଚଉଦ ପୁରୁଷ ଉଦ୍ଧାରିଦେଲେ । ବିପକ୍ଷ ଦଳର ଲୋକମାନେ ତାଙ୍କ ଗାଁରେ ପଶି, ଦଳେ ଟୋକାଙ୍କୁ ମତେଇ, ଏପରି ଗୋଟେ କାଣ୍ଡ କରିଦେଲେ, ସେ ସରପଞ୍ଚ ହୋଇ ତାଙ୍କୁ ପାନେ ଦେଇପାରିଲେନି । ଏହାଠାରୁ ବଳି ସରମର କଥା କ'ଣ ଥାଇପାରେ ? ତାଙ୍କ ପାଟିକୁ ଯାହା ଆସିଲା ସେ ଗପିଦେଇଗଲେ । ସରପଞ୍ଚଙ୍କର ଆଉ ଯୁ' ନଥାଏ ନଶୁଣିବାକୁ । ଚୁପ୍ ହୋଇ ନ ଶୁଣିବା କଥା ଶୁଣିଲେ । ଶେଷକୁ ଏମ.ଏଲ.ଏ. କହିଲେ, ଯାଅ, ବସିଛ କ'ଣ, ଯାହା କରିବା କଥା କର । ଦଳର ପୂରା ସମର୍ଥନ ତୁମ ସାଙ୍ଗରେ ଅଛି । ଲାଗୁ ପାଞ୍ଚ କି ଦଶ, ପରବାଏ ନାହିଁ ।"

ଉପରୁ ଦଳୀୟ ସମର୍ଥନ ପାଇଲା ପରେ ସଚପଞ୍ଚ ଗାଁରେ ଷଣ୍ଢ ପାଲଟିଛନ୍ତି । ଦି'ଦିନ ହେଲା ଗାଁ ପଡୁଛି ଉଠୁଛି । କେତେ ଟୋକାଙ୍କ ହାତରେ ଲମ୍ବ ଠେଙ୍ଗା, ଭୁଜାଲି, ଛୁରୀ । ବି.ଡି.ଓ. ଅଫିସ ଆଗରେ ଧାରଣା ଦେଇଥିବା ବଟ ସ୍ୱାଇଁ ପୁଅ ଦଳ ରାତି ଅଧିଆ ପିଟାଖାଇ ଡାକ୍ତରଖାନାରେ । ଧାରଣା ପାଖରେ 'ଟାଣିଥିବା ଗ୍ରୁଆ, ପକାଇଥିବା ଦରୀ ମଶିଣା ଦଳୀୟ ଧୁନିରେ ଧ୍ୱଂସ ହେଲା । ଏତକ କରିସାରିଲା ପରେ ସରପଞ୍ଚ ଗାଁରେ ନିଶାପ ଡାକିଛନ୍ତି ।

ଉମାବୋଉ ଜାଣିଥିଲା ଏ ପଞ୍ଚାୟତ କ'ଣ ପାଇଁ ହେଉଛି । ବଟ ସ୍ୱାଇଁ ସଙ୍ଗେ କଥା ହେବାକୁ ସମୟ ପାଇନି । ପୁଅକୁ ଡାକ୍ତରଖାନାରେ ଦେଖିବାକୁ ଦି'ଦିନ ହେଲା ଯାଇଚି, ଗାଁକୁ ଫେରିନି । ହଉ, ଗାଁରେ ଘର କରିଛି ଯେତେବେଳେ ପଞ୍ଚାୟତିକୁ କାହିଁକି

Digitized by PPRACHIN, SOA

ବେଖାତିର କରିବ ।

ଭାତ ହାଣ୍ଡିରୁ ଭାତ ଗାଳି, ଉମାବୋଉ ପନିକି ଧରି ଶାଗ କେରାଏ କାଟିବସିଲା । ଉମା ନଈରୁ ଗାଧୋଇ ଫେରୁଥାଏ । ଉମାକୁ ଶାଗ କରେଇ ଚୁଲିରେ ବସାଇବାକୁ କହି ସେ ଘର ଭିତରୁ ବେତାଟାଏ ଆଣି, ବାଇଗଣ ହାଟକୁ ଯିବାପାଇଁ ସଜାଡ଼ି ବସିଲା ।

ସନ୍ଧ୍ୟାବେଳକୁ ଗାଁମୁଣ୍ଡ ସ୍କୁଲ ଘରେ ପଞ୍ଚାୟତ ବସିଲା, ସରପଞ୍ଚ, ଓ୍ୱାର୍ଡ଼ମେମ୍ବର ଆଉ ଗାଁବାଲାଏ ସମସ୍ତେ ବସିଥାନ୍ତି । ଉମାବୋଉ ମୁଣ୍ଡରେ ଓଢ଼ଣା ଟାଣି ବାରଣ୍ଡାର ଗୋଟାଏ କୋଣରେ ବସିଥାଏ । ଆଜିର ନ୍ୟାୟରେ ସେ ମୁଦାଲା । ସରପଞ୍ଚ ଆରମ୍ଭ କଲେ ବଟ ସ୍ୱାଇଁ ପୁଅ କଥା । "ଟୋକାଟା ପାଠ ଦି ଅକ୍ଷର କଲେଜରେ ପଢ଼ିଲା ବୋଲି ଗାଁର ମୁରବୀମାନଙ୍କ ମୁହଁକୁ ଗ୍ରହିଁଲାନି । ଗାଁବାଲାଏ ଏକାଠି ହୋଇ, ଠାକୁରାଣୀଙ୍କ ଫୁଲ ଛୁଇଁ ଶପଥ ନେଇ, ଯେଉଁ ଦଳକୁ ଜିତେଇଥିଲେ ସେ ଟୋକା ଦଳ ବିରୁଦ୍ଧରେ ଗଲା । ଯାହା ତ କଲା, ଶେଷକୁ ଗାଁ ନାଁଟା ଖବର କାଗଜରେ ଛପେଇ ସାରା ମୁଲକରେ ନାଁ ପକେଇଲା । କଥା ଭିତରେ ସରପଞ୍ଚ କହିଲେ- ହେଲା, ଯଦି ଆମକୁ ସେ ଗାଁ ରାସ୍ତାରୁ କିଛି ପଇସା ମିଳିଥିଲା, ସେଇ କଥା ଗାଁରେ ପକାଇଥିଲେ ଆମେ କ'ଣ ଗାଁ ଫଣ୍ଡକୁ କିଛି ଦେଇ ନଥାନ୍ତେ ? କିଛି ନହେଲେ ଠାକୁରାଣୀଙ୍କ ମନ୍ଦିରଟା ଭାଙ୍ଗି ପଡୁଛି । ତାକୁ ଠିକ୍ କରିଦେଇ ନଥାନ୍ତୁ ? ଏବେ କ'ଣ ହେଲା ? ନେଡ଼ିଗୁଡ଼ କହୁଣୀକୁ ଗଡ଼ିଗଲା । ଯେଉଁ ଗାଁକୁ ମୁଁ ଲୁହ ଲୁହାଣି ଦେଇ ଗଲା ଦଶବର୍ଷ ହେଲା ଗଢ଼ି ଆଣିଥିଲି, ଏଇ ମେଞ୍ଚଡ଼ ଟୋକା କେତେଟା ବିରୋଧୀ ଦଳଙ୍କ କୁମନ୍ତ୍ରଣାରେ ପଡ଼ି ସାରିଦେଲେ । ପଞ୍ଚାୟତର ପଞ୍ଚପରମେଶ୍ୱର- ବିଗ୍ଚର କର - ଏଇଟା ଆମ ଗାଁର ସଓ୍ୱାଲ - ଗାଁର ଇଜ୍ଜତ ।" ମେମ୍ବର ଦାମ ପରିଡ଼ା କହିଲେ, "ସରପଞ୍ଚ ଯାହା କହିଲେ ହାତେ ହାତେ ଠିକ୍ । ଆରେ ସେ ବଟିଆ ସ୍ୱାଇଁ ପୁଅ ଗାଣ୍ଡିରୁ ନାଳ ଛାଡ଼ିନି କ'ଣ କଲେଜରେ ପଢ଼ିଲା ବୋଲି ଆମ ଗାଁ ନାଁକୁ କାଗଜରେ ଛପାଇ ବଦନାମ କରିଦେଲା । ଓହୋଃ... ଧରମ ସହିବ ଏମାନଙ୍କୁ ? ମୋ ମତରେ ଯେ ଆମ ଗାଁ ନାଁ ବଦନାମ କରିଛି, ଯେ ସରପଞ୍ଚ ନାଁ ପଦାରେ ପକାଇଲା, ସେ ଟୋକା ସହିତ ଆମ ଗାଁର କିଛି ସମ୍ପର୍କ ରହିବ ନାହିଁ ।" ଉମାବୋଉ ଆଡ଼େ ଗ୍ରହିଁ ଦାମ କହିଲା - "କ'ଣ କହୁଛ,ନୂଆବୋଉ - ଉମାର ବାହାଘର ଆମେ ସମସ୍ତେ ଆଉ ଗୋଟେ ଜାଗାରେ ଠିକ୍ କରିଦେବୁ । କେଉଁ ବା ଉମାକୁ ବୟସ ଠେଲେଇଗଲାଣି । ବଟ ସ୍ୱାଇଁ ପୁଅ କଥା ଆଉ ମନରେ ଧରନାହିଁ ।" ଦାମା ପରିଡ଼ା କଥାକୁ ସମସ୍ତେ ସମର୍ଥନ କରି ହଁ- ଠିକ୍ ଠିକ୍ ବୋଲି କହିଲେ । ସମସ୍ତଙ୍କର ସେଇଆ ନିଷ୍ପତ୍ତି । ବାକି ସରପଞ୍ଚ କଥାଟା ଠିକେ ଠିକେ କହିଦେବେ । ସରପଞ୍ଚ ଗାଁବାଲାଙ୍କ କଥା ଶୁଣି କହିଲେ - "ଆହେ ପରିଡ଼ା । ମୁଁ କ'ଣ ଆଉ ଅଧିକଟେ କହିବି କିଓ ? ପଞ୍ଚାୟତ ଯାହା ନିଷ୍ପତ୍ତି ନେଲା ମୁଁ ତାକୁ ସମର୍ଥନ କରୁଛି । ଉମା ପାଇଁ ଆମେ ଅନ୍ୟ ଜାଗାରେ ବରପାତ୍ର ଠିକ୍ କରିବା । ଉମାବୋଉର ଗୋଟିଏ ଝିଅ । ଜମି ମାଣେ ଥିଲା, ଉମାବୋଉ ସେଇତିକିରୁ ବଢ଼େଇ ବଢ଼େଇ ଆଉ ଦି'ମାଣ ଜମେଇଛି । କ୍ୱାଇଁ କ'ଣ ଅଭାବ

Digitized by PPRACHIN, SOA

ହେବେ ? ସେ ଗୋଟେ ଘରଜ୍ୱାଇଁଆ କରି ରଖୁ । ଆମ ସାଙ୍ଗକୁ ଆଉ ଜଣେ ଭାଇ ହେବ - ନା଼ଁ କ'ଣ କହୁଛ ? -ସମସ୍ତେ ହଁ କଲେ । ତୁମେ କ'ଣ କହୁଚ ଉମାବୋ ? ପଞ୍ଚାୟତ ପଗ୍ଚରିଲେ ।

ମୁଣ୍ଡ ଉପର ଓଢ଼ଣାଟିକୁ ଆଉ ଟିକିଏ ତଳକୁ ଟାଣିଆଣି ଉମାବୋଉ କହିଲା - "ଯୋଉଠି ପଞ୍ଚାୟତ ନିଷ୍ପତ୍ତି ନେଉଛି, ତା ଉପରେ ମୁଁ ବା କ'ଣ କହିବି । ପଗ୍ଚରିଲେ ବୋଲି କହୁଚି, ବଟ ସ୍ୱାଇଁ ଉମାକୁ ବୋହୂ କରିନେବ ବୋଲି ଜବାବ ଦେଲା - ଉମାର ବି ସେଇ ଇଚ୍ଛା । ବାପଛେଉଣ୍ଡ ପିଲାଟାକୁ ଆଖିର ଲୁହ, ଦେହର ଲହୁ ଦେଇ ଆଜି ପର୍ଯ୍ୟନ୍ତ ବଢ଼େଇ ଆଣିଥିଲି ତା ମୁହଁରେ ଟିକେ ହସ ଦେଖିବାକୁ । ଉମା ପାଠପଢୁଆ ଝିଅ । ଅଳ୍ପ ବହୁତେ ମାଇନର ପାଶ୍ କରିଛି । ତାର ତ ପୁଣି ଗୋଟେ ମନ ଅଛି ? ଆପଣମାନଙ୍କର ସେ କ'ଣ ଝିଅ ନୁହଁ ? ବିଗ୍ଚର କରନ୍ତୁ ।" ଏତକ କହି ଉମାବୋଉ ଚୁପ୍ ହେଲେ । ସରପଞ୍ଚ ଗୁମ୍ ହୋଇ ବସିଥାନ୍ତି । ସଭାରେ ରାଣ୍ଡ ଉମାବୋଉ ଏତେ କଥା ସମସ୍ତଙ୍କ ମୁହଁ ଉପରେ କହିପାରିଲା । ଦାମ ପରିଡ଼ା ସବୁକଥା ଶୁଣି କହିଲେ - "ବୁଝିଲ ନୂଆବୋଉ, ଉମା ବଟସ୍ୱାଇଁ ପୁଅକୁ ବାହାହେଉ, ଆମେ ତ ଏ କଥା ମନ କରୁ ନଥିଲୁ, ନା ସେ ଯେତେବେଳେ ସ୍କୁଲ ଫେରନ୍ତା ବାଟରେ ଉମା ସାଙ୍ଗେ ନଈବନ୍ଧରେ ହେଁ ହେଁ ଫେଁ ଫେଁ ହେଉଥିଲା, ଆମେ କିଛି କହୁଥିଲୁ ? କଥାଟା ହେଲା- ବଟ ସ୍ୱାଇଁ ପୁଅ ଆମ ଗାଁ ମୁହଁରେ କ'ଣ, ଆମ ସମସ୍ତଙ୍କ ମୁହଁରେ କାଳି ବୋଳିଦେଲା । ସେ ପୁଅକୁ ଆମେ କେମିତି ଆମ ଗାଁରେ ଜ୍ୱାଇଁବରଣ କରିବୁ ?"

ଓଢ଼ଣା ତଳୁ ଉମାବୋଉ କହିଲା, "କାହିଁକି, ବଟ ସ୍ୱାଇଁ ପୁଅ କ'ଣ ଅନ୍ୟାୟ କଥା କହିଲା । ଦି ଗାଁର ଶହଶହ ଲୋକ, ଗାଈଗୋରୁ, ଛେଳିମେଣ୍ଢା, ବରଷକ ବାରମାସ ରାସ୍ତା ଖଣ୍ଡିଏ ନଥିବାରୁ ହଇରାଣ ହରକତ ହେଉଛନ୍ତି । ସରକାର ଲକ୍ଷେ କି କେତେ ଟଙ୍କା ଦେଲେ । ସେଇ ଟଙ୍କାରେ ଆମ ଦି ଗାଁର ରାସ୍ତା ପିଚୁ ହୋଇପାରିଥାନ୍ତା । ସରକାରଙ୍କ ଟଙ୍କା ବାଏଁ ବାଏଁ ଉଡ଼ିଗଲା । ବଟ ସ୍ୱାଇଁ ପୁଅ ସତ କଥା କହିଲା । ସେଥିରେ ଉମାର ଭୁଲ କେଉଁଠି ?

ତା କଥା ଶୁଣି ସରପଞ୍ଚ ଆଖି ଡୋଳା ଦି'ଟା ଉପରକୁ ଟେକି କହିଲେ, "ଦେଖିଲ ପରିଡ଼ା ପୁ, ଯାହା ଆମେ ବ୍ଲକ ଅଫିସରୁ ଶୁଣୁଥିଲେ ଏବେ ସେଇ କଥାଟା ଅଲଗା ବାଟ ଦେଇ ବାହାରି ପଡ଼ିଲା । ବଇଦି ସାହିର, ସେ ଯେଉଁ ଟୋକା ମାଁ, ଠିକାଦାରୀ କାମ କରେ- ସେ ରାତିରେ ଲୁଚିଛପି ଉମାବୋଉ ଘରକୁ ଆସୁଥିବା କଥା ଆମେ ଭାବିଥିଲୁ ମିଛ ବୋଲି । ଏବେ ଉମାବୋଉ କଥାରୁ ସିଧା ଜଣା ପଡ଼ିଗଲା । କାହାଠାରୁ ଇଲମ ପାଇ ନଥିଲେ ଉମାବୋଉ ପଞ୍ଚାୟତ ନିଷ୍ପତ୍ତି ଉପରେ କଥା କହନ୍ତା ? ତା ଜିଭରେ ଏତେ ହାଡ଼ ଅଛି ? ଦେହ ଉପରେ ପଡ଼ିଥିବା ଚଦରକୁ ଟାଣିଆଣି ସରପଞ୍ଚ ମୁହଁ ପୋଛି ଦମ୍ ମାଇଲେ । ଦାମ ପରିଡ଼ା ସରପଞ୍ଚଙ୍କ ହାତକୁ ପାନ ଖଣ୍ଡେ ବଢ଼େଇ ଦେଇ କଥାର ଖିଅ ଧରି କହିଲେ,

Digitized by PPRACHIN, SOA

"ବୁଝିଲ ନୂଆବୋଉ, ଛୋଟ ମୁହଁରେ ବଡ଼ କଥା ଶୋଭାପାଏନି । ପଦେ ପଦେ କଥା, ତୁମେ ବାରଶହ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ ? ସଫା କଥା କୁହ । ଆଉ କଥା ବଢ଼େଇ ଲାଭ କ'ଣ ? ଦାମ ପରିଡ଼ା ଏତକ କହି, କାନ୍ଧ ଉପରୁ ଗାମୁଛା କାଢ଼ି ବିଞ୍ଚିହେଲେ । ଗାଁ ଲୋକମାନେ ମେଣ୍ଢା ପରି ବସିଥାନ୍ତି । ସେମାନଙ୍କ କଥା ଉପରେ କାହାର କଥା କହିବାକୁ ସାହସ ନଥାଏ ।

ସେମିତି ଓଢ଼ଣା ତଳୁ ଉମାବୋଉ କହିଲା -"ଶୁଣିଛି ବାରଶ ବଢ଼େଇ କୋଣାର୍କ ମନ୍ଦିର ତୋଳିଥିଲେ । କିନ୍ତୁ ମୁଣ୍ଡି ମାରିପାରି ନଥିଲେ । ବଢ଼େଇପୁଅ ମୁଣ୍ଡି ମାରିଲା । ବାରଶ ବଢ଼େଇ ତ ଜନସାଧାରଣଙ୍କ ପଇସାକୁ ଲୁଟି ନେଇ ନଥିଲେ । ରଜାଙ୍କ ଯୋଜନାକୁ ପଣ୍ଡ କରିଦେଇ ନଥିଲେ ? କୋଣାର୍କ ମନ୍ଦିର ତୋଳି ଯୁଗଯୁଗକୁ କୀର୍ତ୍ତି ରଖି ଦେଇଗଲେ । ସେମାନଙ୍କ ପାଇଁ ବୁଢ଼ା ବଢ଼େଇ ଦାୟୀ ହୋଇ ନଥାନ୍ତା ? ଏଠି ? ଆପଣମାନେ କାହାପାଇଁ ମୋତେ ଦାୟୀ ହେବାକୁ କହୁଛନ୍ତି ? ଯେଉଁମାନେ ସରକାରଙ୍କ ଟଙ୍କାକୁ ଲୁଟୁଛନ୍ତି, ଗରିବ ଗୁରୁବାଙ୍କ ତଣ୍ଟି ଚିପୁଛନ୍ତି, ଜନଯୋଜନାକୁ ଭଣ୍ଡୁର କରୁଛନ୍ତି, ସେଇମାନଙ୍କ ପାଇଁ ?

ଉମାବୋଉ କଥା ଶୁଣି ସରପଞ୍ଚ କହିଲେ, "ହଉ ହେଲା, ହେଲା, ଉମାବୋଉ । ଆମକୁ ଆଉ ଇତିହାସ ଶୁଣାନି । ବହୁତ ଶୁଣିଛୁ । ପଞ୍ଚାୟତ କଥାକୁ ତମେ ମାନିଲନି । ଆମର ନିଷ୍ପତ୍ତି ତୁମକୁ ନିଆଁପାଣି ବାଛନ୍ଦ,, ଧୋବା ଭଣ୍ଡାରୀ ବାଛନ୍ଦ । ଯେ ତୁମ ସଙ୍ଗେ କଥା ହେବ ତାକୁ ମଧ୍ୟ ବାଛନ୍ଦ କରାହେବ ।" ଏତକ କହି ସରପଞ୍ଚ ଉଠିଲେ, ପଞ୍ଚାୟତ ଭାଙ୍ଗିଲା ।

ଏକୁଟିଆ ଗାଁ ଗୋହିରୀ ରାସ୍ତାଦେଇ ଘରେ ପହଞ୍ଚିଲାବେଳକୁ ରାତି ପହରେ । ଶୋଇଲାଘରେ ଲଣ୍ଠନ ଜାଳି ଉମା ବସିଥିଲା । ସନିଆ ହାଟରୁ ଫେରି ନଥାଏ । ଦାଣ୍ଡପଟେ ଉମାବୋଉର ପାଟିଶୁଣି, ହାତରେ ଲଣ୍ଠନଟା ଧରି ଉମା ବାହାରକୁ ବାହାରି ପଡ଼ିଲା । ସେ ଜାଣିଥିଲା କ'ଣ ପାଇଁ ମାଆକୁ ଆଜି ପଞ୍ଚାୟତକୁ ଡକାଯାଇଥିଲା । ମାଆ ଘରୁ ଗଲାବେଳଠାରୁ ସେ ଘର ଭିତରେ ବସି ଚିନ୍ତା କରୁଥିଲା, ପଞ୍ଚାୟତ କ'ଣ ନିଷ୍ପତ୍ତି କରିବେ, ମାଆ କି ଉତ୍ତର ଦେବ । ମାଆକୁ ଦେଖି ଉମା ଶଙ୍କି ଯାଇଥିଲା । ଉମାକୁ ଦେଖି ତା ମା କହିଲା, "ମାଆ ଆଉ ଭୟ କରି ଲାଭ କ'ଣ ? ତୋ ବାପ ମଲା ଦିନରୁ ତତେ ଏଡ଼ିକରୁ ଏଡୁଟେ କଲି । ଘର ଜଗି ପଡ଼ିରହିଲି । ଦିନେ କେହି ମତେ ସାହାଯ୍ୟ କରିବାକୁ ବାହାରି ନଥିଲେ । ବେଳେଖାଇ, ଦିଓଳି ଓପାସ ରହିଥିଲେ ବି କାହା ଘରେ ହାତ ପତେଇ ନଥିଲି । ଯେ ଗ୍ଭଲିଗଲା, ଗ୍ଭଲିଗଲା । ଆଉ ଯାହା ପାଇଁ ବଞ୍ଚି ରହିଥିଲି, ଯାହାକୁ ଏଇ ହାତରେ ଗଢ଼ି ଏଡୁଟେ କଲି, ଆଜି ତାକୁ ନେଇ ଏମାନେ ମୋ ସଙ୍ଗେ ଖେଳ ଖେଳିବେ ? ମୁଁ କେବେହେଲେ ତା କରାଇ ଦେବିନି ।" ଉମାବୋଉ ଆଖିରୁ ଧାରଧାର ଲୁହ ଗଡ଼ିଯାଉଥିଲା । ବୋଉଠାରୁ ଏତକ ଶୁଣିଲା ପରେ, ଉମା ଆଉ କିଛି ପଗ୍ଭରିବାକୁ ସାହସ କରିଲାନି । ଏତିକିବେଳେ ସନିଆ ହାଟରୁ ଆସି ପହଞ୍ଚିଲା । ଉମାବୋଉ ଉମାକୁ ଖାଇବାକୁ କହି ଘର ଭିତରେ

Digitized by PPRACHIN, SOA

ପଶିଲେ । ମା ଖାଇ ନଥିଲେ ବି ଉମା ସାହସ କରି ତାକୁ ଖାଇବାକୁ ଡାକି ନଥିଲା । ସନିଆକୁ ଖାଇବାକୁ ଦେଇ ଉମା ଉପାସରେ ଶୋଇଲା ।

ପରଦିନ ଉମା ଜାଣିଲା ଯେ ତାଙ୍କୁ ଗାଁବାଲାଏ ଏକଘରିକିଆ କରିଛନ୍ତି। ନଈତୁଠରେ ତା ସାଙ୍ଗେ କେହି କଥାବାର୍ତ୍ତା କଲେନି । ମୁହଁ ବୁଲେଇ କଥା କହିଲେ । ଆରସାହିର ହୁଣ୍ଡୀ ଝିଅଟେ ତା କାନରେ ଚୁପ୍ ଚୁପ୍ କହିଲା ଯେ, ସେମାନଙ୍କୁ ଗାଁବାଲାଏ ଏକଘରକିଆ କରିଛନ୍ତ । ସରପଞ୍ଚ କହୁଥିଲା ଜେନାସାହି ୱାର୍ଡ଼ମେମ୍ବରର ଛୋଟାପୁଅ ସଙ୍ଗେ ଉମା ବାହାଘର । ତାକୁ କୁଆଡ଼େ ଘରଜ୍ୱାଇଁଆ କରିବାକୁ ଠିକ୍ କରୁଥିଲେ । କଥା ପଡ଼ିବା ପୂର୍ବରୁ ଉମାବୋଉ ରୋକ୍‌ଠୋକ୍ ମନା କରିଦେଲେ ଯେ "ଉମା ବାହାଘର ଆଉ କୋଉଠି ହେବନି ।" ହୁଣ୍ଡୀ ଝିଅଟା ଡଗଡଗ କରି କଥାଟା କହିଦେଲା ପରେ ଜିଭ କାମୁଡ଼ି କହିଲା - "ଉମା ଅପା, ମୋ ରାଣ ମୁଁ କହିଛି ବୋଲି କାହା ଆଗେ କହିବନି । ଜାଣିଛ ତ ସେ ବାଡ଼ିପଶା ସରପଞ୍ଚ କଥା ।" ଉମା ମୁଣ୍ଡ ହଲାଇ ମନାକଲା ।

ସେଇଦିନ ରାତିରେ ଉମା ଘର ଉପରେ ଅନ୍ଧାରିଆ ଟେକା ପଡ଼ିଲା । ସନିଆ ପାଟିକରି ହାତରେ ଗୋଟେ ଠେଙ୍ଗା ଧରି ବାଡ଼ିପଟକୁ ଗଲାବେଳେ ବୋଲୁଅ ମାଡ଼ରେ ତା ମୁଣ୍ଡ ଖଣ୍ଡିଆ ହେଲା । ରାତିଟାଯାକ ସେ ତିନିପ୍ରାଣୀ ଆଉ ଶୋଇ ପାରିଲେନି । ଭୟରେ ଉମାବୋଉ ଘର କଣରେ ବସିଥାଏ । କାହା ଆଗରେ କହିବ, ଘରୁ ବାହାରିବା ତ କଷ୍ଟ । ଗାଁଟାଯାକ ଯେତେବେଳେ ମେଳି ବାନ୍ଧିଛନ୍ତି, ଗୁହାରି କରିବ କାହା ପାଖରେ ? ସନିଆ ମୁଣ୍ଡରୁ ରକ୍ତ ଧାରଧାର ହୋଇ ବହିଯାଉଥିଲା । ଉମାବୋଉ ଖଣ୍ଡେ ଶୁଖିଲା କନାକୁ ଡିବି ଆଲୁଅରେ ପୋଡ଼ିଦେଇ ସନିଆ ମୁଣ୍ଡରେ ରକ୍ତ ବାହାରୁଥିବା ଜାଗାରେ ଲଗାଇ ଦେଲା । ରକ୍ତ ବନ୍ଦ ହୋଇଗଲା ପରେ ସନିଆ ରାଗ ତମତମ ହୋଇ କହିଲା - ଖୁଡ଼ୀ ଦେଖିବ, ମୁଁ ଆଉ ସମ୍ଭାଳି ପାରିବିନି । ସେ ଶଳାଙ୍କ ଦିନକୁ ମୋର ଦିନେ । ତୁମକୁ ଯଦି ଏମାନେ ଏମିତି ହରକତ କରିବେ, କଟୁରୀରେ ସେ ଶଳା ସରପଞ୍ଚକୁ ହାଣିବି, ତା'ପରେ ମୁଁ ନିଜେ କଟୁରୀରେ ହାଣିହୋଇ ମରିବି ।" ତା କଥା ଶୁଣି ଉମାବୋଉ କହିଲା- "ତୁ ଯା ସନିଆ । ବିଧାତା ଆମ କପାଳରେ ଯାହା ଲେଖିଛି ଆମେ ତାକୁ ଭୋଗ କରିବୁ । ଦେଖୁନୁ, କାନ ନ ଶୁଣିଥିବା କଥା ଆଜି ସେମାନେ ପଞ୍ଚାୟତରେ ପକାଇଲେ । ପାଞ୍ଚ ତୁଣ୍ଡରେ ଛେଳି କୁକୁର । ମୁଁ ସବୁ ସହିକରି ଆସିଲି ।"

ଆଠଦିନ ବିତିଗଲା । ଉମାବୋଉ ଘରକୁ ଗାଁରୁ କେହି ଆସନ୍ତିନି କି ତା ସଙ୍ଗେ କଥାବାର୍ତ୍ତା କରନ୍ତିନି । ଗାଁ ମାଇପେ ଉମାବୋଉକୁ ଦେଖିଲେ ଚୁ ଗ୍ଚ କରନ୍ତି, ହାତ ଠାରନ୍ତି, ମାତ୍ର ପାଟି ଫିଟାନ୍ତିନି । ଏବେ ସବୁଦିନ ରାତିଅଧରେ ତା ଘରକୁ ଟେକା ପଡ଼େ । ଏଇ ଆଠ ଦିନ ଭିତରେ ତା ନଈକୂଳ ପଠା ବାଇଗଣ କିଆରୀରୁ କଷିଠାରୁ ଫୁଲକଷି ପର୍ଯ୍ୟନ୍ତ ସବୁ ବାଇଗଣ ତୋଳିନେଲେ । ଫୁଲ ଧରି ଆସୁଥିବା ଲଙ୍କାଗଛ ଗୁଡ଼ାକୁ ଓପାଡ଼ି ଫୋପାଡ଼ିଦେଲେ । ଉମାବୋଉ ସେମାନଙ୍କର ଚାହିଟାପରା ସହି ଯାଇଥିଲା, ଧୋବା ଭଣ୍ଡାରୀ

Digitized by PPRACHIN, SOA

ବନ୍ଦ କଲେ, ସହିଗଲା । କଥା ନ କହିଲେ କିଛି ହେଲାନି, କିନ୍ତୁ ତାର ଚଳନ୍ତି ଭଣ୍ଡାରକୁ ନଷ୍ଟ କରିଦେଲେ । ଫଳନ୍ତି ଗଛଗୁଡ଼ାକୁ ଓପାଡ଼ି ଦେଲେନି ଯେ ତା ଭାତ ହାଣ୍ଡିରେ ଠୋକର ଦେଲେ । ଘରେ ବଢ଼ିଲା ଝିଅ, କାହା ଭରସାରେ ସେ ତାକୁ ଧରି ଏଠି ରହିବ ? ଉମାବୋଉ ଚିନ୍ତାରେ ଭାଙ୍ଗି ପଡୁଥିଲା । ଏଇ ଆଠ ଦିନ ଭିତରେ ସେ ଯେମିତି ମାସକର ରୋଗିଣୀ ଭଳିଆ ଦିଶୁଥିଲା । ବିଶିଆ ମଲାପରେ, ମନରେ ସେ ଯେଉଁ ଦମ୍ଭ, ସାହସ ଧରି ସଂସାରକୁ ମୁକାବିଲା କରିବାକୁ ବାହାରି ପଡ଼ିଥିଲା, ସେସବୁ ଭାଙ୍ଗି ଚୁରମାର୍ ହୋଇଗଲା । ଆଖିରୁ ତାର ଲୁହ ବଦଳରେ ଲହୁ ଗଡୁଛି ।

ଏତେଦିନ ପରେ ବଟ ସ୍ୱାଇଁ ପାଖରୁ ଖବର ଆସିଲା, ପୁଅ ଭଲ ହୋଇ କଲେଜ ଗଲାଣି, ଗ୍ୱକିରି ପାଇଁ ପରୀକ୍ଷା ଦେଇଛି । ବଟ ସ୍ୱାଇଁ ଖବର ଦେଇଥିଲା, ଉମାବୋଉକୁ କହିବ, ସେ ଯେ ଯାହା କହୁ ପଛେ ସେ ଉମାକୁ ଏଇ ଫଗୁଣରେ ବୋହୂ କରିନେବ । ଗାଁବାଲାଏ ପଦ୍ମପୁରରେ ବାହା ନ କରିଦେଲେ, ସେ ଲିଙ୍ଗରାଜ ମନ୍ଦିରରେ ବାହା କରିନେବ ।

ସେଇଆ ହେଲା । ଉମାବୋଉ ଗାଁବାଲାଙ୍କ ଦାଉରେ ଯେଉଁଦିନ ଉମାକୁ ଧରି ଗାଁ ଛାଡ଼ିଲା ସେଦିନ ସନିଆକୁ କହିଲା, "ସନିଆ, ତୁ ମୋର କେଉଁ ଜନ୍ମରେ ପୁଅ ଥିଲୁ । ତତେ ଏ ଘର ବାଡ଼ି ସବୁ ଦେଇଗଲି । ଏ ନିଆଁଲଗା କପାଳରେ ଯଦି ଥାଏ, ତା'ହେଲେ ଗାଁ ମାଟିକୁ ଫେରିବି । ତତେ ସବୁ ଲାଗିଲା ।" ଉମାବୋଉ କଥା ଶୁଣି ସନିଆ ତା ଗୋଡ଼କୁ ଧରି କାନ୍ଦି ଉଠିଲା । ସେ ତାକୁ ବୁଝାଶୁଝା କଲେ, ହେଲେ ସନିଆ ଆଖିରେ ଲୁହ କ'ଣ ତାଙ୍କ କଥାକୁ ମାନୁଥାଏ ?

ରାତି ଦି'ଘଡ଼ି ଥାଏ, ଉମାବୋଉ ଉମାକୁ ଧରି ଗାଁ ଛାଡ଼ିଲା । ସାଙ୍ଗରେ ନେଇଥିଲା ଖଣ୍ଡେ କନାବ୍ୟାଗ, ଆଉ ତାରି ଭିତରେ ତାର ବର୍ଷବର୍ଷ ଧରି ଉମାକୁ ବାହା କରିବା ପାଇଁ ସଞ୍ଚିଥିବା ଜିନିଷ କେତେଖଣ୍ଡ । ସକାଳ ହେବା ପୂର୍ବରୁ ସେମାନେ ବସଷ୍ଟାଣ୍ଡରେ ପହଞ୍ଚି ଯାଇଥିଲେ । ଗାଁବାଲା ଜାଣିବାବେଳକୁ ଉମାବୋଉ ଭୁବନେଶ୍ୱରରେ । ବଟ ସ୍ୱାଇଁ ସେମାନଙ୍କ ରହିବା ପାଇଁ ଘର ଖଣ୍ଡେ ଠିକ୍ କରିଥିଲା ।

ଫଗୁଣ ମାସ ଫଗୁ ଦଶମୀ ଦିନ ଉମାର ବାହାଘର ହେଲା ମନ୍ଦିରରେ । ବଟ ସ୍ୱାଇଁ ଠାକୁରଙ୍କୁ ସାକ୍ଷୀ ରଖି ଉମାକୁ ବୋହୂ କରିନେଲା । ଗାଁରୁ କେହି ଆସି ନଥିଲେ । ଆସନ୍ତେ ବା କାହିଁକି ? ବାହାଘର ସରିଲା ପରେ ସନିଆ ଉଡ଼ା ଖବର ପାଇ ଉମାବୋଉକୁ ଖୋଜିଖୋଜି ଆସିଥିଲା । ଉମାବୋଉକୁ ଦେଖି ସନିଆ କାନ୍ଦିକାନ୍ଦି କହିଲା, ସେମାନେ ତାଙ୍କ ଘର ପୋଡ଼ିଦେଲେ, ସେ ମରୁମରୁ ବଞ୍ଚିଗଲା । ବୁଢ଼ୀ ଗାଈଟା ପୋଡ଼ିହୋଇ ମଲା । ଘରପୋଡ଼ିରୁ ଯାହାକିଛି ବଞ୍ଚିଥିଲା, ସେଇ ବାଉଁଶ କାଠରେ କୁଡ଼ିଆଟେ କରି ସେ ରହୁଛି । ଘରପୋଡ଼ି ଖବର ଶୁଣି ଉମାବୋଉ ମୁହଁରେ ଲେଶମାତ୍ର ଦୁଃଖର ଛାପ ଦେଖାଦେଲାନି । ସେ ସନିଆକୁ ବୋଧକରି କହିଲେ- "ଆରେ ବାବୁ ମୁଁ ତ ଏଇକଥା ଆଗରୁ ଭାବୁଥିଲି । ସେମାନେ ଏ କାଣ୍ଡ ବହୁ ପରେ କଲେ । ମୋର ଆଉ କ'ଣ ଅଛି, ଉମା ହାତକୁ ଦି'ହାତ ହେଇଗଲା । ଏବେ ମୁଁ ବଡ଼ଦାଣ୍ଡକୁ ଗଲେ ବି ଆଉ ଡର ନାହିଁ ।

Digitized by PPRACHIN, SOA

ସନିଆ ସଙ୍ଗେ କଥା ହେଲାବେଳେ ବଟ ସ୍ୱାଇଁ ଆସି ଖବର ଦେଲେ ବ୍ୱାଇଁଙ୍କର ଚାକିରି ରେଲୱେ ଡିପାର୍ଟମେଣ୍ଟରେ ହୋଇଯାଇଛି । ଉମା ତାଙ୍କର ଲକ୍ଷ୍ମୀମନ୍ତ ବୋହୂ । ଘରେ ଗୋଡ଼ ଦେଉଦେଉ ପୁଅର ଭାଗ୍ୟ ଖୋଲିଲା । ଏ ଯୁଗରେ ବିନା ପଇସାରେ ଚାକିରି ଖଣ୍ଡେ ପାଇବା କେତେଜଣଙ୍କ ଭାଗ୍ୟରେ ଜୁଟେ ? ବ୍ୱାଇଁର ଚାକିରି ଖବର ଶୁଣି ମଧ୍ୟ ଉମାବୋଉ ମନରେ ହସ ଖେଳି ନଥିଲା । ସେ କେବଳ ଅଜଣା ଠାକୁରଙ୍କ ଆଡ଼େ ହାତ ଉଠାଇ ମୁଣ୍ଡରେ ଲଗାଇ ଗୁଣୁଗୁଣୁ ହୋଇ କ'ଣ କହିଲେ ।

ସନିଆ କହିଲା- "ଖୁଡ଼ୀ, ତୁମେ ଗାଁକୁ ଚାଲ, ନହେଲେ ମୁଁ ସେଠି ଏକୁଟିଆ କ'ଣ କରିବି ?" ତା ଆଖିରେ ଲୁହ । ସନିଆ ଆଖିରେ ଲୁହ ଦେଖି ଉମାବୋଉ ତା ଆଖିର ଲୁହକୁ ସମ୍ଭାଳି ପାରିଲେନି । ବାଁ ହାତ ପାପୁଲିରେ ଲୁହ ପୋଛୁ ପୋଛୁ ସେ କହିଲା - "ତୁ ଯା ସନିଆ । ଯେଉଁଦିନ ଆମ ଗାଁରେ ଦଳଗତ ଦଳାଚକଟା ଶେଷ ହେବ, ଗାଁ ପଇସା ଗାଁ ପାଇଁ ଲାଗିବ ଆଉ ମୁଖା ପିନ୍ଧି ନାଚୁଥିବା ଲୋକଗୁଡ଼ାକ ମୁଖା ଖୋଲି ଆମ ପରି ଲୋକଙ୍କ ସାଙ୍ଗରେ ମିଶିବେ, ମୁଁ ସେଇଦିନ ଫେରିବି, ମୋ ଗାଁ ମାଟିକୁ । ନହେଲେ ଏଇ ବିଦେଶୀ ମାଟିରେ ପଡ଼ି ମରିବି ।

Digitized by PPRACHIN, SOA

ମଧୁମିଶ୍ରଙ୍କ ପୋଥି

ନାଳବନ୍ଧ ପାରିହୋଇ ମଡ଼ା ସାଙ୍ଗିଆମାନେ ପ୍ରାଚୀ ନଈକୂଳ ବଡ଼ତୋଟା ମଶାଣି ପାଖେ ମଡ଼ାକୁ ଓହ୍ଲାଇ ଥକ୍କା ମାରିଲା ବେଳକୁ ଦିନ ଆସି ରତରତ ହେଲାଣି । ଏପଟ ନାଳବନ୍ଧ ଉପରେ ଦିଅଣ୍ଡା ଦଶଟା ଲଙ୍ଗଳା ପିଲା, ଅଧାଫୁଙ୍ଗୁଳା ମାଇପେ ପଞ୍ଚେ ମଶାଣିଆଡ଼େ ମୁହଁ କରି ଚ୍ହିଁ ରହିଥା'ନ୍ତି । ନଟିଆ ଧୋବା ଆମ୍ବତୋଟାରୁ ମୋଟା ଡାହି ଦି'ଖଣ୍ଡ ଖସେଇ ଚିରିବାରେ ଲାଗିଥାଏ । ପଣ୍ଡୁଆ ଭୋଇ ମଶାଣିମୁଣ୍ଡ ତାଳଗଛ ମୂଳେ ଜୁଇ ଧରାଇବା ପାଇଁ ଆଣିଥିବା ଗୋଛେ ନଡ଼ିଆ ବରଡ଼ାକୁ ଥୋଇଦେଇ ଚୂନପତ୍ର ମଳିବାରେ ଲାଗିଥାଏ । ସମସ୍ତେ ଚ୍ହିଁ ବସିଥା'ନ୍ତି ମଧୁମିଶ୍ରଙ୍କ ପୁତୁରା ହରିହର ଆସିଲେ ମୁହଁରେ ମୁଖାଗ୍ନି ଦେବ । ପଥଶ୍ରାଦ୍ଧ ପାଇଁ ନୂଆ ମାଟିହାଣ୍ଡି ଦି'ଟା, ସାରୁ ଦି'ମୁଣ୍ଡା, କଖାରୁ ଖଣ୍ଡେ ଅଣାହୋଇ ଥୁଆ ହୋଇଥାଏ ।

ନରିଶୋ ଶାସନର ମଧୁମିଶ୍ରେ ଉହୁଉହୁଆ ଖରାବେଳଟାରେ ଚ୍ଲିଗଲେ । ପିଣ୍ଡରୁ ପ୍ରାଣ ଗଲାବେଳେ ବୁଢ଼ା ପାଖରେ କେହି ନଥିଲେ । ପୁଅ ବୋହୂ ନାତିନାତୁଣୀ ଧରି ଆମେରିକାରେ, ଝିଅଜ୍ୱାଇଁ ଭୁବନେଶ୍ୱରରେ । ଜ୍ୱାଇଁ ପାଖକୁ ଖବର ଦିଆଯାଇଛି, ମାତ୍ର ଆସି ପହଞ୍ଚି ନଥାନ୍ତି । ସାହିଭାଇଏ ସନ୍ଧ୍ୟା ପୂର୍ବରୁ ମଡ଼ାକୁ ଧରି ମଶାଣିକୁ ଚ୍ଲିଆସିଲେ । ଦିନମଡ଼ା ତରା ଉଇଁଲା ପୂର୍ବରୁ ମଶାଣିରେ ପହଞ୍ଚିବା ବିଧି ।

ଗଲା ପଚ୍ଚଶବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମଧୁମିଶ୍ରେ ପୁରୋହିତିଆ ବ୍ରାହ୍ମଣ ହିସାବରେ ଆଖପାଖ ପଚିଶଖଣ୍ଡ ମୌଜାରେ ଜଣାଶୁଣା । ଦଶଖଣ୍ଡ ଗାଁରେ ତାଙ୍କର ନିଜର ଯଜମାନି ଥିଲା । ଯଜମାନି ବୃତ୍ତି ତାଙ୍କ ବଂଶଗତ ପେଶା । ତାଙ୍କର ପିତା ଅଗାଧୁ ମିଶ୍ରେ ଓ ପ୍ରପିତା ଶିବ ମିଶ୍ରେ ମଧ୍ୟ ପୁରୋହିତ କାର୍ଯ୍ୟ କରି ଆସୁଥିଲେ । ପିଲାଦିନରୁ ମଧୁ ମିଶ୍ରେ ତାଙ୍କ ବାପାଙ୍କ ସଙ୍ଗେ ମିଶି ବାହାବ୍ରତ, ମଲା ମୃତିକିଆ କାର୍ଯ୍ୟ ଶିଖିଛନ୍ତି । ପୁଅକୁ ଆଉଟିକେ ଆଗେଇ ନେବା ପାଇଁ ଅଗାଧୁ ମିଶ୍ରେ ଯତ୍ପରୋନାସ୍ତି ଚେଷ୍ଟା କରି ମଧୁମିଶ୍ରଙ୍କୁ ସଂସ୍କୃତ ଟୋଲ୍‌ରେ ପାଠ ପଢ଼ାଇ କର୍ମକାଣ୍ଡ ଏବଂ ବିବାହବ୍ରତାଦି କାର୍ଯ୍ୟ କରିବା ପାଇଁ ଶିକ୍ଷା ଦେଇଥିଲେ । ତା'ଛଡ଼ା ସଂସ୍କୃତରେ ମଧ୍ୟ ମଧୁ ମିଶ୍ରଙ୍କର ବେଶ୍ କିଛି ପାଣ୍ଡିତ୍ୟ ଥିଲା । ଶୁଦ୍ଧ ଭାଷାରେ ସଂସ୍କୃତ ଉଚ୍ଚାରଣ କରି ପୁରୁଣା ପୋଥି ପାଠ କରିବା ଏବଂ ଶ୍ରୋତାମାନଙ୍କୁ ସୁନ୍ଦର ଭାବରେ ବୁଝାଇଦେବା ମଧୁମିଶ୍ରଙ୍କ ବିଶେଷତ୍ୱ । ପୁରୁଣା ତାଳପତ୍ର ପୋଥିରୁ ରାମାୟଣ, ମହାଭାରତ ଇତ୍ୟାଦି ପୁରାଣ, କର୍ମକାଣ୍ଡ, ଔଷଧାଦି ବିଦ୍ୟା ଉଦ୍ଧାର କରି ସେ ନିଜେ ଲେଖନୀରେ ନୂଆ ତାଳପତ୍ର ପୋଥି ଲେଖିଥିଲେ । ତାଳପତ୍ର ଉପରେ ତାଙ୍କ ଲେଖନୀ ଯେପରି ସୁନ୍ଦର ଭାବରେ ଚାଲେ, ଆଜିକାଲିର ଛପା ଅକ୍ଷର ଏତେ ସୁନ୍ଦର ଏବଂ ନିର୍ଭୁଲ ହେବନାହିଁ ।

Digitized by PPRACHIN, SOA

ପୁରୋହିତ ହିସାବରେ ମିଶ୍ରେ ସମସ୍ତଙ୍କ ପାଖରେ ଆପଣାର ଥିଲେ । ସେ କହୁଥିଲେ ପୁରୋହିତର କାର୍ଯ୍ୟ ହେଲା ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଏବଂ ଯଜମାନମାନଙ୍କୁ ଆଗକୁ ଭଲବାଟ ଦେଖାଇବା । ବର୍ଷାହେଉ କି ଝଡ଼ହେଉ, ବଢ଼ିହେଉ କି ବାଡ଼ିହେଉ, ଯଜମାନଙ୍କର କାର୍ଯ୍ୟ ପାଇଁ ଖବର ପାଇଲେ ମିଶ୍ରେ କେବେ ନଯିବାର କେହି ଦେଖି ନାହାନ୍ତି ।

ଯଜମାନଙ୍କ ବାହାବ୍ରତ ଘରରେ, ମିଶ୍ରେ ଝିଅପୁଅକୁ ବାହା କରାଇ ଯେତିକି ଖୁସି ହୁଅନ୍ତି, ମଲା ମୃତିକିଆରେ ପ୍ରେତକାମ କଲାବେଳେ ସେତିକି ଦୁଃଖ ପ୍ରକାଶ କରନ୍ତି । ପଚସ୍ତରୀ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେ କେବେ ତାଙ୍କ ବୃତ୍ତିଗତ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରି ନଥିଲେ କି ଅର୍ଥଲୋଭରେ କାହାର କାର୍ଯ୍ୟ କରିବାକୁ କେବେ ମନା କରି ନଥିଲେ । ତାଙ୍କ ମତରେ ପୁରୋହିତ କାର୍ଯ୍ୟ ହେଲା ହିତସାଧନା । ସେଠାରେ ଟଙ୍କା ପଇସାର ହିସାବ ନଥାଏ, ହିସାବ ଥାଏ ଯୁଗ ଯୁଗର ଯଜମାନ ଓ ପୁରୋହିତଙ୍କ ସମ୍ପର୍କ ଏବଂ ଧର୍ମ ଦାୟିତ୍ୱ । ଏ ଯୁଗର ଲୋକଦେଖାଣିଆ ଏବଂ ଧର୍ମକୁ ଆଖିଠାର ମାରୁଥିବା ଲୋକମାନଙ୍କର କାର୍ଯ୍ୟକଳାପ ଦେଖି ମିଶ୍ରେ ବେଳେବେଳେ କହୁଥିଲେ, ଏ ଯୁଗରେ ଥିଲାବାଲା ଲୋକ ବାହାଘରରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି, ଯାନିଯୌତୁକ ଦବାନବାରେ ଊଣା କରନ୍ତି ନାହିଁ । ନିଜକୁ ଅତ୍ୟାଧୁନିକ ଭାବେ ପରିଚିତ କରାଉଥିଲେ ମଧ୍ୟ ପୁରୁଣା ପରମ୍ପରାକୁ ନଛାଡ଼ି ବେଦି ଉପରେ ବସାଇ ବାହାଘର କରୁଛନ୍ତି, ଅଥଚ ଏ ସମସ୍ତ କାର୍ଯ୍ୟ କରୁଥିବା ପୁରୋହିତ ବ୍ରାହ୍ମଣକୁ ପଇସା କେତୋଟି ପାରିଶ୍ରମିକ ଦେବାକୁ ଏତେ ହରକତ କରନ୍ତି କାହିଁକି ? ଅବଶ୍ୟ ତାଙ୍କ ପାଖରେ ଧନୀ ଦରିଦ୍ର, ଥିଲା ନଥିଲା ବାଲା ସମସ୍ତେ ସମାନ । ସମସ୍ତେ ତାଙ୍କର ଯଜମାନ ।

ମଧୁ ମିଶ୍ରେଙ୍କ ମଡ଼ା ସେମିତି ପ୍ରାଚୀକୂଳ ଶ୍ମଶାନ ଉପରେ ଛଖଣ୍ଡି କାଠ ଉପରେ ଲଦାହୋଇ ପଡ଼ିଥାଏ । ପୁତୁରା ହରିହର ସେପର୍ଯ୍ୟନ୍ତ ଆସିନଥାନ୍ତି । ମଡ଼ାକାନ୍ଧିଆ ନଟ ତିଆଡ଼ୀ, ମିଶ୍ରଙ୍କ ମଡ଼ାଠାରୁ ଖଣ୍ଡେ ଦୂରରେ ବସି ଖୋସଣିରୁ ପାନପତ୍ର ଖଣ୍ଡେ ବାହାର କରି, ଚୂନ ମାରୁମାରୁ କହୁଥିଲେ, 'ବୁଝିଲ ପିଲେ, ମଧୁ ମିଶ୍ରଙ୍କର ଯେତେବେଳେ ଯୁବାବୟସ, ସେତେବେଳେ ବିଶ୍ୱାଳ ସାହି ଜମିଦାର କାହ୍ନୁ ବିଶ୍ୱାଳେ ବହୁମୁଖୀ ଭାଗବତ ପାରାୟଣ କରିବା ପାଇଁ ଇଚ୍ଛା କଲେ । ଜମିଦାର ଘର, ଆଉ ବୁଢ଼ା ଜମିଦାର ଯେତେବେଳେ ଚାହୁଁଛନ୍ତି ଭାଗବତ ପାରାୟଣ କରିବେ ବୋଲି, ସେ କାଳରେ ତାଙ୍କୁ ମନା କରିବ ବା କିଏ ? ଇଲାକାରେ ଢେଙ୍ଗୁରା ବାଡ଼େଇ ଦେଲେ ଜିନିଷର ଅଭାବ ରହିବ ନାହିଁ । ଫୁଲଠାରୁ ଆରମ୍ଭ କରି ଦହିଦୁଧ ଘିଅ କ'ଣ ବା ଅଭାବ ରହିବ ? ବୁଢ଼ା ଜମିଦାର କହିଲେ ସାତଦିନ ଧରି ଭାଗବତ ହପ୍ତା ବସିବ ଏବଂ ଏହି ସାତଦିନ ଧରି ଭାଗବତ ପାରାୟଣ କାର୍ଯ୍ୟକ୍ରମକୁ ଜଣେ ଭଲ ବ୍ରାହ୍ମଣ ବରଣ କରି ଆଗ୍ରର୍ଯ୍ୟ କାମ କରିବାକୁ ହେବ । ଦଶଖଣ୍ଡ ଗାଁରୁ ବ୍ରାହ୍ମଣମାନେ ନିମନ୍ତ୍ରିତ ହେଲେ । କିନ୍ତୁ ବିଶ୍ୱାଳେ ଆଗ୍ରର୍ଯ୍ୟଯୋଗ୍ୟ ବ୍ରାହ୍ମଣ ବାଛି ପାରି ନଥିଲେ । ବିଶ୍ୱାଳ ସାହିଆ କହିଲେ ନରିଶୋ ଶାସନର ମଧୁ ମିଶ୍ରଙ୍କୁ କର୍ତ୍ତା କରାଯାଉ ।

Digitized by PPRACHIN, SOA

କିନ୍ତୁ ଜମିଦାର ବୁଢ଼ା ବିଶ୍ୱାଳ ସେମାନଙ୍କ କଥାକୁ ପସନ୍ଦ କଲେ ନାହିଁ । ମିଶ୍ରେଙ୍କୁ ସେତେବେଳେ ବୟସ ତିରିଶ କି ବତିଶି । ଏମିତି ଗୋଟାଏ ଟୋକାଳିଆ ବ୍ରାହ୍ମଣକୁ ଆଚାର୍ଯ୍ୟପଦରେ ବରଣ ନକରି, ଜମିଦାରେ ପୂର୍ବଖଣ୍ଡ ଶାସନର ଦିନମଣି ଷଡ଼ଙ୍ଗୀକୁ ଆଚାର୍ଯ୍ୟ ହିସାବରେ ବରଣ କରିଥିଲେ । ମିଶ୍ରେ ଯଦିଓ ବିଶ୍ୱାଳଘର ଭାଗବତ ସପ୍ତାହରେ ଆଚାର୍ଯ୍ୟ ଭାବେ କାର୍ଯ୍ୟ କରିପାରି ନଥିଲେ, କିନ୍ତୁ ବ୍ରାହ୍ମଣ ହିସାବରେ ବରଣ ହୋଇ ଆସିଥିଲେ ।

ପଇଡ଼ ପାଟଣାର ହାଡ଼ିଆ ଅବଧାନେ, ଷଣ୍ଢପୁରର ଚତୁର୍ଭୁଜ ମହାପାତ୍ରେ ଆଉ ମଧୁମିଶ୍ରେ, ତିନିଜଣ ବସି ପୋଥିପାଞ୍ଜି ଦେଖି ଭାଗବତହପ୍ତା ପାଇଁ ଦିନ ଠିକ୍ କଲେ । ମହାଦେବା ପାଣ ଡେଙ୍ଗୁରା ବାଡ଼େଇ ଜମିଦାରୀରେ ଜମିଦାରଙ୍କ ଭାଗବତ ପାରାୟଣ ଦେଖିବା ଓ ଶୁଣିବା ପାଇଁ ପ୍ରଜାମାନଙ୍କୁ ନିମନ୍ତ୍ରଣ ଜଣାଇଲା । ସାତଜଣ ବ୍ରାହ୍ମଣ ସାତୋଟି ଋଷିଙ୍କ ନାମଧାରଣ କରି ସାତଗୋଟି ପତ୍ରକୁଡ଼ିଆରେ ସାତଦିନ ରହିବା ପାଇଁ ବନ୍ଦୋବସ୍ତ କରାଗଲା । ମଝିରେ ଯଜ୍ଞକୁଣ୍ଡ ବେଦୀ ଇତ୍ୟାଦି ପ୍ରଜାମାନେ ବିନା ପାରିଶ୍ରମିକରେ ତିଆରି କଲେ । ପ୍ରତ୍ୟେକ ଦିନ ସକାଳୁ ରାତି ପ୍ରହରକ ପର୍ଯ୍ୟନ୍ତ ଭାଗବତ ପଢ଼ା, ଚର୍ଚ୍ଚା ହୁଏ । ଜମିଦାରୀରୁ ଯେତେଲୋକ ଦେଖିବାକୁ କି ଶୁଣିବାକୁ ଆସିଥାନ୍ତି, ଭାଗବତ ପାରାୟଣ ସରିଲା ପରେ ସମସ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥାଏ । କାହ୍ନୁ ବିଶ୍ୱାଳଙ୍କ ଭାଗବତ ବଢ଼ାରେ ସମସ୍ତେ ମଧୁମିଶ୍ରଙ୍କୁ ଚିହ୍ନିଲେ । ତାଙ୍କର ମଧୁର କଣ୍ଠରୁ ଭାଗବତ ଶୁଣିବାକୁ ନଶୁଣିଲା ଲୋକ ଘଡ଼ିଏ ଠିଆହୋଇ ଶୁଣୁଥିଲା । ଜମିଦାରେ ମିଶ୍ରଙ୍କୁ ସୁନାନୋଳି, ପାଟପଟନି ଦେଇ ସମ୍ମାନିତ କରିଥିଲେ । ସେଇଦିନୁ ମଧୁମିଶ୍ରଙ୍କ ଖ୍ୟାତି ଦଶଖଣ୍ଡ ମୌଜାରେ ପ୍ରଚରିତ ହୋଇଥିଲା । ଯାହାର ଯାହା ଭଲକାମ ପଡ଼ିଲେ, ଡାକ ମଧୁମିଶ୍ରଙ୍କୁ ।

ତୃନପତ୍ର ପାଟିରେ ମିଳାଇଛି କି ନାହିଁ, ପୁତୁରା ହରିହରକୁ ଆସୁଥିବାର ଦେଖି ନଟ ତିଆଡ଼ୀ ପାଟିକରି କହିଲେ, ଆରେ ହରିଆ ତ ଆସିଗଲା । ପଥଶ୍ରାଦ୍ଧ କାମ ଆରମ୍ଭ କର ।

ଖବର ପାଇ ମଧ୍ୟ ମଧୁମିଶ୍ରଙ୍କ ଜ୍ୱାଇଁ ଭୁବନେଶ୍ୱରରୁ ଆସିପାରି ନଥିଲେ । ଝିଅକୁ ଅଭିମୁଖୀ ଗାଁର ନନ୍ଦଘରେ ଆଖିଦୃଶିଆ ଯାନିଯୌତୁକ ଦେଇ ଚାକିରିଆ ଜ୍ୱାଇଁ ବାଛିଥିଲେ । ସେଇ ଜ୍ୱାଇଁ ଏବେ ସେକ୍ରେଟାରିଏଟ୍‌ରେ ଚାକିରି କରେ ଆଉ ସରକାରୀ କ୍ୱାଟର ପାଇ ଝିଅ ନାତିନାତୁଣୀଙ୍କୁ ଧରି ଭୁବନେଶ୍ୱରରେ । ଯେତେଦେଲେ ମଧ୍ୟ ଜ୍ୱାଇଁ ମନକୁ ପାଏ ନାହିଁ । ବୁଢ଼ୀ ଥିଲାବେଳେ ଚାଉଳ, ନଡ଼ିଆ, ପନିପରିବା, ମାଛ, ଘିଅ, ଯାହା ଯେଉଁଠି ମିଳୁଥିଲା ସାଇତି ରଖି ପଠାଇ ଦେଉଥିଲା ଝିଅଜ୍ୱାଇଁଙ୍କ ପାଇଁ । ବାହାଘରର ବର୍ଷ ଚାରିଟାରେ ବୁଢ଼ୀ ଆଖି ବୁଜିଲା, କିନ୍ତୁ ଜ୍ୱାଇଁଙ୍କର ସବୁଥାଇ ବି ଶ୍ୱଶୁର ଘର ଜିନିଷ ଉପରେ ଆଶା । ମିଶ୍ରଙ୍କ ଘରେ ବା ଆଉ ଅଛି କିଏ ? ଗୋଟିଏ ବୋଲି ପୁଅକୁ ପାଠପଢ଼ାଇ ମଣିଷ କଲେ । ଇଞ୍ଜିନିୟର ପୁଅ ଭଲ ଚାକିରି ପାଇ ତା ପିଲାଝିଲାଙ୍କୁ ଧରି ରହିଲା ଆମେରିକାରେ । ବାପ ମଲା କି ଗଲା କେବେହେଲେ ଭାଷାଖଣ୍ଡେ ଦେଇ ବୁଝେନି । ଝିଅଜ୍ୱାଇଁଙ୍କ ପାଖକୁ

Digitized by PPRACHIN, SOA

ବର୍ଷକେ ଥରେ ଅଧେ ଭଲମନ୍ଦ ଜଣାଇ ଭାଷାଲେଖେ । ତାଙ୍କରିଠୁ ମିଶ୍ରେ ପୁଅବୋହୂଙ୍କ କଥା ଶୁଣନ୍ତି । ପୁଅ ପାଠ ପଢ଼ିବ ବୋଲି ପିଲାଦିନୁ ସେ ତା' ପାଇଁ କ'ଣ ନ କରିଥିଲେ ? ନିଜେ ସଂସ୍କୃତ ଟୋଲ୍‌ରୁ ଉପରକୁ ଯାଇପାରି ନଥିଲେ ବୋଲି ତାଙ୍କ ଜୀବନର ସମସ୍ତ ପରିଶ୍ରମର ସଞ୍ଚିତ ଧନ ତାରି ପାଠପଢ଼ାରେ ଉଡ଼ାଇ ଦେଇଥିଲେ । ଇଞ୍ଜିନିୟରିଂ ପାଶ୍ କଲାପରେ ଭଲ ଚାକିରି କରିବ ବୋଲି ପୁଅଗଲା ଆମେରିକା । ସେଇଠି ବୋହୂ ଯୋଗାଡ଼ କରି ବାହାହେଲା । ମିଶ୍ରେ ସବୁକଥା ପଛରେ ଜାଣିଲା ପରେ ଘରକଣରେ ବସି ଲୁହ ଗଡ଼ାଇବା ଛଡ଼ା ବାଟ ନଥିଲା । ପଠାଣ ଘରେ ବାହାହେଲା କି ଖ୍ରିସ୍ତାନୀ ଘରେ ବାହାହେଲା, ସେଥିପାଇଁ ମିଶ୍ରଙ୍କ ଯେତେ ଦୁଃଖ ନଥିଲା, ଦୁଃଖ ଥିଲା ତାଙ୍କୁ ଖଣ୍ଡେ ଭାଷା ଲେଖି ପୁଅ ଜଣାଇଲା ନାହିଁ ବୋଲି । ପ୍ରଥମେ ପ୍ରଥମେ ସେ ଦୁଃଖ କରୁଥିଲେ, ଆଖିରୁ ଲୁହ ଗଡ଼ାଉଥିଲେ ମାତ୍ର ପରେ ସବୁ ଘଟଣା ତାଙ୍କର ଦେହସୁହା ହୋଇଯାଇଥିଲା । ମନକୁ ବୁଝେଇ କୁହନ୍ତି - ହାତୀ ବନସ୍ତରେ ଥିଲେ ବି ରାଜାଙ୍କର । ପୁଅ ଆମେରିକାରେ ଥାଉ କି ଆଉ ଯେଉଁଠି ଥାଉ, ସେ ତ ତାଙ୍କରି ପୁଅ । ଭଗବାନଙ୍କ ଉଦ୍ଦେଶ୍ୟରେ ହାତଉଠେଇ ସେ ତାକୁ ଆଶୀର୍ବାଦ କରନ୍ତି, ତା'ର ମଙ୍ଗଳ କାମନା କରନ୍ତି । ପୁଅବୋହୂଙ୍କ କଥା ଯେତେବେଳେ ଉଠେ, ମିଶ୍ରେ ସମସ୍ତଙ୍କୁ ଏଇକଥା କୁହନ୍ତି, ହେଲେ ସମସ୍ତଙ୍କ ମୁହଁରେ କଥାଟାକୁ ବାଏଁବାଏଁ ଉଡ଼େଇ ଦେଲେ ମଧ୍ୟ ତାଙ୍କ ମନ ଭିତରଟା କରତି ହୋଇଯାଏ । ଏତେବଡ଼ ଆରବାରେ ସେ ଗୋଟାଏ ଖୁଣ୍ଟା ବୁଢ଼ା ।

ତାଙ୍କୁ ସତୁରି ବର୍ଷ ଉପରେ ହୋଇଥିଲେ ବି ତାଙ୍କର ଅଣ୍ଟା ଭାଙ୍ଗି ପଡ଼ିନଥିଲା କି ଆଖିରେ ପରଳ ମାଡ଼ି ଯାଇ ନଥିଲା । କଥାରେ ଅଛି, ମୁଣ୍ଡରେ ପଗଡ଼ି ପାଦରେ ତେଲ, ବଇଦ ସଙ୍ଗେ କରିବ ଗେଲ । ଖରାହେଉ କି ବର୍ଷା ହେଉ, ରାତି ହେଉ କି ଦିନ ହେଉ, ମିଶ୍ରେ ମୁଣ୍ଡରେ ଖଣ୍ଡେ ଗାମୁଛା ପକାଇ ଚାଲିଥାନ୍ତି । ଯେଉଁ ଯଜମାନର ଯେତେବେଳେ କାମ ପଡ଼ିଲା ମିଶ୍ରେ ସେମାନଙ୍କ ପାଖରେ ଠିଆ ହେଉଥିଲେ । ଯଜମାନଙ୍କ ଖୁସିରେ ସେ ଖୁସି ହେଉଥିଲେ ଆଉ ସେମାନଙ୍କ ଦୁଃଖରେ ସେ ଦୁଃଖୀ । ଏଇ ପଚାଶ ବର୍ଷ ଭିତରେ ସେ ଯାହାକୁ ବାହା କରାଇଥିଲେ, ତାଙ୍କର ନାତିନାତୁଣୀ ବି ବାହାହେବାକୁ ହେଲେଣି । କାହାପାଖେ ସେ ମଉସା ତ କିଏ ଡାକେ ଦାଦା । ପିଲାମାନେ ତାଙ୍କୁ ଅଜା ବୋଲି ଟାହିଟାପରା କରନ୍ତି । ବୟସ ବଢ଼ିଯାଇଥିଲେ ମଧ୍ୟ ତାଙ୍କ କଣ୍ଠରୁ ମଧୁରତା ସରିଯାଇ ନଥିଲା । ଏଇ ବୁଢ଼ାଦିନେ ମିଶ୍ରେ ଖଣ୍ଡେ କାଠରୁଖା ଉପରେ ପୋଲାଙ୍ଗ ତେଲ ଦୀପଜାଳି ବ୍ୟାସପିଢ଼ା ଉପରେ ତାଳପତ୍ର ପୋଥି ଥୋଇ ରାତିରେ ଘଣ୍ଟା ଘଣ୍ଟା ଭାଗବତ, ନୃସିଂହପୁରାଣ ପଢ଼ନ୍ତି ।

ପୋଥି ଥିଲା ତାଙ୍କର ସର୍ବସ୍ୱ । ଯେଉଁ ଆଡ଼େ ଗଲେ ମିଶ୍ରେ ସେଇ ପୁରୁଣା ଚିକିଟା କନାବ୍ୟାଗ୍ ଭିତରେ ପୋଥି କେତେଖଣ୍ଡ ନିଶ୍ଚୟ ଧରି ଯାଇଥିବେ । ସେ କହୁଥିଲେ, 'ଆରେ, ଏବର ଡାକ୍ତରଙ୍କ ପାଖରେ ଷ୍ଟେଥିସ୍‌କୋପ୍ ନଥିଲେ ଯେମିତି ଡାକ୍ତର ଡାକ୍ତର ନୁହଁ, ସେମିତି ବ୍ରାହ୍ମଣ ପାଖରେ ପୋଥି କେତେଖଣ୍ଡ ନଥିଲେ, ସେ କ'ଣ ବ୍ରାହ୍ମଣରେ

Digitized by PPRACHIN, SOA

ଗଣା ?' ଆଜିକାଲିକା ଫୁଲପ୍ୟାଣ୍ଟ ପିନ୍ଧା ଧୋବଧାଉଳିଆ ବାବୁମାନେ ମିଶ୍ରଙ୍କୁ ପଗ୍ଭରନ୍ତି, ଏ ତାଳପତ୍ର ପୋଥି ଧରି ସେ ବୁଲୁଛନ୍ତି କାହିଁକି ? ଆଜିକାଲି ତ କର୍ମକାଣ୍ଡଠାରୁ ଆରମ୍ଭ କରି ଭାଗବତ, ରାମାୟଣ, ସବୁ ଛପାହୋଇ ଗଲାଣି । ଛପା ବହି ମିଳୁଥିବାବେଳେ, ଏ ମିଞ୍ଜିମିଞ୍ଜିଆ ତାଳପତ୍ର ପୋଥିର କ'ଣ ଦରକାର ? ସେମାନଙ୍କ କଥାର ଉତ୍ତର ଦେଇ ମିଶ୍ର କହୁଥିଲେ- ଯୁଗ ବଦଳିଲେ ସବୁ ବଦଳେ । କିନ୍ତୁ ଯେଉଁ ଯୁଗରେ କାଗଜ ନଥିଲା, ଛାପାଖାନା ନଥିଲା, ଲୁହାଲେଖନ ମୁନରେ ତାଳପତ୍ର ପୋଥିର ଅକ୍ଷର ଛପାକାଗଜ ଅକ୍ଷରଠାରୁ କେଉଁ ଗୁଣରେ ଖରାପ ଥିଲା ? ଖଣ୍ଡିଏ ପୋଥିକୁ ଆମେ ଶହେବର୍ଷ ପଢ଼ିଲାବେଳେ ଆଜିକାଲିକା ଛପାବହିଟେ ତ ଦଶବର୍ଷରେ ନଷ୍ଟହୋଇଯାଉଛି । ସେ କୁହନ୍ତି, ପୋଥି ଆମର ସଂସ୍କୃତି, ଆମ ପରମ୍ପରାର ପ୍ରତୀକ । ତାକୁ ସେ ଛାଡ଼ି ପାରିବେନି ।

ପୋଥି ପଢ଼ିବାରେ ତାଙ୍କର ମଲା ପର୍ଯ୍ୟନ୍ତ କିଛି ଅସୁବିଧା ହୋଇ ନଥିଲା । ବିନା ଚଷମାରେ ସେ ଖୁସିରେ ପୋଥି ପଢ଼ିପାରୁଥିଲେ । ଆଜିକାଲିର ପିଲାମାନେ କୋଡ଼ିଏ ବର୍ଷ ପାର ହେଉ ନହେଉଣୁ ଆଖିରେ ଚଷମା ପିନ୍ଧିଲେଣି । ଖାଇବା ପିଇବାରେ ନାନା ବାଛବିଗ୍ଭର । କଳିଯୁଗରେ ତ ଅଖାଦ୍ୟ ଖାଦ୍ୟ ହେଲା, ଅବାଟ ବାଟ ହେଲା । ଆମିଷଗୁଡ଼ାକ ମଣିଷ ପଣିଆରେ ଗଣାହେଲେ । କଥାରେ ଲଥାଦେଇ ସେ କହୁଥିଲେ- ଆଗେ ଭାତ ଖାଇବା ପୂର୍ବରୁ ଘିଅ ଟୋପେ ପଡୁ ନଥିଲେ ଅନ୍ନସ୍ପର୍ଶ କରିବା ନିଷେଧ ଥିଲା । ଘୃତଂ ଆୟୁଃ ବୋଲି କୁହାଯାଉଥିଲା । ଏବେ ଲୋକେ ଘିଅ ନାଁ ଶୁଣୁଶୁଣୁ ପତ୍ର ଉଠେଇ ଦେଉଛନ୍ତି । କୁକୁଡ଼ା ମାଂସ ଅଖାଦ୍ୟ ବୋଲି ଘରେ ପଶୁନଥିଲା, ଏବେ କୁକୁଡ଼ା ହାଣ୍ଡିଶାଳକୁ ନଗଲେ ପେଟକୁ ଭାତ ଯାଉନାହିଁ । ଆଜିକାଲି ସବୁଠାରୁ ବେଶୀ ଯେ ଧୋବଧାଉଳିଆ, ତାଙ୍କୁ ପାରିବାର ମଣିଷ ବୋଲି କୁହନ୍ତି, କିନ୍ତୁ ତାଙ୍କର ସେଇ ଧୋବ ପୋଷାକ ଉତାରିଦେଲେ, ତାଙ୍କ ମଣିଷପଣିଆ ଜଣାପଡ଼ିଯାଏ ।

ସେ କହୁଥିଲେ, ଆଜିକାଲି ଆମେ ଆମ ପରମ୍ପରାକୁ ଭାଙ୍ଗି ଅନ୍ୟମାନଙ୍କ ସଂସ୍କୃତିକୁ ଅନୁକରଣ କରୁଛେ । କିନ୍ତୁ ଆମେ ଜାଣୁନେ ଯେ ଆମ ସଂସ୍କୃତି ଆମ ପରମ୍ପରାର ମୂଲ୍ୟ କେତେ । ବିଦେଶୀମାନେ ଆମ ଦେଶରୁ ଶହଶହ ଟଙ୍କାଦେଇ ପୁରୁଣା ତାଳପତ୍ର ପୋଥି କିଣି ନେଉଛନ୍ତି । ସରକାର ଟ୍ରେନିଂ ଦେଇ ତାଳପତ୍ର ଦେହରେ ଖୋଦେଇ କରି ଚିତ୍ରଆଙ୍କି ଦେଶୀବିଦେଶୀ ପର୍ଯ୍ୟଟକମାନଙ୍କୁ ବିକ୍ରି କରୁଛନ୍ତି । ଏଣେ ଆମେ ସମସ୍ତେ ଶହଶହ ବର୍ଷର ପୁରୁଣା ପୋଥିକୁ ବଢ଼ିପାଣିରେ ଭସାଇ ଦେଉଛେ । ପୋଥି ଖଣ୍ଡେ ପଢ଼ିବାକୁ କାହାର ଆଗ୍ରହ ନାହିଁ । ପୁରୁଣା ପୋଥି ଭିତରେ ଆମ ସଂସ୍କୃତି, ସାହିତ୍ୟର ଯେଉଁ ଅପ୍ରକାଶିତ ଅଧ୍ୟାୟଗୁଡ଼ିକ ରହିଗଲା, ତାକୁ ଉଦ୍ଧାର କରିବ କିଏ ? ଶହଶହ ମନ୍ଦିର ଗାତ୍ରରେ ଏବେବି ଶିଳାଲିପି ବାହାରୁଛି, ତାକୁ ପଢ଼ିବ କିଏ ? ତା'ହେଲେ କ'ଣ ଆମେ ଆମ ପୂର୍ବସୂରୀମାନଙ୍କୁ ସେଇ ମନ୍ଦିର ଗାତ୍ର ଭିତରେ, ତମ୍ବ ପଟା ଭିତରେ, ତାଳପତ୍ରର ପୋଥି ଭିତରେ ଛାଡ଼ି ଦେଇଯିବା ? ଏବେ ଯାହାଘରେ ପୋଥି କେତେଖଣ୍ଡ ଅଛି, ତାକୁ ଘରୁ ବାହାର କରିବା ତା ପାଇଁ ଗୋଟାଏ ଚିନ୍ତା । ମିଶ୍ରଙ୍କ ଯୁକ୍ତିରେ ଯେ ସତ୍ୟତା ନଥିଲା, ଏକଥା

Digitized by PPRACHIN, SOA

ନୁହେଁ । ଯେଉଁମାନେ ତାଙ୍କ କଥାକୁ ବୁଝୁଥିଲେ, ସେମାନେ ତାଙ୍କ ଚିନ୍ତାଧାରାକୁ ପ୍ରଶଂସା କରୁଥିଲେ, ଆଉ ଯେଉଁମାନେ ବୁଝିପାରୁ ନଥିଲେ ସେମାନେ ତାଙ୍କୁ ମରହଟିଆ ବୁଢ଼ା କହି ତାଚ୍ଛଲ୍ୟ କରୁଥିଲେ ।

ଏଇ ଦିନ କେତେଟା ତଳେ ମିଶ୍ରେ ଶିବ ମହାପାତ୍ରଙ୍କ ଘର ଶ୍ରାଦ୍ଧକାମ ସାରି କେନାଲ ବନ୍ଧଦେଇ ଘରକୁ ଫେରୁଥାନ୍ତି । ଗଉଡ଼ସାହିର ପଞ୍ଚେ ପିଲା ମିଶ୍ରଙ୍କୁ ଅଜାଅଜା କହି ଥଟ୍ଟାତାମସା ଆରମ୍ଭ କରିଦେଲେ । ବୟସ ବଢ଼ିଲା ପରେ ବେଳେବେଳେ ମିଶ୍ରେ ପିଲାଙ୍କ ଥଟ୍ଟାକଥାକୁ ସହିନପାରି ଚିଡ଼ିଯାଆନ୍ତି । ସେଦିନ ମଧ୍ୟ ସେଇ ପିଲାମାନଙ୍କ କଥାରେ ମିଶ୍ରେ ଚିଡ଼ିଉଠି ସେମାନଙ୍କୁ ଗୋଡ଼େଇ ଗଲାବେଳେ ତାଙ୍କ କାନ୍ଧରୁ ପୋଥିବ୍ୟାଗ୍‌ଟି ଖସିପଡ଼ିଲା । ଦୁଷ୍ଟ ଗଉଡ଼ପିଲାଟିଏ ବ୍ୟାଗ୍‌ସହ ପୋଥି ଗୋଛାକୁ କେନାଲ ପାଣି ଭିତରକୁ ଫୋପାଡ଼ି ଦେଲା । ଭରାକେନାଲର ଦି'କୂଳଖିଆ ପାଣିସ୍ରୋତରେ ମିଶ୍ରଙ୍କ ବାପ-ଅଜା ଅମଳର ସାଇତା ପୋଥି ତାଙ୍କରି ଆଖିଆଗରେ ସେଇ ପାଣିସୁଅରେ ଖଣ୍ଡଖଣ୍ଡ ହୋଇ ତଳକୁ ତଳକୁ ଭାସିଯାଉଥିଲା । ବନ୍ଧ ଉପରେ ଥାଇ ମିଶ୍ରେ ପାଟି କରୁଥାନ୍ତି - "ଆରେ ଭାସିଗଲା, ଭାସିଗଲା । ମାତ୍ର ଶକ୍ତି ପାଉ ନଥାଏ, ସେଇ ଦୁଇକୂଳଖିଆ କେନାଲ ଭିତରକୁ ଡେଇଁପଡ଼ି ସୁଅମୁହଁରୁ ଖଣ୍ଡଖଣ୍ଡ ହୋଇ ଭାସିଯାଉଥିବା ତାଳପତ୍ରଗୁଡ଼ିକୁ ଛାଣି ଆଣିବା ପାଇଁ । ମିଶ୍ରେ ସେମିତି ପାଟି କରୁଥାନ୍ତି - ଆରେ ଭାସିଗଲା, ଭାସିଗଲା ଏବଂ ତାଙ୍କ ପାଟି ସଙ୍ଗେ ପାଟି ମିଳେଇ ଗଉଡ଼ପିଲାଯାକ ହସିହସି କହୁଥାନ୍ତି "ଅଜା, ଭାସିଗଲା, ଭାସିଗଲା, ଆଉ ଆସିବନ ।" ତାଙ୍କରି ଆଖିଆଗରେ ତାଙ୍କ ଜୀବନର ସର୍ବସ୍ୱ, ସବୁ ସମୟର ସାଥୀ, ତାଳପତ୍ର ପୋଥିର ପତ୍ରଗୁଡ଼ିକ ଯେତେବେଳେ ଖଣ୍ଡଖଣ୍ଡ ହୋଇ ପାଣିସୁଅର ଡଅଁର ଭିତରେ ବୁଡ଼ି ଯାଉଥିଲା, ଆଉ ମିଶ୍ରେଙ୍କ ଆଖିଆଗରୁ ଖସି ଦୂରକୁ ଦୂରକୁ ଭାସିଯାଉଥିଲା, ମିଶ୍ରେଙ୍କ ପାଟି ଆସ୍ତେ ଆସ୍ତେ ପଡ଼ି ଆସୁଥିଲା 'ଆରେ ମୋର ସବୁ ଭାସିଗଲା, ମୋ ସଂସାର ଭାସିଗଲା ରେ ।' ଗଉଡ଼ପିଲାଏ ଖଣ୍ଡେ ଦୂରରେ ସେମିତି ଠିଆହୋଇ ହସୁଥାନ୍ତି । ଆସ୍ତେ ଆସ୍ତେ ସୁଅମୁହଁରେ ପତ୍ରଗୁଡ଼ିକ ଅଦୃଶ୍ୟ ହୋଇଗଲା, ଆଉ ତା ସାଙ୍ଗେ ସାଙ୍ଗେ ମିଶ୍ରବୁଢ଼ାର ପାଟି ବି ବନ୍ଦ ହୋଇଗଲା । ସେ ସେଇ ନାଳବନ୍ଧ ଉପରେ ଲଥିକିନା ବସିପଡ଼ିଲେ ।

ଗଉଡ଼ପିଲାମାନେ ତାଳିମାରି ସାହି ଆଡ଼କୁ ଗ୍ଭଲିଗଲେ । ମିଶ୍ରେ କିନ୍ତୁ ନିର୍ବାକ୍ ନିଶ୍ଚଳ ହୋଇ ସେଇ ନାଳବନ୍ଧ ଉପରେ ବସି ହାତ ଉଠାଇ କ'ଣ କହିବାକୁ ଚେଷ୍ଟା କରୁଥିଲେ, ତାଙ୍କ ମୁହଁରୁ କିଛି ଶବ୍ଦ ବାହାରୁ ନଥିଲା । କେତେ ସମୟ ପରେ ମିଶ୍ରଙ୍କ ଏ ଅବସ୍ଥା ଦେଖି ଲୋକମାନେ ତାଙ୍କ ପାଖେ ଘେରି ଯାଇଥିଲେ । କିନ୍ତୁ ସେତେବେଳକୁ ସେ ମୂକ ପାଲଟି ଯାଇଥିଲେ । ଖାଲି ହାତଠାରି ଲୋକମାନଙ୍କୁ ପାଣିସୁଅ ଆଡ଼େ ଠାରି କ'ଣ କହିବାକୁ ଚେଷ୍ଟା କରୁଥିଲେ । ସମସ୍ତେ ମିଶି ମିଶ୍ରଙ୍କୁ ଘରକୁ ନେଲେ । ସେଇଦିନରୁ ତାଙ୍କର ଆଉ ପାଟି ଫିଟି ନଥିଲା । ଯେଉଁଲୋକର ପାଟି ଶୁଣିବାକୁ ଶହଶହ ଲୋକ ଘଣ୍ଟା ଘଣ୍ଟା ଧରି ଶୀତ କାକରରେ ବସି ରହୁଥିଲେ, ତାଙ୍କରି ପାଟି ସେଇଦିନୁ ପଡ଼ିଗଲା । କେତେଲୋକ ଆସିଲେ ମିଶ୍ରଙ୍କୁ ଦେଖା କରିବାକୁ । ଲୋକମାନଙ୍କୁ ଦେଖି ମିଶ୍ରେ ହାତ ଉଠାଇ ଠାରନ୍ତି,

Digitized by PPRACHIN, SOA

କ'ଣ କହିବାକୁ ଚେଷ୍ଟା କରନ୍ତି, ନ କହିପାରି ଆଖିକୋଣରୁ ତାଙ୍କର ଧାରଧାର ଲୁହ ଗଡ଼ିଯା ।

ଖବର ଗଲା । ମିଶ୍ରଙ୍କୁ ଦେଖିବାକୁ ପୁଅ କି ଝିଅ କେହି ଆସିପାରିଲେ ନାହିଁ । ଆଜି ଦ୍ୱିପ୍ରହର ବେଳକୁ ସାହିଲୋକେ ଦେଖିଲେ ମିଶ୍ରଙ୍କ ପିଣ୍ଡରେ ପ୍ରାଣ ନାହିଁ, କିନ୍ତୁ ତାଙ୍କର ଆଖି ଦି'ଟା ସେମିତି ଗ୍ରହିଁ ରହିଥିଲା ଯେମିତି କହିବାକୁ 'ଆରେ ଭାସିଗଲା, ଆମ ସଂସ୍କୃତି, ପରମ୍ପରା ସବୁଗଲା..... ଗଲା..... !'

ନଟ·ତିଆଡ଼ୀ ଖଣ୍ଡେ ବାଉଁଶ ଧରି ଜୁଇ ନିଆଁକୁ ଗ୍ରରିପଟକୁ ଧରେଇବା ପାଇଁ ଖୋଞ୍ଚା ମାରୁମାରୁ ଗୀତାରୁ ପଦେ ଉଦ୍ଧାର କରି ବୋଲିଲେ -

''ପ୍ରୟାଣ କାଳେ ମନାସା ଚଳେନ
ଭକ୍ତ୍ୟା ଯୁକ୍ତୋ ଯୋଗ ବଳେନ ଚୈବ
ଭ୍ରୁବୌର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍
ସ ତଂ ପରଂ ପୁରୁଷ ମୁପୈତି ଦିବ୍ୟମ୍.....

❖

Digitized by PPRACHIN, SOA

ପେଟରା

ସାହିର ସାତ ଅହିଅ ମାଇପେ କଳା, ସିନ୍ଦୂର, ପାଦରେ ଅଳତା ଲଗାଇ ବାହାରୁ ଥାନ୍ତି ଦିଅଁ ମଙ୍ଗୁଳି ଯିବାପାଇଁ । ଘର ଭିତରୁ ହୁଳହୁଳି ସଙ୍ଗେ ଶଙ୍ଖ ଥରକୁ ଥର ବାଜି ଉଠୁଥାଏ । ନବି ବୁଢ଼ୀ ଦାଣ୍ଡ ପିଣ୍ଡାର କଣ ପଥର ଖୁଣ୍ଟି ଦେହକୁ ଆଉଜି ସମସ୍ତଙ୍କୁ ବହେ ବକି ଦେଇଗଲେ । ଦି ଦିଟା ପିଲାର ମା’ ହେଲେ ବି ଲୁଗା ପିନ୍ଧାରେ ସଣ୍ଣା ନାହିଁ । ବୁଢ଼ୀ, ବୋହୂମାନଙ୍କ ବୋପା ଅଜା ନାଁ ଧରି ତାଙ୍କର ଚଉଦ ପୁରୁଷ ଉଝାଳିଲା ବେଳକୁ, ନାତୁଣୀମାନଙ୍କ ବେଶଭୂଷା ଦେଖି ତାଙ୍କ ଉପରେ ଖଡ୍‌ଗହସ୍ତ । ଆଜିକାଲିକା ପିଲାମାନେ ଘରକରଣା ସଣ୍ଣା ଶିଖିଲେନି । ଯେତେ କହିଲେ କିଛି ଲାଭ ନାହିଁ । ବୁଢ଼ୀ ସେମିତି ପଥର ଖୁଣ୍ଟକୁ ଆଉଜି ପାଟି କରୁଥାଏ । ସାହି ମାଇପେ ସିଆଡ଼କୁ କାନ ନଦେଇ କାଖରେ କଳସ, ମୁଣ୍ଡରେ ନୂଆ ଲୁଗାର ଓଢ଼ଣୀ ପକାଇ ହୁଳହୁଳି ଦେଇ ଘରୁ ଅନୁକୂଳ କରି ବାହାରି ପଡ଼ିଲେ । ଗାଁ ମୁଣ୍ଡ ଗ୍ରାମ ଦେବତୀଙ୍କୁ ଆଗ ମଙ୍ଗୁଳେଇ ସାରିଲେ ବାହା ନିମନ୍ତ୍ରଣ ସ୍ୱରିଆଡ଼କୁ ଯିବ ।

ମାଇପେ ଦଳଟାଯାକ ଘରୁ ବାହାରି ଗଲାପରେ ବାପି ହାତରେ ଖଣ୍ଡେ ଲମ୍ବ ନଡ଼ିଆ ଖଡ଼ିକାର ଝାଡୁ ଧରି ଦାଣ୍ଡ ଘର ଭିତରକୁ ପଶିଲା । ବଡ଼ ଭାଇ ବାହାଘର ଆଉ ଦିନ ସାତଟା । ଦାଣ୍ଡ ଘରଟାକୁ ଝାଡ଼ିଝୁଡ଼ି ସଫା କରି ଚୂନ ଦେଲେ ନୂଆ ଭାଉଜ ଆସିଲେ ସେହି ଘରେ ରହିବେ । କେତେଦିନ ପାଇଁ ସେଇଟା ହେବ ତାଙ୍କ ଘର । ସେ ଘରର ବଡ଼ ବୋହୂ, ପୁଣି କଲେଜ ପଢୁଆ ଝିଅ । ବଡ଼ ଭାଇ ଏ ପର୍ଯ୍ୟନ୍ତ ଗ୍ୱକିରୀରୁ ଛୁଟି ନେଇ ଗାଁକୁ ଆସି ନାହାନ୍ତି । ବାସି ଝାଡୁ ଧରି ଦାଣ୍ଡ ଘରେ ପଶିଲା ବେଳକୁ ନବି ବୁଢ଼ୀ ତା ପଛେ ପଛେ ଦୁଆର ମୁହଁରେ ହାଜର । ଦାଣ୍ଡପଟେ ଦି ବଖରା ଆଟୁ ଘର କେଉଁ ଅମଳର । ସଦେଇ ତିଆଡୀଙ୍କ ଦାଣ୍ଡ ପଟ ଉଚ୍ଚ ଲମ୍ବା ଓଉଫୁଲିଆ ପଥର ଖୁଣ୍ଟି ବସା ଆଟୁ ଘର, କେଉଁ କାଳରୁ ତାଙ୍କୁ ଆଖପାଖ ଦଶଖଣ୍ଡ ମଉଜାରେ ଚିହ୍ନେଇ ଦେଇଛି ଘରୁଆ ଘର ହିସାବରେ । ତିଆଡ଼ୀଏ କେଉଁ କାଳରୁ ସ୍ୱର୍ଗକୁ ଗଲେଣି, କିନ୍ତୁ ନବି ବୁଢ଼ୀ ତାଙ୍କର ସ୍ମୃତିକୁ ଧରି ପଡ଼ି ରହିଛି । ସେ କାଳର ଜିନିଷପତ୍ରରେ ହାତ ଦେଲେ ବୁଢ଼ୀ ଦେହରେ ନିଆଁ ଲାଗିଯାଏ ।

ବାପି ହାତରେ ଖଡ଼ିକା ଝାଡୁଟା ଧରି ଘର ଭିତରେ ପଶିଲା । କେଉଁ କାଳରୁ ଘର ଭିତରେ ପଣସଠାରୁ ଆରମ୍ଭ କରି ମାଟିହାଣ୍ଡି, ଛିଣ୍ଡା କନ୍ଥା ପର୍ଯ୍ୟନ୍ତ ଥୁଆ ହୋଇଛି । ଭାଡ଼ି ଚାରିପଟ ଅଳନ୍ଧୁରେ ଭର୍ତ୍ତି । ବାପି ଖଟ ଉପରେ ଗୋଟେ କାଠ ଟେବୁଲ ପକାଇ ଖଡ଼ିକାରେ ଆଗ ଅଳନ୍ଧୁ ଝାଡ଼ିଲା ପରେ ସେଇ ସାଇତା ହୋଇ ଥୁଆ ହୋଇଥିବା ଜିନିଷମାନଙ୍କୁ ଗୋଟିକ ପରେ ଗୋଟିଏ କାଢ଼ିବାକୁ ଲାଗିଲା । ପୁରୁଣା ଜିନିଷ କାଢ଼ିଲା ବେଳେ କେଉଁ କାଳର ଗୋଟିଏ ଦୁଇସରିଆ କୁମ୍ଭପକା ବେତବୁଣା ପେଟରା ଭିତରେ ଶହଶହ ଅସରପା

Digitized by PPRACHIN, SOA

ବସା ବାନ୍ଧିଥିଲେ । ଦୁଆର ଭିତରେ ପେଟରାଟି ପଡ଼ି ମେଲା ହୋଇଗଲା ବେଳେ ଛୁଆ ପିଲା ଧରି ବର୍ଷବର୍ଷ ଅନାୟାସରେ ବସବାସ କରି ଆସୁଥିବା ଅସରପା ବଂଶଧରମାନେ ପ୍ରାଣ ବିକଳରେ ପୁଣି ଦଳଦଳ ହୋଇ ଘର ଆଡ଼କୁ ମାଡ଼ି ଆସୁଥାନ୍ତି । ଭାଡ଼ି ଉପରୁ ପେଟରା କାଢ଼ିଲା ବେଳରୁ ବାପି ଦେହ ମୁଣ୍ଡରେ ମଧ୍ୟ ସେମାନଙ୍କ ଲଣ୍ଡି ଲେସି ହୋଇ ଯାଇଥିଲା । ପୁରୁଣା ଅସରପା ଡିମ୍ବର ଖୋଳମାନ ତା ମୁଣ୍ଡର ଝାମ୍ପୁଲି ବାଳ ଭିତରେ ଲାଗିରହି ଶୁଖିଲା ଗୋଖରା ଗଛର କଣ୍ଟା ପରି ଦିଶୁଥାଏ । ବାପି ମୁଣ୍ଡକୁ ଝାଡ଼ି ଅସରପା ଲଣ୍ଡି ଆଉ ମୁହଁ ଉପର ଅଳନ୍ଧୁ ସଫା କଲା ବେଳକୁ ବୁଢ଼ୀ ପାଟି କରି ଉଠିଲା - "ହଇରେ ବାପି କ'ଣ କଲୁ, ମୋ ଗ୍ୱରି ପୁରୁଷର ପେଟରାକୁ ବାହାରକୁ ଫୋପାଡ଼ି ଦେଲୁ ? ଆରେ ଅମଙ୍ଗୁଳିଅ ଛତରା, ତତେ କିଏ କହିଲା ମୋ ପେଟରା ଦେହରେ ହାତ ଦେବାକୁ ?" ସେତେବେଳକୁ ପେଟରା ଭିତରୁ ଖଣ୍ଡେ କେଉଁ ଯୁଗର ପୁରୁଣା ହଳଦୀ କାଠୁଆ ଗଡ଼ିଗଡ଼ି ଦୁଆର ମଝିରେ ପଡ଼ିଥାଏ । ପୁରୁଣା କୋଚଟ କନା ବଟୁଆ ଖଣ୍ଡେ ପାଖରେ ପଡ଼ିଥାଏ, ଆଉ ତା ଭିତରୁ ଛୋଟ ବଡ଼ କେତେଟା ଅସରପା ଛୁଆ ଖରା ତାତିରେ ବାହାରୁଥାନ୍ତି । ବଟୁଆ ପାଖକୁ ଲାଗି ଛିଣ୍ଡା ରୂପାର ଗୋଠ ଖଣ୍ଡେ, ଭଙ୍ଗା ଚେପା ମଲ୍ଲ ଦି'ପଟ ଆଉ କାଠ ସିନ୍ଦୂର ଫରୁଆ ପାଖରେ ପୋକଖିଆ ଝିଙ୍କ କାଠି ଗୋଟେ ପଡ଼ିଥାଏ ।

ଅସରପାଗୁଡ଼ାକ ଘର ଆଡ଼କୁ ମାଡ଼ି ଆସୁଥିବାର ଦେଖି ବାପି ସେଇ ଝାଡୁରେ ଯେତେ ଦୂର ପାରେ ସେମାନଙ୍କୁ ଆଡ଼େଇବାରେ ଲାଗିଥାଏ । ନବି ବୁଢ଼ୀର ପାଟି ସେ ପର୍ଯ୍ୟନ୍ତ ବନ୍ଦ ହୋଇ ନଥାଏ । ଖଞ୍ଜା ଭିତର ଚଉଡ଼ା ସିମେଣ୍ଟ ପିଣ୍ଡା ଉପରେ ବସିପଡ଼ି ଦୁଆର ଭିତର ଅଗଣାରେ ଅଧା ଓଲଟି ପଡ଼ିଥିବା ପେଟରା ଆଡ଼େ ଗ୍ୱହିଁ ଭାବୁଥିଲା ତାର ସେଇ ପୁରୁଣା ଦିନର କଥା.......

ତାକୁ ଯେତେବେଳେ ଏଗାର ବର୍ଷ, ତା ଦେଢ଼ୁତା ଆଉ ବାପ ମିଶି ତାକୁ କଣ୍ଡାପଡ଼ା ଶାସନରେ ସଦେଇ ତିଆଡ଼ୀଙ୍କ ସଙ୍ଗେ ଛନ୍ଦି ଦେଲେ । ସଦେଇ ତିଆଡ଼ୀଙ୍କ ବାପେ ସେତେବେଳକୁ ବିଲ ଦଶ ମାଣର ମାଲିକ, ହଳ ବଳଦ, ବାଡ଼ି ପଛରେ ମାଛ ପୋଖରୀ, ଚଳନ୍ତି ପକ୍ଷ ଭାବେ ସେ ପାଞ୍ଚ ମଉଜାରେ ଜଣାଶୁଣା । ସମସ୍ତେ କହିଲେ ମହାପାତ୍ରେ ଭଲ ଘରେ ଝିଅ ଦେଲେ । ଦେହରେ ଦଶହାତି ତନ୍ତୀବୁଣା କୁମ୍ଭପକା କସ୍ତା ଲୁଗା, ଅଣ୍ଟାରେ ଦଶଭରି ଓଜନର ରୂପା ଗୋଠ, ହାତରେ ମଲ୍ଲିଫୁଲ ପକା ମଲ୍ଲ, ଖଡ୍ଡୁ, କାଚ, ବାହାରେ ମଗର ମୁହଁ, ଅନନ୍ତ ବ୍ରତ, ଗୋଡ଼ରେ ପାହୁଡ଼, ଗୋଡ଼ ଖଡ୍ଡୁ, ପାଉଁଜି, ଆଙ୍ଗୁଠିରେ ମୁଦି, କାନରେ କାନଫୁଲ, ଫାସିଆ, ନାକରେ ସୁନା ଗୁଣା, ନୋଥ ପିନ୍ଧି ଏଗାର ବର୍ଷର ନବି ଯେତେବେଳେ ଶାଶୁ ଘରକୁ ଆସିଥିଲା, ସେତେବେଳେ ତା ବୋଉ ଏଇ ପେଟରାଟିରେ ତାର ଶାଶୁ ଘର ଜିନିଷ ସଜେଇ ଦେଇଥିଲେ । ନୂଆ ବୁଣା ପେଟରାଟିକୁ ଅରୁଆ ଗ୍ୱଉଳ ଘୋଟିରେ ହଳଦୀ - ଚୂନ ମିଶା ରଙ୍ଗରେ ରଙ୍ଗେଇ ଦେଇଥିଲେ । ଭିତରେ ଝିଅର ବାକି ଲୁଗା, କାଚ, ହଳଦୀକାଠୁଆଠାରୁ ଆରମ୍ଭ କରି ଜ୍ୱାଇଁ ପାଇଁ ଲୁଗା, ଗାମୁଛା, ପାନବଟା କେତେ କ'ଣ । ଗାଁରୁ ଶାଶୁ ଘରକୁ ବାହାରିଲା ବେଳେ ପ୍ରଥମେ ଏଇ ପେଟରା ଅନୁକୂଳ

Digitized by PPRACHIN, SOA

ହୋଇ ଘରୁ ବାହାରି ଶଗଡ଼ର ଆଗ ମଙ୍ଗ ଉପରେ ସଯତ୍ନରେ ବନ୍ଧା ହୋଇଥିଲା । ଘଣ୍ଟି ଘାଗୁଡ଼ି ପକା ଶଗଡ଼ ଗାଡ଼ିରେ ବସି ଶାଶୁଘରକୁ ଆସିଲାବେଳେ ଏଇ ପେଟରା ଥିଲା ତାଙ୍କର ଯାନି ଯଉତୁକ ଆଉ ବାପ ଘରର ସଙ୍କେତ ।

ବୁଢ଼ୀ ପାଟିକରି କହିଲା "ଆରେ, ବାପି ସେ ଅସରପା ଗୁଡ଼ାକ ଗ୍ୱଲି ଗଲେଣିରେ, ପେଟରାଟା ଖରାରେ ପଡ଼ିଛି । ଜିନିଷଗୁଡ଼ାକ ବାହାରେ ଗଡ଼ୁଛି, ଜଲଦି ଉଠାଇ ଆଣରେ ।" ଘର ଭିତରେ ଥାଇ ବାପି ପାଟି କରି କହିଲା- "ମା, କାହିଁ ଗୋଟେ ପାଟି କରୁଛୁ । ଯେଉଁ ତ ଜିନିଷ । କ'ଣ କରିବୁ ନେଇ ସେ ପୁରୁଣା ହଳଦୀକାଠୁଆ, ପୋକଖିଆ ଝିଙ୍କକାଠି ଆଉ କୋଚଟ କନା ବଟୁଆକୁ ?" ଘର ଭିତରୁ ବାପି କଥା ଶୁଣି ବୁଢ଼ୀ ପାଟି ଦିଗୁଣ କରି କହିଲା, "କ'ଣ କହିଲୁ, କୋଚଟ ବଟୁଆ, ପୋକଖିଆ ଝିଙ୍କକାଠି ? ଆରେ ତୁ ତ ଆଜିକା ମେଞ୍ଚଡ଼ ଟୋକା, ତୁ କ'ଣ ଏ ଘରର ଜିନିଷ ବିଷୟରେ ଜାଣିଛୁ ?" ମୁହଁ ଫେରେଇ ବୁଢ଼ୀ ଓଲଟିପଡ଼ି ଖରାରେ ଗଡ଼ୁଥିବା ହଳଦୀକାଠୁଆ ଆଡ଼େ ଗ୍ୱହିଁଲା । ଆରେ ଏଇତ ସେଇ ହଳଦୀକାଠୁଆ । ତାକୁ ଯେତେବେଳେ ଆଠ ବର୍ଷ, ତା ମା ତାପାଇଁ ତ୍ରିବେଣୀ ଯାତ୍ରାରୁ କିଣିଥିଲା । ପ୍ରତ୍ୟେକ ବର୍ଷ ମାଘମାସ ଅମାବାସ୍ୟାକୁ ପ୍ରାଚୀ ନଈ କୂଳ ତ୍ରିବେଣୀ ଘାଟ ପାଖେ ସାତ ଦିନ ଧରି ଯାତ୍ରା ବସେ । କେତେଆଡ଼ୁ ବେପାରୀ ବଣିକମାନେ ଜିନିଷ ପତ୍ର ଧରି ଏଇ ଯାତ୍ରାକୁ ଆସନ୍ତି, ଶିଳ, ଶିଳପୁଆଠାରୁ ଆରମ୍ଭ କରି କାଠ ଜିନିଷ ପର୍ଯ୍ୟନ୍ତ । ବାହା ପୁଆଣି ପାଇଁ ଗାଁ ଗଣ୍ଡାର ଲୋକମାନେ ଏଇ ଯାତ୍ରାରୁ କାଠ ଜିନିଷ, ପଥର ସଜମାନ କିଣୁ ଥିଲେ । ନବି ବୁଢ଼ୀ ବୋଉ ତାରି ପାଇଁ ଏଇ ହଳଦୀକାଠୁଆ ସାଙ୍ଗେ କେତେ ଖଣ୍ଡ କାଠପାନିଆ କିଣିଥିଲା, ସତୁରୀ କି ପଞ୍ଚସ୍ତରୀ ବର୍ଷ ତଳେ । ଶାଶୁ ଘରକୁ ଅଇଲାବେଳେ ସେ ଏଇ ହଳଦୀକାଠୁଆରୁ ହଳଦୀ ଲଗାଇ ଗାଧୋଇଲା ପରେ, ତା ଭାଉଜମାନେ ମରା ନଡ଼ିଆ ତେଲ ଲଗାଇ କାଠପାନିଆରେ ତା ମୁଣ୍ଡ କୁଣ୍ଡାଇ ବୋହୂବେଶ କରାଇ ଶଗଡ଼ରେ ବସାଇଥିଲେ । ହଳଦୀକାଠୁଆରେ କାଠୁଏ ବଟା ହଳଦୀ ତା ବୋଉ ସାଙ୍ଗରେ ଦେଇଥିଲା । ତିଆଡ଼ୀ ଘରେ ବୋହୂ ହେଲା ପରେ ସେ ଏଇ ହଳଦୀକାଠୁଆରୁ ପୂନିଅ ପର୍ବରେ, ଭଲମନ୍ଦ ଦିନରେ ବର୍ଷ ବର୍ଷ ଧରି ତେଲ ହଳଦୀ ଲଗାଇ ତାର ଜହ୍ନିଫୁଲିଆ ଦେହକୁ ସଜେଇ ତିଆଡ଼ୀଙ୍କ ପାଇଁ ଲୋଭନୀୟ କରି ତୋଳି ଦେଇଥିଲା । ସେଇ ହଳଦୀକାଠୁଆଟା ଖରାରେ ଗଡ଼ୁଥିବା ଦେଖି ତା ମନ ହେଉଥିଲା ନିଜେ ଦୁଆର ଭିତରକୁ ଯାଇ ହଳଦୀକାଠୁଆକୁ ଗୋଟେଇ ଆଣି, ଝାଡ଼ିଝୁଡ଼ି ଦେଇ ପଗ୍ୱରନ୍ତେ "ଆରେ କାଠୁଆ, ଘର କଣରେ ହଳଦୀ ମାଖି ହେଲାବେଳେ ମୋ ଯଉବନଟା ସଦେଇ ତିଆଡ଼ୀ ଦେଖିବା ପୂର୍ବରୁ ତୁ ତ ଦେଖିଥିଲୁ, ଥରେ ନୁହଁ ହଜାର ଥର ଦେଖିଛୁ । ମୋ ଯଉବନର ସାଥୀ ତ ଥିଲୁ ତୁ ।" ବୁଢ଼ୀ ଖୁଣ୍ଟକୁ ଆଉଜି ସେଇ କାଠୁଆ ଆଡ଼େ ଗ୍ୱହିଁଲା । ଉଠି ଗୋଟେଇ ଆଣିବାକୁ ଇଚ୍ଛା ହେଉଥିଲେ ବି ଦେହରେ ବଳ ପାଉ ନଥିଲା । ସିଆଡ଼କୁ ଆଉ ଥରେ ନିରେଖି·ଗ୍ୱହିଁ ସେ ଭାବୁଥିଲା, ଆରେ ସତେତ, ସେ ଦିନର ହଳଦୀକାଠୁଆଟା ପୁରୁଣା ହୋଇ ଗଲାଣି, କେତେ ଜାଗାରେ

Digitized by PPRACHIN, SOA

ପୋକ ଖାଇ ଝୁଣଝୁଣା କରି ଦେଲେଣି । ବାପି ଯାହା କହୁଥିଲା ଠିକ୍ । କ'ଣ ହେବ ସେ ପୋକଖିଆ ହଳଦିକାଠୁଆ ? ଆଜିକାଲି ତାର ଆଉ କ'ଣ ଦରକାର ? କ'ଣ ପାଇଁ ସାଇତା ହୋଇ ରହିବ । କ୍ଷଣକ ପାଇଁ ହଳଦୀକାଠୁଆ ଉପରୁ ମୁହଁ ଫେରାଇ ସେ ନିଜ ଦେହ ଉପରେ ନଜର ବୁଲାଇ ଆଣିଲା । ହଳଦୀକାଠୁଆ ପୋକଖିଆ, ଅଦରକାରୀ, ଆଉ ସେ ?

ତାଙ୍କ କଥା ତାଙ୍କ ମନରେ ଅଛି, ଏତିକିବେଳକୁ ବାପି ଘରୁ ବାହାରି, ଓଲଟି ପଡ଼ିଥିବା ପେଟରା ପାଖେ ଠିଆ ହୋଇ ଖରାରେ ପଡ଼ିଥିବା କୋଚଟ ବଟୁଆଟାକୁ ଖୋଲୁଖୋଲୁ କହିଲା, "ମା - ଦେଖେ ଦେଖେ, କେତେଟା କଣା ପଇସା ଆଉ ରାଣୀ ଭିକ୍ଟୋରିଆ ଅମଳର ତମ୍ବା ପଇସାଟାଏ । ବୁଝିଲୁ ମା, ଏ ପଇସାଗୁଡ଼ାକ କେବେଠାରୁ ଅଚଳ ହୋଇ ଗଲେଣି ।" ବାପି କଥା ଶୁଣି ବୁଢ଼ୀ କହିଲା, "ଆରେ, ଆଣିଲୁ, ଆଡ଼େ ଆଣିଲୁ ସେ ବଟୁଆକୁ ।" ବାପି ବଟୁଆକୁ ଧରି ବୁଢ଼ୀ ହାତକୁ ବଢ଼େଇ ଦେଇ କହିଲା, "ନେ ବଟୁଆକୁ ସାଇତି ରଖ । ସ୍ୱର୍ଗକୁ ଗଲାବେଳକୁ ସାଙ୍ଗରେ ନେଇଯିବୁ ।"

ବାପି ହାତରୁ ବଟୁଆକୁ ନେଲାବେଳେ ବୁଢ଼ୀ ଆଖି ଛଳଛଳ ହୋଇ ଉଠୁଥିଲା । ବଟୁଆକୁ ହାତରେ ଧରି ବୁଢ଼ୀ ଭାବୁଥିଲା - ଏଇ ସେଇ ସଦେଇ ତିଆଡ଼ୀଙ୍କ ବିଦେଶ ଯିବା ବଟୁଆ । ଭିତରେ ଛ' କି ସାତ ମୁଣି । ମୁହଁ ଉପରେ ଆଠ ଦଶ ଘର ଫୁଲି । ଫୁଲି ଭିତରେ ପାଟରାଙ୍କ ହାତ ତିଆରି ସୂତାର ଡୋର । ଦୁଇପଟ ଡୋର ମୁହଁରେ ପିତଳର ଡାଳିମ୍ବ କଡ଼ି, କଡ଼ି ଉପରେ ବାଳକାଟି କଂସାରିଙ୍କ ରାଧାକୃଷ୍ଣ ଖୋଦେଇ କାମ । ବୁଢ଼ୀ ଭାବୁଥିଲା - ଆହା ବଟୁଆଟା ଠାଏ ଠାଏ ଚିରି ଗଲାଣି, ଅସରପା ପଶି କେତେ ଜାଗାରେ କଣା କରି ଦେଲେଣି । ତଥାପି ଏଇ ପୁରୁଣା କୋଚଟ ଦରଛିଣ୍ଡା କନା ବଟୁଆକୁ ହାତରେ ଧରି ଦେଖୁଥିଲା ବେଳେ ତା ଆଗରେ ସଦେଇ ତିଆଡ଼ୀଙ୍କ ସଦ୍ୟ ବିଦେଶ ଫେରନ୍ତା ଦରହସା ମୁହଁଟା ଉଙ୍କି ମାରୁଥିଲା ।

ସଦେଇ ତିଆଡ଼ୀଙ୍କୁ ବୟସ ହେଲା ଦିନରୁ ସେ ବିଦେଶରେ ଦିନ କାଟିଥିଲେ । ପୂର୍ବବଙ୍ଗ ମଇନସିଂ ସହରରେ ତାଙ୍କର ମିଷ୍ଟି ଦୋକାନ । ଦି'ଭାଇ ଆଉ ଲେଖା ଯୋଖାରେ ଶଳା ମିଶି ସେଇ ବଙ୍ଗଳାର ମଇନସିଂ ସହରରେ ମିଷ୍ଟି ଦୋକାନ ଖୋଲିଥିଲେ । ଖୁବ୍ ଭଲ ଚାଲୁଥିଲା । ବରଷକରେ କି ଦି ବରଷରେ ତିଆଡ଼ୀଏ ମାସେ ଦୁଇମାସ ଲାଗି ଗାଁକୁ ଆସୁଥିଲେ । ସେଇ ଦିନଗୁଡ଼ିକ ଥିଲା ତାଙ୍କ ଦାମ୍ପତ୍ୟ ଜୀବନର ଘଟଣା ପ୍ରବାହ ଦିନଗୁଡ଼ିକ । ବାକି ସମୟତକ ସେ ଘରେ ଶାଶୁ, ଶଶୁର, ଦେଢ଼ଶୁର, ଯା, ନଣନ୍ଦ, ଦିଅରମାନଙ୍କ ସଙ୍ଗେ କାଟୁଥିଲେ ।

ସଦେଇ ଯେଉଁ ଦିନ ବିଦେଶରୁ ଆସି ଘରେ ପହଞ୍ଚୁଥିଲେ, ସ୍ତ୍ରୀଙ୍କ ନଜର ପଡୁଥିଲା ଏଇ ବଟୁଆ ଉପରେ । ବଟୁଆରେ ଥିଲା ବିଦେଶୀ ବାଟୋଇଙ୍କ ସବୁକିଛି । ତାରି ଭିତରେ

Digitized by PPRACHIN, SOA

ଗୋଟିଏ ପାଖରେ ଥାଏ ବର୍ଷବର୍ଷର ରୋଜଗାର ଟଙ୍କା ପଇସା, ତାରି ଭିତର ଆଉ ଗୋଟେ ମୁଣିରେ ପାନ, ଚୂନ, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇଫଳ, କେତକୀ ଖଇର ସାଙ୍ଗରେ ସିଂହମୁଖୀ ଗୁଆକାତୀ । ସେଇ ବଟୁଆର ଆଉ ଗୋଟେ ମୁଣିରେ ସ୍ତ୍ରୀ ପାଇଁ ସାଇତି ଆଣିଥିବା ଖଣ୍ଡେଅଧେ ସୁନା ଜିନିଷ । ତା'ଛଡ଼ା ବିଦେଶୀ ବାଟୁଆ ଗାଁକୁ ଆସିଲେ ସେଇ ବଟୁଆ ଭିତରେ ଥାଏ ଗାଁ ସାଙ୍ଗସାଥୀମାନଙ୍କ ପାଇଁ ଭାଙ୍ଗ ଆଠ ଦଶ ଭରି । ସଦେଇ ତିଆଡ଼ୀ ଘରେ ପହଞ୍ଚୁ ପହଞ୍ଚୁ ଏଇ ବଟୁଆଟିକୁ ବଢ଼େଇ ଦେଉଥିଲେ ନବି ହାତକୁ । ସେତିକିରେ ମନ ଭିତରେ ଧରି ବସିଥିବା ବର୍ଷବର୍ଷର ଅଭିମାନ କୁଆଡ଼େ ମିଳେଇଯାଏ । କବାଟ କଣରେ ନବି ଏମିତି କେତେଥର ଏଇ ବଟୁଆକୁ ନ ଦେଖିଛି ? ତିଆଡ଼ୀଏ ବିଦେଶରୁ ବିଡ଼ା ବିଡ଼ା ନୋଟ, ରୂପାଟଙ୍କା, ତମ୍ବା ପଇସା, ସୁକି, ଅଧୁଲି କେତେ ଏଇ ବଟୁଆ ଭିତରେ ଆଣୁ ନଥିଲେ ! ଶାଶୁ; ନଣନ୍ଦଙ୍କ ଭୟରେ କବାଟ କଣରୁ ସେ ଯେତେବେଳେ ତିଆଡ଼ୀଙ୍କ ଆଡ଼େ ହସଫୁଟା ମୁହଁରେ ଗ୍ଡ଼ହୁଁଥିଲା, ତାଙ୍କ ଦାମ୍ପତ୍ୟ ଜୀବନର ଲମ୍ବା ଅନୁପସ୍ଥିତ ଦିନଗୁଡ଼ିକର ଦୁଃଖ କ୍ଳେଶ ସେଇ ମୁହୂର୍ତ୍ତରେ ହିଁ ସେମାନେ ଭୁଲି ଯାଉଥିଲେ ।

ବୁଢ଼ୀ ଭାବୁଥିଲା, ଏଇ ବଟୁଆ ଭିତରୁ ସେ କେତେ ରୂପାଟଙ୍କା ନେଇ ସାଇତି ରଖି ନଥିଲା । ସଦେଇ ସବୁ ଜାଣି ମଧ୍ୟ କେବେ ହେଲେ ମୁହଁ ଖୋଲି ତୁ ପଦେ ହେଲେ କହିନାହାନ୍ତି । ଟଙ୍କା ପଇସା ନେଇ ସେ ବା କାହାକୁ ଦେଇଥାନ୍ତା ? ସାଇତି ରଖିଥିଲା ବୋଲି ତ, ସଦେଇଙ୍କ ଅନ୍ତେ ସେ ନିଜେ ପୁଅକୁ ପାଠ ପଢ଼େଇ ସ୍କୁଲମାଷ୍ଟ୍ର କଲେ, ନାତିମାନଙ୍କୁ ପାଠ ପଢ଼େଇ ଆଜି ଏତୁଟେରୁ ଏତୁଟେ କଲେ । ସେ ପୁଅ ବି ତାରି ଆଗରେ ଗ୍ଲିଗଲା । ଘରେ ବିଧବା ବୋହୂ, ନାତି । ବଡ଼ନାତି ଦିଲ୍ଲୀରୁ ଇଞ୍ଜିନିୟରିଂ ପାଶ୍‌କରି ସେଇଠି ଚାକିରି କରୁଛି । ସାନ ଡାକ୍ତରୀ ପଢୁଛି । ବଡ଼ନାତିର ବାହାଘର ଦିଲ୍ଲୀ ପଢୁଆ ଝିଅ ସଙ୍ଗେ ଆଉ ସାତଦିନ ଭିତରେ ହେବ । ନାତି ନିଜେ ନାତୁଣୀ ବୋହୂ ଠିକ୍ କରିଛି - ସେ ବି ସେଇ ଦିଲ୍ଲୀରେ କେଉଁଠି ପଢୁଥିଲା । ଦିନ କେତେଟା ରହିଲା ପରେ ସେମାନେ ବି ଗ୍ଲିଯିବେ ବିଦେଶକୁ । ସେଇମାନଙ୍କ ଲାଗି ସାନଭାଇ ଘର ସଫା କରୁଛି ତାଙ୍କର ସେଇ ପୁରୁଣା କାଳିଆ ଅଳନ୍ଧୁ ବସା ଆଟୁ ଘରକୁ । ସ୍କୁଲମାଷ୍ଟ୍ର ପୁଅ ତା ଜୀବନକାଳ ଭିତରେ ଘରେ ଚୂନ ଟିକିଏ ମାରିବାକୁ ପଇସା ସୁବିଧା କରିପାରୁ ନଥିଲ । ପିଲାମାନଙ୍କୁ ପାଠ ପଢ଼ାଇ ମଣିଷ କରିବ, ସେଇ ଚିନ୍ତାରେ ସେ କଞ୍ଚା ବୟସରେ ଗ୍ଲିଗଲା ।

ତମ୍ବା ପଇସା କେତେଟାକୁ ହାତରେ ଧରି ବୁଢ଼ୀ ଦେଖୁଥିଲା । ଏ ପଇସା ଏବେ ଅଚଳ ହୋଇ ଗଲାଣି । ତାଙ୍କ ବେଳେ ଏଇ ଗୋଟିଏ ତମ୍ବା ପଇସାର କରାମତି କେତେ ଥିଲା । ଗୋଟିଏ ପଇସାରେ ଦିସେର ବୁଢ଼ା କି ଗଉଣିଏ ମୁଢ଼ି, ଦିଟା ମଣିଷ ଲୁଣ ଟିକିଏ ପକେଇ ଚକଟି ଖାଇ ଦେଉଥିଲେ ଗଲା ଅଧଓଳିଏ । ଏବେ ଏ ପଇସା ଅଚଳ । ତା ହାତ ଉପରେ ପଇସା ଦିଇଟା ଥରିବାକୁ ଲାଗିଲେ - ବୁଢ଼ୀ ହାତଟା ବି ଅଚଳ ହେବାକୁ ଗଲାଣି ।

ବାପି ଖରାରେ ପେଟରାଟିକୁ ଝାଡ଼ିଝୁଡ଼ି ସଫା କରି, ଖରାରେ ପଡ଼ିଥିବା ଜିନିଷ

Digitized by PPRACHIN, SOA

ଗୁଡ଼ିକ ତାରି ଭିତରେ ରଖି ବୁଢ଼ୀ ପାଖେ ଥୋଇଦେଇ କହିଲା, "ନେ ତୋ ସମ୍ପତ୍ତି, ସାଇତିରଖ ।" ପେଟରାଟି ଥୋଇ ଦେଉ ଦେଉ ବାପି କହିଲା, ମା', ଏ ଝିଙ୍କକାଠି କ'ଣ ପାଇଁ ସାଇତି ରଖିଥିଲୁ ? ଝିଙ୍କକାଠି ନାଁ ଶୁଣୁ ଶୁଣୁ ବୁଢ଼ୀ କହିଲା- କାଇଁରେ ସେ କାଠି ? ଦେଖେଇଲୁ ଦେଖେଇଲୁ । ବାପି ପେଟରାକୁ ତାରି ଆଡ଼କୁ ଠେଲିଦେଇ କହିଲା, "ତାରି ଭିତରେ ସବୁ ଅଛି ଦେଖେ । ମୋର ଆଉ ବେଳ ନାହିଁ । ଆଟୁ ଉପରେ ଝଡ଼ାଝଡ଼ି ହେଲେ କାଲି ସକାଳୁ ଚୂନ ଦିଆହେବ । ନହେଲେ ତୋ ଦିଲ୍ଲୀବାଲୀ ନାତୁଣୀ ବୋହୂ ଏ ଘରେ ରହିବ କେମିତି ? ଏତକ କହି ବାପି ଝାଡ଼ୁଟା ଧରି ଘରେ ପଶିଲା ।

ଆଣ୍ଠୁ ଉପରକୁ ଲୁଗା ଖଣ୍ଡିକୁ ଟାଣି ଆଣି ଗୋଡ଼ ଦିଇଟାକୁ ଲମ୍ବାଇ ଦେଇ ବୁଢ଼ୀ ଦେଖୁଥିଲା ପେଟରାର ଗୋଟେ କଣରେ ପଡ଼ିଥିବା ପୋକଖିଆ ଝିଙ୍କକାଠି ଆଡ଼େ । ସେ ଯେତେବେଳେ ଏଇ ଗାଁକୁ ବୋହୂ ହୋଇ ଆସିଲା, ଏଇ ଗାଁ ପାଖକୁ ଲାଗି ଗୋଟେ ବଡ଼ ଜଙ୍ଗଲ ଥିଲା । ଶୀତଦିନେ ବଣୁଆ ଗଛଗୁଡ଼ାକରୁ ପତର ଖସି ପଡ଼େ । ବାଉରି ସାହିର ବାଉରାଣୀଏ ଜଙ୍ଗଲରୁ ଗୋଛା ଗୋଛା ଶୁଖିଲା ପତ୍ର ବଣୁଆ ଲଟି ଦେହରେ ବାନ୍ଧି ଆଣନ୍ତି । ଶୁଖିଲା ପତ୍ର ଜାଳି ଧାନବାମ୍ପା, ଚୁଡ଼ା କୁଟା ହୁଏ । କେତେ ପ୍ରକାର କୋଳି ସେଇ ଜଙ୍ଗଲରେ ନଥିଲା ? ବାଉରାଣୀଏ ଆଣି ଦେଇ ଯାଆନ୍ତି, କହନ୍ତି, "ନିଅ ସାଆନ୍ତାଣୀ, ଏ ମିରିଗି ଗୋଳି, ଆମ୍ବିଳ କରିବ ।" ଗ୍ୱଉଳ ଦି ସେରେ ଦେଲେ ବାଉଁଶିଏ ମିରିଗି କୋଳି ଦେଇ ଯାଉଥିଲେ । ଭଇଁଚ କୋଳି ଆଣି ଦେଇ ଯାଆନ୍ତି । ନବି ତା ଯା, ଛୋଟ ଛୋଟ ନଣନ୍ଦମାନଙ୍କ ସାଙ୍ଗେ ଢିଙ୍କିଶାଳରେ ବସି ଶିତୁଳି ପଡ଼ି ଆସୁଥିବା ଖରାବେଳେ ସେତକ ଶେଷ କରିଦିଅନ୍ତି । ଶାଶୁ, ଖୁଡ଼ୀଶାଶୁମାନେ ଜାଣିଲେ ବାରକଥା କହିବେ । ସେଇ ଜଙ୍ଗଲରେ କେତେ ଜନ୍ତୁଜନ୍ତା ଥିଲେ । ହରିଣ ମିରିଗଠାରୁ ଆରମ୍ଭ କରି କଲରାପତରିଆ ବାଘ ପର୍ଯ୍ୟନ୍ତ । ବାଉରାଣୀଏ ଜଙ୍ଗଲରୁ କୋଳି ଦିନେ କୋଳି, କେନ୍ଦୁ ଦିନେ କେନ୍ଦୁ, ଆମ୍ବ ଦିନେ ଆମ୍ବ ଗୋଟାଇଲା ବେଳେ ଜଙ୍ଗଲରେ ଦେଖିଥିବା ଜନ୍ତୁ ଜନ୍ତାଙ୍କ କଥା ସାଆନ୍ତାଣୀମାନଙ୍କ ଆଗରେ ଏଇ ଢିଙ୍କିଶାଳରେ ବସି ଦିପହରରେ କଥାବାର୍ତ୍ତା ହୁଅନ୍ତି । ସେତେବେଳେ ଧାନ, ଗ୍ୱଉଳ କି ପଇସା ଅଧଲାଏ ଦେଲେ ନବି ଆଉ ତା ଛୋଟ ନଣନ୍ଦମାନେ କୋଳି କିଣୁଥିଲେ, ଆଉ ସେମାନଙ୍କଠାରୁ ମଜା ମଜା ଗପ ଶୁଣୁଥିଲେ । ଏବେ ସେ ଜଙ୍ଗଲ ଆଉ ନାହିଁ । ମାଇଲ ମାଇଲ ଧରି ଜଙ୍ଗଲଗୁଡ଼ାକୁ ବର୍ଷ କେତେଟାରେ କାଟି ସଫା କରିଦେଲେ । ଏବେ ଦାନ୍ତ ଘଷିବାକୁ କାଠି ଖଣ୍ଡେ ମିଳେନି - ଜନ୍ତୁ ଜନ୍ତାଙ୍କ କଥା ଛାଡ଼ ।

ସେଇ ବାଉରାଣୀମାନଙ୍କଠାରୁ ସେ ଶୁଣିଥିଲେ ସେ ଝିଙ୍କକାଠିରେ ସିନ୍ଦୁର ମୁଣ୍ଡରେ ଲଗାଇଲେ, ସ୍ତ୍ରୀ ଲୋକମାନେ ଅହିଅସୁଲକ୍ଷଣୀ ହୁଅନ୍ତି । ମନେମନେ ଝିଙ୍କକାଠି ଖଣ୍ଡେ ଯୋଗାଡ଼ କରିବାକୁ ତାର ଭାରି ଇଚ୍ଛା ହେଲା, କିନ୍ତୁ କହିବ କାହାକୁ ? ସଦେଇ ତିଆଡ଼ୀ ତ ବିଦେଶରେ । ସେଇ ବର୍ଷ ସଦେଇ ତିଆଡ଼ୀ ବିଦେଶରୁ ଅଇଲା ପରେ ନବି ତା ମନକଥା ତାଙ୍କ ଆଗେ କହିଥିଲା, ତାର ଗୋଟେ ଝିଙ୍କ କାଠି ଦରକାର । ବିଦେଶରୁ ଯେତେ ଜିନିଷ

Digitized by PPRACHIN, SOA

ଆଣିଥିଲେ ମଧ୍ୟ ନବିର ସେଥିରେ ମନ ନଥିଲା । ଏତେ ଦିନରେ ଛାର ଖଣ୍ଡେ ଝିଙ୍କ ପାଠି ପାଇଁ ସ୍ୱାର ଅଳିକୁ ପୂରଣ କରିବା ପାଇଁ ତିଆଡ଼ୀଏ କାଠି ଖୋଜି ବାହାରିଲେ । ବାଉରି ସାହି, ପଠାଣ ସାହି କେତେ ଆଡ଼େ ଖୋଜିଲା ପରେ ଖବର ପାଇଲେ ଯେ ସିଂହ ସାହି ଲାଟ୍ ସିଂହଙ୍କ ଘରେ ଝିଙ୍କ କାଠି ମିଳିପାରେ । ଖଣ୍ଡମଣ୍ଡଳରେ ଲାଟ୍ ସିଂହ ବୁଢ଼ା ଜଣାଶୁଣା ଲୋକ । ତାଙ୍କର ଖଣ୍ଡେ ପୁରୁଣା ଖୁନ୍ଦା ବନ୍ଧୁକ ଥାଏ । ପାଖ ଜଙ୍ଗଲରୁ ବୁଢ଼ା ବେଳେବେଳେ ଜନ୍ତୁ ଜୁନ୍ତା ମାରେ ।

ବିଦେଶରୁ ଆଣିଥିବା ଅଉଲ ନମ୍ବର ଗଞ୍ଜେଇ ଦି ଭରି ଧରି ତିଆଡ଼ୀଏ ଲାଟ ସିଂହଙ୍କ ଘରେ ପହଞ୍ଚିଲେ । ଲାଟ୍ ସିଂହେ ତିଆଡ଼ୀଙ୍କୁ ଆଗରୁ ଜାଣନ୍ତି । ଆଉ ଜାଣନ୍ତି ଯେ ସେ ଭଲ ବିଦେଶ ବାଟୁଆ । ସନ୍ଧ୍ୟାବେଳକୁ ଲାଟ୍ ସିଂହଙ୍କ ଘରେ ଭରିଏ ଅଧ ଭରିଏ ଗଞ୍ଜେଇ ଦଳାହୁଏ । ସେ ନିଜେ ଗ୍ୱରିଦମ୍ ମାଇଲେ, ତାଙ୍କ ପାଖ ଲୋକ ଗ୍ୱରିଦମ୍ ମାରନ୍ତି । ଅଉଲ ନମ୍ବର ବିଦେଶୀ ଗଞ୍ଜେଇ ଦେଖି ଲାଟ୍ ସିଂହେ ଖୁସି ହୋଇଗଲେ । ତିଆଡ଼ୀଙ୍କ ସଙ୍ଗେ କେତେଆଡୁ କେତେ କଥାବାର୍ତ୍ତା ପରେ ଲାଟ୍ ସିଂହ ତାଙ୍କ ଭାଗବତ ଗାଦି ପାଖରୁ ଗ୍ୱରିଖଣ୍ଡ ଝିଙ୍କ କାଠି ତିଆଡ଼ୀଙ୍କୁ ଦେଇଥିଲେ ।

ସେ ଦିନ ରାତିରେ ନବିର ଆନନ୍ଦ କହିଲେ ନସରେ । ସମସ୍ତେ ଖାଇ ପିଇ ଶୋଇଲା ପରେ ସେ ସଦେଇଙ୍କ ପାଖେ ଅଳି କରି କହିଥିଲା ଝିଙ୍କକାଠି ଦେବାପାଇଁ । ନବି ବୁଢ଼ୀ ମନେମନେ ଭାବୁଥିଲା, ଏଇ ସେଇ ସିନ୍ଦୂର ଫରୁଆ, ଝିଙ୍କକାଠି, ଯାହାକୁ ତିଆଡ଼ୀଏ ଧରି ଅହିହ ସ୍ୱାର ସର୍ବସ୍ୱ ସିନ୍ଦୂର ଗାର ତା ମୁଣ୍ଡରେ ଟାଣି ଦେଇଥିଲେ । ତିଆଡ଼ୀଏ ବଞ୍ଚିଥିବା ପର୍ଯ୍ୟନ୍ତ ନବି ସେଇ କାଠ ଫରୁଆରୁ ସିନ୍ଦୂର ଝିଙ୍କ କାଠି ଅଗରେ ପିନ୍ଧୁଥିଲା । ସଦେଇ ତାକୁ ଯେଉଁ ଦିନ ଅଧା ବୟସରେ ଛାଡ଼ି ଦେଇ ଗ୍ୱଲିଗଲେ, ସେଇଦିନଠାରୁ ସେ ଆଉ ଝିଙ୍କ କାଠି କି ସିନ୍ଦୂର ଫରୁଆ ଆଡ଼େ ଗ୍ୱହିଁ ନଥିଲେ । ଯା ଭିତରେ କେତେ ବର୍ଷ କୁଆଡ଼େ ପାଣି ପରି ଗ୍ୱଲିଗଲାଣି । ମନ ଭିତରେ ସେଇ ଦିନର ପୁରୁଣା ଛବିଗୁଡ଼ିକ ତା ଆଖି ଆଗରେ ଯେପରି ଜୀବନ୍ତ ହୋଇ ଉଠୁଥିଲା । ସଦେଇକୁ ସେ ଦେଖୁଥିଲା ତାରି ଆଗରେ । ସେମିତିଆ ଗୋରା ତକତକ ଚେହେରା, ରୁମିଆ ଛାତି, ସଦେଇ ହାତ ବଢ଼େଇ ତାକୁ ଟାଣି ନଉଛି, ମୁଣ୍ଡରେ ଗାରେ ସିନ୍ଦୂର ଟାଣି ଦଉଛି, ଆଉ ନବି ତାଙ୍କରି ରୁମିଆ ଛାତି ଉପରେ ମୁଣ୍ଡ ଲଦି ଗୁଣୁଗୁଣୁ ହୋଇ କ'ଣ କହି ଯାଉଛି । ସେ ତାର ଥରିଲା ଥରିଲା ହାତରେ ସିନ୍ଦୂର ଫରୁଆ ଆଉ ଝିଙ୍କ କାଠିକୁ ଧରିବାକୁ ଚେଷ୍ଟା କରୁଥିଲା । ସେଇ ଫରୁଆରେ ଏବେବି ସିନ୍ଦୂର ଲାଗି ରହିଛି, ଝିଙ୍କ କାଠିଟାକୁ କିନ୍ତୁ ପୋକ ଖାଇ ଖୋଳ କରି ଦେଲାଣି । ଅଜଣାରେ ତା ଆଖିକୋଣରୁ ଦି'ଟୋପା ଲୁହ ଗଡ଼ି ପଡ଼ିଲା । ବାପି ସେତେବେଳକୁ ଘର ଝାଡ଼ି ଦାଣ୍ଡ ପଟକୁ ଗଲାଣିବାହାରି । ପେଟରାଟିକୁ ଲୁଗା କାନିରେ ଆଉଥରେ ଝାଡ଼ିଝୁଡ଼ି, ବୁଢ଼ୀ ତାର ଭାଙ୍ଗି ପଡୁଥିବା ଦେହରେ ଆସ୍ତେ ଆସ୍ତେ ଟେକି ନେଇ ଘର କଣରେ ଖଣ୍ଡେ କାଠ ପଟା ଉପରେ ରଖି ଦେଲା ପରେ, ଅଣ୍ଟା ସଳଖି ଠିଆ ହେଲା । ସେ

Digitized by PPRACHIN, SOA

ଯେତେବେଳେ ବୋହୂ ହୋଇ ଏ ଘରକୁ ଆସିଥିଲା, ପେଟରାଟି ଠିକ୍ ଘର କଣରେ ଏଇ ଜାଗାରେ ଥୁଆ ହୋଇଥିଲା । ଠିକ୍ ଜାଗାରେ ପେଟରାକୁ ଦେଖିଲା ପରେ ତାର ଶୁଖିଲା ମୁହଁ ଉପରେ ଟେନାଏ ହସ ଉକୁଟି ଆସୁଥିଲା ।

ନାତୁଣୀ ବୋହୂ ନିବେଦିତା ବାହା ହୋଇ ପ୍ରଥମ ଥର ପାଇଁ ଗାଁରେ ଥାନ୍ତି । ଗାଁରେ କେତେଟା ଦିନ କଟେଇବା ପାଇଁ ସେ ତାଙ୍କର ଖଣ୍ଡେ ଭି.ଆଇ.ପି. ସୁଟକେଶ, ମେକପ୍‌କିଟ୍, ଭ୍ୟାନିଟି କେଶ ସାଙ୍ଗରେ ଧରି ଆସିଥିଲେ । ବାପି ଖଣ୍ଡେ ଲମ୍ବ କାଠ ବେଞ୍ଚ ଉପରେ ଭାଉଜଙ୍କର ସବୁ ଜିନିଷ ସଜେଇ ଘର କଣରେ ରଖି ଦେଇଥାଏ । ନାତୁଣୀ ବୋହୂ ଆସିବାର ଗ୍ରରିଦିନ ପରେ ନବି ଦିନେ ଦିପହର ବେଳେ ସେଇ ଘରକୁ ଯାଇଥିଲା । ବୁଢ଼ୀକୁ ଦେଖି ନିବେଦିତା ଖୁସିରେ ତା ଖଟ ଉପରେ ବସାଇ କହିଲା, ସେ ତାଙ୍କରି ଲାଗି ଗାଁକୁ କେତେଟା ଦିନପାଇଁ ଛୁଟି ନେଇ ଆସିଛି । ଜେଜେମାଙ୍କ ସଙ୍ଗେ ସେ ମୁହଁ ଖୋଲି ପ୍ରଥମ ଥର ପାଇଁ କଥାବାର୍ତ୍ତା ହେବାକୁ ସୁବିଧା ପାଇଛି ।

ଗଲା ଗ୍ରରିଦିନ ଭିତରେ ଖାଇବା ପିଇବା ସାଙ୍ଗକୁ ବନ୍ଧୁ ବାନ୍ଧବଙ୍କ ଭିଡ଼ ଭିତରେ ବୁଢ଼ୀ ସଙ୍ଗେ କଥାବାର୍ତ୍ତା ହେବାକୁ ବେଳ ମିଳି ନଥିଲା । । ଖଟ ଉପରେ ବସାଇ ସେ ବୁଢ଼ୀକୁ କେତେ କଥା ପଗ୍ରରିଗଲା । ଆଜିକାଲିକା ପାଠ ପଢୁଆ ଝିଅଙ୍କ ପାଟିରେ କଥା କହିବାରେ ବାଟୁଳି ବାଜେନି । ନାତୁଣୀବୋହୂର କଥା ଉପରେ ବୁଢ଼ୀ ହଁ, ନାଁ ପଦେ କହିଲା ବେଳେ ତାଙ୍କ ଆଖି ସେଇ ଘର କଣରେ ଥୁଆ ହୋଇଥିବା ପେଟରା ଉପରେ ବୁଲି ଆସୁଥାଏ । ପେଟରାଟିକୁ ଅଜିକାଲିର ସୁନ୍ଦର ଭି.ଆଇ.ପି. ସୁଟକେଶ୍ ଆଉ ଭ୍ୟାନିଟି କେଶ୍ ପାଖରେ ଦେଖିବାକୁ ତାଙ୍କୁ ଯେମିତି ଭାରି ଭଲ ଲାଗୁଥିଲା । ସେ ମନେମନେ ଭାବୁଥିଲେ, ବାପି ଠିକ୍ କରିଥିଲା ପେଟରାଟିକୁ ବାହାରକୁ ଫୋପାଡ଼ି ଦେଇ ।

ତାଙ୍କର ଅନ୍ୟମନସ୍କତା ଲକ୍ଷ୍ୟ କରି ନାତୁଣୀବୋହୂ କହିଲେ, "ମା' କ'ଣ କି ? କାହାକୁ ଏତେ ଦେଖୁଛ ? ମୋ ସୁଟକେଶ୍‌ରେ ମୁଁ କ'ଣ ଆଣିଛି ଦେଖିବ କି ମା ?" ନାତୁଣୀ ବୋହୂର କଥାରେ ନବି ଚମକିପଡ଼ିଲା । ବୋହୂଟା କ'ଣ ଭାବିଥିବ । ସେ ରହି ରହି କହିଲା- ନାଇଁ ମା, ମୁଁ ବାପିକୁ କେତେଥର କହିଲି, ସେ ପେଟରାକୁ ଏ ଘରୁ ବାହାର କରିଦେ । ସେ ଶୁଣିଲାନି । ସେଇ କଣରେ ଥୋଇ ଦେଇଛି

"ପେଟରା-, ପେଟରା କ'ଣ ଜେଜେମା ?" ବୁଢ଼ୀ ଘରର ସେଇ ଅନ୍ଧାରିଆ କଣକୁ ହାତ ବଢ଼ାଇ ଦେଖାଇ ଦେଇ କହିଲା- ସେଇଠି ସେ କେଉଁ କାଳର ପୁରୁଣା ପେଟରାଟା । ମା ଏ ଘରେ କାହିଁକି ରହିବ । ନିବେଦିତା ଘରକଣ ଆଡ଼େ ଯାଇ ଦେଖିଲା, ତା ଭି.ଆଇ.ପି. ସୁଟକେଶ୍ ଥୁଆ ହୋଇଥିବା କାଠ ବେଞ୍ଚ ତଳେ ଖଣ୍ଡେ କାଠ ପଟା ଉପରେ ପେଟରାଟା ଥୁଆ ହୋଇଛି । ଦେଖିବା ପାଇଁ ସେ ତାକୁ ଘର ମଝିକୁ ଟେକି ଆଣିଲା ।

Digitized by PPRACHIN, SOA

ପେଟରାକୁ ଖୋଲି ତା ଭିତରେ ଥିବା ଜିନିଷଗୁଡ଼ିକୁ ଆଗ୍ରହ ସହକାରେ ଦେଖିବାକୁ ଲାଗିଲେ ନିବେଦିତା । ଏଣେ ଖଟ ଉପରେ ବୁଢ଼ୀ ମନ ମାରି ବସିଥାଏ, ଭାବୁଥାଏ କାହିଁକି ସେ ଏ ଜିନିଷଗୁଡ଼ାକୁ ସାଇତି ରଖିଥିଲା... । ଯେଉଁ ତ ଜିନିଷ ?

କିଛି ସମୟ ଦେଖିଲା ପରେ ଦିବେଦିତା କହିଲା - ମା, ଏସବୁ ଜିନିଷ କେଉଁଠୁ ପାଇଲ ? ଏ ତ ସବୁ ଆଣ୍ଟିକ୍ । ଦିଲ୍ଲୀ ଆନ୍ତର୍ଜାତୀୟ ମେଳାରେ ମୁଁ ଏମିତି ପେଟରା, ପୁରୁଣା ଜିନିଷ ଦେଖିଥିଲି । ଦିଲ୍ଲୀର ବଡ଼ବଡ଼ ଆଣ୍ଟିକ୍ ସେଲ କରୁଥିବା ଦୋକାନ ମାନଙ୍କରେ ଏସବୁ ଜିନିଷ ମିଳେ । ବିଦେଶୀ ମାନେ ଶହଶହ ଡଲାର ଦେଇ ଏକୁ ସବୁ କିଣନ୍ତି । ବୁଢ଼ୀ, ନାତୁଣୀବୋହୂ କଥାରୁ କିଛି ନବୁଝି ପାରି ମନେ ମନେ ପ୍ରମାଦ ଗଣୁଥାଏ, କେତେବେଳେ ବୋହୂ କହିବ, ଏ ଘରୁ ପେଟରାଟାକୁ ବାହାର କରି ନେଇଯାଅ । ବୁଢ଼ୀ ପାଖକୁ ନିବେଦିତା ଲାଗି ଆସି କହିଲା-"ଜେଜେମା, ମୋତେ ଏ ପେଟରା ଆଉ ରୁପା ଜିନିଷ ଦେବ ?" ନବି ବୋହୂ ମୁହଁକୁ ଅବାକ୍ ହୋଇ ଚାହିଁଲା । ରହିରହି ବୁଢ଼ୀ କହିଲା - "ତୁ ଏସବୁ ଜିନିଷ କ'ଣ କରିବୁ ମା ? ଏସବୁତ ଏ ଯୁଗରେ ଅଚଳ ହେଲାଣି । କେଉଁ ଯୁଗର ପୁରୁଣା ଜିନିଷ । ତାଙ୍କ କଥା ଶୁଣି ନିବେଦିତା କହିଲା - "ନାଇଁ ମା, ମୁଁ ଏସବୁ ମୋ ସାଙ୍ଗରେ ଦିଲ୍ଲୀ ନେଇଯିବି । ମୋ ପାଖରେ ରଖିବି । ଏସବୁର ମୂଲ୍ୟ ବହୁତ ମା ।"

ତାଙ୍କ କଥା ଶୁଣି ବୁଢ଼ୀ କହିଲା, "ସତ କହୁଛ ମା ? ଏସବୁର ମୂଲ୍ୟ ଅଛି ? ବାପି କହୁଥିଲା ଏସବୁ ଅଚଳ ହୋଇଗଲାଣି । ପୁରୁଣା ।" ବୋହୂ କହିଲା - "ମା, ଆମେ ଯାହାକୁ ପୁରୁଣା କହୁଛେ, ବାହାରେ ତାକୁ ଆଣ୍ଟିକ୍ ବୋଲି କହୁଛନ୍ତି, ଆମେ ଯାହାକୁ ଅଚଳ ବୋଲି କହୁଛେ, ସେଠି ସେସବୁ ବହୁଳ ଭାବେ ପ୍ରଚଳ, ଏଠି ଯେ ମୂଲ୍ୟହୀନ ସେଠି ସେସବୁ ଅମୂଲ । ଓଲଡ଼ ଇଜ୍ ଗୋଲ୍ଡ଼ ମା ।" ବୁଢ଼ୀ ଏକ ଅଜଣା ଆନନ୍ଦରେ ଠିଆ ହୋଇପଡ଼ି କହିଲା, "କ'ଣ କହୁଛୁ ନିତା ଏସବୁର ଆଦର ଅଛି, ମୂଲ୍ୟ ଅଛି ?" ସେ ପାଟିକରି କହିଉଠିଲା - "ଆରେ ବାପି, ଦେଖ୍ ତୋ ଭାଉଜ କ'ଣ କହୁଛି । ତୁ ମୋ ପେଟରାକୁ ଫୋପାଡ଼ି ଦେଉଥିଲୁ ସେ ତାକୁ ଦିଲ୍ଲୀ ନବାକୁ କହିଲାଣି ।" ଏକ ଅକୁହା ଆନନ୍ଦରେ ନବି ବୁଢ଼ୀର ଦେହ ଥରି ଉଠୁଥିଲା, ନିବେଦିତା ଭିତରେ ସେ ତାକୁ ଦେଖୁଥିଲା ଆଉ ଦେଖୁଥିଲା ପେଟରା ଭିତରେ ଭି.ଆଇ.ପି. ସୁଟକେଶ୍ ଗୁଡ଼ିକୁ ।

❖

Digitized by PPRACHIN, SOA

ଯୁଗ ଯନ୍ତ୍ରଣା

ଘାଟରେ ସକାଳର ଦୈନିକ ଓଡ଼ିଆ ଖବର କାଗଜ ଖଣ୍ଡକ ଧରି ରୋଷେଇ ଘରେ ଚା' କରିବାରେ ବ୍ୟସ୍ତଥିବା ପଦ୍ମାବତୀଙ୍କ ଉଦ୍ଦେଶ୍ୟରେ ନଟବର କହିଲେ - "ମୁଁ ଆଜି ଗାଁକୁ ଯିବି ।" ଗ୍ୟାସ୍‌ଚୁଲା ଉପରୁ ଗରମ କେଟଲିଟା ଓହ୍ଲାଇ କପ୍‌ରେ ଚା' ଢାଳୁ ଢାଳୁ ସ୍ତ୍ରୀ ପଦ୍ମାବତୀ କହିଲେ - "ଗାଁକୁ ? ତୁମ ଗାଁ କେଉଁଠି ତୁମେ ଜାଣିଚ ତ ?" ମୁହଁ ଉପରେ ଗାରେ ହସ ଟାଣି ଆଣି ନଟବର କହିଲେ, "ବହୁତ ଦିନ ହେଲା ଭୁଲିଯାଇଥିଲି, ଏବେ ଖୋଜିକି ଦେଖିବି କେମିତି ମୋ ଗାଁ ଅଛି ।" ଜାଣିଛ କି ନାହିଁ ଆଜି ପହିଲି ରଜ, ଜୁନ୍ ଚଉଦ ତାରିଖ । ଗାଁରେ ସମସ୍ତେ ରଜ ମଉଜରେ ମାତିଥିବେ । ଭାବୁଛି - ମୁଁ ଟିକିଏ ଗାଁଆଡ଼େ ବୁଲି ଆସିବି । କେତେ ବାଟ କି ? ଘଣ୍ଟେ ଦେଢ଼ଘଣ୍ଟା ଲାଗିବ ।" ଚା' କପ୍‌ରୁ ଢୋକେ ନେଇ ପଦ୍ମାବତୀ କହିଲେ - "ଗାଁରେ ତୁମକୁ କିଏ ଚିହ୍ନିବ ? ତିରିଶ ବର୍ଷ ହେଲା ଗାଁ ସଙ୍ଗେ ତୁମର ସମ୍ପର୍କ ନାହିଁ, ତୁମକୁ ଚିହ୍ନିଥିବା ଲୋକଙ୍କ ଭିତରୁ ପ୍ରାୟ ସମସ୍ତେ ମରି ହଜି ଯିବେଣି । ସାଇଭାଇମାନେ ଗାଁ ଜମିଜମା ଦଖଲ କରିନେଲେ । ବାପଅଜାଙ୍କ ଘରଖଣ୍ଡିକ ସାନ ଭାଇଙ୍କୁ ଛାଡ଼ିଦେଲ । ସେ ମଲାପରେ ତାଙ୍କ ପିଲାମାନେ ରହିଲେ ବମ୍ବେ, ହାଇଦ୍ରାବାଦ ସହରରେ । ତୁମକୁ ଗାଁରେ ଚିହ୍ନିବ କିଏ ଯେ, ଯିବ ରଜ ମଉଜ କରିବାକୁ ? ଲାଜ ଲାଗୁନି ! ବୁଢ଼ାହୋଇ ଯିବ ପିଲାଙ୍କ ପରି ରଜ ପାଳିବାକୁ ?"

ନଟବର ତ୍ରିପାଠୀଙ୍କ ଜନ୍ମ ଗାଁରେ । ଗାଁ ପାଖ ସ୍କୁଲରୁ ମାଟ୍ରିକ୍ ପାଶ୍ କରି କଟକରେ ଏମ୍.ଏ. ଯାଏ ପଢ଼ିଲେ, ତା'ପରେ ଗଲେ ଦିଲ୍ଲୀ, ଦିଲ୍ଲୀରୁ ଲଣ୍ଡନ । ଲଣ୍ଡନରେ ରହିଲେ ପନ୍ଦର ବର୍ଷ । ଲଣ୍ଡନରୁ ଫେରି ଦିଲ୍ଲୀ ୟୁନିଭରସିଟିରେ ବାକି ସମୟତକ କଟାଇ ଏବେ ରିଟାୟାର ପରେ ଭୁବନେଶ୍ୱରରେ ଖଣ୍ଡେ ଘର କିଣି ରହୁଛନ୍ତି । ପୁ ଝିଅ ରହିଲେ ସେଇପଟେ । ତାଙ୍କ ଜନ୍ମ ଯେଉଁଠି, ତାଙ୍କ ଗାଁ ସେଇଠି । ସେମାନେ ଏପଟକୁ ଫେରିବାକୁ ଇଚ୍ଛା କଲେନି । ପଦ୍ମାଙ୍କ ଇଚ୍ଛା ଥିଲା, ପୁଅବୋହୂଙ୍କ ପାଖେ ଦିଲ୍ଲୀରେ ରହିବାକୁ, ମାତ୍ର ନଟବରଙ୍କ ଜିଦ୍ ଯୋଗୁଁ ସେ ବାଧ୍ୟ ହୋଇ ଭୁବନେଶ୍ୱର ଆସିଲେ । ଅବଶ୍ୟ ଆସିବାର ଆଠମାସ ମଧ୍ୟରେ ଦିଲ୍ଲୀ ଯାଇ ଦୁଇଥର ଫେରିଲେଣି । ସବୁବେଳେ ତାଙ୍କର କୁଆଡ଼େ କହରିମୁଣ୍ଡି ନାତୁଣୀ କଥା ମନେ ପଡୁଛି ।

ପଦ୍ମାଙ୍କ କଥା ଶୁଣି ନଟବର ଗାଧୁଆ ଘରକୁ ଯିବା ପୂର୍ବରୁ କହିଲେ - "ତୁମେ ତ ନାତିନାତୁଣୀମାନଙ୍କୁ ଦିଲ୍ଲୀଯାଇ ଦେଖିଲାବେଳେ ମୁଁ କିଛି କହେନି - ମୁଁ ଏବେ ଗାଁକୁ ବାହାରିଲାବେଳକୁ ତୁମର ଏତେ ଟାହିଟାପରା କାହିଁ ପାଇଁ ? କିଓ, ମୋ ସାଙ୍ଗର କିଏ କେତେ ମରି ହଜି ଯାଇଥିଲେ ବି ହରି ଦାସେ, ମାଗୁଣି ମହାପାତ୍ର, ଗୋପୀ ପଣ୍ଡା ଏବେବି

Digitized by PPRACHIN, SOA

ବଞ୍ଚିଛନ୍ତି ବୋଲି ମୁଁ ଶୁଣିଛି । ଜାଣିଛ, ରଜବେଳେ ଯେ ଯୁଆଡ଼େ ବିଦେଶ ବାଟରେ ରହିଲେ ବି ଗାଁକୁ ଆସିଯାନ୍ତି । ତୁମେ କୁଆଡୁ ଜାଣିବ ରଜ ସମୟରେ ଆମ ଗାଁ ଜେନା ସାହିର ବାଦୀ ପାଲା, ଖଜୁରିଆ ପଡ଼ାର ରାମଲୀଳା, ନରିଶୋ ଗାଁର ଥିଏଟର, ବାଉରିସାହିର ବାଗୁଡ଼ିଖେଳ ।'' ପଦ୍ମା ଜାଣନ୍ତି ନଟବର ଜିଦିଆ ଲୋକ, ଯାହା ବୁଝିଥିବେ ସେଇଆ । ଗାଁକୁ ଯେତେବେଳେ ବାହାରିଲେଣି, ତାଙ୍କୁ ମନା କରିବା ବୋକାମି । ନଟବର ଗାଧୁଆ ଘରେ ପଶିବା ପୂର୍ବରୁ ପଦ୍ମା କହିଲେ - ''ଗାଁକୁ ଯଦି ଯିବ ଯାଅ - ତେବେ ଗୋଟେ ଡ୍ରାଇଭର ଯୋଗାଡ଼ କର । ନିଜେ କ'ଣ ଗାଡ଼ିନେଇ ଗାଁକୁ ଯାଇପାରିବ ?'' ପଦ୍ମାଙ୍କ ମୁହଁରୁ ଏତକ ଶୁଣିଲା ପରେ ନଟବର କହିଲେ -''କିଓ, ଗାଡ଼ିର ଦରକାର କ'ଣ ? ଏବେ ତ ଘଣ୍ଟାକୁ ଘଣ୍ଟା କୁଆଡ଼େ ବସ୍ ଆମ ଗାଁ ମୁଣ୍ଡ ଦେଇ ଯାଉଛି । ମୁଁ ବସ୍‌ରେ ଯିବି - କେତେ ବାଟ କି ?'' ବସ୍‌ରେ ଯିବ, ତୁମ ମୁଣ୍ଡ ଖରାପ ହେଲାଣି ନା କ'ଣ । ଏଇଟା କ'ଣ ଲଣ୍ଡନ ବୋଲି ଭାବିଛ ? ପଦ୍ମା କହିଲେ । ''ଲଣ୍ଡନ ନହେଲେ ବି ଏଇଟା ମୋ ଦେଶ । ମୁଁ ଯିବି ମୋ ଗାଁକୁ । ମୋ ଗାଁ ଲୋକମାନେ ଯେପରି ଯାଉଛନ୍ତି, ମୁଁ ଯିବି ସେମିତି - ସେଇ ବସ୍‌ରେ ।'' ପଦ୍ମା ଲକ୍ଷ୍ୟକଲେ ନଟବରଙ୍କୁ ଏତେ ଦିନ ପରେ ଗାଁ ମାଟିର ମୋହ ଲାଗିଛି । ତାଙ୍କ ମନ ଭିତରେ ଏକ ଅଜଣା ଉନ୍ମାଦନା ସୃଷ୍ଟି ହୋଇଛି । ଯିବେ ଯଦି ଯାଆନ୍ତୁ । ପୂଜାରୀକୁ ଅପେକ୍ଷା ନକରି ପଦ୍ମା ଫ୍ରିଜ୍ ଭିତରୁ ଅଣ୍ଡା ବାହାର କରି ଆମ୍‌ଲେଟ୍ ଆଉ ବ୍ରେଡ୍ ଗରମ କଲା ଭିତରେ ନଟବର ଗାଧୋଇ, ଲୁଗାପଟା ପିନ୍ଧି ଡାଇନିଂ ଟେବୁଲ୍ ପାଖରେ ବସପଡ଼ିଲେ । ବ୍ରେକ୍‌ଫାଷ୍ଟ ଟେବୁଲ ଉପରକୁ ଆଣିଲାବେଳେ ପଦ୍ମା ନଟବରଙ୍କ ବେଶପୋଷାକକୁ ଦେଖି ନ ହସି ରହିପାରିଲେନି । ନଟବର ପିନ୍ଧିଥାନ୍ତି କେଉଁ ଯୁଗର ଖଣ୍ଡେ ପୁରୁଣା ଧୋତି, ପୁରୁଣା ପଞ୍ଜାବି । ବହୁଦିନରୁ ଠାଏ ଠାଏ ଦାଗ ମଧ୍ୟ । ପଦ୍ମାଙ୍କ ମୁହଁରେ ହସ ଦେଖି - ନଟବର ମନକୁ ମନ କହିଲେ, ''କ'ଣ ହେଲା - ମୁଁ ଧୋତି ପିନ୍ଧି ଗାଁକୁ ଯିବିନି, ଆଉ କ'ଣ ଲଣ୍ଡନ ତିଆରି ସୁଟ୍ ପିନ୍ଧି ଯିବି ଗାଁକୁ ? ଗାଁରେ ତ ସମସ୍ତେ ମୋତେ ଏଇ ଧୋତି ପଞ୍ଜାବି ପିନ୍ଧିବାର ଦେଖିଲେ । ଏଇମାନଙ୍କ ଠାରୁ ବିଦାୟ ନେଲା ପରେ ମୁଁ ପିନ୍ଧିଥିଲି ସୁଟ୍ । ଗାଁ ଲୋକ ମୋତେ ସୁଟ୍ ସାର୍ଟରେ ଦେଖି ନାହାନ୍ତି ।''

ବ୍ରେକ୍‌ଫାଷ୍ଟ ଖାଇ ନଟବର ରିକ୍ସା ଧରି ବାହାରିଲେ ବସ୍ ଷ୍ଟାଣ୍ଡ ଆଡ଼େ । ରିକ୍ସାରେ ବସି ସେ ରିକ୍ସାବାଲାକୁ କହିଲେ - ''ଆରେ ଜଲ୍‌ଦି ଚ୍ଲଲ, ବସ୍ ଛାଡ଼ିଦେବ ।'' ରିକ୍ସାଚ୍ଳକ କିପରି ଉଠାଣି ରାସ୍ତାରେ ତା ପାରୁପର୍ଯ୍ୟନ୍ତ ରିକ୍ସା ଟାଣୁଥାଏ । ରିକ୍ସାରେ ବସି ନଟବର ଭାବୁଥାନ୍ତି - ସକାଳୁ ସକାଳୁ ପହିଲି ରଜରେ ଗାଁରେ ନ ପହଞ୍ଚିଲେ ଲାଭ କ'ଣ ? ପହିଲି ରଜର ପୋଡ଼ପିଠା କଥା ତାଙ୍କର ମନେ ପଡ଼ିଲା । ତାଙ୍କ ବୋଉ ଥିଲାବେଳେ ଅନ୍ଧାରୁ ଅନ୍ଧାରୁ ଉଠି, ଗାଧୋଇ ପାଧୋଇ ପୋଡ଼ପିଠା କରୁଥିଲେ । ଯୁଗ ଯୁଗ ଧରି ସେ ପୋଡ଼ପିଠା ଖଣ୍ଡେ ପାଟିରେ ଦେବାର ସୁଯୋଗ ପାଇ ନାହାନ୍ତି । ଆଜାଣତରେ ତାଙ୍କ ପାଟିଟା କିମିତି ଲାଳେଇ ଉଠିଲା । ବିଦେଶରେ ଥିଲାବେଳେ ପିଜା ଜଏଣ୍ଟରେ ପିଜା ଖାଇଛନ୍ତି, ସିଜଲର୍

Digitized by PPRACHIN, SOA

ଖାଇଛନ୍ତି କ'ଣ ନ ଖାଇଛନ୍ତି ? କିନ୍ତୁ ପୋଡ଼ ପିଠା ? ଆହା, ଖଣ୍ଡ ଖଣ୍ଡ ନଡ଼ିଆ ପାତି, ଛେନା, ବିରିଗୁଡ଼ଳରେ ତିଆରି ପୋଡ଼ପିଠାର ସୁଆଦ କେଉଁଠୁ ମିଳିବ ? କେଉଁ ଦେଶରେ ମିଳିବ ? ଘଣ୍ଟି ବଜାଇ ରିକ୍ସାବାଲା କହିଲା, 'ଆଜ୍ଞା, ସେଇଠି କାକଟପୁର ବସ୍ ଠିଆ ହୋଇଛି, ଜଲଦି ଯାଆନ୍ତୁ ।'' କଥା ନକହି ନଟବର ରିକ୍ସାରୁ ଓହ୍ଲାଇ ଖଣ୍ଡେ ଦଶଟଙ୍କିଆ ନୋଟ୍ ରିକ୍ସାବାଲାକୁ ଧରାଇଦେଇ ଠିଆ ହୋଇଥିବା ବସ୍ ଆଡ଼େ ଚାଲିଲେ । ସେତେବେଳକୁ ବସ୍‌ରେ ପୂରା ଲୋକ ବସିଯାଇଥାନ୍ତି । ନଟବର ଖଣ୍ଡେ ସିଟ୍ ଖୋଜି ବସିଲେ ପଛପଟେ । ତାଙ୍କୁ ବା ଚିହ୍ନୁଚି କିଏ ? ଚିହ୍ନିଲେ ବି କ'ଣ ହୋଇଗଲା ।

ନିଆଳୀ ମାଧବ ଗାଡ଼ିର ଯାହା ଅବସ୍ଥା । ସିଟ୍ ଉପର ରେକ୍ସିନ ଛିଣ୍ଡିଯାଇ ପ୍ରାୟ ସମସ୍ତ ଫୋମ୍ ବାହାରି ଯାଇଥାଏ, ବୁଢ଼ା ଦେହକୁ ଧୋକଡ଼ ଚମଡ଼ା ଘୋଡ଼େଇ ରଖିଲା ପରି କାଠସିଟ୍ ଉପରେ ଚିରା ରେକ୍ସିନ୍ ଖଣ୍ଡକ ପଡ଼ିଥାଏ । ଅଳ୍ପ ସମୟ ଭିତରେ ବସ୍‌ରେ ଯାତ୍ରୀମାନେ ଠିଆ ହେବାକୁ ଜାଗା ପାଇଲେନି । ଗାଡ଼ି ଛାଡ଼ିଲା । ଗାଡ଼ି ଛାଡ଼ିଲାବେଳକୁ ଜଣେ ଭଦ୍ରମହିଳା ତାଙ୍କର ଦୁଇଟି ଛୋଟ ଛୁଆଙ୍କୁ ଧରି ଗାଡ଼ି ଭିତରକୁ ପଶିଥିଲେ । ଦୁଆର ମୁହଁରେ ଠିଆ ହୋଇ କଣ୍ଡକ୍ଟର ପାଟି କରୁଥାଏ ପଛକୁ-ପଛକୁ ଚାଲ । ଭିଡ଼ ଠେଲି ପିଲା ଦୁଇଟି ଗାଡ଼ି ସିଟ୍‌କୁ ଧରିଧରି ପଛକୁ ଯାଇ ନଟବରଙ୍କ ପାଖରେ ଠିଆ ହେଲେ । ଛୋଟ ପିଲା ଦୁଇଟିଙ୍କୁ ଭିଡ଼ ଭିତରେ ଠିଆ ହେବାର ଦେଖି ନଟବର ତାଙ୍କ ପାଖରେ ବସିବା ପାଇଁ ଆଡ଼େଇ ଗଲେ । ପିଲା ଦୁଇଜଣ ଟିକିଏ ଜାଗା ପାଇଲାମାତ୍ରେ ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶ ନୀତିରେ ସେମାନଙ୍କ ପାଇଁ ସ୍ଥାନ ଠିକ୍‌କରିନେଲେ । ନଟବର ଅଧେସିଟ୍, ବାକିଅଧେ ବାହାରକୁ ବସିଥିଲା ବେଳେ ପିଲାଙ୍କ ମା ମଧ୍ୟ ଆସି ସେଇଠି ଠିଆ ହେଲେ । ଜଣେ ଭଦ୍ରମହିଳାଙ୍କୁ ପାଖରେ ଠିଆ ହେବା ଦେଖି ନଟବର ନିଜ ସିଟ୍ ଉପରୁ ଉଠି ତାଙ୍କୁ ବସିବାକୁ କହିଲେ । ସେ ଉଠୁ ଉଠୁ ପିଲା ଦି' ଜଣ ତାଙ୍କ ମା'ଙ୍କ ହାତ ଧରି ପ୍ରାୟ ଟାଣି ଟାଣି ନେଇ ତାଙ୍କ ପାଖେ ବସାଇ ଦେଇଥାନ୍ତି । ମହିଳା ଏବଂ ପିଲାମାନଙ୍କୁ ନିଜ ସ୍ଥାନ ଛାଡ଼ି ଦେଇଥିବା ଯୋଗୁଁ ନଟବର ମନେମନେ ଜଣେ ସଚେତନ ନାଗରିକଙ୍କ କାର୍ଯ୍ୟ କରିଛନ୍ତି ବୋଲି ଭାବୁଥିଲେ । ଗାଡ଼ି ଭିତରେ ରଡ୍ ଧରି ଧକଡ଼ ଚକଡ଼ ଭିତରେ ଯାଉଥିଲାବେଳେ ତାଙ୍କର ମନେ ପଡୁଥିଲା ଲଣ୍ଡନ ସହରର ହାଇୱେ ଏକ୍ସପ୍ରେସ କଥା । ସେ ପ୍ରାୟ ମାସକେ ଦୁଇଥର ଲଣ୍ଡନରୁ ଲିଡ଼ସ ସହରକୁ କାର୍ଯ୍ୟରେ ଯାଉଥିଲେ । ଏହି ଡବଲ ଡେକର ଗାଡ଼ିଗୁଡ଼ିକରେ ଯେତିକି ସିଟ୍ ସେତିକି ଯାତ୍ରୀ । ପରିଷ୍କାର ପରିଚ୍ଛନ୍ନ । ନିଜ ସିଟ୍ ପାଖରେ ଗାଡ଼ିର ହସଟେସ୍ ଚା' ବିସ୍କୁଟ ଦେଇ ଯାଆନ୍ତି । ଘଣ୍ଟା କଣ୍ଟାକୁ ଦେଖି ଦେଖି ଗାଡ଼ି ଚାଲେ । ଏଠି ଠିଆ ହେବାକୁ ଜାଗା ଚାଖଣ୍ଡକ ପାଇଁ ଠେଲାପେଲା । କିନ୍ତୁ ନିଜ ଗାଁ କଥା ତାଙ୍କର ମନେ ପଡ଼ିଲାରୁ ସେ ମନକୁ ବୋଧ ଦେଇ ଭାବିଲେ, ସେ ହାଇୱେ ଏକ୍ସପ୍ରେସରେ ଯେମିତି ଶ୍ମଶାନର ନୀରବତା - କାହା ମୁହଁରୁ କଥା ପଦେ ବାହାରୁ ନଥିବ । ଆଉ ଆମ ଗାଁ ନିଆଳୀ-ମାଧବ ଗାଡ଼ି ? ଠେଲପେଲା, ହୋ ହଲ୍ଲା, ଦଳା ଚକଟା, କଥାବାର୍ତ୍ତା - ଜୀବନ ଥିଲା ପରି ଜଣା ପଡ଼େ ।

Digitized by PPRACHIN, SOA

ଗାଡ଼ି ରସୁଲଗଡ଼ ପାରହୋଇ ଫୁଲନଖରାରେ ପହଞ୍ଚୁ ପହଞ୍ଚୁ ପଶି ଆସିଲେ ଯାତ୍ରୀ, ପିଲା, ମାଇପେ, ବୁଢ଼ା ବୁଢ଼ୀ, ସମସ୍ତେ । ନଟବରଙ୍କ ଚିନ୍ତା ଭାଙ୍ଗିଗଲା । ସେ ଦେଖିଲେ ବର୍ଷାଦିନ ନଈବନ୍ଧ ଭାଙ୍ଗିଯିବା ପୂର୍ବରୁ ଗାଁ ଛାଡ଼ି ପଳେଇ ଆସୁଥିବା ଲୋକମାନଙ୍କ ପରି ଏଇ ବସ୍ ଯାତ୍ରୀ ଦଳ, ହାତରେ ଗଣ୍ଠିଲି, ପୁଟୁଳି, ବ୍ୟାଗ୍, ଛତା, ଯାହା ପାଖେ ଯାହା ଥିଲା ଧରି ପଶିଗଲେ । ଅଳ୍ପ ସମୟ ପରେ ନଟବର ଅନୁଭବ କଲେ ତାଙ୍କ ପିଠି ଉପରେ ଗୋଟେ ପରିବା ବ୍ୟାଗର କିଛି ଅଂଶ ଥୁଆ ହୋଇଛି । ଚେଷ୍ଟା କଲେବି ସେ ମୁହଁ ବୁଲାଇ ପଛକୁ ଦେଖି ପାରୁନଥାନ୍ତି ।

ଗାଁମୁଣ୍ଡ ବରଗଛ ତଳେ ଗାଡ଼ି ରହିଲା ପରେ ଠିଆ ହୋଇଥିବା ଯାତ୍ରୀମାନଙ୍କୁ ଆଡ଼େଇ ନଟବର ଗାଡ଼ିରୁ ଓହ୍ଲେଇ ଆଗ ପିଠି ଅଣ୍ଟାକୁ ସଳଖିବାକୁ ଚେଷ୍ଟା କଲେ । ପାନ ଛେପରେ ତାଙ୍କ ପଛପଟ ପଞ୍ଜାବି ନାଲି ପଡ଼ିଯାଇଥାଏ । ପଞ୍ଜାବି ଉପରେ ପାନଛେପ ପକେଇଲେ ତାଙ୍କ ମନରେ ଦୁଃଖ ନଥିଲା । ମାତ୍ର ସେ ଭାବୁଥିଲେ ଯୁଗ ଆସି କେଉଁଠି ହେଲାଣି, ଲୋକମାନେ ଏଇ କେତେ କିଲୋମିଟର ରାସ୍ତା ଟିକିଏ ଆସିବା ପାଇଁ ଗାଡ଼ିଭିତରେ, ଛାତ ଉପରେ, ରୀତିମତ ଲଢ଼େଇ କରୁଛନ୍ତି । ଏସବୁ ଯାତ୍ରୀବାହୀ ଗାଡ଼ି ଗାଡ଼ି ନୁହନ୍ତି - ଗୋଟିଏ ଗୋଟିଏ ମୃତ୍ୟୁର ଯନ୍ତା । ମାଲିକ, ଚାଳକ, ଯାତ୍ରୀ, ରାସ୍ତାଘାଟ ତଦୁପରି ନିୟାମକ ଏବଂ ଆଇନରକ୍ଷକ କେହି କାହାକୁ କମ୍ ନୁହନ୍ତି । ତଥାପି ଚାଲୁଛି - ସତେ ଯେପରି କିଏ ଚଲେଇ ନେଉଛି ।

ଗାଁମୁଣ୍ଡ ବରଗଛ ପାଖରୁ ଗାଁ ଆଡ଼କୁ ଅଧା ମୋରମ୍ ଅଧାମାଟି ରାସ୍ତାରେ ଚାଲିବାକୁ ଆରମ୍ଭ କଲାବେଳେ ସେ ପ୍ରଥମେ ବୁଝିପାରି ନଥିଲେ ଯେ ସେ ଠିକ୍ ରାସ୍ତାରେ କି ଭୁଲ୍ ରାସ୍ତାରେ ଯାଉଛନ୍ତି । ଠିକ୍ ବାଟ ଜାଣିବା ପାଇଁ ସେ ସେଇ ବାଟରେ ଯାଉଥିବା ଗୋଟିଏ ପିଲାକୁ ପଚାରିଲେ - "ଆରେ ବାବୁ ଏ ବାଟ କ'ଣ ଶ୍ରୀରାମପୁର ଗାଁକୁ ପଡ଼ିଛି ?" ତାଙ୍କ କଥା ଶୁଣି ପିଲାଟି ହାତ ଦେଖେଇ କହିଲା - "ହେଇ, ସେ କଲେଜ ଘର ଡେଇଁଗଲେ , ଗାଁ ମହାଦେବ ମନ୍ଦିର - ମନ୍ଦିର ବାଁ ପଟେ ଯେଉଁସବୁ ରାସ୍ତା ପଡ଼ିବ - ସେଇ ରାସ୍ତା ଶ୍ରୀରାମପୁର ଗାଁ ଭିତରକୁ ଯାଇଛି ।" ନଟବର ଚାହିଁଲେ । ଅଳ୍ପ ଦୂରରେ ଗୋଟେ ଲମ୍ବ ଟିଣବାଡ଼ିଆ ଘର । ଚାରିପଟେ ଅମରି ଗଛର ବାଡ଼ । ବୋଧେ ସେଇଟା ତାଙ୍କ ଗାଁ ମହାବିଦ୍ୟାଳୟ । ତାଙ୍କ ପିଲାଦିନର ବିରାଟ ଆମ୍ବ ପଣସ ତୋଟା କାଟି ଏବେ କଲେଜ ଘର ଠିଆ ହୋଇଛି । ସେ କଲେଜ ପାଖ ଦେଇ ଗଲାବେଳେ ଦେଖିଲେ ଲମ୍ବ ଟିଣ ଛାତର ଘର ଖଣ୍ଡେ । ମଝିରେ ତାଳ ତାଟି ଦିଆହୋଇ ବଖରା ହୋଇଛି । କାନ୍ଥରେ ସିମେଣ୍ଟ ସମ୍ପୂର୍ଣ୍ଣ ଭାବେ ମରାହୋଇ ନାହିଁ । ଅମରି ବାଡ଼ ବହୁ ଜାଗାରେ ମେଲା । ଗାଈ, ଗୋରୁ, ଛେଳି, ମେଣ୍ଢା ସମସ୍ତଙ୍କର ଅବାଧ ପ୍ରବେଶ । ଲମ୍ବ ଟିଣ ଛାତ ଘର ପାଖକୁ ଲାଗି ଆଉ ଖଣ୍ଡେ ଗଡ଼ାଣିଆ ଟିଣ ଛାତର ଘର । ସେଇ ଘର କାନ୍ଥ ପାଖରେ ଲେଖା ହୋଇଛି - "ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ" । ଏଇ ଅଞ୍ଚଳର ସାତଶହ ଛାତ୍ରଛାତ୍ରୀଙ୍କ ପାଇଁ ଏ ହେଲା

Digitized by PPRACHIN, SOA

ମହାବିଦ୍ୟାଳୟ । ମହାବିଦ୍ୟାଳୟ ନାଁ ଗୃହାଳି ଘର ? ସେ ଭାବୁଥିଲେ ଏଇ ମହାବିଦ୍ୟାଳୟରୁ ଛାତ୍ର ଛାତ୍ରୀମାନେ ପାଠପଢ଼ି ଗ୍ଲୋବାଲାଇଜେସନ୍‌ରେ ଭାଗ ନେବେ, ଗ୍ଲୋବାଲ ପ୍ରଡ଼କ୍ଟସ ସଙ୍ଗେ କମ୍ପିଟ୍ କରିବେ । ସେ ମୁହଁ ଉଠାଇ ଗାଁ ଆଡ଼େ ଗୃହିଁଲେ । ଗାଁ ମହାଦେବ ମନ୍ଦିରଟା ଦିଶିଲାଣି । ତାଙ୍କ ମନ ଭିତରେ କିଏ କହିଦେଲା - "ହେଲା ହୋ, ତମ ପିଲାବେଳେ ତ ଖଣ୍ଡେ ହାଇସ୍କୁଲ ଦଶକୋଶ ଭିତରେ ନଥିଲା । କଲେଜରେ ପଢ଼ିବ ମାନେ କଟକ କି ପୁରୀ ଯିବାକୁ ପଡୁଥିଲା । ତିରିଶ ବର୍ଷ ତଳେ ଆଖପାଖ ପାଞ୍ଚଖଣ୍ଡ ଗାଁରୁ ସେ ଜଣେ ବି.ଏ. ପାଶ୍ ବାଲା ଥିଲେ । ଏବେ ତ ଏଇ ପାଞ୍ଚଖଣ୍ଡ ଗାଁରୁ ଶହେରୁ ଊର୍ଦ୍ଧ୍ୱ ବି.ଏ. ପାଶ୍ ବଲା ବାହାରିବେ - ତାଙ୍କ ଗାଁ ଆଗେଇବନି କ'ଣ ?" ପଛକୁ ନଗୃହିଁ ଆଗକୁ ଗୃହିଁଲେ । ଆଗରେ ଗାଁ ମହାଦେବଙ୍କ ମନ୍ଦିର । ପାଖରେ ପହଞ୍ଚି ଦେଖିଲେ, ସେମିତି ତାଙ୍କର ପିଲାଦିନ ମନ୍ଦିରଟା ଠିଆ ହୋଇଛି । ଗୋଡ଼ରୁ ଚପଲ କାଢ଼ି ସେ ଆଗେଇ ଗଲେ ବାସୁଆ ଷଣ୍ଢଙ୍କ ପଛପଟକୁ । ସେଇଠୁ ମହାଦେବଙ୍କ ଗମ୍ଭୀରା ଆଡ଼େ ଗୃହିଁଲେ । ଅଧାଭଙ୍ଗା ଯାଉଁଳି କବାଟ ଦିଇଟା ଖଣ୍ଡେ କରିଆ କନାରେ ବନ୍ଧା ହୋଇଛି କୁକୁର ମାନଙ୍କ ଦାଉରୁ ମହାଦେବଙ୍କ ଲିଙ୍ଗକୁ ରକ୍ଷା କରିବା ପାଇଁ । ମନ୍ଦିର ଉପରେ ଅନାବନା ଗଛର ଗୋଟେ ଛୋଟକାଟିଆ ବନ୍‌ସାଇ ଜଙ୍ଗଲ । କେତେ ଜାଗାରେ କାନ୍ଥ ଫଟାଇ ବରଗଛର ଚେର ଗମ୍ଭୀରା ଆଡ଼କୁ ଓହଳି ପଡ଼ିଲେଣି । ପାଖ କଦମ୍ବ.ଗଛଟା ବୁଢ଼ା ହୋଇ ଖୁଣ୍ଟା ଦିଶୁଥାଏ । ସେଦିନର ଚଉଖୁଣ୍ଟିଆ ଗଛଟାର ହାତ ଗୋଡ଼ କାଟି ନେଲା ପରି ଦିଶୁଥାଏ । ଦିନ ଆସି ଦଶଟା ଉପରେ ହୋଇଥିଲେ ମଧ୍ୟ ପହିଲି ରଜରେ ସେ ପର୍ଯ୍ୟନ୍ତ ମହାଦେବ ପାଣି ଟିକିଏ ପାଇ ନଥାନ୍ତି । ନଟବର ଗମ୍ଭୀରା ଭିତରୁ ମୁହଁ ଫେରେଇ ଦେଖିଲେ, ଦୂରରୁ କିଏ ଜଣେ ନଇଁନଇଁ ମନ୍ଦିର ଆଡ଼େ ଆସୁଥାନ୍ତି । ପାଖେଇ ଆସିଲା ପରେ ସେ ଚିହ୍ନିଲେ ପଣ୍ଡା ସାହିର ସୁଦାମ ପଣ୍ଡା । ହାତରେ ଖଣ୍ଡେ ତମ୍ବ ଢାଳ, ଅଣ୍ଟା ଗୃରିପଟେ ଖଣ୍ଡେ ଓଦା ଗାମୁଛା ଗୁଡ଼େଇ ସୁଦାମ ପଣ୍ଡା ମନ୍ଦିରର ଯାଉଁଳି କବାଟ ଖୋଲିଲେ । ସୁଦାମ ପଣ୍ଡାକୁ ଦେଖି ତାଙ୍କର ମନେ ପଡୁଥିଲା ପାଞ୍ଚହାତିଆ ଏଇ ସୁଦାମ ପଣ୍ଡାଙ୍କ କଥା । ଯେଉଁ ବର୍ଷ ଆଷାଢ଼ ମାସରେ ବର୍ଷା ଠିକ୍ ଭାବରେ ହେଉନଥିଲା, ଗାଁବାଲାଏ ସମସ୍ତେ ମିଶି ମହାଦେବଙ୍କ ମନ୍ଦିରରେ ରୁଦ୍ରାଭିଷେକ କରୁଥିଲେ । ପୂଜକ ସୁଦାମ ପଣ୍ଡା ଘଣ୍ଟା ଘଣ୍ଟା ଧରି ହଜାରେ ଆଠ ଗରା ପାଣି ମହାଦେବଙ୍କ ମୁଣ୍ଡରେ ଢାଳୁଥିଲା । ବାସୁଆ ଷଣ୍ଢ ବେକରେ ପାଳ ଦଉଡ଼ା ଲଗାଇ ମହାଦେବଙ୍କ ମନ୍ଦିର ଗୃରିପଟେ ଘୋଷାରୁଥିଲା । ସମସ୍ତଙ୍କ ବିଶ୍ୱାସ, ଏମିତି କଲେ ଇନ୍ଦ୍ର ବର୍ଷା କରେ । ଲୋକ ବିଶ୍ୱାସ - ଏବର ନୁହେଁ ସେ ଯୁଗର । ସେଇ ସୁଦାମ ପଣ୍ଡା ନଇଁନଇଁ ଆସୁଛନ୍ତି । ମନ୍ଦିର ଦୁଆର ମୁହଁ ଖୋଲିଲାବେଳେ ନଟବର ଡାକିଲେ - "ସୁଦାମ ଭାଇନା, କେମିତି ଅଛ ?" ସୁଦାମ ତାଙ୍କ ନାଁ ଶୁଣି ପ୍ରତିଉତ୍ତରରେ କହିଲେ - "କିଏ କି ? ମୁଁ କ'ଣ ଚିହ୍ନି ପାରୁଛି ଭାଇ । ଆଖିକୁ ଆଉ ଭଲ ଦିଶୁନି । କିଏ ତୁମେ ?" ନଟବର ତାଙ୍କ ପରିଚୟ ଦେଲେ । ନଟବରଙ୍କୁ ସେ ଚିହ୍ନନ୍ତି, ପିଲାଦିନରୁ । ଏକା ଗାଁ ପିଲା, ସୁଦାମ ବୟସରେ ଦଶ ପନ୍ଦରବର୍ଷ ବଡ଼ । ସେ ପାଟି କରି ଉଠିଲେ - "ଆରେ କକେଇ କକେଇ ପୁଅ ନଟକିରେ ? ତୁ ପରା ସାତ ଦରିଆ

Digitized by PPRACHIN, SOA

ପାରି ବିଦେଶରେ ଥିଲୁ ? ଆରେ ଏତେ ଦିନପରେ ତୋର ଗାଁ କଥା ମନେ ପଡ଼ିଲା ? ଆରେ ଯେତେ ଯୁଆଡ଼େ ଥାଅ ଇୟେ ହେଲା ଜନ୍ମମାଟି, ମା । ମନେ ପଡ଼ିବନି ?'' କଥା କହି କହି ସୁଦାମ ପଣ୍ଡା ମନ୍ଦିରକୁ ଯିବେ କ'ଣ ନଟବରଙ୍କ ପାଖକୁ ଆଗେଇ ଆସି ଆଖି ମେଲେଇ ଦେଖିବାକୁ ଚେଷ୍ଟା କଲେ । ନଟବରଙ୍କୁ ପାଖରେ ଦେଖି ତାଙ୍କ ଆଖିରୁ ଦୁଇଧାର ଲୁହ ଗଡ଼ିପଡ଼ିଲା । ଓଦାଲୁଗା ପିନ୍ଧି ଠାକୁରଙ୍କ ପାଣିଢାଳ ହାତରେ ଧରି ନଥିଲେ, ସେ ବୋଧେ ତାଙ୍କୁ କୁଣ୍ଢେଇ ପକେଇ ଥାନ୍ତେ । ତାଙ୍କୁ ଦେଖାଇ ସେ କହିଲେ - ''ଆଉ ଦେଖୁଛୁ କ'ଣରେ । କକେଇ କକେଇ, ରାମ ତିଆଡ଼ୀ, ଅପନି ବିଶ୍ୱାଳେ, ବାଳକୃଷ୍ଣ ଜେନା, ଚନ୍ଦ୍ରମଣି ମହାପାତ୍ର ଏମାନେ ବଞ୍ଚିଥିଲେ ଏ ମନ୍ଦିରର ଅବସ୍ଥା କ'ଣ ଏମିତି ହୋଇଥାନ୍ତା ? ଦେଖୁଛୁ - ଆଜି ପହିଲି ରଜ । ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପାଣିଢାଳେ ପଡ଼ିନି । ତୁମେମାନେ ସବୁ ଗାଁ ଛାଡ଼ି ବିଦେଶ ଗଲ - ବାକି ଯେଉଁମାନେ ଗାଁରେ ରହିଲେ, ସମସ୍ତେ ବନିଗଲେ ନେତା । ଠାକୁର ସମ୍ପତ୍ତି ମାରି ଖାଇବା, କୋଠ ସମ୍ପତ୍ତିକୁ ନିଜ ସମ୍ପତ୍ତିରେ ମିଶେଇବା, ଗୋଚର ଜମିକୁ ଦଖଲ କରିବା ନେତାମାନଙ୍କର ହେଲା ସବୁଦିନିଆ କାମ । ଠାକୁରଙ୍କ କଥା ବୁଝିବ କିଏ ? ହଉ ହଉ ଭାଇ ଟିକିଏ ଠିଆହୁଅ, ମୁଁ ଠାକୁରଙ୍କ ମୁଣ୍ଡରେ ପାଣିଢାଳି ବେଲପତ୍ର ଟିକେ ଆଣୁଛି । ଆରେ ଆଜି କେତେବଡ଼ ଦିନଟାରେ ଆସିଛ ।'' ଏତକ କହି ସୁଦାମ ପଣ୍ଡା ମନ୍ଦିର ଭିତରେ ପଶି ପାଟି କରି ଉଠିଲେ - ''ଓଁ ନମଃ ଶିବାୟ ବୁଦ୍ଧିକିଶ୍ୱରେ ମହାଦେବାୟଃ...।'' ନଟବର ଭାବୁଥିଲେ ମନ୍ଦିର ଆଗ ଗ୍ରାମ୍ୟ ସମ୍ପତ୍ତି ପ୍ରତୀକ । ଭଲମନ୍ଦ, ଦୁଃଖ ସୁଖର ସାଥୀ । ବିବାହବେଳେ ବରକନ୍ୟା ଆଗ ଠାକୁରଙ୍କୁ ଦର୍ଶନ କଲାପରେ ଘରେ ପଶୁଥିଲେ । ଯେ କୌଣସି ଶୁଭ କାମରେ ଆଗ ଭାଗ ଠାକୁରଙ୍କର । ନାଲି କନା ଖଣ୍ଡେ ହଉ କି କଳା ଶାଢ଼ୀ ଖଣ୍ଡେ ହେଉ, ଗ୍ରାମ ଦେବତୀଙ୍କୁ ଆଗ ଦିଆଯାଉଥିଲା । ଭଲ ଦିନରେ ଏଇଠି ମେଳା ମଉଛବ କରି ଦିନ କଟୁଥିଲା । ବିପଦ ବେଳେ ମଧ୍ୟ ଗ୍ରାମ୍ୟ ଦେବତାଙ୍କ ଶରଣ ପଶୁଥିଲେ । ନଡ଼ିଆ ଭାଙ୍ଗୁଥିଲେ, ଜଣାଣ କରୁଥିଲେ । ଆମ ସଂସ୍କୃତିରେ ମନ୍ଦିର ଥିଲା ଏକତାର ପୀଠ, ମାତ୍ର ଏବେ ବହୁପରିତ୍ୟକ୍ତ ସଂସ୍କୃତି ଭିତରେ ଗ୍ରାମ ମନ୍ଦିରମାନ ହୋଇଗଲା ଏକ ଅଲୋଡ଼ା ପୀଠ । ସେ ଦେଖୁଥିଲେ, ସୁଦାମ ପଣ୍ଡା ଏକ ମନ ଏକଚିତ୍ତରେ ମହାଦେବଙ୍କ ଲିଙ୍ଗ ଉପରେ ବେଲପତ୍ର ଚଢ଼ାଉଥାନ୍ତି । ସାରା ଗାଁରେ ବୋଧେ ସେଇ ଜଣେ ସେବକ - ମନ୍ଦିରକୁ ଆସନ୍ତି । ଅନ୍ୟମାନେ ଠାକୁରଙ୍କ ସମ୍ପତ୍ତି କିନ୍ତୁ ଖାଇଦେଲେଣି । ତାଙ୍କ ମନରେ ପ୍ରଶ୍ନ ଉଠୁଥିଲା - ''ଏବେ ତ ରାତାରାତି ଲୋକମାନେ ସହରରେ, ରାସ୍ତାକଡ଼ରେ, ବସ୍ତି ମଝିରେ, ବଜାର ଉପରେ, ଗଳିକନ୍ଦି ଭିତରେ ମନ୍ଦିର ତୋଳୁଛନ୍ତି । ଏଣେ ଶହଶହ ବର୍ଷର ପୁରୁଣା ମନ୍ଦିର ଭାଙ୍ଗି ମାଟିରେ ମିଶିଯାଉଛି । ତେବେ କ'ଣ ପାଇଁ ଏ ମନ୍ଦିର ? ଭକ୍ତି ପାଇଁ, ସଂସ୍କୃତି ରକ୍ଷା ପାଇଁ, ନାଁ ଧର୍ମ ନାଁରେ ଭାଣ୍ଡାମିର ଧ୍ୱଜା ଉଡ଼ାଇବା ପାଇଁ ?''

ମନ୍ଦିର ଭିତରୁ ସୁଦାମ ପଣ୍ଡା ବାହାରି ତମ୍ବାଢାଳ ଦେହରୁ ପାଦୁକ ପାଣି ଓ ବେଲପତ୍ର ବଢ଼ାଇଦେଲା । ହାତଧୋଇ ନଟବର ପାଦୁକାପାଣି ବେଲପତ୍ର ତାଙ୍କ ଡାହାଣ

Digitized by PPRACHIN, SOA

ହାତ ପାପୁଲି ଭିତ୍‌ରେ ନେଇ ପାଇଲେ । ପାଦୁକପାଣି ପାଇଲା ପରେ, ତାଙ୍କ ମନ କିମିତି ଏକ ଅଜଣା ପୁଲକରେ ଭରି ଉଠିଲା । ତାଙ୍କ ପିଲାଦିନେ ପ୍ରତ୍ୟେକ ସଂକ୍ରାନ୍ତି ଦିନ, ତାଙ୍କ ବୋଉ ପରା ମଇଁଷି ଲହୁଣି, ଗୁଡ଼ିଆ ଘର ନବାତ, ପାଟକପୂରା, ପାଚିଲା କଦଳୀ ଦେଇ ମହାଦେବଙ୍କ ପାଖେ ପାଣିଲାଗି କରିବା ପାଇଁ ତାଙ୍କ ହାତରେ ପଠାଉଥିଲେ । ମହାଦେବଙ୍କ ଶ୍ରୀଅଙ୍ଗରେ ଲାଗି ହେଲାପରେ, ନବାତ, ଲହୁଣି, କଦଳୀଲଗା ଶ୍ରୀଅଙ୍ଗ ପ୍ରସାଦ ପାଇବାରେ ନଟବରଙ୍କ ଆଶା । କେତେ ସୁଆଦ ସତେ ! ବିଦେଶରେ ଥିଲାବେଳେ ତାଙ୍କ ବିଦେଶୀ ସାଙ୍ଗମାନେ ପଗ୍ଭରୁଥିଲେ ଯେ ଇଣ୍ଡିଆନମାନେ କିମିତି ମନ୍ଦିରର ଏଇ ପଲ୍ୟୁଟେଡ଼ ଓ୍ୱାଟରକୁ ପିଇଯାଉଛନ୍ତି । ପରବର୍ତ୍ତୀ କାଳରେ ତାଙ୍କ ମନରେ ସେମିତି ଏକ ଧାରଣା ସୃଷ୍ଟି ହୋଇ ନଥିଲା ଏ କଥା ନୁହେଁ । ଆଜି ପର୍ଯ୍ୟନ୍ତ ଫିଲ୍ଟର ଓ୍ୱାଟର, ମିନେରାଲ ଓ୍ୱାଟର କିମ୍ବା ସିଝା ପାଣି ଛଡ଼ା କିଛି ପିଅନ୍ତିନି । କିନ୍ତୁ ଆଜି ? ସୁଦାମ ପଣ୍ଡା ତମ୍ବା ଢାଳଟା ବଢ଼ାଉ ବଢ଼ାଉ ତାଙ୍କ ହାତ ଗ୍ଭଲିଗଲା ସେ ପାଦୁକ ପାଣି ଟୋପାକ ପିଇବା ପାଇଁ । କାହିଁକି ? ସତରେ କ'ଣ ଆମର ମନ୍ଦିରର ପାଦୁକ ପାଣି ପଲ୍ୟୁଟେଡ଼- ନାଁ ଆମର ଅଜ୍ଞତା ଆମ ସଂସ୍କୃତି, ଆମ ଚଳଣିକୁ ପଲ୍ୟୁଟେଡ଼ କରିଛି । କିଏ ଭାବୁଛି ସେ କଥା- କିଏ ପଶୁଛି ଗହନ ବନରେ ? ଯାହା ଧଳା ବାଲା କହିଲେ କଳା ବାଲା ତାକୁ ଶସ୍ତାରେ ଗ୍ରହଣ କରିନେଲେ ।

"କେତେଦିନ ରହିବ ନଟ ? ସୁଦାମ ପଣ୍ଡାଙ୍କ ଆନ୍ତରିକ ପ୍ରଶ୍ନ "ଆରେ, ଏତେ ବର୍ଷ ପରେ ଗାଁକୁ ଆସିଛ- ରହିବଟି ଦିନେ ଓଳିଏ ?" ରହିବାକୁ ତ ଆସିଛି ଭାଇନା- ଦେଖିବା । ଆଜି ପରା ପହିଲି ରଜ- ଜେନା ସାହିରେ ବାଦୀପାଲା । ଏବର୍ଷ କିଏ ପାଲାଗାୟକ ଆସୁଛି ? ବାସୁଆ ଷଣ୍ଢ ମୁଣ୍ଡ ଉପରେ ଭାର ଦେଇ ସୁଦାମ ପଣ୍ଡା କହିଲେ- "ଆଉ ସେ ବାଦୀପାଲା ନାହିଁ ରେ ଭାଇ । ଦଶବର୍ଷ ହେଲା ଜେନାସାହି ଦି'ଭାଗ । ପଲିଟିକ୍ସ ପଶିଗଲା ତାଙ୍କ ସାହିରେ । ମାଡ଼ପିଟ୍ ମଡ଼ର ହେଲା । ଅଧେ ସାହି ବାଲା ଏଇଲେ ଜେଲ୍‌ରେ । ପାଲା ଆଜିକି ଦଶବର୍ଷ ହେଲା ବନ୍ଦ । ଜେନା ସାଇଆଙ୍କ ରାଧାକୃଷ୍ଣ ମୂର୍ତ୍ତି କେଉଁଦିନୁ ଗ୍ଭେରି ହୋଇଗଲାଣି । ଜେନା ସାହିର ଶିରି ତୁଟିଗଲାଣି ।" କଥାଟା ଶୁଣୁଶୁଣୁ ନଟବରଙ୍କ ମନଟା ମରିଗଲା । ଜେନା ସାହିର ରଜ ବେଳର ବାଦୀପାଲା ସେ ଖଣ୍ଡମଣ୍ଡଳରେ ବିଖ୍ୟାତ । ବଛାବଛା ପାଲା ଗାୟକ ଆସୁଥିଲେ । ସାତ ରାତି ଧରି ପାଲା ଗ୍ଭଲୁଥିଲା । ଓଡ଼ିଶୀ, ଛାନ୍ଦ, ଚଉପଦୀ, କାବ୍ୟ, ବ୍ୟାକରଣ, ଢଗଢମାଳିର ଆଲୋଚନା ହେଉଥିଲା । ହଜାର ହଜାର ଦର୍ଶକ ରାତିସାରା ଶୁଣୁଥିଲେ, ପ୍ରଶ୍ନ କରୁଥିଲେ ।

ସେ ମନ୍ଦିର ପଛପଟ ଦେଇ ଗାଁ ଭିତରକୁ ଲମ୍ବିଯାଇଥିବା ପାଦଚଲା ରାସ୍ତାରେ ଗ୍ଭଲିଲେ । ବାଟ କଡ଼ରେ ବାଉରି ସାହି । ଦେଖିଲେ ତାଙ୍କ ପିଲାଦିନର ହରିଜନ ସାହି ନାହିଁ । ଭଙ୍ଗାକୁଡ଼ିଆ ଜାଗାରେ ଭଲ ଗ୍ଭଳଘର, କେତେ ଜାଗାରେ ଇଟାକାନ୍ଥ ଉପରେ ଟିଣ ଛପର ଘର । ସାହି ମଝିକୁ ଯାଇଥିବା ରାସ୍ତା ପରିଷ୍କାର, ସାହି ପଛପଟେ ବିଜୁଳି ଲାଇନ୍ । ସାହିର ଛୋଟ ବଡ଼ ଝିଅ ପୁଅ ସୁନ୍ଦର ସୁନ୍ଦର ନୂଆ ରଙ୍ଗ ବେରଙ୍ଗର ଡ୍ରେସ ପିନ୍ଧି ବୁଲୁଥାନ୍ତି ।

Digitized by PPRACHIN, SOA

ସେ ମନେମନେ ଖୁସିହେଲେ ଯେଉଁ ସାଇଟା ତାଙ୍କ ପିଲାଦିନେ ଅତି ଦୟନୀୟ ଅବସ୍ଥାରେ ଥିଲା, ସେଇ ସାହିରେ କିଛିଟା ଉନ୍ନତି ହୋଇଛି ।

ହରିଜନ ସାହି ପାର ହୋଇ ସେ ନିଜ ସାହିରେ ପଶିଲେ । ତାଙ୍କ ଗୋଡ଼ ତଳେ ଲାଗୁ ନଥାଏ । ସେ ଚାରିପଟକୁ ଆଖି ବୁଲାଇ ଚାଲୁଥାନ୍ତି, ସତେ ଯେପରି ଯୁଗ ଯୁଗ ପରେ ସେ ଜନ୍ମ ନେଇଛନ୍ତି ଏଇ ଗାଁ ମାଟିରେ । ଅଳ୍ପଦୂର ଗଲାପରେ ସେ ହଠାତ୍ ଅଟକି ଗଲେ । ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଲା "ଆରେ ଏଠି ତ ବନା ଅଜାଙ୍କ ଘର ଥିଲା ।" ସେ ସେଇପଟକୁ ଚାହିଁଲେ । ମେଲାଡିହ ଖଣ୍ଡେ । ଗାଁ ରାସ୍ତାକୁ ଲାଗି ମାଙ୍କଡ଼ାପଥର ଦିଗାଡ଼ି ଖଣ୍ଡେ ଜମା ହୋଇଛି । ଘରର ଚିହ୍ନବର୍ଣ୍ଣ ନାହିଁ । କିନ୍ତୁ ବନା ଅଜା ଘର ସାମ୍ନାରେ ସେଇ ପୁରୁଣା ଓଉଗଛଟା ଠିକ୍ ସେଇ ଜାଗାରେ ଠିଆ ହୋଇଛି । ସେଇ ପୁରୁଣା ଓଉଗଛକୁ ଚାହିଁଲାବେଳେ ସେଦିନର ବନା ଅଜା ତାଙ୍କ ଆଗରେ ଭାସିଉଠିଲେ । ବନା ଅଜା ଥିଲେ ବେଶ୍ ମଜାଦାରିଆ ଲୋକ । ଗାଁର ଭଲମନ୍ଦରେ ସେ ଆଗ ଅଣ୍ଟାରେ ଲୁଗା ଗୁଡ଼ାଇ ବାହାରି ପଡୁଥିଲେ । ଏଇ ରଜବେଳେ ତାଙ୍କ ଦାଣ୍ଡପିଣ୍ଡାରେ ପଶାପାଲି ପଡୁଥିଲା । ସକାଳୁ ସକାଳୁ ସେ ସମସ୍ତଙ୍କୁ ଡାକି ପଶାପାଲି ଖୋଲୁଥିଲେ । ହାତୀଦାନ୍ତରେ ତିଆରି ତିନିଖଣ୍ଡ ପଶାକାଠି ତାଙ୍କ ଡାକ ଶୁଣୁଥିଲା । ସେ ଥିଲେ ସମସ୍ତଙ୍କ ପାଖରେ ପଶାଖେଳରେ ଶକୁନି । ନପଡ଼ିଲା ଦାନ ତାଙ୍କ ହାତରେ ପଡୁଥିଲା । ରଜବେଳେ ତାଙ୍କରି ପିଣ୍ଡାରେ ଭିଡ଼ ହୁଏ । ପିଲାଠାରୁ ବୁଢ଼ା, ପଶା ତାଆସ ଖେଳ । ବନା ଅଜାଙ୍କ ସ୍ତ୍ରୀ ଛୋଟିଆଈ ତାଙ୍କ ହାତରେ ରଜପାନ ତିଆରି କରି ପଠାନ୍ତି । ଛୋଟିଆଈଙ୍କ ହାତରୁ ପାନ ଖଣ୍ଡେ ଖାଇଥିଲେ ଦିନଟା ଯାକ ପାଟି ମହକୁଥିବ । ସନ୍ଧ୍ୟା ପର୍ଯ୍ୟନ୍ତ ଖେଳ ଚାଲେ । ସେଇଠୁ ସେମାନେ ବାହାରନ୍ତି ଜେନା ସାହିର ବାଦୀପାଲା ଦେଖିବାକୁ । କୁଆଡ଼େ ଗଲା ବନା ଅଜାଘର ? ବାଟରେ ଆସୁଥିବା ସାହିର ଜଣେ ପିଲାଠାରୁ ସେ ବୁଝିଲେ, ବନା ଅଜା ମଲାପରେ ତାଙ୍କ ପୁଅ ଗାଁ ଜମିବାଡ଼ି ବିକି ବର୍ତ୍ତମାନ କଟକ ଆଡ଼େ କଣ୍ଟ୍ରାକ୍ଟରୀ କରୁଛି । ଗାଁ ସହିତ ସମ୍ପର୍କ କେବେଠାରୁ ଛିଣ୍ଡାଇ ଦେଲାଣି । ଘର ଡିହ, ବନାଅଜାଙ୍କ ପୁଅ ମଠସାହି ଧୋବାଲାଚଷା ପୁଅ ପାଣୁଆକୁ ବିକିଦେଇଛି । ପାଣୁଆ ବେସରକାରୀ ବସ୍‌ରେ ଡ୍ରାଇଭର । ଭଲ ଦି'ପଇସା ଉପୁରି ପାଏ । ବନାଅଜାଙ୍କ ଭାଇଆଳିମାନଙ୍କଠାରୁ ବଢ଼ିକରି ସେ ବ୍ରାହ୍ମଣ ଶାସନରେ ଘର କରିବ ବୋଲି ଘରଡିହ କିଣିଲା । ଭାଇ-ଭଗାରିଆ ଘରେ ତାର କଟକ ଆଡୁ ଆଣିଥିବା ଭାରିଯା ସାଙ୍ଗେ କାହାରି ପଡ଼ିଲାନି । ସବୁଦିନ ଯା'ମାନଙ୍କ ଭିତରେ କଳି, ଗାଁ ଦାଣ୍ଡ ପଡ଼େ ଉଠେ । ଲୋକହସାରୁ ତ୍ରାହି ପାଇବାକୁ ପାଣୁଆ ତାଙ୍କ ସାହି ଛାଡ଼ି ଏଇଠି ଘର କରିବ ବୋଲି ମାଙ୍କଡ଼ା ପଥର ଜମେଇଲାଣି । ବ୍ରାହ୍ମଣ ସାହିରେ ଧୋବଲାଚଷା ପୁଅ ଘର କରିବ-କଥାଟା କେମିତି ଲାଗିଲା । ପରେ ତାଙ୍କର ମନେ ପଡ଼ିଲା- ଭୁବନେଶ୍ୱରରେ ତାଙ୍କ ଘରକୁ ଲାଗି ମହେନ୍ଦ୍ର ମଲ୍ଲିକ, ଦାସ ରାଉତ, ଦୋବଲି ସେଠିଙ୍କ ଘର । ସେଥିରେ କ'ଣ ଅଛି ! ଅବଶ୍ୟ ଦେଶ ସ୍ୱାଧୀନ ହେଲା ପରଠାରୁ ଲୋକମାନେ ଜାତିପ୍ରଥାକୁ ଆସ୍ତେ ଆସ୍ତେ ଭୁଲି

Digitized by PPRACHIN, SOA

ଆସୁଥିଲେ, ମାତ୍ର ଏବର ମଣ୍ଡଳ, କମଣ୍ଡଳ ଦଳ ପୁଣି ସେଇ ଜାତିଆଣ ଭାବଟାକୁ ଟାଣି ଓଟାରି ଭର୍ତ୍ତି କରିଦେଲେ ସମାଜ ଭିତରେ । କଥାଟା ଚିନ୍ତା କରୁକରୁ ସେ ଯାଇ ପହଞ୍ଚି ଯାଇଥିଲେ ତାଙ୍କ ଘର ପାଖେ ।

ତାଙ୍କର ପୈତୃକ ସମ୍ପତ୍ତି ଉପରେ ଖଣ୍ଡେ ପୁରୁଣାକାଳିଆ ଚାଳଘର । ବାଉରି ସାହିର ସପନା ବାଉରି ଘରବାଡ଼ିର ଦେଖାଶୁଣା କରେ । ସାନ ଭାଇ ଚାକିରି କରେ ବାହାରେ । ଘରେ ବର୍ଷକ ବାରମାସ ତାଲା । ପିଣ୍ଡା ଉପରକୁ ଉଠୁ ଉଠୁ ଦେଖିଲେ, ତାଙ୍କର ସେଇ ପଥର ଖୁଣ୍ଟ ବସା ଅଧା ସିମେଣ୍ଟ ଅଧା ମାଟି ପିଣ୍ଡା ଛେଳି ନଡ଼ିରେ ଭର୍ତ୍ତି । ଗୋଟେ ଫାଳ କାଛ ମୂଳକୁ ଲଗେଇ ମୂଷା ମାଟିଗାଳି ଜମେଇ ଦେଇଥାନ୍ତି । ଦଦେଇ ପୁଅ ଭାଇମାନେ ତାଙ୍କ ଘର ଅଲଗା କରି ତୋଳିଲାଦିନରୁ ଦୁଆରେ ପାଚେରି ଉଠେଇ ଦେଲେଣି । ତାଙ୍କ ଖଞ୍ଜା ଅଲଗା । ପିଣ୍ଡା ଉପରକୁ ଉଠିପଡ଼ି ସେଇ ମାଟିପିଣ୍ଡା ଉପରେ ବସିପଡ଼ିଲେ ନଟବର । ଗୋଡ଼ଦିଇଟା ପିଣ୍ଡାତଳକୁ ଝୁଲାଇ ଦେଲାପରେ ତାଙ୍କୁ ବହୁତ ଆରାମ ଲାଗିଲା । ତାଙ୍କ ମନଟା ହାଲୁକା ହୋଇଗଲା । ଏଇ ଘରେ, ଏଇ ମାଟିପିଣ୍ଡାରେ ସେ ତାଙ୍କର ପିଲାଦିନ କଟାଇଥିଲେ । ଏଇଠି, ତାଙ୍କର ମା-ବାପ, ଭାଇ-ଭଉଣୀଙ୍କ ସଙ୍ଗେ ତାଙ୍କର ଜୀବନ ଆରମ୍ଭ ହୋଇଥିଲା । ମା-ବାପ ଏଇ ଘରେ ଚାଲିଗଲେ । ଭାଇ, ଭଉଣୀ କିଏ କୁଆଡ଼େ ପେଟ ପୋଷିବା ଆଶାରେ ଚାକିରି ଦିଉଟି ଧରି ଦୂର ଦୂରାନ୍ତକୁ ଗଲେ । ସେ ମଧ୍ୟ ବର୍ଷବର୍ଷ ଧରି କେତେ ଦେଶ, ବିଦେଶ ନ ବୁଲିଛନ୍ତି, କିନ୍ତୁ କାହିଁ ଏପରି ଆନନ୍ଦ ସେ କେଉଁଠି ପାଇ ନଥିଲେ । ତାଙ୍କର ମନ ହେଉଥିଲା, ପିଣ୍ଡା ଉପରେ ଟିକିଏ ଶୋଇପଡ଼ି ମା କୋଳର ଉଷୁମ୍ ପାଇବାକୁ ।

ସେଇ ବାଟଦେଇ ଗଲାବେଳେ ଗୋପୀ ପଣ୍ଡା ଦେଖିଲେ, ଅଲୋଡ଼ା ଘରର ପିଣ୍ଡା ଉପରେ ଜଣେ କିଏ ବସିଛି । ସେ ଦାଣ୍ଡ ଉପରୁ ଘର ଆଡ଼େ ନିରିଖି ଚାହିଁଲେ । ପିଣ୍ଡା ଉପରେ ଥାଇ ନଟବର, ଗୋପୀ ପଣ୍ଡାଙ୍କୁ ଚିହ୍ନିପାରି ପାଟିକରି ଉଠିଲେ- "କିଲ, ଗୋପୀ କିରେ !" ବହୁଦିନ ପରେ କାହା ପାଟି ଶୁଣି ସେ ଘର ପିଣ୍ଡା ଉପରକୁ ଉଠୁଉଠୁ ନଟବର ତାଙ୍କୁ କୋଳାଗ୍ରତ କଲେ । ବହୁଦିନ ପରେ ଦୁଇଜଣଙ୍କର ଦେଖା । ନଟବର ଓ ଗୋପୀ ସମସାମୟିକ । ଗାଁ ସ୍କୁଲରେ ସାଙ୍ଗ ହୋଇ ପଢୁଥିଲେ । ଗାଁ ଛାଡ଼ିଲା ଦିନଠାରୁ, ନଟବରଙ୍କ ତାଙ୍କ ସଙ୍ଗେ ଦେଖା ହୋଇ ନଥିଲା । ଗୋପୀ କହିଲେ- "ଆରେ ଏଠି କାହିଁକି କୁଆଡୁ ଆସିଲା ପରି ବସିଛୁ ? ଚାଲ୍, ଆମ ଘରକୁ ଯିବା । ସେଇଠୁ ସବନା ବାଉରିକୁ ଖବର ଦବା ଘର ଚାବି ଆଣିବାକୁ । କେତେ କୁଆଡୁ ବୁଲି ବୁଲି ଏତେ ଦିନପରେ ତୋର ଗାଁ କଥା ମନେ ପଡ଼ିଲା ? କଥାବାର୍ତ୍ତା ହୋଇ ଗଲାବେଳେ ନଟବର କହିଲେ- "ନାହିଁ ଭାଇ, ଭୁବନେଶ୍ୱରରେ ରହିଲା ପରେ କେତେଥର ଭାବିଲିଣି ଗାଁଆଡ଼େ ଆସିବାକୁ । ଭାବିଲି ଆଜି ପହିଲି ରଜ, ଗାଁ ଆଡ଼େ ଟିକିଏ ବୁଲି ଆସିବି । କାଇଁ, ରଜ ପାଳିବାର ତ କାହାକୁ ଦେଖୁନି !"

Digitized by PPRACHIN, SOA

ଗୋପୀ ପଣ୍ଡା କହିଲେ- ''ସେଦିନର ରଜ ଆଉ କାଇଁରେ ଭାଇ ? ଏଇଲେ ଆମ ଗାଁରେ ତିନିଦଳ । ମୁଁ ସରପଞ୍ଚ ଥିଲି କଂଗ୍ରେସ ଦଳ ସମର୍ଥନରେ । ଜନତାବାଲା ମୋ ଦଳର ଲୋକଙ୍କୁ ଧମକ ଦେଇ, ପଇସା ଦେଇ ଆରସାହି ଘନ ବିଶ୍ୱାଳକୁ ସରପଞ୍ଚ କଲେ । ଆଚେ ଭାଲ, ସରପଞ୍ଚ ହଉ ନହଉଣୁ ସହର ଯୋଜନାରେ ଯେତେଟଙ୍କା ଆସିଲା, ଶଳା ସବୁ ମାରିଖାଇ ଗଲେ । ଦେଖୁନୁ, ଗାଁ ଦାଣ୍ଡରେ ମୋହରମ ପକା ହେବାକୁ ପନ୍ଦର ହଜାର ଟଙ୍କା ସାଂକସନ୍ ହେଲା । ଗୋଟିଏ ଟ୍ରକ୍ ମୋରମ୍ ଛିଞ୍ଚିଦେଇ କଣ୍ଟ୍ରାକ୍ଟର ପାର୍ । ସରପଞ୍ଚ ନେଲେ ଅଧେ ଏମ୍.ଏଲ୍.ଏ.ଙ୍କ ଭାଗ । ଦେଶଟାକୁ ଲୁଟି କରିଦେଲେ । ମୁଁ କ'ଣ ଛାଡ଼ିଦେବି ? ସରପଞ୍ଚ ନିର୍ବାଚନ କେସ୍ ବର୍ତ୍ତମାନ ହାଇକୋର୍ଟରେ ପଡ଼ିଛି । ଦେଖିବା କେତେବାଟ ଯିବେ । ଆମ ଦଳ ଆସିଲେ ଦଳେ ସେପଟକୁ ଡେଇଁଛନ୍ତି, ସମସ୍ତେ ପୁଣି ଏପଟକୁ ଡେଇଁବେ । ନଟବର ବୁଝିଗଲେ, କ'ଣ ପାଇଁ ଜେନା ସାହିରେ ବାଦୀପାଲା ବନ୍ଦ ଆଉ ତାଙ୍କ ସାହିରେ ରଜ ପର୍ବର ସୋର ଶବ୍ଦ ନାହିଁ । ଦାଣ୍ଡପିଣ୍ଡା ଉପରେ ସଉପ ମଶିଣା ଖଣ୍ଡେ ଲମ୍ବେଇ ଦେଉଦେଉ ଗୋପୀ ପାଟିକରି କହିଲେ- ''ଆଲୋ ସୁରିଆବୋଉ- ଦେଖ ଦେଖ ପହିଲି ରଜରେ କିଏ ଏ ଅପୂର୍ବ ଆସି ପହଞ୍ଚିଲେଣି । ଆହେ, ରଜ ପାନ ଖଣ୍ଡେ ଆଣ ! ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏତକ କହିଲା ପରେ, ଗୋପୀ ନଟବରଙ୍କ ଆଡ଼େ ମୁହଁ ବୁଲେଇ କହିଲେ- ''ବୁଝିଲ ଭାଇ, ତୁମେମାନେ ତ ବିଦେଶରେ ରହିଲ । ଆମେସବୁ ଏ ଗାଁଗଣ୍ଡାରେ ରହି ବଡ଼ ହନ୍ତସନ୍ତ ହେଉଛୁ । ପୁରୁଣାକୁ ରଖି ପାରୁନୁ କି ନୂଆକୁ ନେଇ ଚଳିପାରୁନୁ । ଗାଁରେ ବେକାର ସଂଖ୍ୟା ଏତେ ହେଲାଣି ଯେ, କଥା କଥାକେ ଟୋକାମାନେ ଠେଙ୍ଗା ବାଡ଼ି ଧରି ହାଜର । ଦଳଗତ ସମର୍ଥନ । ଗାଁରେ ଚୋରିହାରି ଆମ ପିଲାଦିନେ କେଉଁଠି ଥିଲା ? ପାଣୁଆ ଚୌକିଦାର ଥରେ ପାଟି କରିଦେଇ ଗଲେ ରାତି କଟିଯାଉଥିଲା । ଏବେ ସନ୍ଧ୍ୟା ନହେଉଣୁ ଘର କବାଟ ନଦେଲେ ଘରକୁ ଲାଣ୍ଡୁ କରିଦେବେ । ନଡ଼ିଆଗଛରେ କେବେ ନଡ଼ିଆ ରହୁନି । ପୋଖରୀ କଥା ତ ଛାଡ଼ । କହିଲେ ବିଷ ଧକେଇ ଦେବେ । ଗାଁର ଉନ୍ନତି କଥା ତ ଦେଖୁଛୁ ? ବିଜୁଳି ଅଛି ଆଲୁଅ ନାହିଁ । ସମସ୍ତେ ସନ୍ଧ୍ୟା ବୁଡ଼ୁବୁଡ଼ୁ ହୁକ ପକେଇ ଜାଳିବେ । ଲାଇନ୍‌ମ୍ୟାନ୍ ଆସିଲେ ମାଡ଼ । କହିବେ ନଡ଼ିଆ ଯୋଡ଼େ ନେ କି ବାଇଗଣ କେଜିଏ, ଧ, ନହେଲେ ତଣ୍ଟିଆ ଖାଇ ଯା । ଗୋଟେ ଲାଇନ୍‌ମ୍ୟାନ୍ ସେ କ'ଣ କରିବ ?

ଗୋପୀ କହି ଚାଲିଥାନ୍ତି । କଥା ଭିତରେ ନଟ ପଚାରିଲେ- ''ତା'ହେଲେ, ଏବେ ଆଉ ରଜକୁ ଯାତ୍ରା, ଥିଏଟର, ପାଲା, ସବୁ ବନ୍ଦ ? '' ''ଯାତ୍ରା, ଥିଏଟର ? ଏବେ ସନ୍ଧ୍ୟା ବୁଡ଼ୁବୁଡ଼ୁ ନିଆଳୀ ବଜାରରେ ଭିଡ଼ିଓ ଶୋ ଚାଲିଛି । ରାତିରେ ତିନି ତିନିଟା ଶୋ । ରାତିଯାକ ଚାଲିବ । ବଜାର ଉପରେ ତିନିତିନିଟା ବିଦେଶୀ ମଦ ଦୋକାନ- ରାତିସାରା ଖୋଲା । ମଦ ପିଇବେ, ଭିଡ଼ିଓ ଶୋ ଦେଖିବେ, ପାଖରେ ଢାବାରୁ କୁକୁଡ଼ା ମାଂସ, ତଡ଼କା ତନ୍ଦୁରୁ ରୁଟି ଖାଇବେ । ତାକୁ ଛାଡ଼ି ଏଠି କିଏ ପୋଡ଼ପିଠା ଖାଉଛିରେ, ଝରକା ବାଟେ ସୁରବୋଉ ଭଙ୍ଗା ପାନ ଦି'ଖଣ୍ଡ ବଢ଼ାଇଦେଲେ । ଖଣ୍ଡେ ପାନ ନିଜ ପାଟିରେ ପୂରାଇ,

Digitized by PPRACHIN, SOA

ଆରଖଣ୍ଡକ ନଟବର ହାତକୁ ବଢ଼ାଉ ବଢ଼ାଉ ଗୋପୀ କହିଲେ- ନେ ଭାଇ, ରଜ ପାନ ଖଣ୍ଡେ ଖା- ସୁରିଆବୋଉ ଦେଇଛି । ପାନ ଖଣ୍ଡକୁ ହାତରେ ଧରି ନଟବର ବାହାରିଲେ ପୁଣି ସେଇ ବସ୍‌ଷ୍ଟାଣ୍ଡ ଆଡ଼େ । କ'ଣ ପାଇଁ ଆଉ ଗାଁରେ ରହିବେ ? ଏତେ ବଡ଼ ଗାଁରେ କେହିହେଲେ ରଜ ଭଳିଆ ପର୍ବରେ ମନ ଖୋଲି ଡାକିଲେନି । ସବୁ ଯେମିତି ଉପର ଠାଉରିଆ । ଯେଉଁ ରଜ ପର୍ବ ଦେଖିବାକୁ ସେ ବହୁଦିନର ସ୍ମୃତି ନେଇ ଆସିଥିଲେ, ସେ ସ୍ମୃତି ଏବେ ବିସ୍ମୃତି ଗର୍ଭକୁ ଚାଲିଗଲାଣି । ଫେରିଲା ବାଟରେ ସେ ଆଉ ଥରେ ତାଙ୍କ ଘର ଆଡ଼େ ମୁହଁ ବୁଲାଇ ଚାହିଁଲେ । ତାଙ୍କ ଘର ସାମ୍ନାରେ ରମାଭାଇନାଙ୍କ ଘର । ସେଇ ପୁରୁଣା ଘର, ଅଧା ଭଙ୍ଗା ସିମେଣ୍ଟ ପିଣ୍ଡା- ତାଙ୍କ ଘରେ ବି ତାଲା । ରମା ଭାଇନାଙ୍କ ଘରକୁ ଦେଖି ନଟବରଙ୍କ ଏମିତି ଗୋଟିଏ ପହିଲି ରଜର ଘଟଣା ମନେ ପଡୁଥିଲା । ତାଙ୍କ ପାଖ ଗାଁ ନରିଶୋରୁ ସେ ବର୍ଷ କେତେ ଝିଅ ରଜ ବୁଲି ଆସିଥାନ୍ତି କୁନ ଭାଉଜଙ୍କ ଘରକୁ । କୁନ ଭାଉଜ ନରିଶୋ ଗାଁର ଝିଅ । ବାହା ହୋଇ ରାମ ଭାଇନା ଘରକୁ ଆସିଥାନ୍ତି ବର୍ଷକ ତଳେ । ତାଙ୍କରି ଭିତରେ ଥିଲା ଶେଫାଳୀ । ଡେଙ୍ଗୀ ହୋଇ ଗୋରୀ ଝିଅଟେ, ପିନ୍ଧିଥିଲା ଫୁଲପକା ଫ୍ରକ୍, ମୁଣ୍ଡରେ ବିନ୍ଦୁବିନ୍ଦୁ କୁଙ୍କୁମ ଆଉ ଚନ୍ଦନ ଟୋପା, ପାନ ଖାଇ ଓଠ ଦୁଇଟି ନାଲ ଟୁକୁଟୁକୁ ହୋଇଯାଇଥାଏ । ସେ ସେତେବେଳେ କଲେଜରେ ପଢୁଥାନ୍ତି । କୁନ ଭାଉଜ ନଟବରଙ୍କୁ ଦେଖି ତାଙ୍କ ଗାଁ ଝିଅମାନଙ୍କୁ ଚିହ୍ନେଇ ଦେଇ କହିଲେ- ଇଏ ହେଲା ମୋ କକେଇ ଝିଅ ଭଉଣୀ ସାବିତ୍ରୀ । ଆମ ଗାଁ ହର ମଉସାଙ୍କ ଝିଅ ବନାନୀ, ଏଇ ଆମ ଗୋପାଳ ଦଦେଇଙ୍କ ଝିଅ ଶେଫାଳୀ ମାଟ୍ରିକ୍ ପଢୁଛି । ସୁନ୍ଦର ଦିଶୁନି ?'' କହି କୁନଭାଉଜ ହସିଦେଇଥିଲେ । କିଶୋରୀ ଶେଫାଳୀର ଗୋରାମୁହଁଟା ନାଲି ପଡ଼ିଯାଇଥିଲା । ସେ ମୁହଁ ତଳକୁ କରି ଠିଆ ହେଲାବେଳେ, କୁନଭାଉଜ କହିଲେ, ଇଏ ମୋ ଦିଅର ନଟ, କଟକରେ ଏମ.ଏ. ପଢୁଛନ୍ତି । ସମସ୍ତଙ୍କ ମଧ୍ୟରୁ ଶେଫାଳୀ ମୁଣ୍ଡଟେକି ଚାହିଁଥିଲା ତାଙ୍କ ଆଡ଼େ । କୁନ ଭାଉଜ ଘରୁ ଆସିଲା ପରେ ନଟବରଙ୍କ ମନରେ ଶେଫାଳୀ ମୁହଁଟି ଭାସିଉଠିଥିଲା । ତାଙ୍କ ବାଡ଼ପାଖ ଗୋଲାପ ଗଛରୁ ଗୋଟିଏ ଲାଲ ଗୋଲାପ ତୋଳି ସେ ତାଙ୍କ କକେଇଝିଅ ଭଉଣୀ କନକ ହାତରେ ଶେଫାଳୀ ପାଖକୁ ପଠାଇଥିଲେ । କନକ ହାତରୁ ଫୁଲଟି ନେଇ ଶେଫାଳୀ ଚୁପ୍ ଚୁପ୍ କହିଥିଲା- ତୋ ଭାଇନା ଦେଇଛନ୍ତି ଟି ? ମୁଁ ଜାଣେ । ସେଇ ଶେଫାଳୀ ପହିଲି ରଜର ସ୍ମୃତିକୁ ମନେ ପକେଇ ତାଙ୍କ ହଷ୍ଟେଲ ଠିକଣାରେ ଖଣ୍ଡେ ଚିଠି ପଠାଇଥିଲା । ଚାଲିବା ବାଟରେ ସେ ମନେ ପକାଇବାକୁ ଚେଷ୍ଟା କରୁଥିଲେ ଶେଫାଳୀ ଲେଖିଥିବା ଚିଠିକୁ । ଦୂରରୁ ଗାଡ଼ି ଆସିବାର ଶବ୍ଦ ଶୁଣି ତାଙ୍କର ଭାବନା ଭାଙ୍ଗିଗଲା- ଗାଁ ମୁଣ୍ଡ ଛକ ପାଖରେ ଗାଡ଼ି ରହିଲା ପରେ ସେ ବସିପଡ଼ିଲେ ଖଣ୍ଡେ ଖାଲି ପଡ଼ିଥିବା ସିଟ୍ ଉପରେ ।

❖

Digitized by PPRACHIN, SOA

ପରିବର୍ତ୍ତନ

ନିଆଳି ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଗାଁକୁ ଯିବା ପାଇଁ ଖଣ୍ଡେ ରିକ୍ସା ବୁଝିଲି । ବହୁବର୍ଷ ବାହାରେ ରହିଲାପରେ, ବୋଉଠାରୁ ଖଣ୍ଡେ ଚିଠି ପାଇ ଗାଁକୁ ଯାଉଥାଏ । ନିଆଳି ହାଟରୁ ଗାଁ, ବାଟ ଚାରି କିଲୋମିଟର ମାତ୍ର । ପଠାଣ ସାହି ଦେଇ ସିଧା ରାସ୍ତାରେ ଗଲେ ୩ କିଲୋମିଟର ହେବ । ରିକ୍ସାବାଲା କହିଲା ପଚିଶ ଟଙ୍କା ନେବ । ଦୁଇଜଣଙ୍କ କଥା ଶୁଣିଲା ପରେ ମୋର ପିଲାଦିନର କଥା ମନେପଡ଼ିଲା । ଦିନକୁ ତିନି ଚାରିଥର ଏଇବାଟରେ ଆମେ ଯାଉ ଆସୁ । ସ୍କୁଲରୁ ପଢ଼ାସାରି ଗାଁକୁ ଫେରି ପୁଣି ଆସୁ ଫୁଟବଲ ଖେଳ ଦେଖିବାକୁ, ଫେରୁ ସନ୍ଧ୍ୟାପରେ । ଏବେ ପଚିଶ ଟଙ୍କା ଦେବାକୁ ପଡ଼ିବ । ଭାବିଲି, ସେଇ ପୁରୁଣା ବାଟ ଦେଇ ଚାଲିଯିବି । ହାତରେ ଆଟାଚି ଖଣ୍ଡକ ଧରି ବାହାରିଲି, ନିଆଳି ହାଟରୁ ପଠାଣ ସାହି ଦେଇ । ଉସ୍‌ମାନ ମିଆଁ ଘର ପାଖେ ପ୍ରାଚୀ ନଦୀ ପାର ହେଲେ ଆରପଟ ବନ୍ଧ । ବନ୍ଧ ପରେ ଖଣ୍ଡେ ବାଟ ଗଲେ ଆମ ଗାଁ ବାଉରୀ ସାହି, ତା'ପରେ ଆମ ଘର ।

ଆଟାଚି ଧରି ପଠାଣ ସାହି ବାଟ ଦେଇ ଚାଲିଲି । ପ୍ରାୟ ୩୦ ବର୍ଷ ହେଲା ମୁଁ ଏ ବାଟରେ ଯାଇ ନଥିଲି । ଯେଉଁ ବାଟ ଦେଇ ଆମେ ଉସ୍‌ମାନ ମିଆଁ ଘରପାଖେ ପ୍ରାଚୀ ନଦୀ ପାର ହେଉଥିଲୁ, ସେ ବାଟ ଆଉ ପାଇଲିନି । ପଠାଣ ସାହିରେ ଗୋଟିଏ ହେଲେ ବାଉଁଶ ବୁଦା ନାହିଁ । ଆମ ପିଲାବେଳେ ବାଉଁଶ ବଣ, ଆଁଇଁଷିଣିଆ କୋଳିଗଛ ଭୁରୁସୁଙ୍ଗା ଗଛର ବଣ ଏତେ ଥିଲା ଯେ, ଗୋଟିଏ ଘରୁ ଆର ଘର ଦେଖି ହୁଏନି । ଏବେ, ଗୋଟିଏ ବୁଦା ବି ନାହିଁ । ପୂରା ପଠାଣ ସାହି ମେଲା ଆଉ ଏଇ ସାହି ଭିତରେ କେବଳ ମୁସଲମାନ ନାହାନ୍ତି । ଧୋଇଆ ଅଞ୍ଚଳରୁ ହିନ୍ଦୁ, ଖ୍ରୀଷ୍ଟିଆନମାନେ ଜାଗା କିଣି ପକ୍କା ଘର କରିଗଲେଣି । ପଠାଣ ସାହି ଦେଇ ଉସ୍‌ମାନ ମିଆଁ ଘର ଖୋଜି, ସେଠି ପହଞ୍ଚିଲାବେଳକୁ ଦେଖିଲି, ମିଆଁ ଘର ପୁରା ବଦଳିଯାଇଛି । ନଦୀଘାଟ ନାହିଁ କି ପ୍ରାଚୀ ନଦୀ ବି ନାହିଁ । କି ଆଶ୍ଚର୍ଯ୍ୟ ! ପ୍ରାଚୀ ନଦୀଟା ଗଲା କୁଆଡ଼େ ? ଏଇଠି ତ ଉସ୍‌ମାନ ମିଆଁ ଆମ୍ବଗଛ ମୂଳେ ଡଙ୍ଗା ଲାଗୁଥିଲା । ଆମ ଗାଁ ବାଉରି ସାହି ତଳୁ ଡଙ୍ଗାରେ ଚାରି କିଲୋମିଟର ବାଟ ପାଣିରେ ଆସିଲେ, ଏଇ ଉସ୍‌ମାନ ମିଆଁ ଘର ପାଖେ ଓହ୍ଲାଉ ।

ସମୟର ସ୍ରୋତ ଭିତରେ ପ୍ରାଚୀ ନଦୀର ସ୍ରୋତ ପଥ ଲୀନ ହୋଇଯାଇଛି । ଯେଉଁଠି ଅକାତକାତର ଗଣ୍ଡ ଥିଲା, ସେଠି ଏବେ ଧାନଚାଷ ହେଉଛି । ଯେଉଁଠି ଘାଟ ଥିଲା- ସେଠି ଘର ହେଲାଣି । ପୁରୁଣା ପୁଣ୍ୟତୋୟା ପ୍ରାଚୀ ନଦୀ ଏବେ ସଫେଇ ନାଳ । କେନାଲରେ ପାଣି ଦେଲାବେଳେ ଉଦ୍‌ବୃତ୍ତ ପାଣି ଏଇ ସଫେଇ ଦେଇ ଯାଏ । ତେଣୁ ବନ୍ୟା ନାହିଁ କି ପାଣି ନାହିଁ । ନଦୀର ଗର୍ଭ ବର୍ତ୍ତମାନ ଧାନକ୍ଷେତ, ନଦୀର ତୁଠ ଏବେ ଗାଁ ମୁଣ୍ଡ କ୍ଲବ୍ ଘର । ସେଇଠି ଠିଆହୋଇ ବୁଝିଲି, ଉସ୍‌ମାନ ମିଆଁ କେବେଠୁ ମରିଗଲେଣି,

Digitized by PPRACHIN, SOA

ଆଉ ତା'ର ଏଇ ନଦୀକୂଳ ଆମ୍ବତୋଟାଟିରେ ଥିବା କେତେ ପ୍ରକାର ଆମ୍ବଗଛ ହଣାହୋଇ ନିଆଳି ବଜାରରେ ଏଇ କେତେବର୍ଷ ହେଲା ବସିଥିବା କରତକଳରେ କଟାହୋଇ ଚଉଦୁଆର କାଗଜ କଳକୁ ଗଲାଣି । ମନେପଡ଼େ, ଖରାଦିନେ ସକାଳଓଳିଆ ସ୍କୁଲ ସାରି ଖରାରେ ଫେରିଲାବେଳେ ଏଇ ତୋଟାରେ ବସି ପଡ଼ିଲାବେଳେ କେତେ ଆନନ୍ଦ ଲାଗୁଥିଲା । ବୁଢ଼ା ଉସ୍‌ମାନ ମିଆଁ ଗଛରୁ ପଡୁଥିବା ପାଚିଲା ଆମ୍ବ ଆମକୁ ଦଉଥିଲା ଶୋଷ ମେଣ୍ଟେଇବାକୁ । ଯେ ଯେତେ ଖାଇପାରିବ । ବୁଢ଼ା ମିଆଁ କହୁଥିଲା ଆମ୍ବ ତୋଟା ଦୁଃଖୀ, ରଙ୍କୀ, ସମସ୍ତଙ୍କ ପାଇଁ ଖୋଲା ।

ସେଇବାଟେ ସେ ଅରକ୍ଷିତ ମଠ ଦେଇ ଗାଁକୁ ଯିବା କଥା । ବେଶ୍ ଭଲ ରାସ୍ତାଟିଏ ଏଇ ନଦୀଗର୍ଭ ଉପରେ ସେଇ ଆଡ଼କୁ ପଡ଼ିଛି । ସେଇ ରାସ୍ତାଦେଇ ମଠଆଡ଼େ ଗ୍ଲିଲି । ପ୍ରାଚୀନଦୀର କୂଳେକୂଳେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ସାକ୍ଷୀ, ଅଷ୍ଟ ମାଧବ, ଦ୍ୱାଦଶ ଦେବୀଙ୍କ ମନ୍ଦିର । ତା ସାଙ୍ଗକୁ କେତେ ମଠ, କେତେ କୁଦ, ଜଙ୍ଗଲ ଆଉ ତୋଟା । ଅର୍କ ମଠ, ଗାଉଁଲି ଭାବେ ଅରଖିତା ମଠ, ଏଇ ପ୍ରାଚୀନଦୀ କୂଳରେ । ଆମ ପିଲାଦିନେ ବାବାଜୀ ହରିଦାସ ଏଇ ମଠର ବାବା । ସେ ଅଚ୍ୟୁତାନନ୍ଦଙ୍କ ଶୂନ୍ୟବାଦର ଲୋକ । ମାଳିକା ତାଙ୍କ ମୁହେଁ ମୁହେଁ । ଆଉ ପିଲାଦିନେ ସେ ଯେଉଁ କଥା କହୁଥିଲେ, ଆମେ ହସି ଉଡ଼ାଇ ଦେଉଥିଲୁ । ମାତ୍ର ଏବେ ଦେଖୁଛି ତାଙ୍କ କଥା ସତ । ସେ ପୋଥିରେ କୁଆଡ଼େ ଲେଖାଥିଲା, ପ୍ରାଚୀନଦୀ ଦିନେ କୁକୁର ଗୋଡ଼ ପରି ହୋଇଯିବ ଆଉ ତା' ଗର୍ଭରେ ଧାନଗ୍ଷ ହେବ, ଲୋକେ ବସତି ଗଢ଼ିବେ । ଏବେ ତା' ଆମେ ନିଜ ଆଖିରେ ଦେଖୁଛୁ ।

ଅରଖିତା ମଠ.... ଆଉ ମଠ ହୋଇ ନାହିଁ । ବାବାଜୀ ହରିଦାସେ ଥିଲାବେଳେ ବର୍ଷକୁ ଥରେ ଦୁଇଥର ଜନ୍ତାଳ ହେଉଥିଲା । ପାଖଆଖ କୋଡ଼ିଏ ପଚିଶ ଖଣ୍ଡ ଗାଁରୁ ଲୋକମାନେ ଗ୍ଉଳ, ମୁଗ, ପନିପରିବା ଧରି ଆସୁଥିଲେ । ମଠରେ ସମସ୍ତେ ମିଶି ଜନ୍ତାଳ କରୁଥିଲେ । ହରିନାମ କୀର୍ତ୍ତନ କରୁଥିଲେ । ଅଞ୍ଚଳର ସୁବିଧା ଅସୁବିଧା କଥା କଥାବାର୍ତ୍ତା ହେଉଥିଲେ । ବାବାଜୀ ନିଜେ ସମସ୍ତଙ୍କ କଥା ବୁଝୁଥିଲେ ଆଉ ଦରକାରବେଳେ ଗାଁ ଗାଁର କନ୍ଦଳକୁ ନିଜେ ବିଗ୍ର କରି ତୁଟାଇ ଦେଉଥିଲେ । ଆମ ଅଞ୍ଚଳର ଲୋକମାନେ ପୁଲିସଙ୍କ ପାଖକୁ ଯିବା, ଥାନାରେ ବସିବା କଥା ଶୁଣୁ ନଥିଲେ । ସେ ବାବାଜୀ ଗଲାଦିନୁ ମଠ ବି ଗଲାଣି ! ଯେତେବେଳେ ଯେ ଏଇ ମଠ ଭିତରକୁ ଆସୁଥିଲା, ତା'ର ମନ ହେଉ ନଥିଲା ଘରକୁ ଫେରିବାପାଇଁ । କ'ଣ ନଥିଲା, ଫୁଲ ବଗିଗ୍ଠାରୁ ଆରମ୍ଭ କରି ନାନାପ୍ରକାର ଫଳ ତୋଟା ପର୍ଯ୍ୟନ୍ତ । ଏବେ ମଠ ଲଣ୍ଡା । ମଠ ପାଖ ଝାଉଁବଣକୁ କାଟି ସଫା କରି ଏବେ ନିଆଳି କଲେଜର ହଷ୍ଟେଲ ହେଲାଣି ।

ମଠ ପାରହୋଇ ଉଠିଲି ସିପାହି ମହଲା ଗାଁ ମୁଣ୍ଡରେ । ଇଂରେଜ ସରକାରଙ୍କ ଅମଳରେ ଏଇ ମୁସଲମାନ ବସ୍ତିରୁ କିଏ ଜଣେ ସିପାହି ଥିଲେ । ସେଇଦିନଠାରୁ ଏଇ ମହଲାର ନାଁ ସିପାହି ମହଲା । ଏଇ ସିପାହି ମହଲାର ହାଫିଜ୍ ମିଆଁ ଥିଲେ ଆମ

Digitized by PPRACHIN, SOA

ବାଲିପାଟଣା ଥାନା ନ'ନମ୍ବର ୟୁନିଅନର ଦଫାଦାର । ପିଲାଦିନେ ଆମେ ତାଙ୍କୁ ଖାକି ପୋଷାକରେ ଦେଖିଛୁ, ଆଉ ଗାଁକୁ ଯେତେବେଳେ ଥାନାବାବୁମାନେ ଆସନ୍ତି, ଦଫାଦାରଙ୍କ ହାକିମି ମଧ୍ୟ ଦେଖିଛୁ । ସେ ଜଣେ ଦଫାଦାର ପୁଲିସ ନୁହନ୍ତି । ସେ ଆମର ପ୍ରାୟ ଦଶଖଣ୍ଡ ଗାଁ କୁ ସମ୍ଭାଳୁଥିଲେ । ଚୋରି, ନାରୀ, ଦଙ୍ଗା ହେଙ୍ଗାମ୍ ସବୁ ତାଙ୍କରି ପାଖେ ତୁଟୁଥିଲା । ଦଫାଦାର ନ ବସିଲେ କଥା ପଡୁ ନଥିଲା । ଏବେ ଟିକିଏ ଟିକିଏ କଥାକୁ ପୁଲିସ୍ ସାହେବ୍ ଗାଁରେ ପହଞ୍ଚି ଯାଉଛନ୍ତି । ଗାଁ ଗାଁରେ ମକଦ୍ଦମା ଆଜି ଏ ସାହିରୁ ୪ ଜଣ କୋର୍ଟକୁ ଚାଲାଣ ହେଲେଣି ତ କାଲି ସେ ସାହିରୁ । କିଏ ହେଲେଣି ଜନତା ତ କିଏ ହେଲେଣି କଂଗ୍ରେସ, ବି.ଜେ.ପି. । ଯେତେ ଦଳ ସେତେ ଫାଙ୍କ୍ ହେଲେଣି ଗାଁରେ । ଗରିବ ଗୁରୁବାଙ୍କ ପଇସା ଭୁବନେଶ୍ୱର, କଟକ ଓକିଲଙ୍କ ପକେଟରେ ପଶୁଛି । ଥରେ ଯେ କଚେରୀ ହତା ଦେଖୁଛି ଆଉ ଓକିଲଙ୍କ ହାବୁଡ଼େ ପଡୁଛି, ସେ କ'ଣ ଏତେ ସହଜରେ ସେଥିରୁ ମୁକୁଳୁଛି ?

ଏଇ ସିପାହି ମହଲା ଚାରିପଟେ ଥିଲା ଭୀଷଣ ଜଙ୍ଗଲ । ଭଅଁରା ଜଙ୍ଗଲ ସଙ୍ଗେ ଲାଗିଥିଲା । ଚାରିଆଡ଼େ ଆମ୍ବ, ପଣସ, କେନ୍ଦୁ, ନାନା ପ୍ରକାର ଗଛର ଜଙ୍ଗଲ । ବୁଢ଼ା ଶକୁରି ମିଆଁ, ଆମ ସେ ଖଣ୍ଡମଣ୍ଡଳରେ ଥିଲେ ଜଣେ ନାମ୍‌ଜାଦା ଶିକାରୀ । ତାଙ୍କ ପାଖେ ଥିଲା ଖଣ୍ଡେ ଟୋପିଦାର ବନ୍ଧୁକ । ସେଇ ଟୋପିଦାର ବନ୍ଧୁକରେ ଶକୁରି ମିଆଁ ପନ୍ଦରରୁ କୋଡ଼ିଏ କଲରାପତରିଆ ବାଘ ମାରିଥିଲେ । ଗାଁ ଗଣ୍ଡାରୁ ଏଇ ବାଘମାନେ ଯେତେବେଳେ ଗୋରୁ, ଗାଈ, ଛେଳି, ମେଣ୍ଢା ନେଇଯାଆନ୍ତି, ଲୋକମାନେ ଶକୁରି ମିଆଁଙ୍କୁ ଗୁହାରି କରନ୍ତି । ଶକୁରି ମିଆଁ କାନ୍ଧରେ ବନ୍ଧୁକ ପକାଇ ଦି'ଜଣ ବାଉରି ଟୋକାଙ୍କୁ ଧରି ବାଣୁଆ କରି ଗାଁ ଦାଣ୍ଡରେ ଯେତେବେଳେ ଚାଲିଯାଉଥିଲେ, ଗାଁ ଭୁଅସୁଣୀମାନେ କବାଟ ଫାଙ୍କ ଦେଇ ମିଆଁକୁ ଦେଖୁଥିଲେ । ଆମେ ପିଲାଦିନେ ମିଆଁକୁ ଦେଖି ସଲାମ୍ ଚାଚା ବୋଲି କହୁଥିଲୁ । ସେ ମୋ ନନାଙ୍କୁ ଭାଇନା ବୋଲି ଡାକୁଥିଲେ ।

ସିପାହି ମହଲା ମୁଣ୍ଡରେ ପହଞ୍ଚି ଦେଖିଲି; ଜଙ୍ଗଲ ତ ଜଙ୍ଗଲ, ଖଣ୍ଡେ ହେଲେ ଗଛ ନାହିଁ । ଗାଁ ପୂରା ମେଲା । ଗାଁ ମୁଣ୍ଡର ମଣ୍ଡା, ରସୁଣିଆ, ବେଲପତ୍ରିଆ, ମହାଦେବ ସୁନ୍ଦରୀ, ଗୁଡ଼ପାଣିଆ ଝଙ୍କା ଆମ୍ବଗଛ, କୁଆଡ଼େ କେଉଁଦିନରୁ କଟା ହୋଇ କାଗଜ ହୋଇଗଲେଣି । ବାଘ ତ ବାଘ, ଏବେ ଗୋଟେ ଠେକୁଆ ଦେଖିବାକୁ ଆମ ଗାଁ ପିଲାମାନେ ନନ୍ଦନକାନନ ଯାଉଛନ୍ତି ।

ଅଳ୍ପବାଟ ଗଲାପରେ ଦେଖିଲି, ଆମ ଗାଁ ମଶାଣି ଆଡ଼କୁ ଗୋଟେ ଶବ ଶୋଭାଯାତ୍ରା ଚାଲିଛି । ଅବଶ୍ୟ ଗାଁ ମୁଣ୍ଡ ମଶାଣି ଆଉ ମଶାଣିର ଭୟ ସୃଷ୍ଟି କରୁନି । ଏବେ ଏଇ ମଶାଣି ପାଖ ଦେଇ କେନାଲ ଯିବା ପରେ, କେନାଲ ବନ୍ଧ ମଶାଣି ଉପରେ ଯାଇଛି । ଦିନରାତି ସବୁବେଳେ ଗାଡ଼ି, ମଟର, ସାଇକେଲ ଲୋକମାନଙ୍କ ଯିବା ଆସିବା ।

"ନିଜର ଗାଁ ମଶାଣି, ଆଉ ପର ଗାଁ ପାଣିର ଭୟ ନାହିଁ । କେନାଲ ବନ୍ଧ ଉପରକୁ ଉଠିଲା ପରେ, ଦେଖିଲି ଦଳେ ପିଲା ରାସ୍ତାକଡ଼ରେ ସାମାଜିକ ବନୀକରଣ ସଂସ୍ଥା

Digitized by PPRACHIN, SOA

ଲଗେଇଥିବା ଇଉକାଲିପଟାସ୍ ଗଛମୂଳେ ଠିଆ ହୋଇଥିଲେ । ସେମାନଙ୍କଠାରୁ ବୁଝିଲି ଯେ, ଆମ ଗାଁ ଜେନା ସାହିର ଗଦେଇ ଜେନାଙ୍କର ମୃତ୍ୟୁ ସକାଳୁ ସକାଳୁ ହୋଇଯାଇଛି । ତା'ର ଶବକୁ ଧରି ଗାଁବାଲାଏ ମଶାଣିଆଡ଼େ ଗ୍ଲିଆ'ନ୍ତି । ଆଉ ଦଳେ ତାଙ୍କ ସାହିବାଲା ହାତରେ ଠେଙ୍ଗା ବାଡ଼ି ଧରି କେନାଲ ବନ୍ଧ ସେପଟେ ବସିଥାନ୍ତି । ଜେନା ସାହିରେ ଦି ଦଳ । ଗାଁ ମଶାଣିଟି ମଧ୍ୟ ଦୁଇ ଦଳ ଦୃଷ୍ଟିରୁ ଦୁଇ ଭାଗ କରି ଦିଆଯାଇଛି । ଉପର ଜେନା ସାହି ମଶାଣି ଭାଗରେ ତଳ ଜେନା ସାହିବାଲା ଶବଦାହ କରିପାରିବେନି । ସେଥିଲାଗି ତଳ ଜେନା ସାହିର ପଞ୍ଚେ ଟୋକା ହାତରେ ଠେଙ୍ଗାବାଡ଼ି ଧରି ବସିଥିଲେ । କାଳେ ଗଦେଇ ଜେନା ଶବଟା ତାଙ୍କ ଆଡ଼କୁ ମଡ଼େଇ ଉପର ସାହିର ଜେନାସାହିବାଲା ପୋଡ଼ିଦେବେ । ଆହା, ଏଇ ଗଦେଇ ଜେନା ଭୁବନେଶ୍ୱରରେ ଗ୍କିରି କଲାବେଳେ ଆମ ଗାଁବାଲାଙ୍କୁ କେତେ ସାହାଯ୍ୟ ନ କରିଛନ୍ତି ! କାହା ପୁଅ ପାଠ ପଢ଼ିବାକୁ ଗଲା ତ ତାଙ୍କରି ଘରେ ଡେରା ପକାଏ । କାହା ସ୍ତ୍ରୀ ମେଡ଼ିକାଲକୁ ଯିବ ତ, ତାଙ୍କରି ଘରେ ରୋଗୀ ହୁଏ । କୋର୍ଟ, କଚେରିକୁ ଗଲେ ସେଇଠି ତାଙ୍କରି ଘରେ ଖିଆପିଆ । ଜେନାଏ ଉପରସାହି, ତଳସାହି କଥା ଜାଣି ନଥିଲେ । ସମସ୍ତେ ତ ତା ଗାଁବାଲା । ନିଜ ପକେଟରୁ କାଟି ସେ ସବୁବେଳେ ଗାଁବାଲାଙ୍କ କଥା ବୁଝିଥିଲେ । ଗ୍କିରିରୁ ଅବସର ନେଲାପରେ ଗାଁରେ ରହି ଗାଁ କଥା ବୁଝିବେ ବୋଲି ସହରରେ ଘର ନକରି ଗାଁକୁ ଫେରିଥିଲେ । ମଲାବେଳକୁ ସେଇ ଗାଁବାଲାଏ ଜଗି ବସିଛନ୍ତି, ତା ଶବଟା କୁଆଡ଼େ ପୋଡ଼ି ହେଲା ବେଳକୁ ଆରପଟକୁ ମାଡ଼ିଯିବ ।

ଗଦେଇ ଜେନା ଅବସର ନେଲାପରେ ଗାଁକୁ ଆସିଥିଲେ । ଏତେ ଦିନ କାଳ ଭୁବନେଶ୍ୱର ସେକ୍ରେଟେରିଏଟ୍‌ରେ ଦେଶ ପ୍ରଗତି ପଥରେ ଆଗେଇଯିବା ପାଇଁ ନାନାବିଧି ଯୋଜନା ପ୍ରଣୟନ କଲାପରେ, ସେ ନିଜେ ଆସିଥିଲେ ତାଙ୍କରି ହାତରେ ତିଆରି ଯୋଜନାର ଫଳ ଉପଭୋଗ କରିବା ପାଇଁ । ତା ସଙ୍ଗେ ସଙ୍ଗେ ଭାବିଥିଲେ ଗାଁର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଭାଇମାନଙ୍କୁ ସରକାରଙ୍କ ଆଭିମୁଖ୍ୟକୁ ବୁଝାଇବେ । ପିଲାମାନଙ୍କୁ ଉପଯୁକ୍ତ ମଣିଷ କଲାପରେ, ଅବସର ବେଳକୁ ତାଙ୍କ ପାଇଁ ଆଉ କିଛି ବୋଝ ନଥିଲା । ସ୍ତ୍ରୀ ବଡ଼ପୁଅ ପାଖରେ ଓଡ଼ିଶା ବାହାରେ । ପେନ୍‌ସନ୍, ଗ୍ରାଚୁଇଟି ଟଙ୍କା ଧରି ଗଦାଧର ଜେନା, ଅବସରପ୍ରାପ୍ତ ସେକ୍ସନ ଅଫିସର୍ ଗାଁରେ ନିଜ ପିତୃପୁରୁଷଙ୍କ ଗାଁରେ ଭିଟାମାଟିକୁ ଫେରି ଆସିଥିଲେ । ପହଞ୍ଚିଲା ପରେ ସମସ୍ତେ ତାଙ୍କୁ ଅକୁଣ୍ଠିତ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଜେନାଏ ଆଖିବୁଜି ପଇସା ଖର୍ଚ୍ଚ କଲେ । ମାଛ ପୋଖରୀଠାରୁ ଆରମ୍ଭ କରି ଲିଫ୍ଟ ପଏଣ୍ଟ ପର୍ଯ୍ୟନ୍ତ ।

ପଇସା ଖର୍ଚ୍ଚ ହେଲା ସତ - ମାତ୍ର ଫଳ କାଇଁ ? ବର୍ଷକ ଭିତରେ ତାଙ୍କର ଦୁଇଟି ଇଲେକ୍ଟ୍ରି ମଟର ଗ୍ରେରି ହୋଇଗଲା, ଶେଷକୁ ବିଜୁଳି ତାର ସମୂଳେ ଗ୍ଲିଗଲା । ଯେତୋଟି ଲଣ୍ଡା ବିଜୁଳି ଖୁଣ୍ଟ ଥିଲା, ତାକୁ ବି ଗାଁବାଲାଏ ଉପାଡ଼ିନେଲେ । ମାଛ ପୋଖରୀରେ ବେଙ୍ଗ ଜନ୍ମ ହୋଇଗଲେ ବୋଲି ଗାଁବାଲାଏ କହିଲେ । ହଜାର ହଜାର ଟଙ୍କାର ମାଛ ଜାଆଁଳ ଛଡ଼ା ହେଲେ, ଦେଖିଲା ବେଳକୁ ସବୁ ବେଙ୍ଗଫୁଲା ହୋଇ ବାହାରିଲେ । ଦିଇଟା

Digitized by PPRACHIN, SOA

ବର୍ଷରେ ଜେନାଏ, ଏକାବେଳକେ ଦେବାଳିଆ । ପାଖରେ ଯାହା ପଇସା ଥିଲା, ସବୁ ଶେଷ । କେଉଁ ମୁହଁରେ ବା ପିଲାମାନଙ୍କ ପାଖକୁ ପଇସା ପାଇଁ ଲେଖିବେ । ନିଜେ ଏତେବଡ଼ ଆଣ୍ଠ କରି ଗାଁକୁ ଆସିଥିଲେ । ଗାଁ କଥା ବୁଝିବେ ଆଉ ବୁଝିବେ ସରକାରଙ୍କ ଏତେ ଯୋଜନା କାହିଁକି ଠିକ୍ ଭାବରେ କାମ କରୁନି ।

ସେଦିନ ସକାଳୁ ସେ ହୃଦ୍‌ରୋଗରେ ପଡ଼ି ହଠାତ୍ ଇହଧାମ ତ୍ୟାଗକଲେ । ମଲାପରେ ବି ତାଙ୍କ ଶବ ପୋଡ଼ାଲାଗି ଗାଁରେ କନ୍ଦଳ ।

❖

Digitized by PPRACHIN, SOA

ଦାସେ ଯାଇଥିଲେ

ସର୍ବେଶ୍ୱର ଦାସ ଓରଫ ସବା ଦାସ ନଟବରଙ୍କ ଡ୍ରଇଁରୁମ୍ ଚେୟାର ଉପରେ ଲଥିକିନା ବସିପଡ଼ି ଆରମ୍ଭ କଲେ- "ଭାଇ ତୁ ତ ପୁଲିସ୍ ଡିପାର୍ଟମେଣ୍ଟର ବଡ଼ ଅଫିସର ମୋତେ ସାହାଯ୍ୟ କର କି ନ କର, କିନ୍ତୁ ମୋ ଦୁଃଖ ଶୁଣିବାକୁ ଅଧଘଣ୍ଟା ସମୟ ମାଗୁଛି ।" ସବା ଦାସ ନଟବରଙ୍କ ଗାଁ ପାଖି ଲୋକ । ପିଲାଦିନେ ଏକା ସ୍କୁଲରେ ପାଠ ପଢୁଥିଲେ । ବର୍ତ୍ତମାନ ସର୍ବେଶ୍ୱର ଲୋକସମ୍ପର୍କ ଅଫିସରେ ଗ୍ରେଡ଼ ଓ୍ୱାନ୍ ଆସିଷ୍ଟାଣ୍ଟ । ରହୁଛନ୍ତି ସାତ ନମ୍ବର ନିଜ ଘରେ । ଏଇ କିଛି ବର୍ଷ ଖ୍ରକିରି ଭିତରେ ସର୍ବେଶ୍ୱର ଗାଁରେ ଥିବା ପିତୃଅର୍ଜିତ ସମ୍ପତ୍ତିରୁ କିଛି ବିକ୍ରିବଟା କରି ଭୁବନେଶ୍ୱରରେ କେତେବଖରା କୋଠା ଘର କରିଛନ୍ତି । ପାଖିକୁ ଲାଗି ଟାଇଲ୍‌ପକା କେତେ ବଖରା ଘର । ଦାସେ ନିଜେ କୋଠା ଘରେ ରୁହନ୍ତି । ଟାଇଲ ଘରେ ଭଡ଼ାଟିଆ । ଦାସେ ସର୍ବଭାରତୀୟ ଚିନ୍ତାଧାରାରେ ସବୁବେଳେ ଉଦ୍‌ବୁଦ୍ଧ । ତେଣୁ ତାଙ୍କର ଭଡ଼ାଟିଆମାନେ ମଧ୍ୟ ସେହିପରି । ତେଲୁଗୁ, ତାମିଲ, ଓଡ଼ିଆ, ବଙ୍ଗାଳୀଙ୍କ ସମ୍ମିଶ୍ରଣରେ ତାଙ୍କ ଘରଗୁଡ଼ିକ ସବୁବେଳେ ପରିପୂର୍ଣ୍ଣ । ସର୍ବଭାରତୀୟ ପ୍ରେମ ଭିତରେ ଦାସେ କିନ୍ତୁ ପଇସାଟିକୁ ଠିକ୍ ଚିହ୍ନନ୍ତି । ଘରଭଡ଼ା ପହିଲା ତାରିଖରୁ ଦୁଇ ତାରିଖ ଧଇଲେ, ଦାସେ ଭଡ଼ାଟିଆଙ୍କ ଗୃହ ଭିତରକୁ ଟ୍ରେସ୍‌ପାସ୍ କରିବାକୁ ପଛାନ୍ତିନି ।

ଟାଇଲିପକା ଘର ପାଖିକୁ ଲାଗି କେତେଗୁଡ଼ିଏ ଫଳଗଛ ମଧ୍ୟ ବଗିଗ୍ୱର ଶୋଭା ବର୍ଦ୍ଧନ କରେ । ଦାସେ କହନ୍ତି, ଏ ମହରଗ ଯୁଗରେ ଦିନେ ବାଡ଼ି ବଗିଗ୍ୱରେ ଫଳ ଫୁଲରି ଦିଇଟା ନକଲେ କେତେ ସେ ବାସି ପରିବା, ପଗ୍ୱପରିବା, ରଙ୍ଗମରା ସାଗକୁ ଖାଇବ ? ସେଥିରେ କଅଣ ସୁଆଦ ଅଛି, ନା ଖାଇବା ମଜା ଅଛି । ତାଙ୍କ ବଗିଗ୍ୱରେ ସଜନା, ଅମୃତଭଣ୍ଡା, କଦଳୀ ଗଛ ସାଙ୍ଗକୁ ବିଭିନ୍ନ ସମୟରେ କୋଶଳା, ଖଡ଼ା, ଲେଉଟିଆ ଶାଗର ପଟାଳିମାନ ଦେଖାଯାଏ । ବଗିଗ୍ୱରେ କଣ ଗୁଡ଼ିକରେ କେତେବୁଦା ନଡ଼ିଆ, ପଣସ, କଲମି ଆମ୍ବ ଗଛ ମଧ୍ୟ ପଡ଼ିଛି । ତା' ଭିତରୁ କେତେ ଗଛ ଫଳନ୍ତି ଗଛ । ଯଦିଓ ଭଡ଼ାଟିଆମାନେ ଗାଈ, ଛେଳି ମୂହଁରୁ ବଗିଖ୍ୱକୁ ରକ୍ଷା କରିବା କଥା, ମାତ୍ର ସେମାନଙ୍କର ବଗିଗ୍ୱ ଫଳ ଫୁଲରେ ଅଧିକାର ନାହିଁ । କଦବା କ୍ୱଚିତ୍ ଦାସେ ଯଦି ଭଲ ମୁଡ୍‌ରେ ଥାଆନ୍ତି, କାହାକୁ ଗୋଟେ ଅମୃତଭଣ୍ଡା କି ଦିଇଟା କଞ୍ଚା କଦଳୀ ଦେଇଥାନ୍ତି । ଦେଲାବେଳେ ଦାସେ କୁହନ୍ତି, ବୁଝିଲ ଅମୁକ ବାବୁ "ହାଟରେ ଏଇ ଅମୃତଭଣ୍ଡା କେଜି ଅଢ଼େଇ ଟଙ୍କା, କଞ୍ଚା କଦଳୀ କୁହନ୍ତୁନି କୁହନ୍ତୁନି, ଦର ଶୁଣିଲେ ଆପଣ ମୁହଁ ଆମ୍ବିଳା କରି ପଳେଇ ଆସିବେ ।" ଭଡ଼ାଟିଆମାନେ ଶୁଣନ୍ତି, ଭାବନ୍ତି ଯକ୍ଷ ହାତରୁ କେଣ୍ଡାଏ ମିଳିଲେ ବି ଲାଭ । ଆଉ ଜଣେ କୁହନ୍ତି, "ଶଳା ସକାଳୁ ତା ମୁହଁ ଦେଖିଲେ ଦିନଯାକ ଭାତ ଗଣ୍ଡେ ମିଳିବନି ।" ଏସବୁ ସତ୍ତ୍ୱେ ଦାସେ କିନ୍ତୁ ଭଡ଼ାଟିଆମାନଙ୍କ ପରିବାରର ସୁରକ୍ଷା ଦିଗରେ ଅତ୍ୟନ୍ତ ସଚେତନ ।

Digitized by PPRACHIN, SOA

ଯଦି କିଏ ପରିବାର ଛାଡ଼ି ଛୁଟିରେ ଗାଁକୁ ଗଲା, ସେ ନ ଫେରିବା ପର୍ଯ୍ୟନ୍ତ ତା ପରିବାରର ସମସ୍ତ ଦାୟିତ୍ୱ ତୁଲାନ୍ତି । ଏପରିକି ପିଲାମାନଙ୍କୁ ଡାକ୍ତରଖାନାକୁ ନବାଠାରୁ ହାଟବଜାର କରିବା ପର୍ଯ୍ୟନ୍ତ । ଦରକାର ହେଲେ ବି ପଇସାପତ୍ର ଦେଇ ସେମାନଙ୍କ ଦେଖାଶୁଣା କରନ୍ତି । ଏଇ କେତେଟା ଭଲ ଗୁଣ ଯୋଗୁଁ ଭଡ଼ାଟିଆମାନେ ଦାସଙ୍କ ଅନ୍ୟ ସମସ୍ତ ଗୁଣକୁ ପଛରେ ପକେଇ ତାଙ୍କ ଘରେ ରହିବାକୁ ପସନ୍ଦ କରନ୍ତି । ଦାସେ କହନ୍ତି, "ଆହେ ସାଇଭାଇରେ ଘର କରିଥିଲେ ଭଲମନ୍ଦକୁ ସମସ୍ତେ ସମସ୍ତଙ୍କ ପାଇଁ । ତାଙ୍କ ପିଲା କିଏ, ମୋ ପିଲା କିଏ ।" ତା'ଛଡ଼ା ସ୍ତ୍ରୀ ଲୋକମାନେ ଏଠାରେ ପୂରା ନିରାପଦ । ତାଙ୍କ ଭୟରେ ସାଇ ପିଲାମାନେ ତାଙ୍କ ଦୁଆରମୁହଁ ମାଡ଼ନ୍ତିନି । ଅନ୍ୟ ଲୋକଙ୍କ କଥା ଛାଡ଼ ।

ସରକାରୀ ଦରମା ସାଙ୍ଗକୁ ଘରଭଡ଼ା ବାବଦକୁ ଦାସେ ବେଶ୍ କିଛି ପାଆନ୍ତି । ଗାଁରେ ଥିବା ଚାଷଜମିରୁ ଚାଉଳ, ବଗିଚାରୁ ନଡ଼ିଆ, ଗାଡ଼ିଆରୁ ମାଛ ବି ମଝିରେ ମଝିରେ ଆସେ । ଗାଁ ଜମି ଉପରେ ଦାସଙ୍କ ନଜର ବଡ଼ କଡ଼ା । ଏ "ଭାଗଚାଷ" ଆଇନ ହବାଦିନଠାରୁ ସେ ମହା ବିପଦରେ ପଡ଼ିଛନ୍ତି । ଇଆଡ଼େ ଚାକିରି ନକଲେ ନଚଳେ । ସିଆଡ଼େ ଚାଷଜମି ଗଣ୍ଡାକ ଗଲେ, ବର୍ଷକେ ଚାରିମାସ ହାଣ୍ଡି ମାଙ୍କଡ଼ଚିତ୍ ମାରିବ । ଶନିବାରିଆ ରବିବାରିଆ ଛୁଟି ହେଲାମାତ୍ରେ ଦାସେ ଚାଲିଲେ ଗାଁକୁ । କିଏ କେତେ ହଳା କାଟିଲା, କେଉଁ ଗଛରେ କେତେ ନଡ଼ିଆ ଧରିଛି, କଦଳୀ କେତେ କାନ୍ଧି ପଡ଼ିଛି, ତାର ଟିକିନିଖି ହିସାବ କରି ଚାକରକୁ ବୁଝାଇ ଫେରନ୍ତି । ପୁଣି ଆଉ ରବିବାର ଗଲେ, ଚାଲେ ଗଣା, ଠିକ୍ ଅଛି କି ନାହିଁ । ଚୋରି ହେଲେ ଚାକରର ଦରମା କାଟ୍ । ଦାସେ କହନ୍ତି ଜଗୁଆଳୀ ଯଦି ଠିକ୍ ଥିବ ଚୋର ନା ଚୋରର ବାପା ଚୋରିକରି ପାରିବେ । ଆମର ଜଗୁଆଳୀ ମାନଙ୍କ ଢିଲା ଯୋଗୁଁ ଦେଶରେ ଚାରିଆଡ଼େ ଚୋରୀ । ଆଉ ବି ଜାଗା ଜାଗାକେ ଜଗୁଆଳୀ ବାଲାବି ଚୋର, ଚୋରି ହେବନି କିମିତି । ଦେଶଟା କେବଳ ନଷ୍ଟ ହେଉଛି ଏଇମାନଙ୍କ ଯୋଗୁଁ । ସେ କିନ୍ତୁ କୁହନ୍ତି ଯେ ତାଙ୍କ ଜଗୁଆଳୀ ସେ ଠକଲୋକ ଦେଖି ବାଛିଛନ୍ତି । ଯଦି ଚୋରି ହୁଏ, ଜଗୁଆଳ ଅଜାଣତରେ କେବେହେଲେ ହେବନି । ତେଣୁ ଜଗୁଆଳୀ ଦରମାରୁ ଚୋରିଯାଇ ଥିବା ଜିନିଷ ମୂଲ୍ୟ ସେ ରିକଭରି କରିଥାନ୍ତି ।

ସବୁଆଡ଼ୁ ସବୁଆଡ଼ୁ ମିଶି ଦାସେ ଭଲରେ ଚଳନ୍ତି କହିଲେ ଚଳେ । ଏଇ ଭଲ ଭିତରେ ତାଙ୍କର ସ୍ତ୍ରୀ 'ତିଲୋତ୍ତମା' ଯାହାଙ୍କୁ ସେ ନିଜେ ବାଛି ବିବାହ କରିଥିଲେ, ତାଙ୍କୁ ଛାଡ଼ି ଗତ ପାଞ୍ଚବର୍ଷ ହେଲା ସେପାରିକୁ ଚାଲିଗଲେ । ସେତ ସେପାରିକୁ ଯାଇ ତରିଗଲେ, ମାତ୍ର ଦାସଙ୍କ ପାଖେ ରୁନିକୁ ଛାଡ଼ିଦେଇ ଗଲେ । ତିଳଙ୍କ ବିରହରେ ଦାସେ ପ୍ରାୟ ବର୍ଷେ ଆଡ଼ପାଗେଳିଆ ହୋଇଗଲେ । ଅଫିସରେ ସାଙ୍ଗମାନେ କର୍ମଠ ଦାସବାବୁଙ୍କ ଏ ଅବସ୍ଥା ଦେଖି ଦୁଃଖ କଲେ । କିଏ କହିଲା, ଦାସେ ଜୀବନରେ ବଡ଼ ଧକ୍କା ଖାଇଗଲେ, କିଏ କହିଲା ସେ ଆଉ ଭଲ ବାଟକୁ ଫେରିବା ପରି ଦିଶୁ ନାହାନ୍ତି ଇତ୍ୟାଦି । ଏଇ ସୁଯୋଗରେ ଅଫିସର ସେକ୍ସନ ଅଫିସର ଲେଙ୍କାବାବୁ, ଜଣେ ଦିଜଣଙ୍କୁ ପ୍ରସ୍ତାବଟେ ଦେଲେ ଯେ

Digitized by PPRACHIN, SOA

ଦାସଙ୍କ ମୁଣ୍ଡ ଠିକ୍ ବାଟକୁ ଚାଲିଆସିବ ଯଦି ତାଙ୍କୁ ଆଉଥରେ ବାହାକରି ଦିଆଯାଏ ।

ତେବେ ଦୋଓଡ଼ପକ୍ଷ ବିବାହ ପାଇଁ କନ୍ୟା ମିଳିବା ଦରକାର । ଦାସଙ୍କ ବୟସ ଚାଳିଶ ପାଖାପାଖି । ତାଙ୍କୁ ଚାହିଁ କନ୍ୟା ପାତ୍ରୀଟିଏ ମିଳିଲେ ସିନା ପ୍ରସ୍ତାବଟା ତାଙ୍କ କାନରେ ପକାଇବେ । ଲେଙ୍କା ବାବୁ ଅନ୍ୟମାନଙ୍କ କଥା ଶୁଣି କହିଲେ, 'କାହିଁକି, ଆମ ଅଫିସର ଜୁନିଅନର ଆସିଷ୍ଟାଣ୍ଟ ମିସ୍ ପାର୍ବତୀ ଦେବୀ । ବି.ଏ. ପାଶ୍ କରିଛନ୍ତି । ଚାକିରି ବି କରିଛନ୍ତି । ରୂପରେ ଗୁଣରେ କିଛି କମ୍ ନୁହନ୍ତି । ତାଙ୍କର ତ ବୟସ ବଳେଇ ଗଲାଣି, ସେ ତ ଦାସବାବୁଙ୍କ ପାଇଁ ଯୋଗ୍ୟା ପାତ୍ରୀ । ଅଫିସରେ ସମସ୍ତେ ଜାଣନ୍ତି ଲେଙ୍କା ବାବୁଙ୍କ ଆଖି ପାର୍ବତୀ ଉପରେ । ଏଇ କେତେବର୍ଷ ହେଲା, ଲେଙ୍କାବାବୁ ପାର୍ବତୀ ସଙ୍ଗେ ଲାଗିଥିଲେ । ଅଫିସ କାମ ଥାଉ ନଥାଉ ତାଙ୍କୁ ଡାକି ପାଖରେ ବସାଇ ଘଣ୍ଟା ଘଣ୍ଟା ଧରି ଗପ କରିବା, ଅଫିସ ପରେ ତାଙ୍କ ଘର ଆଡ଼େ ମୁହଁମାରି ଯିବା କଥା ସମସ୍ତେ ଜାଣନ୍ତି । କଥାଟା ଏମିତି ହେଲା ଯେ, ଲେଙ୍କାବାବୁଙ୍କ ସ୍ତ୍ରୀ ତାଙ୍କୁ ପେଟେଣ୍ଟ ମେଡ଼ିସିନ୍ ଦବା ପର୍ଯ୍ୟନ୍ତ କଥା ଗଲା । ସ୍ତ୍ରୀଙ୍କଠାରୁ ଔଷଧ ଖାଇଲା ପରେ, ଏବେ ଲେଙ୍କାବାବୁଙ୍କ ସେ ନିଶା ଭାଙ୍ଗିଯାଇଛି । ବେଳେବେଳେ ଚଷମା ନାକ ଅଗକୁ ଖସେଇ ପାର୍ବତୀଙ୍କୁ କଣେଇ କଣେଇ ଚାହାଁନ୍ତି ସିନା, ସିଧା କେବେ ଚାହାନ୍ତିନି । ଦାସଙ୍କ ସ୍ତ୍ରୀ ମରିବା ପରେ, ଲେଙ୍କାବାବୁ ମଉକା ଖୋଜି ଏ ପ୍ରସ୍ତାବଟି ଅଫିସ୍‌ରେ ଛାଡ଼ି ଦେଇଥାନ୍ତି । ପାର୍ବତୀଙ୍କ କାନକୁ କଥାଟା ସେତେବେଳକୁ ଚାଲି ଗଲାଣି । ସେ ଅଫିସ୍‌କୁ ଅଇଲାବେଳେ, ତାଙ୍କ ନାତିସୁନ୍ଦର ମୁହଁରେ ପାଉଡର ଲିପିଷ୍ଟିକ୍‌ର ପ୍ରଲେପ ଆଉ ଟିକିଏ ବହଳିଆ କରି ମାରି, ଅଫିସ କାମ ଥାଉ ନଥାଉ ଦାସଙ୍କ ପାଖକୁ ଫାଇଲ ଧରି ଯିବା ଆସିବା ବଢ଼େଇ ଦେଲେ । ପାର୍ବତୀଙ୍କ ଯିବା ଆସିବା ଭଙ୍ଗୀ ଦେଖି ଦାସଙ୍କ ସହକର୍ମୀମାନେ ଉପର ଠାଉରିଆ ଭାବେ କହିବାକୁ ଲାଗିଲେ- 'ହଁ ବୟସ ବା କେତେ ? ପାରିପାରି ତିରିଶ ପୂରି ଏକତିରିଶ ଚାଲୁଥିବ । କିନ୍ତୁ କିଏ କହିବ ପାର୍ବତୀଙ୍କୁ ଏକତିରିଶ ବୋଲି ? ପଚିଶ ବର୍ଷର ଝିଅଠାରୁ ବୟସରେ କମ୍ ପରି ଦିଶୁଛନ୍ତି ।' ସହକର୍ମୀମାନଙ୍କ କଥାବାର୍ତ୍ତା ଦାସଙ୍କ କାନକୁ ଆସିଲା । ହେଲେ ସେ ପାର୍ବତୀକୁ ସହକର୍ମୀ ହିସାବରେ ଭଲ ଭାବେ ଜାଣନ୍ତି । ଅନ୍ୟମାନଙ୍କ କଥାରେ ମନ ନଦେଇ ସେ ସେଇପରି ବିମର୍ଷ ହୋଇ ରହିଥିଲେ । କିଛିଦିନ ପରେ, ତାଙ୍କର ଲେଖାପୋଢ଼ିଆ ଭାଉଜ ଜଣେ ଗାଁରୁ ଆସି ଦାସଙ୍କ ଘରେ ରହୁଥିଲେ । ଦାସଙ୍କର ଅବସ୍ଥା, ପୁଣି ରୁନିକୁ ଲକ୍ଷ୍ୟ କରି ଭାଉଜ ଦାସଙ୍କୁ ବୁଝାଇଦେଲେ ଯେ 'ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଓଟାରି ସେଣିକି ଯାଇ ।' ତେଣୁ ପଛକଥା ନଭାବି ସେ ଘରସଂସାର କରିବାରେ ମନ ଦିଅନ୍ତୁ । ଭାଉଜଙ୍କ କଥା ଦାସଙ୍କ ମନକୁ ପାଇଲା । କିଛିଦିନ ପରେ ତାଙ୍କ ଭାଉଜ ତାଙ୍କ ବାପଘର ଗାଁରୁ ତାଙ୍କର ଲେଖାପୋଢ଼ିଆ ଦାଦୀଝିଅ ଭଉଣୀକୁ ଦାସଙ୍କ ପାଇଁ ଠିକ୍ କଲେ । ଅନିମା ତାଙ୍କ ଭଉଣୀ । ମାଷ୍ଟ୍ରାଣୀ ଚାକିରି କରିଛନ୍ତି, ବୟସ ପଚିଶ କି ଛବିଶ । ଦେଖିବାକୁ ବେଶ୍ ସୁନ୍ଦର । ଦାସେ ଆଉ ଅଧିକା କଅଣ ଚାହାନ୍ତି ? ତାଙ୍କରି କଥାରେ ସେ ରାଜି ହୋଇଗଲେ, ମାତ୍ର ବେଦୀ ଉପରେ ବସି ବାହା ହବାକୁ

Digitized by PPRACHIN, SOA

ମନାକଲେ । ତାଙ୍କ କଥା ଅନୁଯାୟୀ ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଶୁଭଦିନ ଦେଖି ବାହାଘର ସରିଲା । ତିଳୋତ୍ତମାଙ୍କ ଜାଗାରେ ଅନିମା ଆସିଲେ ଦାସଙ୍କ ଘରକୁ ଘରଣୀ ହୋଇ । ମାତ୍ର ବିବାହ ପୂର୍ବରୁ ଅନିମାଙ୍କର ଗୋଟିଏ ସର୍ତ୍ତ ଥିଲା ସେ ଚାକିରି ଛାଡ଼ିବେନି । ତାଙ୍କର ଯେତେଦିନ ଇଚ୍ଛା ହେବ ସେ ଶିକ୍ଷୟିତ୍ରୀ କାମ କରିବେ । ଦାସଙ୍କର ସବୁ ଥାଇ ଅନିମା ଶିକ୍ଷୟିତ୍ରୀ କାମ କଲେ ।

ଏହା ମଧ୍ୟରେ କିଛି ବର୍ଷ ବିତିଗଲାଣି । ଦାସଙ୍କ ତେଲ ଲୁଣ ସଂସାର ବଢ଼ିଛି । ରୁନି ସାଙ୍ଗକୁ ଆଉ ଦିଓଟି ପୁଅ ଝିଅ । ରୁନି ଏବେ ଦିଥର ମାଟ୍ରିକ୍ ଫେଲ୍ ହୋଇ ଘରେ ବସିଛି । ଦାସେ ଯେତେ ଚେଷ୍ଟା କଲେ ବି ରୁନି ମାଟ୍ରିକ ହିଡ଼ ଡେଇଁ ପାରିଲାନି । ଅନିମା ବାହାରେ ଚାକିରି କରୁଥିବା ହେତୁ ଦାସଙ୍କ ଉପରେ ଘରକାମ ନ୍ୟସ୍ତ । ରୁନି ବି ରୋଷେଇ ବାସରେ ଦାସଙ୍କୁ ସାହାଯ୍ୟ କରେ । ମାଟ୍ରିକ୍ ଫେଲ୍ ହେବା ପରେ, ଦାସେ ରୁନିକୁ କିପରି ଘରୁ ପାରି କରିବେ ସେଇ ଚିନ୍ତାରେ ଥା'ନ୍ତି । ବୟସ ଆସି ଷୋହଳ ପୂରି ସତର ଚାଲୁଛି । ପାଠଶାଠ ତ ହେଲାନି । କେଉଁଠି ଗୋଟେ ଚାକିରିଆ ବରପାତ୍ରଟିଏ ଛନ୍ଦିଦେଲେ ମା' ଛେଉଣ୍ଡ ପିଲାଟା କୂଳରେ ଲାଗିଯିବ । ଏଇ ଚିନ୍ତାରେ ଦାସେ ମନେ ମନେ ରୁନି ପାଇଁ ବରପାତ୍ର ଯୋଗାଡ଼ରେ ଥା'ନ୍ତି । ଆଜିକାଲି ଯୁଗରେ କିରାଣିଟିଏ ଜୋଇଁ କଲେ ମଧ୍ୟ ତା'ପାଇଁ ସ୍କୁଟରଠାରୁ ଆରମ୍ଭ କରି ଟି.ଭି. ପର୍ଯ୍ୟନ୍ତ ଯୌତୁକ ଦବାକୁ ଦାବି ଆସିବ । ଅବଶ୍ୟ ସେସବୁ ଦବା ପାଇଁ ସେ ରାଜି । ହେଲେ ଭଲ ପାତ୍ରଟିଏ ମିଳୁଛି କେଉଁଠି ?

ଏ ସମସ୍ତ ଚିନ୍ତା ଭିତରେ ଦାସଙ୍କ ଆଖି ପଡ଼ିଲା ଗୌରବାବୁ ସାନ ଭାଇ ଉପରେ । ଗୌରବାବୁ ଭୁବନେଶ୍ୱର ହେଲ୍‌ଥ ଡିପାର୍ଟମେଣ୍ଟରେ କାମ କରନ୍ତି । ସାନ ଭାଇ ଦାମୋଦର ଆଇ.ଏ. ପାଶ୍‌କରି, ବାପ ମଲାପରେ ତାଙ୍କରି ଅଫିସରେ କିରାଣି ହୋଇଛି । ମା' ବି ତାଙ୍କରି ପାଖେ ରୁହନ୍ତି । ଦାସେ ମନେ ମନେ ଭାବିଲେ ପ୍ରସ୍ତାବଟା ମନ୍ଦ ହୁଅନ୍ତାନି । କଥାଟା ମନେ ମନେ ଭାବି ଦିନେ ଦାସେ ଗୌରବାବୁଙ୍କ ସାଙ୍ଗ ପାଖେ ପ୍ରସ୍ତାବଟା ଦେଲେ । ସେମାନେ ହେଲେ ଗଞ୍ଜାମୀ ବ୍ରାହ୍ମଣ । ଦାସେ ହେଲେ ଖାଣ୍ଟି ପୁରିଆ ।

ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ଦାସେ ମଧ୍ୟ ସମୁଦୁଣୀଙ୍କୁ ଶୁଣାଇ ଦେଇଥିଲେ ଯେ, ସେ ଜୋଇଁକୁ ଭୁବନେଶ୍ୱରରେ ଦି'ଗୁଣ୍ଠ ଜମି ଦେବେ । ବାକି ତ ଦୁଆର ସୁନ୍ଦର ଦବାନବା କଥା ଅଛି । ସେଥିରେ ସେ କିଛି କମ୍ କରିବେନି । ମାତ୍ର ଗଞ୍ଜାମୀ ଶାଶୁଙ୍କ ଆଖି ଜମି ଉପରେ ନୁହେଁ ସୁନା ଉପରେ । କେତେଭରି ସୁନା ଗହଣା ଦେବ, ସେଇଟା ହେଲା ସମୁଦୁଣୀଙ୍କ ଦାବି । ଭାବୀ ସମୁଦୁଣୀଙ୍କ ପନ୍ଦର ଭରି ସୁନା ସାଙ୍ଗକୁ ଦି'ଗୁଣ୍ଠ ଜମି । ଦାସେ ଥା'ନ୍ତି ପାଞ୍ଚ ଭିତରେ । କଥାଟା ଏମିତି ଗଡ଼ିଚାଲେ ।

ଘରର କଥାବାର୍ତ୍ତା, ରୁନି ଆଉ ଦାମ କାନକୁ ଗଲା । ଏକା ଅଗଣାରେ ରହୁଛନ୍ତି ଯେତେବେଳେ ଘର ଝରକା ଫାଙ୍କରେ ଦାମକୁ ରୁନି ଚାହିଁଛି । ଦାମ ଆଖିରେ ରୁନି ଆଖି

Digitized by PPRACHIN, SOA

ଧରାପଡ଼ିଛି । ଘ୍ରେରା ଘ୍ରହାଣି ଦି'ଜଣଙ୍କ ଭିତରେ ବେଶ୍ ବଢ଼ିଲା । ତା'ଛଡ଼ା ଅନିମା ଆଉ ଦାସଙ୍କ ଘ୍ରକିରି ଜନିତ ଅନୁପସ୍ଥିତି ସେମାନଙ୍କୁ ମିଶିବାରେ ବେଶ୍ ସୁବିଧା ହେଲା । ଦାସେ ଯଦିଓ ଝିଅର ହାବଭାବରୁ ଏସବୁ କଥା ଠଉରାଇଥିଲେ କିନ୍ତୁ ଆଗତ ଭବିଷ୍ୟତକୁ ଆଖି ଆଗରେ ରଖି ମୁହଁ ଖୋଲି କିଛି କହୁ ନଥିଲେ । ମାମଲାଟା ଏମିତି ବାଟ ଧରିବ ବୋଲି ସେ ଭୁଲରେ ସୁଦ୍ଧା ଭାବି ନଥିଲେ । ଆଠଦିନ ପୂର୍ବରୁ ଦାସେ ସସ୍ତ୍ରୀକ ଗାଁକୁ ଯାଇଥିଲେ । ମାଘ ସରି ଫଗୁଣ ହେଲା । ଘ୍ରକର ବାକର ଦୋଳପୂର୍ଣ୍ଣିମା ପରଠାରୁ ନୂଆହୋଇ ରହିବେ । ସମସ୍ତ ଝାମେଲା ତୁଟେଇ ଦେବାକୁ ସେ ଯାଇଥିଲେ ଅନିମାଙ୍କୁ ଧରି ଗାଁକୁ । ଘରେ ଛାଡ଼ି ଯାଇଥାନ୍ତି ରୁନି ଆଉ ଛୋଟ ଛୁଆ ଦି'ଟାଙ୍କୁ । ଗୋଟେ ଦିଇଟା ଦିନର କାମ ।

ସେମାନଙ୍କର ଅନୁପସ୍ଥିତିର ସୁଯୋଗ ନେଇ ଦାମୋଦର ରୁନିକୁ ଫୁସୁଲା ଫୁସୁଲି କରି ରୁନି ରୁମ୍‌କୁ ପ୍ରବେଶ କଲେ । ଭବିଷ୍ୟତରେ ସ୍ୱାମୀ ସ୍ତ୍ରୀ ହବାର ସୁଖ ସ୍ୱପ୍ନରେ ରୁନି ଭୁଲିଗଲା ବର୍ତ୍ତମାନକୁ । ଯେଉଁ ଅଘଟଣ ଘଟିବା କଥା ଘଟିଗଲା । ନେଡ଼ିଗୁଡ଼ ଥରେ କହୁଣିକୁ ଗଡ଼ି ଆସିଲେ ଆଉ ଫେରେନି । ବିରାଡ଼ି ଠେକି ଭିତରେ ମୁହଁ ପୂରାଇ କ୍ଷୀର ପିଇଲେ ସେ ଭାବେ ଯେ ତାକୁ କେହି ଦେଖୁନାହିଁ । ଏମାନଙ୍କ ଅବସ୍ଥା ସେଇଆ ହେଲା । ଦାମୋଦରଙ୍କ ପ୍ରବେଶ ଏବଂ ପ୍ରସ୍ଥାନ ସମସ୍ତ ଭଡ଼ାଟିଆଙ୍କ ଦୃଷ୍ଟିକୁ ଆସିଥିଲା । ତା'ଛଡ଼ା ରାତ୍ରିର ନିର୍ଜନ ପ୍ରହରେ ଏ ସମସ୍ତ କାଣ୍ଡ ଆଉ ଅଧିକ ସୂଚନା କଅଣ ବା ଦିଅନ୍ତା ?

ତା ପରଦିନ ଦାସେ ଗାଁରୁ ଘ୍ରଉଳ, ନଡ଼ିଆ, ଚୂନାମାଛ, ଶାଗ, କଦଳୀ ଧରି ରିକ୍ସାରୁ ଓହ୍ଲାଇ ଗେଟ୍ ଖୋଲି ଘରେ ପ୍ରବେଶ କଲାବେଳକୁ ପରିବେଶଟା ତାଙ୍କୁ କିମିତି କିମିତି ଲାଗିଲା । କଥାଟା ବା ଆଉ କେତେ ସମୟ ଲୁଚି ରୁହନ୍ତା । ଦାସେ ସବୁକଥା ଜାଣିଲେ । କାହାକୁ ବା କହିବେ । କଥାରେ ଅଛି ଅଜାଗା ଘା ଦେଖାଇ ହୁଏନି କି ଦେଖି ହୁଏନି । କିଛି ସମୟ ମୁଣ୍ଡରେ ହାତ ଦେଇ ବସିଲେ । ପରେ ଦାସେ ଦାମଙ୍କ ମା' ଭାଇ ପାଖିକୁ ଗଲେ । ଆଗରୁ ତ ପ୍ରସ୍ତାବ ପଡ଼ିଥିଲା । ଏବେ ତ ଘଟଣା ଏପରି ଘଟିଲା, ଆଉ ଡେରି ନକରି କାମଟା ତୁଟାଇ ଦେଲେ, ଏ କଳଙ୍କିତ ଘଟଣାରୁ ବି ମୁକ୍ତି । ଦାସଙ୍କ କଥା ଶୁଣି ଦାମ'ମା ବାରହାତ ଉଠିଲେ । ଯଦିଓ ସେ ସବୁକଥା ଜାଣନ୍ତି, ସେଥିପ୍ରତି ସେ କର୍ଣ୍ଣପାତ ନକରି ଆରମ୍ଭ କଲେ, ତାଙ୍କ ପୁଅ ପିତଳ ହାଣ୍ଡି, ମାଜିମୁଜି ଦେଲେ ଚକ୍ ଚକ୍ । ତାଙ୍କ ଝିଅ ମାଟିହାଣ୍ଡି, ଥରେ କଳା ପଡ଼ିଲେ ମାରା । ତାଙ୍କ ମୁହଁ ଛିଞ୍ଚଡ଼ା କଥାରେ ଦାସଙ୍କ ମୁହଁ କଳାକାଠ ପଡ଼ିଗଲା । ବହୁତ କାକୁତି ମିନତି କଲେ । ଏପରିକି ତାଙ୍କ ଗୋଡ଼ ଧରିବା ପର୍ଯ୍ୟନ୍ତ କଥା ଗଲା । ମାତ୍ର ଦାମବୋଉ କିଛି ଶୁଣିଲେନି । ବରଂ ଦାସଙ୍କୁ ଅପମାନ ଦେଇ ଘରୁ ବିଦା କଲେ । ମା'ଙ୍କ କଥାକୁ ବଡ଼ପୁଅ ସମର୍ଥନ ଦେଲେ, ଆଉ ଏଇ ସୁଯୋଗରେ ଦାମୋଦର ସମ୍ବଲପୁର ଖସିଗଲେ । ସମସ୍ତ ଘରୋଇ ଚେଷ୍ଟା ବିଫଳ ହେଲା ପରେ ଦାସେ ଗଲେ ଥାନାକୁ । ଯେତେହେଲେ ଝିଅ ନାବାଳିକା । ଭୁଲରେ ଗୋଟେ କାମ କରିଦେଲା । ତା'ବୋଲି ଅନ୍ୟ ଜଣଙ୍କର ଯେ ଦୋଷ ନାହିଁ ଏକଥା କହି କଥାଟା ଉଡ଼େଇ

Digitized by PPRACHIN, SOA

ଦେବା ଏତେ ସହଜ ନୁହଁ । ନିଜ ଇଚ୍ଛା ବିରୁଦ୍ଧରେ ଦାସେ ପହଞ୍ଚିଲେ ଥାନାରେ ।

ଥାନା ବଡ଼ବାବୁ ହନୁମନ୍ତ ଛୁଆଳସିଂହ । ଖୋର୍ଦ୍ଧା ଅଞ୍ଚଳରେ ଘର । ତାଙ୍କ ବାପ ଅଜାଙ୍କୁ ପୁରୀ ଗଜପତି ବିଭିନ୍ନ ପଦ ପଦବୀରେ ଅଳଙ୍କୃତ କରିଥିଲେ । ପିତୃଅର୍ଜିତ ପଦବୀରେ ହନୁମନ୍ତ ବାବୁଙ୍କୁ ସମସ୍ତେ ଛୁଆ ସିଂହ ସାହେବ ଡାକନ୍ତି । ମାସ ଦୁଇଟା ତଳେ ସାହେବ, ବଡ଼ବାବୁଙ୍କ ଆସନ ଅଳଙ୍କୃତ କରି ଏତେବଡ଼ ଥାନାର ଦାୟିତ୍ୱ ବହନ କରିଛନ୍ତି । ଦେଖିବାକୁ ଯଦିଓ ଛାଗଳ ବର୍ଣ୍ଣ, ମାତ୍ର ଗର୍ଜନ ତର୍ଜନରେ ବାବୁ ସିଂହଠାରୁ ବଳି । ଦାସଙ୍କ ମୁଣ୍ଡରେ ଗୋଟିଏ କଥା । କିମିତି ଥାନାରେ ଘଟଣାଟା କହିବେ । ସେଇକଥା ଭାବିଭାବି ବଡ଼ବାବୁଙ୍କ ଅଫିସ ରୁମର ପରଦା ଟେକି ଦାସେ ପଶିଗଲା ବେଳକୁ ସିଂହ ଗର୍ଜନରେ ଦାସଙ୍କ ଭାବନା ସମୁଦ୍ରରେ ଭଙ୍ଗା ପଡ଼ିଲା । "କୁଆଡ଼େ ପଶିଆସୁଛ ? ଗେଟ୍ ଆଉଟ୍, ଗେଟ୍ ଆଉଟ୍ ରଡ଼ିରେ ଦାସେ ଆବା କାବା ହେଇ ନଯଯୌ ନତସ୍ଥୌ ଅବସ୍ଥାରେ ଆଖି ମିଟିକା ମାରି ଚ୍ହିଁଲା ପରେ ଘଟଣାଟା ବୁଝିପାରି ଛୁଆଳସିଂହ ସାହେବଙ୍କ ରୁମ୍ ବାହରକୁ ଆସି ମୁହଁରୁ ଝାଳ ପୋଛିଲେ । ଏତିକି ବେଳକୁ ଥାନା ପହରା କନେଷ୍ଟବଳ କୁଆଡ଼େ ଥିଲେ ଦଉଡ଼ି ଆସି ଦାସଙ୍କୁ ମୃଦୁ ଗାଳିଟିଏ ଦେଇ କହିଲେ- "ହଇଓ, ତୁମେ କ'ଣ କ୍ୟାପିଟାଲ ଷଣ୍ଢ, ଭୁସ୍‌କିନା ସାହେବଙ୍କ ରୁମ୍ ଭିତରକୁ ପଶି ଯାଉଛ । ଦରବୁଢ଼ାଟାଏ ହେଲଣି, ସାହେବମାନଙ୍କ ଅଫିସ୍‌କୁ କେମିତି ଯାଆନ୍ତି ଜାଣିନ ?" ପହରାଦାର କନେଷ୍ଟବଳଙ୍କ ଭର୍ତ୍ସନାଟି ସରିଲା ବେଳକୁ 'ଦାସେ' ରୁନି କଥା ସବୁ ଭାବୁ ଭାବୁ 'ହୁଁ'ଟିଏ ମାରିଲେ । କନେଷ୍ଟବଳ 'ହୁଁ' ଶବ୍ଦଟି ଶୁଣି ଆରମ୍ଭ କଲେ- 'ଲାଜ ଲାଗୁନି ପୁଣି ହୁଁ ମାରୁଛ ?' ତା କଥାକୁ କାନକୁ ନଦେଇ ଦାସେ ଥାନା ପିଣ୍ଡାରେ ପଡ଼ିଥିବା ଲମ୍ବ ବେଞ୍ଚ ଉପରେ ଲଥକିନା ବସିପଡ଼ିଲେ । କିଛି ସମୟ ପରେ ପହରାଦାର ଖଣ୍ଡେ କାଗଜ ତାଙ୍କ ହାତକୁ ବଢ଼ାଇଦେଇ କହିଲେ- 'ଏଇଥିରେ ନାଁ ଲେଖିଦିଅ, ସେ ବଡ଼ବାବୁ ଡାକିଲେ ଯାଇ ତାଙ୍କ ରୁମ୍ ଭିତରକୁ ଯିବ ।' ଏତକ କହି କନେଷ୍ଟବଳ ବାବୁ ତାଙ୍କ ହାତରେ କାଗଜ ଧରି ବଡ଼ ବାବୁଙ୍କ ରୁମ୍ ଭିତରକୁ ପ୍ରବେଶ କଲେ ।

ଏଣେ ଦାସେ ଥାନା ବେଞ୍ଚ ଉପରେ ବସି ଭଗବାନ ବିଷ୍ଣୁଙ୍କ 'ବିଶ୍ୱରୂପ' ମନେ ମନେ ଆଙ୍କୁଥା'ନ୍ତି, ଏତିକିବେଳକୁ କଲିଂବେଲର ଶବ୍ଦ ହେଲା । ଶବ୍ଦ ଶୁଣି ଦାସେ ଝାଡ଼ିଝୁଡ଼ି ହୋଇ ବସିଲେ । ଡକରା ଆସିଲା ଦାସଙ୍କୁ ଭିତରକୁ ଯିବାକୁ । ଠିଆଠିଆରେ ଦାସେ ବଡ଼ବାବୁଙ୍କ ଆଗରେ ସବୁକଥା ବର୍ଣ୍ଣନା କଲେ । କାକୁତିମିନତି ହୋଇ ତାଙ୍କୁ ଏ ବିପଦରୁ ରକ୍ଷା କରିବା ପାଇଁ ଦାସେ ଅନୁରୋଧ କରୁଥାନ୍ତି । ମଝିରେ ମଝିରେ ଝିଅଟା ତାଙ୍କ ମୁହଁରେ କଳା ଲଗାଇ ଦେଲା ବୋଲି କହିବାକୁ ଭୁଲୁ ନଥାନ୍ତି । ଏକନିଷ୍ଠ ଭାବେ ସବୁକଥା ଶୁଣି ସାରିଲା ପରେ ହନୁମନ୍ତ ବାବୁ କହିଲେ 'କିଛି ହୋଇ ପାରିବ ନାହିଁ କି ପୁଲିସ କିଛି କରି ପାରିବନି ।' ତାଙ୍କ କଥା ଶୁଣି ଦାସେ କହିଲେ- 'ସାର୍, ପିଲାଟା 'ମାଇନର' । ଏଇଟା ଗୋଟେ 'ଜାନକାରୀ' କେଶ୍ । ପୋଲିସର ଧର୍ତ୍ତବ୍ୟ ଅପରାଧ । ଦାସଙ୍କ ମୁହଁରୁ ଆଇନ

Digitized by PPRACHIN, SOA

କଥା ଶୁଣି ଛୁଆଳସିଂହ ଆହୁରି ରାଗିକରି କହିଲେ, ହଁ ଆଇନ ଶୁଣଉଛ । ଶଳା ଘର ଭିତରେ ବାରଆଡୁ ବାରଛତରାଙ୍କୁ ଭଡ଼ାରେ ରଖିବ । ଝିଅକୁ ଛାଡ଼ି ଦେବ, ସେତେବେଳେ ପୁଲିସର ପରାମର୍ଶ ନେଇ ଘରେ ଭଡ଼ାଟିଆଙ୍କୁ ରଖିଥିଲ କି ? ଏତେବେଳକୁ କ'ଣ ନାଁ ମୋ ଝିଅକୁ ଅମୁକ କରିଦେଲା, ସମୁକ କରିଦେଲା କହି ଆସି ଥାନାରେ ହାଜର ।' ଏଇ ସାମାନ୍ୟ ଭର୍ତ୍ସନା ଭିତରେ ଛୁଆଳସିଂହେ ଦାସଙ୍କୁ ପଞ୍ଚାଧିକ ଥର 'ଶଳା' ସମ୍ବୋଧନ କରି ସାରିଲେଣି । କଅଣ ଆଉ କରିବେ । ବିପଦବେଳେ ଭଗବାନ୍ ନିଜେ ତ ଗଧ ପାଦ ଧରିଥିଲେ । ତାଙ୍କ ଅବସ୍ଥା ସେଇଆ । ନହେଲେ କାହିଁକି ଏ 'ଶଳା' ଶବ୍ଦଟି ଶୁଣି ସେ ନୀରବ ନିଶ୍ଚଳ ଭାବେ ଠିଆ ହୋଇ ସବୁ ସହ୍ୟ କରି ଯାଇଥାନ୍ତେ । ଏଣେ ଝିଅଙ୍କ କୀର୍ତ୍ତି ଯୋଗୁଁ ଦ୍ୱିତୀୟ ପକ୍ଷ ସ୍ତ୍ରୀଙ୍କଠାରୁ ଗାଳି, ତେଣେ କଥାଟା ଘର ଭିତରେ ରଖିବା ପାଇଁ ଦାମୋଦର ମା'ଙ୍କ ପାଖରୁ ଅପମାନ, ଏଣେ ଆଇନ ସହାୟତା ନବାକୁ ଆସି ଭର୍ତ୍ସନା । ଦାସେ ଭାଙ୍ଗି ପଡ଼ିଲେ । ବଡ଼ବାବୁଙ୍କ କଥା ଉପରେ କିଛି ଉତ୍ତର ନଦେଇ ସେ ପୁଣି ତାଙ୍କ ରୁମ୍‌ରୁ ବାହାରି ଆସିଲେ, ତାଙ୍କ ମୁଣ୍ଡରେ ଆଉ କିଛି ବୁଦ୍ଧି ପଶୁ ନଥାଏ । ଥାନା ବାରଣ୍ଡା ପାହାଚ ତଳକୁ ଓହ୍ଲାଇଲା ବେଳକୁ ବଡ଼ବାବୁଙ୍କ ଗର୍ଜନ ଘର ଭିତରୁ ଶୁଣାଗଲା । 'କୁଆଡ଼େ ପଳଉଛ ହେ- କଥା କହିଦେଲେ ମୁଣ୍ଡ ଗରମ ହୋଇଯାଉଛି । ଆସ ଆସ ! ଦାସଙ୍କ ଇଚ୍ଛା ନଥିଲେ ସୁଦ୍ଧା ତାଙ୍କ ଗୋଡ଼ ତାଙ୍କୁ ସେଇ ରୁମ୍‌କୁ ପୁଣି ଭିଡ଼ିନେଲା । ରୁମ୍‌କୁ ପଶୁ ପଶୁ ହନୁମନ୍ତବାବୁ କହିଲେ- 'ବୁଝିଲେ ଦାସେ, ମୋ କଥା ଶୁଣୁ ଶୁଣୁ ତ ତୁମ ପରି କେତେ ଲୋକଙ୍କ କଥା ଶୁଣି ଶୁଣି ଆମ ମୁଣ୍ଡ ଆଉ ଥଣ୍ଡା ଅଛି ବୋଲି ଭାବୁଛ ? ପୂରାପୂରି ଗରମ । ଦେହରୁ କେତେ ଝାଳ ବାହାରୁଛି ଦେଖୁଛ । ତୁମ କେଶ୍‌ଟା ପୂରା ଥଣ୍ଡା ମୁଣ୍ଡରେ ବିଗ୍ଚର କରିବା କଥା । ନହେଲେ ସବୁ ଅଡୁଆ ହୋଇଯିବ । ଗଲ ଗଲ ଦି ଗ୍ଚରିଟା ଫାଣ୍ଟା କି ଥମସ୍‌ଅପ୍ ଆଣିଲ । ଛୁଆଳ ସିଂହଙ୍କ ବ୍ୟବହାରରେ ହଠାତ୍ ପରିବର୍ତ୍ତନ ଦେଖି, ଦାସେ କୃତକୃତ୍ୟ ହୋଇ 'ଆଜ୍ଞା ଆଣୁଛି' କହି ଥାନା ବାରଣ୍ଡାରୁ ଏକାଥରକେ ତଳକୁ ଡେଇଁ ପଡ଼ିଲେ । ବାରଣ୍ଡାରୁ ସିନା ମାଙ୍କଡ଼ ପରି ଖପ କିନା ଡେଇଁପଡ଼ିଲେ, ହେଲେ ପାଖଆଖରେ ଥଣ୍ଡା ଥମସ୍‌ଅପ୍ ମିଳୁଛି କେଉଁଠି । ଦିନ ବାରଟା ଉପରେ । ଦାସେ ଟାଣ ଖରାରେ ଗ୍ଚଲି ଗ୍ଚଲି ବାଟ ଅଧମାଇଲିଏ ଗଲା ପରେ ଥମସ୍‌ଅପ୍ ବୋତଲ ୪ଟା କିଣି, ହାତରେ ଷ୍ଟ୍ର ଧରି ଗ୍ଚଲିଲେ । କିଛି ବାଟ ଆସିଲା ପରେ ମନେ ପଡ଼ିଲା ଥମସ୍‌ଅପ୍ ପିଇ ସାରିଲା ପରେ ସିଗାରେଟ, ପାନର ଦରକାର ହୋଇପାରେ । ଦାସେ ପାନଦୋକାନରୁ ଭଲ ସିଗାରେଟ ପ୍ୟାକେଟ, କଡ଼ା ମିଠା ମିଶାଇ ପାନ ଗ୍ଚରିଖଣ୍ଡ ଧରି ପହଞ୍ଚିଲେ । କୋଲଡ୍ରିଙ୍କ ବୋତଲ ଖୋଲୁ ଖୋଲୁ ଛୁଆଳସିଂହ ୨ଟା ପିଇଦେଲେ । ତାଙ୍କ ପାଖରେ ଥିବା ଜୁନିଅର ଅଫିସର ଗୋପ ତିଆଡ଼ୀକୁ ମଧ୍ୟ ଗୋଟେ ଦେଲେ । କୋଲଡ୍ରିଙ୍କ ପରେ, ସିଗାରେଟ୍ ବାହାର କରି ପିଇବା ଆରମ୍ଭ କରନ୍ତେ କହିଲେ- 'ଆଚ୍ଛା ଏବେ ମୁଁ ଯାହା କହୁଛି ସେଇ ଅନୁସାରେ ଗୋଟେ ଏତାଲା ଲେଖ । ଖାଲି ଜଣେ ଗ୍ରେଡ଼ୱାନ୍ ଆସିଷ୍ଟାଣ୍ଟ ହୋଇଗଲ ବୋଲି କଅଣ ପୁଲିସ ବିଭାଗର ସବୁ ଆଦବ କାଇଦା ଜାଣିଗଲ !' ଏତକ ଶୁଣି ଦାସେ ଚଉକିରେ

Digitized by PPRACHIN, SOA

ବସନ୍ତେ ବଡ଼ବାବୁ ଖଣ୍ଡେ କାଗଜ ଆଉ କଲମ ବଢ଼େଇଦେଲେ । ବଡ଼ବାବୁଙ୍କ ଡାକିବା ଅନୁସାରେ ଏତାଲା ଦାୟର ହେଲା । ଏତାଲାରେ ଦସ୍ତଖତ କରିସାରି ଦାସେ କହିଲେ, 'ଆଜ୍ଞା ଯାହା ହବାର ହେଲାଣି । ପିଲାଟା ତ ଏକା ଜାତି । ଗ୍ରକିରି ବି କରିଛି । ଯଦି ରାଜି ହୋଇ ବାହା ହୋଇଯାଆନ୍ତା, ତା'ହେଲେ ଏ କେଶ୍‌କାଶ୍‌ରୁ ମୋତେ କଅଣ ମିଳିବ । କୋର୍ଟ କଚେରି କରି ବଢ଼ିଲା ଝିଅକୁ ଆଉ ବେଜିତ୍ କରନ୍ତିନି ।' ଦାସଙ୍କ କଥା ଶୁଣି ହନୁମନ୍ତ ବାବୁ କହିଲେ, 'ହଁ, ହଁ ବାହାଘର କରେଇଦବା । କଅଣ ଦବ ? ଗୋଟେ ଛେଳି କାଟିବ ?' ଦାସେ କହିଲେ ଗୋଟେ କଅଣ ଅଜ୍ଞା ଦିଇଟା ଛେଳି କାଟିବି । ଦୁଇଶହ ଲୋକ ଖାଆନ୍ତୁ କିଛି ପରବାଏ ନାହିଁ । କିନ୍ତୁ ଆଜ୍ଞା ମୋତେ ଏ ବିପଦରୁ ରକ୍ଷା କରନ୍ତୁ ।' ଦାସଙ୍କ କାକୁତି ମିନତି ଶୁଣି ହନୁମନ୍ତ ବାବୁ ମୁହଁରୁ ସିଗାରେଟ ଧୂଆଁର କୁଣ୍ଡଳୀ ଗୋଟାକ ପରେ ଗୋଟେ ଛାଡ଼ି କହିଲେ, 'ବୁଝିଲ ଦାସବାବୁ, ଏ ଯେଉଁ ଏଫ୍.ଆଇ.ଆର୍. ଲେଖେଇଛି ନାଁ ସେ ଶଳା ଯିବ କୁଆଡ଼େ / ହେଲେ ହବ ତମ ଜ୍ୱାଇଁ ନହେଲେ ହବ ଜେଲବାବୁଙ୍କ ଜ୍ୱାଇଁ । ଯାହାର ହେଲେ ଶଳା ଜ୍ୱାଇଁ କୁଣିଆଁ ହବ ।

ମଝିରେ ମଝିରେ ଶଳା ଶବ୍ଦଟା ଶୁଣି ଦାସଙ୍କ ମନ ଦବିଯାଉଥାଏ । କେଜାଣି କାହିଁକି ଏ "ଶଳା" ଶବ୍ଦଟାକୁ ସେ ପିଲାଦିନୁ ଭୟ କରନ୍ତି । ତାଙ୍କ ବାପ ଗୋସେଇଁ ବାପ ମକଦମ ଥିଲେ । ଘରେ ଗଣ୍ଡା ଗଣ୍ଡା ଗ୍ରକର, ପୂଜାରୀ । ଭଲରେ ମନ୍ଦରେ ସେମାନେ ଏମାନଙ୍କୁ ଶଳା ସମ୍ବୋଧନ କରି ଗାଳି ଦିଅନ୍ତି । ଦରକାର ବେଳେ ବିଧା ଗୋଇଠା ମାରନ୍ତି । ତାଙ୍କ ମନେ ଅଛି, ବାଉରି ସାହିର ଫକିରା ବାଉରି ପୁଅ, ଥରେ ସ୍କୁଲକୁ ଗଲା ବାଟରେ ତାଙ୍କୁ 'ଶଳା ମକଦମ୍' ଦେଖାଉଛୁ ବୋଲି କହିଥିଲା । ସ୍କୁଲରୁ ଫେରି ସେ ଏହି କଥାଟି ତାଙ୍କ ବାପାଙ୍କୁ କହିଥିଲେ । ତା'ପରଦିନ ସକାଳୁ ସକାଳୁ ବାପା ଯାଇ ବାଉରି ସାହିରେ ହାଜର । ସମସ୍ତଙ୍କ ଆଗରେ ପିଲାଟାକୁ ଗଛରେ ବାନ୍ଧି, ମାଡ଼ମାରି ତା ଦେହଯାକ ନୋଳା ବସାଇ ଦେଇଥିଲେ । ସେ ଦୃଶ୍ୟ ମନେପଡ଼ିଲେ 'ଦାସେ' ଏବେବି ଭୟ କରନ୍ତି । ମାଡ଼ ଖାଇ ଫକିରା ବାଉରି ପୁଅ ତା ପରଦିନ ସ୍କୁଲ ଗଲାବେଳେ ଦାସଙ୍କ ସହିତ କଥାବାର୍ତ୍ତା କରିନଥିଲା । କିଛିଦିନ ପରେ ଦାସେ ନିଜଆଡୁ ତା'ସଙ୍ଗେ କଥାବାର୍ତ୍ତା କରିଥିଲେ । ସେ ଜାଣି ନଥିଲେ ଯେ ଏଇ ଶଳା ପଦଟା ଲାଗି ଏ ପିଲାଟା ଏତେ ମାଡ଼ ଖାଇବ । ଏବେ ସେଇ ଫକିରା ପୁଅ ସେକ୍ରେଟେରିଏଟ୍‌ରେ ସେକ୍ସନ ଅଫିସର । ବେଳେବେଳେ ଦାସେ ବି ତା' ପାଖେ ଗୋଡ଼ ଭାଙ୍ଗି ଠିଆ ହେବାକୁ ହେଉଛି । ସେଇଦିନଠାରୁ 'ଶଳା' ପଦଟା ଶୁଣିଲା ବେଳକୁ ଦାସଙ୍କ ମୁହଁ କଳା ପଡ଼ିଯାଏ । କଥାବାର୍ତ୍ତା ମଧ୍ୟରେ ହନୁମନ୍ତବାବୁଙ୍କ ବାରମ୍ବାର ଶଳା ଉଚ୍ଚାରଣ ତାଙ୍କ ମନରେ ଭୟ ସଞ୍ଚାର କରୁଥାଏ । କାଲେ କହୁକହୁ ତାଙ୍କୁ ମଧ୍ୟ ସେଇ ଶବ୍ଦ ଧରି ସମ୍ବୋଧନ କରିପାରନ୍ତି । ପୋଲିସବାଲାଙ୍କ ପାଟିରେ ତ ବାଟୁଳି ବାଜେନି ।

କିଛି ସମୟ ସିଗାରେଟ ଫୁଙ୍କି ସାରିଲା ପରେ ବଡ଼ବାବୁ ଆଦେଶ ଦେଲେ କାଲି

Digitized by PPRACHIN, SOA

ସକାଳୁ ଝିଅକୁ ଧରି ଥାନାକୁ ଆସିଲେ, ତାକୁ ଡାକ୍ତରମାଇନା କରିବା ପାଇଁ ପଠାହେବ । ତା'ଛଡ଼ା 'ତା'ର ପିନ୍ଧିଥିବା ଲୁଗାପଟା ଆଇନ ଅନୁଯାୟୀ ଜବତ୍ ହୋଇ ପୋଲିସ ବିଜ୍ଞାନାଗାରକୁ ପରୀକ୍ଷା ପାଇଁ ପଠାଯିବ । ଝିଅର ଡାକ୍ତରମାଇନା କଥା ଶୁଣି ଦାସେ ହାଁ କରି ହନୁମନ୍ତବାବୁଙ୍କ ଆଡ଼େ ଅନେଇଲେ । ପାଟିରୁ ତାଙ୍କର କଥା ବାହାରୁ ନଥାଏ । ତାଙ୍କୁ ହାଁ କରି ଅନେଇଥିବାର ଦେଖି ବାବୁ କହିଲେ, "କଅଣ କିଛି ବୁଝି ପାରିଲେନି କି ? ଜନାକାରୀ କେସ୍‌ରେ ଡାକ୍ତର ମାଇନା ଇଜ୍ ଏ ମଷ୍ଟ । ନହେଲେ କେସ୍ ଷ୍ଟ୍ରଙ୍ଗ ହୋଇ ପାରିବନି । ଯେତେହେଲେ ଝିଅ ମାଇନର; ନହେଲେ ସେ ଶଳା ଟୋକା ଖସିଯିବ ଯେ ?" ଦାସେ ହୁ ହାଁ କହି ମୁଣ୍ଡ ଟୁଙ୍ଗାରି ଥାନାରୁ ବାହାରିଯିବାକୁ ବସିଲେ । ଦିନ ଯାଇ ରାତ୍ରି ଏଗାର ହେଲାଣି । ଖିଆପିଆ କିଛି ହୋଇ ନଥାଏ । ଝିଅ ଚିନ୍ତାରେ ଥାନା ଭିତରେ ପଶି ଦାସଙ୍କ ଭୋକଶୋଷ ସବୁ ମରିଯାଇଥାଏ ।

ରାତି ବାରଟା ପାଖାପାଖି । ଦାସେ ହଲିହଲି ଘରେ ପହଞ୍ଚିଲା ବେଳକୁ ଘରେ ସମସ୍ତେ ଖାଡ଼ା ଖାଡ଼ା ଉପବାସ । ଝିଅଟା କାନ୍ଦୁଥାଏ । ସମସ୍ତଙ୍କୁ ବୁଝାସୁଝା କରି ସେ ଶୋଇଲେ । ଆଖିକୁ ନିଦ ଆସୁନଥାଏ, ସକାଳୁ କିମିତି କହିବେ ଝିଅକୁ ଥାନାକୁ ଯିବାପାଇଁ । ବାପ, ଅଜା ଚଉଦପୁରୁଷରେ ତାଙ୍କ ଘର, ସ୍ତ୍ରୀ, ପିଲା ଥାନା ବାରଣ୍ଡା ଦେଖି ନଥିବେ, ଏବେ ତାଙ୍କ ଝିଅ ଯିବ ଥାନାକୁ, ପୁଣି ଥାନାରୁ ଡାକ୍ତରଖାନାକୁ, ଡାକ୍ତରଖାନାରେ ଡାକ୍ତର ମାଇନା- କି ହଲାପଟାରେ ଦଇବ ତାଙ୍କୁ ପକାଇଲା ।

ସକାଳୁ ସକାଳୁ ଝିଅକୁ ତାଗେଦା କରି, ଦାସେ ନିତ୍ୟକର୍ମ ସାରୁଥାନ୍ତି । ଥରେ ଥାନାକୁ ଗଲେ ନିଜ ଇଚ୍ଛାରେ ଆସି ହବନି କି ଆସିବାକୁ କହିହବନି । ଦିନକର ଅନୁଭୂତିରୁ ଦାସେ ପୂରା ଅନୁଭବୀ ହୋଇଯାଇଥାନ୍ତି । ଅନିମାକୁ ବରାଦ କଲେ ପଖାଳ, ଶାଗ, ଯାହା ଅଛି, ବାଢ଼ିବାକୁ । ଝିଅକୁ ମଧ୍ୟ କହି ଦେଲେ ଯାହା ଅଛି ଦି'ଟା ପେଟରେ ପକେଇ ଦବାକୁ । ଥାନା, ପୁଣି ଡାକ୍ତରଖାନା, କିଏ ଜାଣେ କେତେବେଳ ହେବ ।

ଝିଅର ଅନିଚ୍ଛା ସତ୍ତ୍ୱେ ଦାସେ ତାକୁ ଭିଡ଼ି ଓଟାରି ରିକ୍ସାରେ ବସାଇଲେ । ଡେରି ହେଲେ ହନୁମନ୍ତବାବୁଙ୍କ ରଡ଼ିକୁ ତାଙ୍କୁ ଭାରି ଡର । ଥାନାରେ ପଶିବା ପୂର୍ବରୁ ହନୁମନ୍ତବାବୁଙ୍କ ପାଇଁ ପ୍ୟାକେଟ୍ ଫିଲ୍ଟର ଉଇଲ୍‌ସ ସିଗାରେଟ୍ ଗୋଟିଏ ଘୋଡ଼ାମୁଣ୍ଡ ମାର୍କା ଦିଆସିଲି, ରାସ୍ତା ଉପର ପାନ ଦୋକାନରୁ କିଣିଲେ । ତା ସାଙ୍ଗକୁ ଶହେ ବତିଶ ଗୋପାଳ ଜର୍ଦାଦିଆ ପାନ ଗୁରିଖଣ୍ଡ । କଥାରେ ଅଛି, ଗୁରୁ, ଦେବତା ଆଉ ରାଜାଙ୍କ ପାଖକୁ ଗଲାବେଳେ ଖାଲି ହାତରେ ଯିବା ଶାସ୍ତ୍ର ଅନୁମୋଦିତ ନୁହଁ । କିଛି ନା କିଛି ଧରି ଯିବାକୁ ହେବ । ଏକାଳରେ ତ ରଜାମାନେ ପ୍ରଜା ହେଲେଣି, ପ୍ରଜାମାନେ ରଜା ହେଲେଣି । ଫାଣ୍ଡିଦାର ବର୍ତ୍ତମାନ ତାଙ୍କ ପାଇଁ ରଜା । ତାଙ୍କ ଗୁହାରୀକୁ ସେଇ ଶୁଣୁଛନ୍ତି, ତେଣୁ ଖାଲି ହାତରେ ସକାଳୁ ତାଙ୍କୁ କିପରି ମୁହଁ ଦେଖେଇବେ । ଇଏ ତ ଗଲା ରାଜାଙ୍କ କଥା । ତାଙ୍କ ପାଖରେ ଯେଉଁମାନେ ଅଛନ୍ତି, ତାଙ୍କ କଥା ବୁଝିବାକୁ ହେବ । ମହାଦେବଙ୍କ ମନ୍ଦିରରେ

Digitized by PPRACHIN, SOA

ପ୍ରବେଶ କରିବା ପୂର୍ବରୁ ବୃଷଭ ଉପରେ ଟିକିଏ ହାତ ବୁଲାଇ ଦେଇ ଯିବାକୁ ହୁଏ, ନହେଲେ ମହାଦେବଙ୍କ ଦର୍ଶନ ପାଇବା କଠିନ । ଆଗରୁ ତ ଆମର ପୂର୍ବପୁରୁଷମାନେ ଦର୍ଶନୀ ବ୍ୟବସ୍ଥା କରିଦେଇ ଯାଇଛନ୍ତି । ତେଣୁ ଦାସେ, ହାବିଲଦାର ବାବୁଙ୍କ ପାଇଁ କଡ଼େ ବିଡ଼ି, ଗୋଟେ ଦିଆସିଲି ମଧ୍ୟ ପକେଟରେ ପୂରାଇ ଥାନାଆଡ଼େ ମୁହାଁଇଲେ ।

ଥାନା ଗେଟ୍ ପାଖେ ପହଞ୍ଚି, ତେଲିଙ୍ଗୀ ରିକ୍ସାବାଲା କହିଲା ଏଇଠି ଓହ୍ଲାନ୍ତୁ । ଦାସେ ତାକୁ ଜବରଦସ୍ତ କରୁଥାନ୍ତି ଥାନା ଭିତରକୁ ଯିବାକୁ । ଗେଟ୍ ପାଖରୁ ଥାନା ବାରଣ୍ଡା ଦୁଇଶହ ଗଜରୁ କମ୍ ହେବନି । ଝିଅଟା ସାଙ୍ଗରେ । କିନ୍ତୁ ରିକ୍ସାବାଲା ଜମା ମଙ୍ଗୁ ନଥାଏ । ସେ କହୁଥାଏ ଗଲାକାଲି ରାତିରେ ସେ ହାଟ ପାଖ ରାସ୍ତା ଉପରେ ରିକ୍ସା ପାର୍କିଂ କରିଥିଲା ବୋଲି, ସେ ନିଶୁଆ ହାବିଲଦାର ଯେଉଁ ଗ୍ୱରି ପାହାର ଦେଇଛି, ଏଇଲେ ୮ ଦିନ ପର୍ଯ୍ୟନ୍ତ ଦରଜ ତା ଦେହରୁ ଯିବନି । ତାର ଅଭିଯୋଗ ହେଲା ସହରର ମୁନିସିପାଲିଟିବାଲା ରାସ୍ତା କଡ଼ରେ ରିକ୍ସା ମଟର ପାର୍କିଂ ପାଇଁ ଜାଗା ଯୋଗାଇ ଦେବେନି । ସିଆଡ଼େ ଲାଇସେନ୍ସ ଗୋଟାକ ପରେ ଗୋଟାଏ ଦେଇଦେଉଛନ୍ତି, ଆଉ ଜାଗା ନଥାଇ ଏମାନେ ରାସ୍ତା କଡ଼ରେ ଟିକିଏ ବିଶ୍ରାମ ନେଲାବେଳକୁ ପୁଲିସବାଲାଙ୍କ ଚଢ଼ାଉ । ଗରିବ ମାଇପ ସମସ୍ତଙ୍କ ଶାଳୀ । ହାବିଲଦାର ଗ୍ୱରିପାହାର କଷିଦେଲା, ସେ ସହିକରି ରିକ୍ସା ଧରି ପଳେଇଲା । ଏଇଟା ହେଲା ଆତ୍ମାଧୀନ ଗଣତନ୍ତ୍ର ଦେଶର ହାଲ୍ । ରିକ୍ସାବାଲା ମୁହଁରୁ ଏସବୁ କଥା ଶୁଣି ଦାସେ କହିଲେ, ହଉ ହେଲା, ତୁ ଏଇଠି ରିକ୍ସା ରଖ। ଯାହା କହିଲୁ ଠିକ୍, ମୁଁ ତ ଜାଣି ଫାଣ୍ଡିକି ଆସିଛି, ତୁ ଆଉ କାହିଁକି ତା ଭିତରକୁ ପଶିବୁ । ବାହାରୁ ବାହାରୁ ବାହାରି ଯା । ଏତକ କହି ରିକ୍ସାବାଲାର ପଇସା ଛିଣ୍ଡାଇ ଝିଅକୁ ଧରି ଥାନାରେ ପଶିଲେ ।

ଥାନା ବାରଣ୍ଡା ଆଉ ଗେଟ୍ ମଝିରେ ଥିବା ପାଣିକୁଣ୍ଡ ପାଖରେ ପହଞ୍ଚିଲା ବେଳକୁ, ହନୁମନ୍ତବାବୁ ତାଙ୍କ ଝରକା ଫାଙ୍କରୁ ଦାସଙ୍କ ଆଗମନୀ ଦେଖି ପହରା କନେଷ୍ଟବଳକୁ ବଡ଼ ପାଟିରେ କହିଲେ, 'ଆରେ ସେ ଦାସ ଆସିଲେଣି, ତାକୁ ଡାକ ଏଠିକି ?'

ବଡ଼ବାବୁଙ୍କ କନେଷ୍ଟବଳଙ୍କୁ ଦେଉଥିବା ଆଦେଶଟା ଦାସଙ୍କ କାନରେ ପଡ଼ିଲା । ହନୁମନ୍ତବାବୁଙ୍କ ପାଟିଟା ଶୁଣୁଶୁଣୁ ଦାସଙ୍କ ବାଁ ହାତ ଛାଏଁ ଛାଏଁ ତାଙ୍କ ନାକପୁଡ଼ା ପାଖକୁ ଗ୍ୱଲିଯାଇ, କେଉଁ ନାକପୁଡ଼ାରେ ସେତେବେଳେ ପବନ ବହୁଛି ଦେଖି, ସେଇ ଗୋଡ଼ପକାଇ ଥାନା ପିଣ୍ଡାକୁ ଉଠିବେ ବୋଲି ଦାସେ ବାଁ ଗୋଡ଼ ଟେକିଲାବେଳକୁ ହନୁମନ୍ତଙ୍କ ପାଟି ଶୁଭିଲା । ଆସନ୍ତୁ ଆସନ୍ତୁ, ଆଠଟା ବେଳକୁ କହିଥିଲି, ନଅଟା ପନ୍ଦର ହେଲାଣି ।' ସୁଇଚଟା ମାରିଦେଲା ପରେ ଯେପରି ବିଜୁଳି ପଙ୍ଖା ଧାଇଁକିନା ବୁଲିବାକୁ ଆରମ୍ଭ କରେ, ହନୁମନ୍ତ ବାବୁଙ୍କ ପାଟି ଶୁଣୁଶୁଣୁ ଦାସଙ୍କ ହାତ ପକେଟ ଭିତରକୁ ଯାଇ ସାଥିସାଥି ସିଗାରେଟ, ପାନ, ଦିଆସିଲି ବାହାର କରି ତାଙ୍କ ଟେବୁଲ ଉପରେ ଥୋଇଦେଲା । ଏ ସମସ୍ତ ଦେଖି ହନୁମନ୍ତବାବୁ ହସିହସି କହିଲେ ଗୋଟେ ଦିନ ଥାନାକୁ ଆସିବା ଭିତରେ ଦାସେ ଥାନାର

Digitized by PPRACHIN, SOA

ଆଦବ୍ କାଇଦା ସବୁ ଜାଣି ଗଲେଣି । ଖାଲି ଅଫିସରେ ବସି ଗ୍ରେଡ ଓ୍ୱାନ୍‌ଟେ ହୋଇଗଲେ କଅଣ ଥାନା ଫାଣ୍ଡି ଆଇନ କାନୁନ୍ କଥା ମାଲୁମ୍ ହୋଇଗଲା ? ଏତକ କହୁକହୁ ସିଗାରେଟ୍ ପ୍ୟାକେଟ୍ ଖୋଲି ସେ ଖଣ୍ଡେ ଲଗେଇଲେ । ଝିଅକୁ ଦାସେ ବାହାରେ ଠିଆ କରିଥାନ୍ତି ।

ଗୋବର୍ଦ୍ଧନ ଓରଫ ଗବବାବୁ ଥାନାର ଦ୍ୱିତୀୟ ଅଫିସର । ହନୁମନ୍ତବାବୁ କହିଲେ ଯେ ସେ କେଶ୍‌ର ତଦନ୍ତ ଭାର ଗବ ବାବୁଙ୍କ ଉପରେ ନ୍ୟସ୍ତ କରିଛନ୍ତି । ଗବବାବୁ ପୁରୁଣାକାଳିଆ ଧୁରନ୍ଧର ଅଫିସର । ଗଡ଼ଜାତ ଅଞ୍ଚଳରେ ଗ୍ୱକିରିରେ ଭର୍ତ୍ତି ହୋଇଥିଲେ । ପ୍ରମୋଶନ ପାଇ ଏବେ ସିନିୟର ସବଇନ୍ସପେକ୍ଟର ଅଛନ୍ତି ।

ଗବବାବୁ ଗୁଣଗାନ କରି ହନୁମନ୍ତ ବାବୁ କହୁଥାନ୍ତି "ବୁଝିଲ ଦାସବାବୁ, ତୁମ କେସ୍‌ର ତଦନ୍ତ ଏଇ ଗବବାବୁ ନେଇଛନ୍ତି । ଗାତରେ ପଶି ଯାଉଥିବା ସାପର ଲାଙ୍ଗୁଡ଼ ଧରି ଇଏ ଗାତରୁ ସାପ ବାହାର କରିଦେବା ଲୋକ । ସେ ମେଞ୍ଚଡ଼ ଟୋକା ଆଉ ତା ରାହାବାଣି ଗଞ୍ଜାମୀ ମା କୁଆଡ଼େ ଯିବେ ଦେଖିବାନି ?" ଗବବାବୁ ବଡ଼ବାବୁଙ୍କଠାରୁ ଆଦେଶ ପାଇଲାମାତ୍ରକେ ବାପ ଝିଅକୁ ତାଙ୍କ ରୁମ୍‌କୁ ଡାକିନେଲେ । ଦାସେ ଆଣିଥିବା ଝିଅର ପିନ୍ଧା ଲୁଗାପଟାକୁ ଗୋଟେ କଣକୁ ଫୋପାଡ଼ି ଦେଇ ଗବବାବୁ ଦାସକୁ ଆଦେଶ ଦେଲେ ଶୀଘ୍ର ଯାଇ ୨ଟା ରିକ୍ସା ଡାକ । ଡାକ୍ତରଖାନା ଯିବାକୁ ହେବ । ସେ ଶାଳୀ ଡାକ୍ତରାଣୀ ମହା ବଦମାସ । ତା ଭାଇ କିଏ ଗୋଟେ ଏଠି ବଡ଼ ସେକ୍ରେଟାରୀ ଅଛି ବୋଲି ଶଳା ସେ ଇନ୍ଦ୍ରଚନ୍ଦ୍ର ମାନୁନି । ମୁହଁ ଛିଞ୍ଚଡ଼ା କଥାକୁ କାଗଜ ଫୋପଡ଼ା ।

ଦାସେ ଗବବାବୁଙ୍କ ଆଦେଶ ଶୁଣି ଆଉ ଡେରି ନକରି ଗଲେ ରିକ୍ସା ଖୋଜିବାକୁ ହାଟ ପାଖ ଛକରୁ ଦି'ଟା ରିକ୍ସା ଧରି ଆସିଲେ । ପୁଣି ସେଇ ହଟହଟା । କୌଣସି ରିକ୍ସବାଲା ଥାନ ଭିତରକୁ ଯିବାକୁ ନାରାଜ । ଯମଘରକୁ ଯିବାକୁ ପଛେ ସେମାନେ ପ୍ରସ୍ତୁତ ଅଛନ୍ତି, ମାତ୍ର ଥାନାକୁ ଯିବାକୁ ତାଙ୍କର ମହାଭୟ । ଯମଦେବତା ତାଙ୍କ ମୃତ୍ୟୁପରେ ଯାଇ ତାଙ୍କ ମୃତ ଦେହ ଉପରେ ଯାହା ଅତ୍ୟାଗ୍ୱର କରିବେ, ଏଠି ତ ତାଙ୍କ ପ୍ରତିନିଧିମାନେ ଜୀବନ୍ତ ଦେହ ଉପରେ ଅତ୍ୟାଗ୍ୱର କରୁଛନ୍ତି । ସେମାନଙ୍କ କଥା ଶୁଣି ଦାସେ ତାଙ୍କୁ ବହୁତ ବୁଝାଇଲେ । ଝିଅଟା ଥାନା ପିଣ୍ଡାରେ ବସିଛି । ପୁଣି ଗବବାବୁଙ୍କୁ ସେ କିପରି ଥାନା ଗେଟ୍ ପର୍ଯ୍ୟନ୍ତ ଗ୍ୱଲି ଗ୍ୱଲି ଆସିବାକୁ କହିବେ । ବହୁତ ଅନୁରୋଧ କରି ଭଡ଼ା ଉପରେ ଆଉ ଅଧୁଲିଟିଏ ଅଧିକା ଦେବେ ବୋଲି ଜବାବ କଲାରୁ ରିକ୍ସାବାଲା ଦିଇଟା ଥଙ୍ଗେଇ ଥଙ୍ଗେଇ ଥାନା ଭିତରେ ପଶିଲେ ।

ଗବବାବୁ ରିକ୍ସା ଦେଖୁଦେଖୁ ତାଙ୍କ ରୁମ୍‌ରୁ କେତେଖଣ୍ଡ କାଗଜ, କାର୍‌ବନ୍ ଆଉଗୋଟେ ପେନ୍‌ସିଲ ଧରି ବାହାରିପଡ଼ିଲେ । ଗୋଟେ ରିକ୍ସାରେ ସେ ବସିଲେ ଆଉ ଗୋଟାକରେ ଦାସେ, ଝିଅ ରୁନି । ଗବବାବୁଙ୍କ ଚେହେରାଟା ପୁଲିସ ସବଇନ୍ସପେକ୍ଟର ଲେଖାଁଭଳିଆ ବୋଲି କେତେଲୋକ କହନ୍ତି । ଉଚ୍ଚତା ୫ ଫୁଟ ୬ ଇଞ୍ଚ ପାଖାପାଖି, ବୟସ ବଢ଼ିଲାପରେ ପେଟଟି ମଧ୍ୟ ସେଇ ଅନୁପାତରେ ଭଲ ଭାବରେ ବୃଦ୍ଧିପାଇ ଲମ୍ବୋଦରଙ୍କ ସଙ୍ଗେ କମ୍ପିଟ୍ କରୁଛି । ପେଟର ମେଦବୃଦ୍ଧି ଯୋଗୁଁ ଖାକି ପ୍ୟାଣ୍ଟ ତାଙ୍କ ପେଟ ଉପରେ

Digitized by PPRACHIN, SOA

ନରହି ତଳିପେଟ ଆଡ଼କୁ ଖସିଆସି କଟିଦେଶରେ ଲାଗିରହିଥାଏ। ସେଇଥିଲାଗି ଗବବାବୁ ସବୁବେଳେ ଖାକି ସାର୍ଟ ପିନ୍ଧନ୍ତି । ନାକତଳେ କଳା ଧଳା ନିଶ ସାଙ୍ଗକୁ ମୁଣ୍ଡ ପଛପାଖେ କେତେ ମେଞ୍ଚା ଧଳା କେଶ । କିନ୍ତୁ ଖପୁରିଟା ସବୁବେଳେ ଚକ୍‌ଚକ୍ । ଗବବାବୁ କୁହନ୍ତି ଏବେ କି କାଳ ହେଲା କେଜାଣି, ତାଙ୍କ ଚାକିରି ଆରମ୍ଭ ବେଳେ ଥରେ ମଫସଲ ଗସ୍ତରେ ଯାଇ ଫେରିଆସିଲା ବେଳକୁ କୁକୁଡ଼ା, ଗୁଆଘିଅ, ଅଣ୍ଡା, ପନିପରିବା ଯାହାକୁ ଯେତେ । କିଏ ପଚାରୁଥିଲା ସେତେବେଳେ ଏ ସବୁ ଜିନିଷକୁ । ସେତେବେଳର ଖାଣ୍ଟି ଗୁଆଘିଅ ଅସଲି ମଫସଲି କୁକୁଡ଼ା ଛୁଆ, ସରୁ ଅରୁଆ ଚାଉଳ ଖାଇଥିଲେ ବୋଲି ଏତେଦିନ କାଳ ମାରିଦେଲେଣି । ଖାଲି ଯାହା ବ୍ଲଡ଼ ପ୍ରେସର ଟିକିଏ ବଢ଼ିଯାଇଛି, ଏ କାଳରେ ଭଲ ଜିନିଷ ଖାଇବାକୁ କେଉଁଠି ମିଳୁଛି ? ମଫସଲକୁ ଯାଇ ଯଦି ଜଣକ ପିଣ୍ଡାରେ ବସି ଗିଲାସେ ପାଣି ମାଗିଲ, ଆରପଟବାଲା ଏସ୍.ପି. ପାଖକୁ ମାଇଲେ ପିଟିସନ । ଗାଁ ଗାଁରେ ଦି ଫାଙ୍କ । ସେ ଏବେ ମଫସଲ ଗସ୍ତ ଛାଡ଼ିଦେଲେଣି । କଅଣ ଦରକାର, ଏଇ ଟାଉନଟା ଭଲ ଜାଗା । ପିଟିସନ ନାହିଁ କି ଧନ୍ଦା ନାହିଁ । ଆଜିକାଲି ମଫସଲିଆ ଲୋକ ଗୁଡ଼ାକ ବଡ଼ ବଦମାସ । କଥାକଥାକେ ଏମ୍.ଏଲ୍.ଏ., ମନ୍ତ୍ରୀଙ୍କ ନଜିର ଦିଅନ୍ତି । ସରପଞ୍ଚମାନଙ୍କ କଥା ଛାଡ଼ । ସେମାନେ ତ କହୁଛନ୍ତି ମନ୍ତ୍ରୀଙ୍କୁ କହି ଥାନାବାବୁଙ୍କୁ ବଦଳି କରିଦେବା । ମର୍ଡ଼ର କେଶ୍‌କୁ ଚାପିଦେବା ତାଙ୍କ ବାଁ ହାତର ଖେଳ । ସେ ସବୁ ଦୃଷ୍ଟିରୁ ସହର ବାବୁମାନେ ଅତ୍ୟନ୍ତ ଉତ୍ତମ । ଏମାନେ ସହରରେ ରହିବା ଦୃଷ୍ଟିରୁ ଦବା ନବା କଥା ଭଲ ଭାବେ ଜାଣନ୍ତି । ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ କାରବାରରେ ଅଭ୍ୟସ୍ତ ଥିବା ହେତୁ ଥାନା ଫାଣ୍ଡିକୁ ଆଇଲାବେଳେ ସେମାନଙ୍କର ସେଇ ଅଭ୍ୟାସ ଯୋଗୁଁ ଥାନା ବାବୁମାନଙ୍କୁ କିଛି କହିବାକୁ ପଡ଼ିନଥାଏ । ଖାଲି ବେଳଦେଖି ଦି' ଚାରିଟା ହେଣ୍ଡାଳ ମାରିଦେଲେ ହେଲା । ସମସ୍ତ କଥାକୁ ବିଚାରକୁ ନେଇ ଅତି ଅଭିଜ୍ଞ ଗବବାବୁ ତାଙ୍କର ବର୍ଷ ବର୍ଷ ଧରି ମଫସଲ ଚରାଭୂଇଁକୁ ଛାଡ଼ି ସହରରେ ଆଶ୍ରୟ ନେଇଛନ୍ତି । ଆଉମାତ୍ର ଦି'ଟା ବର୍ଷ ପରେ ପଇଁତିରିଶ ବର୍ଷର ଚାକିରିରୁ ଅବ୍ୟାହତି ନେବେ ।

ଡାକ୍ତରଖାନାରେ ପହଞ୍ଚି ଗବବାବୁ ଝିଅକୁ ଧରି ଡାକ୍ତରାଣୀଙ୍କ ପାଖକୁ ଗଲେ । ଦାସଙ୍କୁ ନିର୍ଦ୍ଦେଶ ଦେଇଗଲେ ଯେ, ରିକ୍ସା ଦିଇଟାକୁ ଛାଡ଼ିବନି, କାରଣ ଏଠାରୁ ପୁଣି ଥାନାକୁ ଯିବାକୁ ରିକ୍ସାବାଲା ନ ମିଳିପାରନ୍ତି । ବାଧ୍ୟ ହୋଇ ଦାସେ ରିକ୍ସା ଦି'ଟାକୁ ରଖିଲେ । ହଲ୍‌ଟିଂ ଚାର୍ଜ ଦବାପାଇଁ ଜବାବ କଲେ । ଡାକ୍ତରମାଉନା କାମ ସରିଲା ବେଳକୁ ଦିନ ବାରଟା ଉପରେ । ପୁଣି ସେ ଗବବାବୁଙ୍କ ସଙ୍ଗେ ଥାନାକୁ ଫେରିଲେ । ଉଠାଣି ରାସ୍ତାରେ ଗବବାବୁଙ୍କୁ ଧରି ରିକ୍ସାବାଲା ଥାନା ଗେଟ୍ ପାଖେ ପହଞ୍ଚିଲାବେଳକୁ ଝାଳନାଳ ହୋଇଗଲେଣି । ରିକ୍ସାବାଲା ପାଟିରୁ ସେତେବେଳକୁ ଛେପ ଶୁଖିଯାଉଥାଏ । ଗବବାବୁ ଓହ୍ଲାଇଗଲା ପରେ ରିକ୍ସାବାଲା ରିକ୍ସା ରଖି ଥାନା କଳରୁ ପେଟେ ପାଣି ପିଇ ଦମ୍ ମାରିଲା । ମନେମନେ ଭାବିଲା, ଏତେଦିନ ପରେ ଗୋଟେ ସଲିଡ଼ ପୋଲିସ ଅଫିସର ଦେଖିଲା ।

Digitized by PPRACHIN, SOA

ନିଦା ପୂରା ନିଦା, ସେ କାଳର ଅସଲି ଗୁଆଘିଅ, ଆଉ କୁକୁଡ଼ା ଚିଆଁ ଖିଆ ନିଦା ଶରୀରକୁ ଆଜିକାଲିକା ଭେଜାଲ ଦାଲଦା ଘିଅ ଏପର୍ଯ୍ୟନ୍ତ ଭାଙ୍ଗି ପାରିନି ।

ଗବବାବୁ ରିକ୍ସାରୁ ଓହ୍ଲାଇ ଦାସଙ୍କୁ ବୁଝାଇ ଦେଲେ ଯେ, ସେ ଏବେ ଯାଆନ୍ତୁ । ସନ୍ଧ୍ୟା ଛଅଟା ବେଳକୁ ପୁଣି ଝିଅକୁ ଧରି ଥାନାକୁ ଆସିବେ । ବର୍ତ୍ତମାନ ସିନା ଡାକ୍ତରମାଇକନା କାମ ସରିଲା, ପୁଣି ଝିଅକୁ ଇଣ୍ଟରୋଗେସନ୍ କରାଯିବ । ଏପର୍ଯ୍ୟନ୍ତ ଘଟଣାଟା କିପରି ଘଟିଲା, ସେ ଟୋକା ଝିଅ ରୁମ୍‌କୁ କିପରି ପ୍ରବେଶ କଲା, ଇତ୍ୟାଦି ଇତ୍ୟାଦି ଘଟଣା ବିଷୟରେ ସେ କିଛି ଜାଣିନାହାନ୍ତି । ଝିଅ ଛଡ଼ା ଏ ଖବର ଆଉ କେହି ଦେଇପାରିବେ ନାହିଁ । ସେ ଯେତେବେଳେ ଭିକ୍‌ଟିମ୍ ଝିଅ, ତାକୁ ଭଲଭାବେ ଇଣ୍ଟୋରେଗେସନ୍ ନକଲେ କେସ୍ ଖରାପ ହୋଇଯିବ । ଝିଅକୁ ପୁଣି ସନ୍ଧ୍ୟାବେଳକୁ ଥାନାକୁ ଆଣିବା କଥା ଶୁଣି ଦାସଙ୍କ ମୁହଁ କଞ୍ଚା କରମଙ୍ଗା ଖାଇଲା ପରି ହୋଇଗଲା । କିନ୍ତୁ କଅଣ କରାଯିବ । ଥାନାରେ ଯେତେବେଳେ କେସ୍ ଦାୟର କରିଛନ୍ତି, ଥାନାବାଲାଙ୍କ କଥା ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ନହେଲେ ନଈ ପାଣି ଉଜାଣି ଉଠିବ । ତାଙ୍କର ମନେପଡ଼ିଲା । ସେତେବେଳେ ତାଙ୍କ ଗାଁର ଷଡ଼ଙ୍ଗୀ ବାବୁ ରେଭେନ୍ୟୁ ସେକ୍ରେଟାରୀ ଥାଆନ୍ତି । ଗାଁରେ ସେଟଲମେଣ୍ଟ ଅମିନଗୁଡ଼ାକୁ ଗାଁଯାକ ଖେଦି ଗଲେ । ଜମିଜମା ମାପଚୁପ୍ ଚାଲିଲା । ଅମିନମାନଙ୍କ ଦାବି, କିଛି ନଦେଲେ ଠିକ୍ କାମ ହେବନି । ଏଥିରେ ଆଉ କହିବାର କ'ଣ ଅଛି, ବୁଝାଇବାର ବା କଅଣ ଅଛି ?

କିନ୍ତୁ ଷଡ଼ଙ୍ଗୀବାବୁଙ୍କ ଲେଖାଯୋଖା, ଗାଁରେ ତାଙ୍କ ଜମିବାଡ଼ି ବୁଝୁଥିବା ଭାଇ, ନିଶରେ ହାତମାରି କହିଲେ 'କଅଣ ହେଲା ଏ ଛାର ଅମିନ ଗୁଡ଼ାଙ୍କୁ ମୁଁ ହାତଗୁଞ୍ଜା ଦେବି ? ତାଙ୍କର ବୋପାର ବୋପା ମୋ ଭାଇ, ପୁଣି ତା ଜମିବାଡ଼ି ମାପଚୁପ୍ କରିବାକୁ ହାତଗୁଞ୍ଜା । ଅସମ୍ଭବ । ବାହାସ୍ଫୋଟ ମାରି ଭାଇ ଚାଲିଲେ ଷଡ଼ଙ୍ଗୀବାବୁଙ୍କ ପାଖକୁ । ରାଜସ୍ୱ ବିଭାଗ ସେକ୍ରେଟାରୀଙ୍କୁ ସମସ୍ତ କଥା କୁହାଗଲା । ଅମିନମାନେ ନିର୍ଭୟରେ ଗରିବମାନଙ୍କୁ ଲୁଣ୍ଠନ କରୁଥିବା ବିଷୟରେ । ଷଡ଼ଙ୍ଗୀବାବୁ ଗାଁବାଲାଙ୍କଠାରୁ ସବୁ ଶୁଣିଲେ । ଶୁଣିସାରି ଭାଇଙ୍କ ହାତରେ ଶହେଟି ଟଙ୍କା ଧରେଇ ଦେଇ କହିଲେ, ମୋ ଜମିଜମା କାଗଜପତ୍ର ଠିକ୍ କରିଦେବାକୁ ଅମିନମାନଙ୍କୁ ଏ ଶହେଟଙ୍କା ଦେଇଦେବ । ତାଙ୍କ କଥା ଶୁଣି ଗାଁ ଭାଇଟି 'ହାଁ' କରି ଉପରକୁ ଚାହିଁଲେ । ତାଙ୍କୁ ଦେଖି ଷଡ଼ଙ୍ଗୀବାବୁ କହିଲେ, "ଆରେ 'ହାଁ' କରି ଚାହିଁଛ କ'ଣ ? ଏଇ ଅମିନଗୁଡ଼ାକ ସଙ୍ଗେ କଳିକରି ଲାଭ କଅଣ ? ଗୁନିଆ ମୁନରେ ଗାରଟାକୁ ଏପଟ ସେପଟ କରିଦେଲେ ଗଲା ଦୁଇଗୁଣ୍ଠ ଜମି । ଏକଥା ଜାଣି ପୁଣି କୋର୍ଟ କଚେରି କରି ଜମି ଫେରେଇ ଆଣିଲା ବେଳକୁ ଶହେ ଜାଗାରେ ହଜାରେ ଖର୍ଚ୍ଚ, ତା ସାଙ୍ଗକୁ ହଇରାଣ ହରକତ । ଏତେ କଥାରୁ କଅଣ ମିଳିବ ? ଶହେଟା ଟଙ୍କା ଦେଇଦେଲେ ତ କାମ ସରିଲା । ନିଶରେ ହାତମାରି ଯାଇଥିବା ଗାଁ ଭାଇଟି ରାଜସ୍ୱ ସେକ୍ରେଟାରୀଙ୍କଠାରୁ ଶହେଟି ଟଙ୍କା ଧରି ଅମିନ ବାବୁଙ୍କୁ ହାତଗୁଞ୍ଜା ଦେବାପାଇଁ ଫେରିଲେ ।

Digitized by PPRACHIN, SOA

ଦାସେ ଭାବୁଥିଲେ, ଆଗେ ଆମର ପୂର୍ବପୁରୁଷମାନେ ଭଲ ସ୍ୱାସ୍ଥ୍ୟ କିପରି ରହିବ, ସେଇ ବ୍ୟବସ୍ଥାଟିକୁ ଧର୍ମ ଭିତରେ ପୂରାଇଦେଇଥିଲେ । ଗାଧୋଇ ସାରି ଆସିଲା ବେଳକୁ ତୁଳସୀଗଛରେ ପାଣି ଦେଇ ତୁଳସୀପତ୍ର ସେବନ କିମ୍ବା ମହାଦେବ ମନ୍ଦିରରେ ବେଲପତ୍ର ସେବନ, ତମ୍ବ ଢାଳରୁ ମହାଦେବଙ୍କ ମୁଣ୍ଡ ଉପରେ ଝରୁଥିବା ପାଣିକୁ ସେବନ କରିବା ପଛରେ ଦେହରୁ ବିଭିନ୍ନ ରୋଗ ଦୂର କରିବାର ପରିକଳ୍ପନା ଥିଲା । ଏ ସମସ୍ତଙ୍କୁ ଆମେ ଧର୍ମ ଭିତରେ ନେଇଯାଇ ପାଳନ କରୁଥିଲେ । ଏ କାଳରେ ଥାନାକୁ ଗଲେ, ରେଜିଷ୍ଟ୍ରେସନ ଅଫିସକୁ ସେଟଲମେଣ୍ଟ କ୍ୟାମ୍ପକୁ ଗଲେ ଫଳେ ପୁଷ୍ଟେ ଦବା ନବାଟା ଗ୍ରହଣୀୟ ହୋଇଗଲାଣି । ଏସବୁକୁ ସାଧାରଣ ଲୋକମାନେ କରପ୍ସନ ବୋଲି କହୁ ନାହାନ୍ତି । ଇଂରେଜମାନେ ସେଥିପାଇଁ ଯେଉଁ ବକ୍‌ସିସ୍ ଶବ୍ଦ ସୃଷ୍ଟି କରିଗଲେ, ଏବେ ସବୁ ଜାଗାରେ ବକ୍ସିସ୍ । ସେଦିନ ଝିଅକୁ ଧରି ଘରକୁ ଫେରିଲା ବେଳକୁ ଦିନ ଗୋଟାଏ ଉପରେ । ସେତେବେଳକୁ ଅନିମା ଘରେ ନଥାନ୍ତି । ଆଉ ଦିଇଟା ଛୋଟ ଛୁଆ ଏପଟ ସେପଟ ହେଉଥିଲାବେଳେ ଦାସଙ୍କ ରିକ୍ସା ଗେଟ୍ ପାଖେ ଅଟକିଲା । ସକାଳ ପହରୁ ରିଜର୍ଭ କରି ରଖିଥିବା ରିକ୍ସାବାଲାକୁ ୧୫ଟି ଟଙ୍କା ଧରାଇ ଦାସେ ଘରେ ପଶିଲେ । ରୁନିର ସେତେବେଳକୁ ବାରଟା ବାଜିଗଲାଣି । ଥାନାରୁ ଡାକ୍ତରଖାନା ପୁଣି ଥାନା ହବାରେ ତା ମୁହଁ ଖରାରେ ଲାଲ ପଡ଼ିଯାଇଥାଏ । ଏପରି ଗୋଟେ କେସ୍ ଯେ, କାହା ସଙ୍ଗେ ପଦେ ଅଧେ କଥା ହବାର ଯୁ ନାହିଁ । କି ଲଜ୍ଜାକର କଥା ?

ସେଦିନ ସନ୍ଧ୍ୟାବେଳକୁ ଦାସେ ଥାନାକୁ ଯିବା ପାଇଁ ପ୍ରସ୍ତୁତ ହେଲେ । ରୁନିକୁ ମଧ୍ୟ ତାଗିଦ କରିଦେଲେ । ରୁନିର ତାଙ୍କ କଥା ଉପରେ ଜବାବ ଦେବାର ଶକ୍ତି ନଥାଏ । ଭୁଲ୍‌ଟାଏ ତ କରିଦେଇଛି, ସେଇଥିପାଇଁ ବାପା ଯେ ଏତେ ହଇରାଣ ହେଉଛନ୍ତି । କାହାକୁ କହିବ ? ସାବତ ମା' ସବୁ ଜାଣିଶୁଣି ସକାଳୁ ସ୍କୁଲକୁ ଯାଇଛନ୍ତି, ଏ ପର୍ଯ୍ୟନ୍ତ ଫେରି ନାହାନ୍ତି । ବରାଦ ଦିଆ ରିକ୍ସାବାଲା, ଠିକ୍ ସମୟରେ ଗେଟ୍ ପାଖେ ଘଣ୍ଟି ବଜାଇ, ଦାସଙ୍କ ଥାନାକୁ ଯିବାବେଳ ହୋଇଗଲା ବୋଲି ମନେ ପକେଇ ଦେଲା । ଦାସେ ଘରୁ ବାହାରି ଗେଟ୍ ପାଖରୁ ରୁନିକୁ ଡାକଟାଏ ଦେଲେ । ରିକ୍ସାରେ ବସି ଥାନାକୁ ଗଲାବାଟରେ ପୁଣି ପ୍ୟାକେଟ ସିଗାରେଟ, ପାନ ଧରି ପକେଟରେ ପୂରେଇଲେ । ନହେଲେ ବାବୁମାନଙ୍କ ମୁଡ୍ ଆସିବନି । ଭଦ୍ରତା ଦୃଷ୍ଟିରୁ ଏସବୁ କିଛି ନୁହେଁ । ଥାନା ଗେଟ ପାଖେ ରିକ୍ସାବାଲାକୁ ବିଦାକରି ବାପ ଝିଅ ଥାନା ଭିତରକୁ ପଶିଲାବେଳକୁ ମୁହଁ ଅନ୍ଧାର । ଥାନାର ଲାଇଟ୍ ଲାଗି ଗଲାଣି । ପହରାବାଲା କନେଷ୍ଟବଳ ମେଞ୍ଚାଏ ଧୂପକାଠି ଧରି ବଡ଼ ବାବୁଙ୍କ ରୁମ୍ ଭିତରେ ସତ୍ୟସାଇ ଆଉ ଦୁର୍ଗାଙ୍କ ଫଟୋ ପାଖେ ଧୂପ ଦେବାକୁ ବାହାରିଥାଏ । ଏଇ ସମୟରେ ଦାସେ ବଡ଼ବାବୁଙ୍କ ରୁମ୍‌ରେ ପଶି, ଆଣିଥିବା ସିଗାରେଟ ଆଉ ପାନ ଗ୍ରିଖଣ୍ଡ ତାଙ୍କ ଟେବୁଲ ଉପରେ ଥୋଇ ଠିଆ ହୋଇଥାନ୍ତି । ହନୁମନ୍ତ ଛୁଆଳସିଂହ (ବଡ଼ବାବୁ) ଆଖିବୁଜି ସନ୍ଧ୍ୟା ଦୀପକୁ ନମସ୍କାର କରି ଆଖି ଖୋଲିଲା ମାତ୍ରକେ ତାଙ୍କର ଟେବୁଲ

Digitized by PPRACHIN, SOA

ଉପରେ ଥୁଆ ହୋଇଥିବା ସିଗାରେଟ ପ୍ୟାକେଟ ଉପରେ ନଜର ପଡ଼ିଲା । ହଠାତ୍ ତାଙ୍କର ଗୁରୁଗମ୍ଭୀର ମୁହଁରେ ଗର୍ଜନର ଆଭାସ ଦେଖାଦେଲା । ଉଠା, ଉଠା ଶଳା ଏ ସିଗାରେଟ କୋଉ ଶଳା ପିଇବରେ । ଦି ଦିନ ହେଲା ଥାନାକୁ ଯିବା ଆସିବା କଲଣି, ତୁମେ କଅଣ ଜାଣନି ମୁଁ ଉଇଲ୍‌ସ ଫିଲଟର୍ ସିଗାରେଟ୍ ଛଡ଼ା ଆଉ କିଛି ପିଏନି । ଶସ୍ତା ପଡ଼ିବ ବୋଲି ନେଇ ଆସିଲ ଗ୍ରେମିନାର ପ୍ୟାକେଟ ।' ଏତକ କହି ବାବୁ ପ୍ୟାକେଟ୍‌ଟାକୁ ତଳକୁ ଠେଲି ଦେଲେ । ସିଗାରେଟ ପ୍ୟାକେଟ ତଳେ ପଡ଼ିବା ଶବ୍ଦଟା ଦାସଙ୍କ ଗାଲରେ ଗୋଟେ ଚଟକଣି ଦବାଭଳି ଲାଗିଲା । ସେତିକିବେଳକୁ ହନୁମନ୍ତବାବୁ ଦାସଙ୍କୁ ଲକ୍ଷ୍ୟକରି କହିଲେ, ''ଗ୍ରହିଁଛ କଅଣ ହେ, ଯାଅ ସେ ପ୍ୟାକେଟ୍‌ଟା ବଦଳାଇ ଉଇଲସ ନେଇଆସ । ହଠାତ୍ ଦାସଙ୍କ ହାତ ତଳକୁ ଯାଇ ପ୍ୟାକେଟ ଧରିଲା ପରେ ସେ ବଡ଼ବାବୁଙ୍କ ରୁମ୍‌ରୁ ବାହାରି ଏକମୁହାଁ ହୋଇ ଗ୍ଲିଲେ ପାନ ଦୋକାନଆଡ଼େ । ମନେମନେ ଭାବୁଥାନ୍ତି ଏ ପାନ ଦୋକାନୀଟା ତ ଜାଣିଥିବ, ବଡ଼ବାବୁ କି ସିଗାରେଟ ଖାଆନ୍ତି, ଜାଣିକରି ତାଙ୍କୁ କିମିତି ଭୁଲ୍ ସିଗାରେଟ ଦେଇ ଏମିତି ଗୋଟେ ବେଜିତ କଲା ? ସେ କି ତାଙ୍କ ଚଉଦ ପୁରୁଷ ତ କେବେ ସିଗାରେଟ ଖାଇ ନାହାନ୍ତି । ତାଙ୍କ ପାଇଁ ଗ୍ରେମିନାର ଯାହା ଉଇଲ୍‌ସ ଫିଲ୍‌ଟର ସିଗାରେଟ ସେଇଆ ।

ରାଗ ଆଉ ଅପମାନରେ ପାନ ଦୋକାନୀଟାକୁ ବହୁତ ଶମ୍ପିଲେ, କିନ୍ତୁ ଲାଭ କଅଣ । ଯାହା ହବାର ତ ହୋଇଗଲାଣି ।

ହନୁମନ୍ତବାବୁଙ୍କ ରୁମ୍‌ରେ ସିଗାରେଟ୍ ପ୍ୟାକେଟ୍‌ଟା ଥୋଇଦେଇ ଗ୍ରେରଙ୍କ ପରି ଦାସେ ପଦାକୁ ବାହାରି ଆସିଲେ । ଗବବାବୁ ସେତେବେଳକୁ ଥାନା ବାରଣ୍ଡାରେ ଏପଟ ସେପଟ ହେଉଥା'ନ୍ତି । ଦାସଙ୍କୁ ଦେଖୁ ଦେଖୁ କହିଲେ, 'ଏତେଥର ଥାନାକୁ ଆସିଲା ପରେ ବି, ଆପଣ ବଡ଼ବାବୁଙ୍କ ମୁଡ୍‌ଟା ଜାଣିପାରୁ ନାହାନ୍ତି । ସନ୍ଧ୍ୟା ହଉ ନହେଉଣୁ ତାଙ୍କ ମିଜାସଟାକୁ ଗଣ୍ଡଗୋଳ କରିଦେଲେ ।' ତାଙ୍କ କଥା ଶୁଣି ଦାସେ କହିଲେ, 'କଅଣ କରିବି ଆଜ୍ଞା, ସିଗାରେଟ୍ ତ ସିଗାରେଟ୍, ଉଇଲ୍‌ସ ଆଉ ଗ୍ରେମିନାର୍ ଭିତରେ ତଫାତ୍ କଅଣ ମୁଁ ଜାଣିଛି ? ମୋ ବୋପା ଅଜା ଚଉଦ ପୁରୁଷରେ ତ କେହି ସିଗାରେଟ୍ ଖାଇ ନାହାନ୍ତି, ଜାଣିବି କେଉଁଠୁ ?' ଦାସଙ୍କ କଥା ଶୁଣି ଗବବାବୁ ସହାନୁଭୂତି ପ୍ରକାଶ କରି କହିଲେ, 'ହଉ ଯାହା ହବାର ହେଲାଣି, ଏଣିକି ଆଉ ସେ ଭୁଲ୍ କରିବେନି । ଆସନ୍ତୁ ମୋ ରୁମ୍‌କୁ । ଡେରି ହେଲାଣି । ଇଣ୍ଟରୋଗେସନ୍ କାମଟା ଛିଣ୍ଡାଇ ଦେଲେ ମୋର ପୁଣି ଅନ୍ୟଆଡ଼େ ଯିବାର ଅଛି ।' ଦାସେ ଝିଅକୁ ଧରି ଗବବାବୁଙ୍କ ରୁମ୍‌ରେ ପଶିଲେ ।

ଇଣ୍ଟରୋଗେସନ୍‌ରେ ଗବବାବୁ ଯାହାସବୁ ପଗ୍ରେରିବାକୁ ଆରମ୍ଭ କଲେ, ଦାସେ ଆଉ ସେ ରୁମ୍‌ରେ ବସିବା ଅବସ୍ଥାରେ ନଥିଲେ । ଯେତେହେଲେ ବାପ, ବଢ଼ିଲା ଝିଅ ଆଗରେ ସେ ସବୁକଥା ଶୁଣିବାକୁ ତାଙ୍କୁ ଲଜ୍ଜା ଲାଗୁଥାଏ । ଦାସଙ୍କ ଅବସ୍ଥାକୁ ଲକ୍ଷ୍ୟ କରି ଗବବାବୁ କହିଲେ, 'କଅଣ କରାଯିବ, ସବୁକଥା ଟିକିନିଖି ନପଗ୍ରେରି ନ ଲେଖିଲେ କେସ ଡାଏରୀ କିମିତି ଲେଖିବି । ଏ ସମସ୍ତ ବିଷୟ କେସ୍ ଡାଏରୀରେ ରହିବ । କୋର୍ଟ କଚେରି

Digitized by PPRACHIN, SOA

କାମ ଠିକ୍ ଭାବରେ ଲେଖା ନହେଲେ କାଠ ଗଡ଼ାରେ ମୋତେ ହଇରାଣ ହବାକୁ ହେବ । ଦାସେ ଆଉ କଅଣ ବା କହିବେ । ହଉ ଆଜ୍ଞା ଟିକିଏ ଜଲ୍‌ଦି ପଚରା ଉଚରା କରିଦେଲେ ଝିଅଟା ଘରକୁ ଫେରନ୍ତା କହି ବାହାରକୁ ଗଲେ । ଥାନା ବାରଣ୍ଡା ଉପରେ ପଡ଼ିଥିବା ବେଞ୍ଚ ଉପରେ ବସି ଝିଅକୁ ଅପେକ୍ଷା କଲେ । କିଛି ସମୟ ପରେ ରୁନି, ଗବବାବୁଙ୍କ ରୁମ୍‌ରୁ ବାହାରିଲା । ପଛେପଛେ ଗବବାବୁ । ଖଣ୍ଡେ ଧଳା କାଗଜରେ ଦାସଙ୍କୁ ଦସ୍ତଖତ ଦବାକୁ ପଡ଼ିଲା । ଗବବାବୁ କହିଲେ, ସେ ଯେଉଁ ଝିଅର ପିନ୍ଧିଥିବା ଲୁଗାପଟା ଆଣିଥିଲେ, ଏଇଟା ସେଇ ଜବତ ତାଲିକା । ସେ ଦସ୍ତଖତ କରିଦେଲା ପରେ ତାକୁ ଗବବାବୁ ଠିକ୍‌ଭାବେ ପୂରଣ କରିବେ । ଦାସେ ଯଦିଓ ଅଫିସ୍ କାମରେ ଧୁରନ୍ଧର, ଆଉ ଖାଲି କାଗଜରେ ଦସ୍ତଖତ ଦବାଟା କେତେ ବିପଦ ଜାଣିଥିଲେ ମଧ୍ୟ ଥାନା ଭିତରେ ସେସବୁ ବିଷୟ କହିବାର ଶକ୍ତି ତାଙ୍କର ନଥିଲା । ଗବବାବୁ ଯେଉଁଠି ଦେଖେଇଲେ, ଦାସେ ନିଜ ଦସ୍ତଖତଟି ସେଇଠି ମାରିଦେଲେ । ଯିବା ପୂର୍ବରୁ ଦାସେ ପଗ୍ଚରିଲେ, ମୁଦାଲାକୁ ଗିରଫ କରିବା କଥା । ଏହା ମଧ୍ୟରେ ତିନିଦିନ ଗଡ଼ିଗଲାଣି । ମୁଦାଲା ଭୁବନେଶ୍ୱରରୁ ଯାଇ ସମ୍ବଲପୁର ଧରିଲାଣି । ଏପର୍ଯ୍ୟନ୍ତ ମୁଦାଲାକୁ ଧରିବା ବିଷୟରେ କିଛି କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ଦାସଙ୍କ କଥା ଶୁଣି ଗବବାବୁ ପ୍ରତିଶ୍ରୁତି ଦେଇ କହିଲେ, ସେ କାହିଁକି ବ୍ୟସ୍ତ ହେଉଛନ୍ତି । ମୁଦାଲା ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ଯେଉଁ ପୁରକୁ ଗଲେ ମଧ୍ୟ ପୁଲିସବାଲାଙ୍କ କବଳରୁ ଖସିଯାଇ ପାରିବନି । ସେ ସବୁକଥା ତଦନ୍ତ କରି ତାକୁ ଦିନେ ଦି'ଦିନ ଭିତରେ ଖବର ଦେବେ । ଗବବାବୁଙ୍କଠାରୁ ନିର୍ଭର ପ୍ରତିଶ୍ରୁତି ପାଇ ଦାସେ ଫେରିଲେ ଘରକୁ ।

ଘରେ ପହଞ୍ଚି, ଗାଧୁଆ ଘରେ ଅଣ୍ଟାପାଣି କରି ଦାସେ ପିଣ୍ଡାରେ ସଉପ ମଣିଣାଟାଏ ପକାଇ ଗଡ଼ିପଡ଼ିଲେ । ଏତେଦିନ ପରେ ତାଙ୍କ ମୁଣ୍ଡର ବୋଝଟା ଟିକିଏ ହାଲ୍‌କା ଲାଗୁଚି ପରି ଜଣାପଡ଼ିଲା । ଯାମଧ୍ୟରେ ସେ ତିନିଦିନ ଧରି ଅଫିସକୁ ଯାଇ ନଥାନ୍ତି । ଏତେଦିନ ଗ୍ଚକିରି କାଳ ମଧ୍ୟରେ, ତାଙ୍କ ଏମିତି ଭାବେ ଗ୍ଚକିରିରେ ଅନୁପସ୍ଥିତ ରହିବା ତାଙ୍କ ପାଇଁ ନୂଆ ଘଟଣା । ମନେମନେ ଭାବୁଥିଲେ, ଆସନ୍ତାକାଲି ଅଫିସ ଆଡ଼େ ଟିକିଏ ମୁହଁମାରି ଆସିବେ । ଏତିକିବେଳକୁ ଭଡ଼ାଟିଆମାନଙ୍କ ଚୁପୁରୁ ଚାପର କଥା ତାଙ୍କ କାନରେ ପଡ଼ିଲା । ତାଙ୍କୁ କିଛି ଶୁଣାଯାଉ ନଥାଏ । ମାତ୍ର ସେ ତାଙ୍କ କାନ ସେଇଆଡ଼କୁ ଦେଇ ନିଶ୍ଚଳ ମନରେ କିଏ କଅଣ କଥାବାର୍ତ୍ତା ହେଉଛନ୍ତି ଶୁଣିବାକୁ ଚେଷ୍ଟା କଲେ । ଯାହା ପୁଅକୁ ସାପ କାମୁଡ଼େ ତା' ମା ପାଳଦଉଡ଼ା ଦେଖିଲେ ଡରେ । ଭଡ଼ାଟିଆମାନେ ଯାହା କଥାବାର୍ତ୍ତା ହେଲେବି, ଦାସଙ୍କୁ ଜଣା ପଡୁଥାଏ ଯେମିତି ସେମାନେ ତାଙ୍କ ବିଷୟରେ ହିଁ କଥାବାର୍ତ୍ତା ହେଉଛନ୍ତି । ସେ ଆଉ ବାହାରେ ବେଶି ସମୟ ଶୋଇପାରିଲେ ନାହିଁ ।

ତା'ପରଦିନ ସକାଳୁ ଦାସେ ଅଫିସ ଯିବେ ବୋଲି ସଜବାଜ ହେଉଥାନ୍ତି । ସକାଳୁ ଉଠି ବଗିଗ୍ଚରେ ପାଣିଦେବା କାମଟା ନିଜେ କରିଦେଲେ । ତିନିଦିନ ଧରି ଗଛଗୁଡ଼ାକ ପାଣି ମୁନ୍ଦେ ନପାଇ ଝାଉଁଳି ପଡ଼ିଥାନ୍ତି । ଝାଉଁଳି ପଡ଼ିଥିବା ଗଛଗୁଡ଼ାକରେ ପାଣି

Digitized by PPRACHIN, SOA

ଦେଖାବେଳେ, ଦାସଙ୍କ ମନରେ ରୁନିର ଝାଉଁଳି ପଡ଼ିଥିବା ମୁହଁଟି ଦିଶିଯାଉଥାଏ । ସଦାଚଞ୍ଚଳ ପିଲାଟା ଏଇ ଦିନ କେତେଟାରେ କିମିତି ପୂରା ବିବର୍ଣ୍ଣ ଦିଶିଲାଣି । ପାଟିରୁ କଥା ବାହାରୁନି କି ଏଘରୁ ସେ ଘରକୁ ଯାଉନି । ସବୁବେଳେ ମୁହଁମାରି ବସିଛି । ଦାସଙ୍କ ମନରେ ବଡ଼ ଆଘାତ ଲାଗିଲା । ମନେମନେ ଭାବିଲେ; ଯାହା ହବାର ହେଲାଣି, ପିଲାଟା ଯଦି ଧରା ପଡ଼ିଯାଆନ୍ତା ଆଉ ବାହା ହେବାକୁ ରାଜି ହୋଇଯାଆନ୍ତା, ଝିଅଟା ବିପଦରୁ ରକ୍ଷା ପାଇଯାଆନ୍ତା । ତାଙ୍କ ଭାବନା ତାଙ୍କ ମୁଣ୍ଡରେ ଅଛି ଏଇ ସମୟରେ ବାହାରୁ କାହାର ପାଟି ଶୁଣି ଦାସେ ପଦାକୁ ଯାଇ ଦେଖିଲେ ତାଙ୍କ ଗେଟ୍ ପାଖରେ ଥାନା ହାବିଲଦାର ବଳିୟାର ସିଂହ ଠିଆହୋଇ ସାଇକେଲ ଘଣ୍ଟି ମାରୁଛନ୍ତି । ଦାସେ ଗେଟ୍‌ଟି ଖୋଲି ହାବିଲଦାରଙ୍କୁ ଘରକୁ ଆଣିଲେ । ପିଣ୍ଡା ଉପରେ ଚଉକିଟିଏ ପକେଇଦେଇ ସେ ଘର ଭିତରକୁ ପଶିଲେ ପିନ୍ଧିଥିବା ଗାମୁଛାଟା ବଦଳେଇ ଦବାପାଇଁ ।

ହାବିଲଦାରଙ୍କ ଆଗମନ କାରଣ ପଗ୍ଚରିବା ପୂର୍ବରୁ ବଳିୟାର ସିଂହ ଆରମ୍ଭ କଲେ "ଆଜ୍ଞା ଆମ ବଡ଼ବାବୁ ସିନା ଉଇଲ୍‌ସ୍ ଫିଲ୍‌ଟର ସିଗାରେଟ ଛଡ଼ା କିଛି ଛୁଅନ୍ତିନି, କିନ୍ତୁ ଆମେ ହାବିଲଦାର୍ ଲୋକ, ସିଗାରେଟ ପିଇବାକୁ ଆମର ଶକ୍ତି କାଇଁ । ପାରିପାରି ବିଡ଼ି ଖଣ୍ଡେ ପିଉ । ଅଛିକି ଦେଲେ ଖଣ୍ଡେ ବିଡ଼ି ।" ଦାସେ ବଡ଼ ଅଡୁଆରେ ପଡ଼ିଲେ । ତାଙ୍କ ଘରେ ବିଡ଼ି କୁଆଡୁ ଆସିବ ? ଅବଶ୍ୟ ଆଜି କାଲିକା ସଭ୍ୟ ଯୁଗରେ ଲୋକମାନେ ପାନ ଛାଡ଼ି ବିଡ଼ି ସିଗାରେଟ୍ ଘରେ ରଖିଲେଣି । ମାତ୍ର ସେ ସଭ୍ୟତା ଏପର୍ଯ୍ୟନ୍ତ ତାଙ୍କ ଘରେ ପଶି ନଥିଲା । ହାବିଲଦାରଙ୍କ ବିଡ଼ି ମାଗିବା ଶୁଣି, ଦାସେ ଭଡ଼ାଟିଆ ବାବୁ ଲକ୍ଷ୍ମୀଧରଙ୍କ ପୁଅ ହାତରେ ଟଙ୍କିକିଆ ନୋଟ୍‌ଟେ ଦେଇ ପାଖ ପାନ ଦୋକାନରୁ କଠାଏ ବିଡ଼ି ଆଣିବାକୁ ପଠାଇଲେ ।

ହାବିଲଦାର୍ ବଳିୟାର ସିଂହ ବିଡ଼ି କଠାରୁ ଖଣ୍ଡେ ବିଡ଼ି ଟାଣି, ବାକିତକ ପକେଟରେ ପୂରାଇଲା ପରେ, ଦିଆସିଲି ମାରି ନିଆଁ ଲଗାଇଲେ । ଧାନକଳ ଚିମିନିରୁ ଧୂଆଁ ବାହାରିଲା ପରି ଏକାଥରକେ ଦି'ଦମ୍ ଟାଣି ଧୂଆଁ ଛାଡ଼ି ସାରିଲା ପରେ, ସେ ଆରମ୍ଭ କଲେ, "ଗବବାବୁ ମୁଦାଲା ଦାମୋଦର ସମ୍ପର୍କରେ ବିଶେଷ ବିବରଣୀ ସଂଗ୍ରହ କରି ସାରିଲେଣି । ବର୍ତ୍ତମାନ କେବଳ ତାଙ୍କୁ ଧରି ହାଜତକୁ ପଠାଇବା କଥା । ତେଣୁ ସେ ଖବର ଦେଇଛନ୍ତି ଆସନ୍ତା କାଲି ସକାଳୁ ସମ୍ବଲପୁର ଯିବାକୁ ହେବ । ସକାଳ ବସ୍ ଭୋର ପାଞ୍ଚଟାରେ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରୁ ଛାଡ଼ୁଛି । ଦାସେ ସିଧା ବସ୍‌ଷ୍ଟାଣ୍ଡକୁ ନଯାଇ ଗବବାବୁଙ୍କ ବସାରେ ଭୋର ଗ୍ଚରିଟା ସୁଦ୍ଧା ପହଞ୍ଚିବାକୁ ପଡ଼ିବ । ଏକାଥରକେ କଥାଗୁଡ଼ାକ କହିଦେଲା ପରେ ବଳିୟାର ସିଂହ ବାକିତକ ବିଡ଼ି ଟାଣିବାରେ ଲାଗିଲେ । ଦାସଙ୍କୁ ଚୁପ୍ ରହିବାର ଦେଖି ହାବିଲଦାର କହିଲେ, 'ଆପଣ ନଗଲେ ସେ ଟୋକାକୁ ଚିହ୍ନେଇବ କିଏ ? ପୁଲିସବାଲା ଅଫିସ ଭିତରକୁ ପଶିଲା ମାତ୍ରେ, ସେ ଅଫିସରୁ ଖସିଯାଇପାରେ । ଥରେ ଖସିଗଲେ ଗଲା ପୁଣି କେତେଦିନ ।" ତେଣୁ ତାଙ୍କୁ ହିଁ ଯିବାକୁ ପଡ଼ିବ । ଦାସେ ଭାବିଲେ, କଥାଟାକୁ ଯେତେବେଳେ

Digitized by PPRACHIN, SOA

ଏତେବାଟ ପର୍ଯ୍ୟନ୍ତ ଗଡ଼େଇ ଆଣିଲେଣି, ବାକି ଅସଲ କାମ ବେଳକୁ ଓହରି ଯିବାଟା ଠିକ୍ ହେବନି । ଅସଲ କାମ ହେଲା ଚୋକାଟାକୁ ଧରି ପୁଲିସ୍ ହାଜତକୁ ଆଣିବା । ମୁଦାଲା ଯଦି ଆରେଷ୍ଟ ନହେଲା, ସେମିତି ଫାଲ୍‌ତୁ ପୁଲିସ କେସ୍ କରି ଲାଭ କଅଣ ? ଦାସେ ମୁଣ୍ଡ ଟୁଙ୍ଗାରି ତାଙ୍କର ସମ୍ମତି ଜଣାଇଲେ । ଆଉ ଠିକ୍ ସମୟରେ ପହଞ୍ଚିବେ ବୋଲି ହାବିଲଦାରଙ୍କୁ ଜଣାଇଦେଲେ । ଦାସଙ୍କ ମୁହଁରୁ ତାଙ୍କ ଯିବାକଥା ଶୁଣିଲା ପରେ ସେ ଚଉକି ଛାଡ଼ିଲେ । ହାବିଲଦାରବାବୁଙ୍କୁ ବଳେଇ ଦବା ପାଇଁ ଦାସେ ମଧ୍ୟ ଗେଟ୍ ଦୁଆରମୁହଁ ପର୍ଯ୍ୟନ୍ତ ଗଲେ ।

ଘର ବାରଣ୍ଡାରୁ ଗେଟ୍ ପର୍ଯ୍ୟନ୍ତ ଯିବା ମଧ୍ୟରେ ବଳିୟାର ସିଂହଙ୍କ ଆଖି ପଡ଼ିଲା- ଦାସଙ୍କ ସଜନା ଛୁଇଁ ଗଛ ଉପରେ । ଗଛରେ ଗଛେ ଛୁଇଁ । ଦାସଙ୍କ ଡରରେ ସେ ଗଛରେ କେହି ହାତ ଲଗାନ୍ତିନି । ସିଂହେ କିଛି ନଭାବି ଗଛମୂଳରେ ଠିଆ ହୋଇ ଗଛକୁ ପ୍ରଶଂସା କରିବାକୁ ଲାଗିଲେ । ଦିଅଣ୍ଡା ଛୁଇଁ ତୋଳିଲେ କିମିତି ହୁଅନ୍ତା ବୋଲି ମଧ୍ୟ ଦାସଙ୍କୁ ଶୁଣାଇଲେ । ସିଂହଙ୍କ ଲାଗି ଦାସେ ଲଗି ଧରି ଛୁଇଁତୋଳି, କଦଳୀପାଟୁକାରେ ବାନ୍ଧି ଚଉକସ ବିଡ଼ାଟାଏ ତାଙ୍କ ହାତକୁ ଦେଲେ । ଛୁଇଁତକ ଧଇଲା ପରେ, ସିଂହ ବଗିଚ୍ଚର ଅନ୍ୟପଟକୁ ବୁଲିଯାଇ ବଗିଚ୍ଚ ଦେଖିବା ପାଇଁ ତାଙ୍କର ଆଗ୍ରହ ପ୍ରକାଶ କରନ୍ତେ ଦାସେ ମନେମନେ ଭାବିଲେ, ସେପଟେ କଦଳୀ ବଗିଚ୍ଚ । ଭଲ ବନ୍ତଳ କଳଦୀ ଦି' କାନ୍ଦି ପଡ଼ିଛି । ଦେଖିଲେ ଲୋଭ ହେବ । ତା ସାଙ୍ଗକୁ ପରମ ଅମୃତଭଣ୍ଡା । ହାବିଲଦାର ବଳିୟାର ସିଂହ ଥରେ ତା ଭିତରକୁ ପ୍ରବେଶ କଲେ, ହନୁମାନ ଅଶୋକ ବନ ଧ୍ୱଂସ କଲା ପରି ତାଙ୍କ ବଗିଚ୍ଚର ଅବସ୍ଥା ସେଇଆ ହେବ । ମନରେ ଏତକ ଭାବି ଦାସେ କହିଲେ ନାଇଁ ଆଜ୍ଞା, ସେପଟେ ଫସଲ ବଗିଚ୍ଚ କିଛି ନାହିଁ । ପାଣି ଅଭାବରୁ ବଗିଚ୍ଚ କଅଣ ଠିକ୍ ମେଣ୍ଟେନ୍ କରି ହେଉଛି ? ଆଉ କେତେବେଳେ ଆସିଲେ ବୁଲିଯିବେ । ଦାସଙ୍କଠୁଁ ଏତକ ଶୁଣି, ବଳିୟାର ସିଂହ ଗେଟ୍ ପାରହୋଇ ସାଇକେଲ ଧଇଲେ । ଗଲାବେଳେ ଠିକ୍ ଟାଇମ୍‌ରେ ଗବବାବୁଙ୍କ ଥାନା ପଛପଟ ଘରେ ପହଞ୍ଚିବାକୁ ତାଗେଦା କରିଦେଲେ । ଦାସେ ହାବିଲଦାରଙ୍କ ସାଇକେଲର ଗତିକୁ ଚାହିଁଥାନ୍ତି । ସାଇକେଲ ମୋଡ଼ ବୁଲି ଅଦୃଶ୍ୟ ହେଲାପରେ ସେ ଗେଟ୍ ପାଖରୁ ଘରକୁ ଫେରିଲେ । ଭାବିଲେ ତାଙ୍କର ପ୍ରତିଉତ୍ପନ୍ନ ବୁଦ୍ଧି ଯୋଗୁଁ, କଦଳୀ କାନ୍ଦିଏ ଆଉ କିଛି ଅମୃତ ଭଣ୍ଡା ବଞ୍ଚିଗଲା ।

କଅଣ ଦିଇଟା ପାଟିରେ ପକେଇ ଦାସେ ଗଲେ ଅଫିସକୁ । ସେତେବେଳକୁ ଅଫିସରେ ଏ ଘଟଣାଟି ପ୍ରଚ୍ଚର ହୋଇଯାଇଥାଏ । ଦାସଙ୍କୁ ଦେଖୁ ଦେଖୁ ସେକ୍ସନ ଅଫିସର ଲେଙ୍କାବାବୁ ପ୍ରଥମେ ସମବେଦନା ଜ୍ଞାପନ କଲେ । ପରେ ପରେ ଅନ୍ୟମାନେ ତାଙ୍କୁ ଘେରିବସିଲେ । କିଏ କେତେପ୍ରକାର ସଜେସନ୍ ଦେଉଥାଏ । ଏ ସମସ୍ତ କଥା ଦାସଙ୍କ ଏ କାନରେ ପଶି ସେ କାନରେ ବାହାରି ଯାଉଥାଏ । ସେ କେବଳ ସେକ୍ସନ ଅଫିସର ଲେଙ୍କାବାବୁଙ୍କୁ ଆଉ ପାଞ୍ଚଦିନ ଛୁଟି ଦରଖାସ୍ତ ଦେଇ ବ୍ୟାଙ୍କରୁ କିଛି ଟଙ୍କା ଉଠାଇ ଘରକୁ ଫେରିଲେ ।

Digitized by PPRACHIN, SOA

ତା'ପରଦିନ ଭୋର ଗ୍ରରିଟାରେ ଦାସେ ଯାଇ ଗବବାବୁଙ୍କ କବାଟ ଖଟଖଟ କଲେ । କବାଟରେ ମୃଦୁ ଆଘାତ ଶୁଣି ଗବବାବୁ କବାଟ ଖୋଲି ବାହାରକୁ ବାହାରିପଡ଼ିଲେ । ସେତେବେଳକୁ ସେ ପୋଷାକ ପିନ୍ଧି ସାରିଥା'ନ୍ତି । ବାହାର ଘର ଚେୟାର ଉପରେ ଦାସଙ୍କୁ ବସିବାକୁ କହି, ସେ ଜୋତା ପିନ୍ଧିଲେ । ବାକି ରହିଥାଏ ତାଙ୍କର ଚମଡ଼ା ବ୍ୟାଗ୍ ଖଣ୍ଡିକ । ସେତକ ଭିତରଘରୁ ଆସିବା ଗ୍ରକର ଟୋକାକୁ ବ୍ୟାଗ୍ ଆଣିବାକୁ କହି ସେ ଜୋତାମୋଜା ପିନ୍ଧୁଥାନ୍ତି । ସେଇ ସମୟରେ ଘର ଭିତରୁ ସ୍ତ୍ରୀଙ୍କ ପାଟି ଶୁଭିଲା । ଗ୍ରକର ଆସି ଖବର ଦେଲା ମା' ଡାକୁଛନ୍ତି ବୋଲି । ଘର ଭିତରକୁ ଯାଇ କିଛି ସମୟ ପରେ ଗବବାବୁ ଚିନ୍ତିତ ମୁହଁରେ ବାହାର ଘରକୁ ଆସିଲେ । ଗବବାବୁ ଆରମ୍ଭ କଲେ, "ବୁଝିଲେ ଦାସବାବୁ, କି ବାହାଘର ସିଜିନ୍ ହେଲା କେଜାଣି । ଯୁଆଡ଼େ ଦେଖିବ ସିଆଡ଼େ ବାହାଘର । କେତେ ଆଡ଼କୁ ଯିବ । କେତେ ଦବ କହିଲେ ? ଏ ଯୁଗରେ ଟଙ୍କା ପଗ୍ରଶ ତଳକୁ କିଛି ଜିନିଷ ମିଳୁଛି ? କାହାକୁ କି ପ୍ରେଜେଣ୍ଟେସନ୍ ଦବ କୁହ । ଆସନ୍ତାକାଲି ତାଙ୍କ (ଗବବାବୁ ସ୍ତ୍ରୀଙ୍କ) ମାଉସୀ ଝିଅର ବାହାଘର । ସଭା ସାନ ଝିଅ ବୋଲି ମାଉସୀଶାଶୁ ବଡ଼ ଧୁମ୍‌ଧାମରେ ବାହାଘର କରୁଛନ୍ତି । ଆମକୁ ଝିଅ ଜ୍ୱାଇଁ ନିମନ୍ତ୍ରଣ । ମୁଁ ତ ଯାଡ଼େ ସମ୍ବଲପୁର ବାହାରିଲିଣି । ସେ ନ ଗଲେ ମହା ଅସୁବିଧା । ମାସ ଶେଷ ବେଳକୁ ଘରର ଅବସ୍ଥା ଯାହା ତ ଦେଖୁଥିବେ ।" ଏଇ ସମୟରେ ଆରପଟ ଭିତର ଘରୁ ତାଙ୍କ ସ୍ତ୍ରୀଙ୍କ ପାଟି ଶୁଣାଗଲା "ଯ୍ୟା ବୋଲି କ'ଣ ବନ୍ଧୁ କାଟିଦେବେ । ତୁମର ଅଭାବ ଅସୁବିଧା ଅଛି ବୋଲି କଅଣ ମାଉସୀଙ୍କ ଝିଅ ଆଉ ପରେ ବାହା ହେବ ?" ସ୍ତ୍ରୀଙ୍କ କଥା ଶୁଣି ଦାସଙ୍କ ଆଡ଼କୁ ଗବବାବୁ ଟିକିଏ ଉଚ୍ଚସ୍ୱରରେ ଗ୍ରହିଁ କହିଲେ, "ତମର ତ ସବୁବେଳେ ସେଇକଥା । କୁଆଡ଼େ ଗଲା ଅଇଲା ବେଳକୁ ଏଇଟା ହେବ, ସେଇଟା ରହିଗଲା ଆରମ୍ଭ କରିବ । କାହିଁକି, କାଲି ସନ୍ଧ୍ୟାରୁ ଏ କଥାଟା କହିଥିଲେ ହୋଇ ନଥାନ୍ତା ?"

ତାଙ୍କ କଥା ଶୁଣି ତାଙ୍କ ସ୍ତ୍ରୀ ଆଉ ଟିକିଏ ଚଢ଼ା ଗଳାରେ କହିଲେ, 'ହଁ, ତୁମେ କେତେ ସମୟ ଘରେ ରହୁଛ ଯେ ତୁମକୁ ସବୁ କଥା କହିବି । ସକାଳୁ ଯାଉଛ ପେ ଆସିଲାବେଳକୁ ରାତି ବାର କି ଗୋଟେ ।' ସ୍ୱାମୀ ସ୍ତ୍ରୀଙ୍କ ଭିତରେ କିଛି ସମୟ ଧରି କଥା କଟାକଟି ହେଲା ପରେ ଗବବାବୁ କହିଲେ, "ବନ୍ଧୁ ବେଭାର । କଅଣ କରିବି କୁହନ୍ତୁ । ହାତରେ ଗୋଟେ ପଇସା ନାହିଁ । ଇୟାଡ଼େ ଇଏ ବାହାରିଛନ୍ତି ମାଉସୀ ଘରକୁ । ଅଛି କି ? ଟଙ୍କା ଶହେଟା ଦେଇଥିଲେ, ମୁଁ ସମ୍ବଲପୁରରୁ ଫେରିଲା ପରେ ଆପଣଙ୍କୁ ଫେରେଇ ଦେବି ।" କିଛି ସମୟ ପୂର୍ବରୁ ଦାସେ ଏପରି ଏକ ଘଟଣା ଘଟିବ ବୋଲି ଠଉରାଇଥିଲେ । ଅଗତ୍ୟା ଶହେ ଟଙ୍କିଆ ନୋଟ୍ ଖଣ୍ଡେ କାଢ଼ି ଗବବାବୁଙ୍କ ହାତକୁ ବଢ଼ାଇଦେଲେ । ଟଙ୍କା ଯେତେବେଳେ ଗଲାଣି ମୁହଁ ରଖିବାକୁ କଥା ପଦେ କହିବା ନିହାତି ଦରକାର-ଭାବି ଦାସେ କହିଲେ, "ହେଲା ଆଜ୍ଞା, ଆପଣଙ୍କ ସୁବିଧା ହେଲେ ଦେଇଦେବେ । ଆଗ ବନ୍ଧୁ ବେଭାର କାମଟା ଚଳିଯାଉ, ସମସ୍ତଙ୍କ ସୁବିଧା ଅସୁବିଧା ଅଛି, ଯ୍ୟା ବୋଲି କାମଟା ଅଟକି ଯିବ ?"

Digitized by PPRACHIN, SOA

ଦାସଙ୍କ ହାତରୁ ଶହେଟଙ୍କିଆ ନୋଟଟି ନେଇ ସ୍ତ୍ରୀଙ୍କ ହାତରେ ଦେଇ ଦେଲାପରେ ଗବବାବୁ କହିଲେ- ବସ୍ ଛାଡ଼ିବା ଟାଇମ୍ ହୋଇ ଆସୁଛି । ଜଲଦି ନଗଲେ ସେ ଛାଡ଼ିଦେଇ ପାରେ । ଏତିକି କହିଲା ବେଳକୁ ଘର ଭିତରୁ ଚମଡ଼ା ବ୍ୟାଗ୍ ଧରି ଗ୍ରାହକ ଆସି ପହଞ୍ଚିଗଲା । ଗବବାବୁ ସଙ୍ଗେ ସଙ୍ଗେ ଘରୁ ବାହାରିଲେ । ବସ୍‌ଷ୍ଟାଣ୍ଡରେ ପହଞ୍ଚିଲାବେଳକୁ ବଳିୟାର ସିଂହ କହିଲେ, 'ଆଜ୍ଞା ଆପଣଙ୍କ ସିଟ୍ ରଖିଦେଇଛି । ଟିକେଟ୍ ପଇସା ଦେଇଦେଲେ ଟିକେଟ୍ ନେଇଆସିବି । ଗାଡ଼ି ଛାଡ଼ିବା ଟାଇମ୍ ହୋଇଗଲାଣି । ଦାସେ ଦେଖିଲେ ଟଙ୍କା ପଇସା ବଳିୟାର ସିଂହଙ୍କ ହାତକୁ ବଢ଼ାଇଦବା ନିରାପଦ ନୁହଁ । ଟିକେଟ୍ ଦାମ ଗଲାପରେ ବାକି ପଇସା ତାଙ୍କ ପାଖକୁ ଫେରିବା ସମ୍ଭାବନା ଖୁବ୍ କମ୍ । ମନରେ ସେତକ ଚିନ୍ତାକରି ଦାସେ ଟିକେଟ୍ ଖର୍ଚ୍ଚକରି ଆଣିଲେ । ଅବଶ୍ୟ ଆଗରୁ ପୁଲିସ୍‌ବାଲାଙ୍କ ପାଇଁ ବସ୍ କଣ୍ଡକ୍ଟର ସିଟ୍ ରଖିଦେଇଥିଲେ । ତିନିଜଣ ଯାକ ପାଖାପାଖି ସିଟ୍‌ରେ ବସିଥାନ୍ତି । ଗାଡ଼ି ଭୁବନେଶ୍ୱର ବସଷ୍ଟାଣ୍ଡ ଛାଡ଼ି ଫୁଲନଖରା ଧଇଲା ବେଳକୁ ଗବବାବୁଙ୍କ କଥା କେତେପଦ ଦାସବାବୁଙ୍କ କାନରେ ପଡ଼ିଲା । ଗବବାବୁ କହୁଥିଲେ- ସକାଳଟାରୁ ଗାଧୁଆ ପାଧୁଆ କରି ଖାଲି ପେଟରେ ପଳେଇ ଆସିଲେ । ଏତେ ସକାଳୁ କିଏବା ଘରେ ଜଳଖିଆ କରି ତାଙ୍କୁ ଦେଇପାରି ଥାନ୍ତା ? ଗାଧୋଇ ସାରିଲା ପରେ ପେଟରେ କିଛି ନ ପଡ଼ିଥିବା ହେତୁ ପେଟଟା ଆଉଣ୍ଡି ହେଲାଣି । ହାବିଲଦାର ବଳିୟାର ସିଂହ ଗବବାବୁଙ୍କ କଥାରୁ ସବୁ ଠିକ୍ ଭାବେ ଠଉରାଇ ପାରିଲେ । ତାଙ୍କର ମଧ୍ୟ ଏ ପୁଲିସ ଡିପାର୍ଟମେଣ୍ଟରେ ପଚିଶ ବର୍ଷ ଉପରେ ଗ୍ରାକିରି ହେଲାଣି । କଟକ ବସଷ୍ଟାଣ୍ଡରେ ଗାଡ଼ି ଲାଗୁ ନଲାଗୁ ବଳିୟାର ସିଂହ ଗାଡ଼ିରୁ ଓହ୍ଲାଇ ପାଖରେ ଥିବା ଫଳ ଦୋକାନରେ ପଶିଲେ । କଟିକା ଫଳଦୋକାନୀ ଖଟା ଅଙ୍ଗୁରକୁ ମିଠା କରି ବିକ୍ରି କରିବାରେ ଓସ୍ତାଦ । ସିଂହେ କିଛି ଅଙ୍ଗୁର, କେଜିଏ ସେଓ, ଦି' ଡଜନ କଦଳୀ ଧରି ବସ ଭିତରକୁ ଆସିଲେ । ସବୁତକ ଗବବାବୁଙ୍କ ପାଖ ଖାଲି ସିଟ୍ ଉପରେ ରଖିଦେଇ ଦାସବାବୁଙ୍କୁ ଡାକିଲେ । ତା ଭିତରେ ସିଂହେ ମଧ୍ୟ ଦାସବାବୁ ସକାଳୁ କିଛି ଖାଇ ନଥିବେ, ପେଟରେ ଦିଇଟା କିଛି ନପଡ଼ିଲେ ହବନି, ଇତ୍ୟାଦି କହି, ଦାସବାବୁଙ୍କୁ କିଛି ଫଳ ଧରେଇଲେ । ତିନିଜଣଯାକ ମିଶି ଫଳଗୁଡ଼ିକର ସଦ୍‌ବ୍ୟବହାର କରିବାକୁ ଲାଗିଲେ । ଦାସେ ଛାଙ୍କି ଛାଙ୍କି ହୋଇ ଅଙ୍ଗୁରରୁ ଗ୍ରେପା ଛଡ଼େଇ ଖାଇଲା ବେଳକୁ, ଗବବାବୁ ପେଷ୍ଟା ଦେହରୁ ଗୋଟାକ ପରେ ଗୋଟେ ଗ୍ରପି ଦେଇ ଯାଉଥାନ୍ତି । ବଳିୟାର ସିଂହ ତା ଭାଗ ବୁଡ଼ିଯିବା ଭୟରେ କିଛି ଅଙ୍ଗୁର, କଦଳୀ, ସେଓ ଅଲଗା ନେଇଯାଇଥାଏ ।

ସେମାନଙ୍କ ଖାଇବା ଭିତରେ ଫଳବାଲା ଦି'ତିନିଥର ପଇସା ପାଇଁ ତାଗିଦ କରିଦେଲା । ବସ୍ ଛାଡ଼ିବା ସମୟ ହୋଇଯିବା ଉପରେ । ଫଳବାଲାର ଡାକଶୁଣି ବଳିୟାର ସିଂହ ଦାସଙ୍କ ଆଡ଼କୁ ମୁହଁ ଫେରେଇଲେ । ଦାସେ କଅଣ କରିବେ । ସାଙ୍ଗରେ ଆସିଛନ୍ତି । କୋଡ଼ିଏ ଟଙ୍କିଆ ନୋଟ୍‌ଟେ ଫଳବାଲାକୁ ଦେଇ ଫେରସ୍ତ ପଇସାରେ ପାନ, ବିଡ଼ି ସିଗାରେଟ ଧରି ବସ୍ ଭିତରକୁ ଆସିଲେ । ଦାସଙ୍କ ହାତରୁ ପାନ ଖଣ୍ଡେ ନେଇ ପାଟିରେ ପୂରାଇ ସାରିଲା ପରେ ଗବବାବୁ କହିଲେ, 'ଭଲ ହେଲା, ଫଳ ଦିଇଟା ଖାଇଦେଲେ । ନହେଲେ

Digitized by PPRACHIN, SOA

ଆଜି କାଲିକା ଭେଜାଲ ବଜାରରେ ବରା, ପକୁଡ଼ି କୁହନ୍ତୁ କି ପାହାଳ ରସଗୋଲା କହନ୍ତୁ, ସେ ଜିନିଷ ପାଟିରୁ ପେଟକୁ ଗଲାମାତ୍ରେ ଆପଣଙ୍କ ସ୍ୱାସ୍ଥ୍ୟଟି ଗଲା ବୋଲି ଜାଣ । ଫଳ ଫୁଲରିରେ ସେସବୁ ପାଇବେନି । ଦେହପାଇଁ, ନିଖୁଣ ସ୍ୱାସ୍ଥ୍ୟ ପାଇଁ, ବେଶ ନିରାପଦ ।' ତାଙ୍କର ନିଖୁଣ ସ୍ୱାସ୍ଥ୍ୟ ରକ୍ଷା କରିବା ଉପରେ ଛୋଟିଆ ମନ୍ତବ୍ୟ ଆରମ୍ଭ ହେଲାବେଳକୁ ବସ କଟକ ବସଷ୍ଟାଣ୍ଡ୍ ଛାଡ଼ିଲା । ଦାସେ କାନଡେରି ଗବବାବୁଙ୍କ ମନ୍ତବ୍ୟ ଏବଂ ଭବିଷ୍ୟତରେ ସେ କିପରି ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା କରିପାରିବେ ତାଙ୍କର ଉପଦେଶ ଶୁଣୁଥାନ୍ତି ।

ଦାସେ ମନେମନେ ଭାବୁଥିଲେ ଗବବାବୁ ଯାହା କହୁଛନ୍ତି ତାହା ନିରାଟ ସତ୍ୟ । ଆଜାକାଲି ଯୁଗରେ ନିଜ ରୋଜଗାର ପଇସାରେ 'ନିଖୁଣ ସ୍ୱାସ୍ଥ୍ୟ' କେହି ରଖିପାରିବେନି । ସେ ବଡ଼ ଅଫିସର ହଉ କି କ୍ଷୁଦ୍ର ଚପରାସି ହଉ । ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା କରିବା ପାଇଁ ପର ପଇସାରେ ଭୋଜନ ଦରକାର । ଦାସେ ଗବବାବୁଙ୍କ କଥାରେ ପ୍ରତିବାଦ ନକରି ନୀରବରେ ତାଙ୍କର ମନ୍ତବ୍ୟ ଉପଦେଶ ଏବଂ ତାଙ୍କର ନିଜ ଅଭିଜ୍ଞତା ସବୁ ଶୁଣୁଥାନ୍ତି । କିଛିବାଟ ଗଲାପରେ ଗବବାବୁ ଘୁମେଇବାକୁ ଲାଗିଲେ । ଦାସେ ଦେଖିଲେ ତାଙ୍କ ପାଖେ ବସିଲେ ଗବବାବୁଙ୍କ ମୁଣ୍ଡ ତାଙ୍କ ମୁଣ୍ଡ ସଙ୍ଗେ ବହୁବାର ଲଢ଼େଇ ହେବାର ସମ୍ଭାବନାକୁ ଏଡ଼େଇ ହବନି । ଗବବାବୁଙ୍କର ଟୋପିଦିଆ ମୁଣ୍ଡ ଦାସଙ୍କ ଖରାଖିଆ ମୁଣ୍ଡରେ ପଟାଢ଼୍ ହୋଇଗଲେ ଅବସ୍ଥା ଭଲ ହେବନି ଭାବି ଦାସେ ନିଜ ଜାଗାକୁ ଖସିଲେ ।

ରେଢ଼ାଖୋଲ ପାଖେ ଗାଡ଼ି ପହଞ୍ଚିଲାବେଳକୁ ଦିନ ଗୋଟାଏ ପାଖାପାଖି । ବସ କଣ୍ଡକ୍ଟର ଗାଡ଼ି ରହିବା ପରେ ସମସ୍ତ ପାସେଞ୍ଜରଙ୍କୁ ଜଣାଇ ଦେଲେ ଯେ, ସେଠାରେ ଯେଉଁମାନେ ମଧ୍ୟାହ୍ନ ଭୋଜନ କରିବା କଥା, ଜଲଦି ଜଲଦି ସାରିଦିଅନ୍ତୁ । ଦାସବାବୁ ଗାଡ଼ିରୁ ଓହ୍ଲାଇ ତାଙ୍କ ମେରୁଦଣ୍ଡକୁ ସଳଖୁ ସଳଖୁ ଗବବାବୁ ବରାଦ କଲେ, ଦାସବାବୁ କିଛି ବାଜେ ଜିନିଷ ବରାଦ କରିବେନି । ଚିକିନ୍ ଟିକିଏ, ଅଣ୍ଡା ତଡ଼କା, ମୋଗଲାଇ ପରଟା, ବେଶ ସେତକରେ ଚଳେଇନେବା । ଆପଣ ଜାଣିନାହାନ୍ତି ଦାସବାବୁ, ଏ ସରଦାରଜୀ ଢାବାରେ ବଢ଼ିଆ ମୋଗଲାଇ ପରଟା ହୁଏ । ଯେତେବେଳେ ମୁଁ ଏ ବାଟରେ ଯାଏ, ଏଇ ସରଦାରଜୀ ଢାବାରେ ହିଁ ଖାଏ । ପେଟ ଖରାପ ହବାର ସମ୍ଭାବନା ଏଠି ଜମା ନାହିଁ । ଏମାନେ ଖାଣ୍ଟି ଖଜୁରୀଗଛ ମାର୍କା ଡାଲଡା ଘିଅ, ଅସଲି ରିଫାଇନ୍ ତେଲରେ କାମ କରନ୍ତି । ଗବବାବୁଙ୍କ ବରାଦ ଅନୁସାରେ ଦାସେ ସରଦାରଜୀଙ୍କ ଢାବାରେ ମଧ୍ୟାହ୍ନ ଭୋଜନ ପାଇଁ ବରାଦ ଦେଲେ । କିଛି ସମୟ ପରେ ଗବବାବୁ, ହାବିଲଦାର ସିଂହେ, ସେ ନିଜେ ଖାଇ ସାରିଲା ପରେ ଦାସେ ୬୫ ଟଙ୍କା ୪୫ ପଇସା ବିଲ୍ ଦେଇ ଢାବାରୁ ବାହାରିଲେ । ସେତେବେଳକୁ ଗବବାବୁ ତାଙ୍କ ସିଟ୍ ଉପରେ ବସି ପଡ଼ି ଅନ୍ୟ ଜଣେ ପାସେଞ୍ଜର ଆଣିଥିବା ସକାଳ ଖବର କାଗଜ ଉପରେ ଆଖି ବୁଲାଉଥାନ୍ତି । ଦାନ ପରେ ଦକ୍ଷିଣା ପରି, ଭୋଜନ ପରେ ପାନ ଗୁଋିଖଣ୍ଡ ଧରି ଦାସେ ବସ୍ ଭିତରକୁ ଫେରିଲେ ।

ଗାଡ଼ି ସମ୍ବଲପୁରରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ପାଞ୍ଚ । ବସ୍‌ଷ୍ଟାଣ୍ଡରେ ଓହ୍ଲାଇ

Digitized by PPRACHIN, SOA

ଦୁଇଟି ରିକ୍ସାରେ, ଗୋଟିକରେ ଗବବାବୁ, ଆରଟିରେ ଦାସେ ଆଉ ବଳିୟାର ସିଂହ ବସି ଆସିଲେ ସମ୍ବଲପୁର ସଦର ଥାନାକୁ । ଥାନା ଗେଟ୍ ପାଖେ ରିକ୍ସାରୁ ଓହ୍ଲାଇ ଗବବାବୁ ସିଧା ପଶିଲେ ବଡ଼ବାବୁଙ୍କ ରୁମ୍‌ରେ । ରିକ୍ସାବାଲାର ଝାମେଲା ଛିଣ୍ଡାଇ, ଦାସେ ଉଠିଲେ ବାରଣ୍ଡା ଉପରକୁ । ସେତେବେଳକୁ ବଳିୟାର ସିଂହ ବାରଣ୍ଡା ଉପରେ ପଡ଼ିଥିବା ଲମ୍ବ କାଠବେଞ୍ଚ ଉପରେ ବସି ବିଡ଼ି ଟାଣିବା ଆରମ୍ଭ କରିଥାନ୍ତି । ଦାସେ ଆସିଲା ପରେ, ତାଙ୍କୁ ସେଇଠି ବସିବାକୁ କୁହାଗଲା । ଗବବାବୁ ଭିତରେ ବଡ଼ବାବୁଙ୍କ ସଙ୍ଗେ ପରାମର୍ଶ କରୁଥାନ୍ତି । ତାଙ୍କ ଇଲାକାରେ କାମ କରିବାକୁ ହେଲେ ତାଙ୍କର ପୂର୍ଣ୍ଣ ସାହାଯ୍ୟ ଦରକାର । କିଛି ସମୟ ପରେ ଗବବାବୁ ଆସି ଦାସଙ୍କୁ କହିଲେ ଯାହା କାମ ହବ, କାଲି । ଆଜି ତ ପାଞ୍ଚଟା ଉପରେ ହେଲାଣି । ଅଫିସ ବନ୍ଦ ହୋଇଗଲାଣି । କାଲି ପୁଣି ଅଫିସ ଖୋଲିଲେ ଯାହା । ସରକାରୀ ଚାକିରି କରିଛି ଯେତେବେଳେ ତାଙ୍କ ଉପରିସ୍ଥ ହାକିମକୁ ଆରେଷ୍ଟ କରିବା ପୂର୍ବରୁ ଖବର ଦେବାକୁ ହେବ । ତା'ଛଡ଼ା ସେ ଟୋକା କୋଉଠି ରହୁଛି, ସେ ବିଷୟରେ କିଛି ସଠିକ୍ ଖବର ନାହିଁ । ତେଣୁ ତିନିଜଣ ଯାକ ପୁଲିସ କ୍ଲବରେ ରାତିଟି କଟାଇ ଦବାକୁ ଠିକ୍ କଲେ । ଦାସେ ଭାବିଥିଲେ ତାଙ୍କ ବନ୍ଧୁବାନ୍ଧବ ଘରେ ରାତିଟା କଟାଇ ଦେବେ ବୋଲି । ମାତ୍ର ଏ ସମସ୍ତ ଖବର ନେଇ କେଉଁ ବନ୍ଧୁବାନ୍ଧବଙ୍କୁ ମୁହଁ ଦେଖେଇବେ ? ଆସିଛନ୍ତି ଯେତେବେଳେ ପୁଲିସବାଲାଙ୍କ ସଙ୍ଗେ, ତାଙ୍କରି ସାଙ୍ଗେ ହିଁ ରାତିଟା କଟାଇବାକୁ ପଡ଼ିବ । ଜିନିଷପତ୍ର ଧରି ପୁଲିସ କ୍ଲବରେ ପହଞ୍ଚିଲା ବେଳକୁ ମୁହଁ ଅନ୍ଧାର । କ୍ଲବଘରେ ଲାଇଟ୍ ଲାଗି ନଥାଏ । ରୋଷେଇଆ ରୁମ୍ ଚଉକିଦାର ବାବୁଙ୍କ ଅନୁପସ୍ଥିତି ଯୋଗୁଁ ସବୁ ଅନ୍ଧାର । ଅଗତ୍ୟା ବାରଣ୍ଡାରେ ବସିବାକୁ ପଡ଼ିଲା । ଗବବାବୁ ଦିନଯାକ ବସ୍‌ରେ ବସିବସି ପେଟ ଗରମ ହୋଇଯାଇଛି ବୋଲି କହୁଥାନ୍ତି । ଜଲଦି ରୁମ୍‌ଟେ ଖୋଲିଦେଲେ ସେ ପାଇଖାନା ଫାଇଖାନା ଯାଇ ଟିକିଏ ରିଫ୍ରେସ୍ ହୋଇପଡ଼ନ୍ତେ । ଯୋଗକୁ ଲୋକଟାର ଦେଖାଦାହିଁ । ସେ ଖାଲି କ୍ଲବ ବାରଣ୍ଡାରେ ଏପଟ ସେପଟ ହେଉଥାନ୍ତି । ବାହାରେ ଢାଳ ବାଲଟିଟେ ଥିଲେ ଅବା କିଛି କରିପାରିଥାନ୍ତେ । ତାଙ୍କର ଏ ଅବସ୍ଥାକୁ ଲକ୍ଷ୍ୟକରି, ବଳିୟାର ସିଂହ ଆପେ ଆପେ ଚଉକିଦାରକୁ ଖୋଜିବାକୁ ବାହାରି ପଡ଼ିଲେ । କିଛି ସମୟ ପରେ ବଳିୟାର ସିଂହ ଚଉକିଦାରକୁ ଗବବାବୁଙ୍କ ଆଗରେ ଆଣି ପହଞ୍ଚେଇଲେ । ମନର ବିରକ୍ତିଟାକୁ ମୁହଁରେ ପ୍ରକାଶ କରି ଗବବାବୁ ଗୋଟେ ରୁମ୍ ଜଲଦି ଖୋଲିବାକୁ କହିଲେ । ଚଉକିଦାର ରୁମ୍ ଖୋଲିବାମାତ୍ରେ ଗବବାବୁ କବାଟ ଭିତରପଟୁ ବନ୍ଦକରି ରୁମ୍‌ରେ ପଶିଲେ । ଦାସେ ଆଉ ବଳିୟାର ସିଂହଙ୍କ ପାଇଁ ଆଉ ଗୋଟେ ରୁମ୍ ଖୋଲା ହେଲା ।

ରାତି ଚାରିଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଖରାଦିନିଆ ଗାଡ଼ିରେ ପଡ଼ି ପଡ଼ି ଦାସେ ମଧ୍ୟ ହାଲିଆ ହୋଇ ଯାଇଥିଲେ । ରୁମ୍ ଭିତରେ ଜିନିଷ ପତ୍ର ରଖାରଖି କରିସାରିଲା ପରେ ସେ ଗାଧୁଆ ଘରକୁ ଯାଇ ପୂରା ଗାଧୁଆଟିଏ ଗାଧୋଇଲେ । ଗାଧୁଆ ଘରୁ ଆସି ଲୁଗା ବଦଳେଇଲା ବେଳକୁ ବଳିୟାର ସିଂହ ରିଫ୍ରେସ୍ ହେବାପାଇଁ ବାଥ୍‌ରୁମ୍‌କୁ ପ୍ରବେଶ

Digitized by PPRACHIN, SOA

କଲେ । ଦାସେ ତାଙ୍କ ଲମ୍ବା ତଉଲିଆ ଖଣ୍ଡକ ବ୍ୟାଗରୁ ବାହାର କରି ପୁଲିସ କ୍ଲବର ଖଟ ଉପରେ ବିଛାଇ, ଆଣିଥିବା ବ୍ୟାଗ୍‌ଖଣ୍ଡକୁ ମୁଣ୍ଡ ତଳେ ଦେଇ, ଦେହଟାକୁ ଲମ୍ବାଇଦେଲା ପରେ, ତାଙ୍କୁ ବଡ଼ ଆଶ୍ୱସ୍ତି ଲାଗିଲା । ଭାଗ୍ୟକୁ ଫ୍ୟାନ୍‌ଟା ବୁଲୁଥାଏ । ନହେଲେ ମହାନଦୀ ତଳିଆ ମଶାଗୁଡ଼ାକ ତାଙ୍କୁ ସିଧା ଟେକି ନେଇ ଯାଇଥାନ୍ତେ । କିଛି ସମୟ ପରେ ଦାସଙ୍କୁ ଛାଇନିଦ ଲାଗିଗଲା । ସେତିକିବେଳକୁ ଗବବାବୁ ତାଙ୍କ ରୁମ୍ ଭିତରକୁ ପଶି ଆରମ୍ଭ କଲେ- "ଚାଲ ଯିବା ଦିଇଟା ଖାଇଦେଇ ଆସିଲେ, ଏକାବେଳକେ ବିଶ୍ରାମ ନେବା । ଦିନଟାଯାକ ବସ୍‌ରେ ବସି ବସି ଅଣ୍ଟା ପିଠି ଲାଗିଗଲାଣି । ଦାସବାବୁ, ଆଉ କାହିଁକି ଶୋଇଲ ଉଠ ।" ବଳିୟାରସିଂହ ବାଥ୍‌ରୁମ୍‌ରୁ ବାହାରି ପଡ଼ି ଚଟାପଟ ଲୁଗା ବଦଳେଇଦେଲେ ।

ତିନିଜଣଯାକ ପୁଲିସ କ୍ଲବରୁ ବାହାରି ଅଶୋକା ସିନେମା ଛକ ଆଡ଼େ ଚାଲିଲେ । ସେଇଠି ଭଲ ଖାଇବାକୁ ମିଳିବ ବୋଲି ଗବବାବୁ କହୁଥାନ୍ତି । ଗବବାବୁଙ୍କ କଥା ଶୁଣି ଦାସେ କହିଲେ, "ନାଇଁ ରାତିରେ ଆଉ ଆମିଷ ଖାଇବା ଭଲ ହେବନି । ଆପଣଙ୍କର ତ ପେଟ ଗରମ ଧଇଲାଣି । ଭଲ ନିରାମିଷ ହୋଟେଲକୁ ଚାଲ, ସେଇଠି ଦିଇଟା ଖାଇଦବ । ନହେଲେ ପେଟ ଖରାପ ହେଲେ ମହା ଅସୁବିଧା କଥା । ତାଙ୍କ କଥା ଶୁଣି ଗବବାବୁ କହିଲେ, "ତୁମ ମୁଣ୍ଡ ଖରାପ କିଓ ଦାସବାବୁ । ହଇଏ ଏ ସମ୍ବଲପୁରରେ ଯେତେ ନିରାମିଷ ହୋଟେଲସବୁ ସେଇ ଗୁଜୁରାଟୀ ଷ୍ଟାଇଲ । ସେ ଖାଦ୍ୟ ପାଟିରେ ଦେଇପାରିବ ? ଏ ଗରମକୁ ସେ ଯେଉଁ ରାଗ ତରକାରୀ, ମରିଯିବା । ସେ କଥା ଛାଡ଼ । ସେଇ ପଞ୍ଜାବୀ ହୋଟେଲ ଦେଖି ଯାହାହେଲେ, ରୁଟି ଫୁଟି ଖାଇନେବା ।" ତାଙ୍କ କଥା ଉପରେ ଦାସବାବୁ ଆଉ କିଛି କହିପାରିଲେ ନାହିଁ । ଏଇ କଥାବାର୍ତ୍ତା ଭିତରେ ସେମାନେ ଆସି ଅଶୋକା ସିନେମା ଛକ ପାଖେ ପହଞ୍ଚି ଯାଇଥାନ୍ତି । ହଠାତ୍ ଗବବାବୁଙ୍କ ଆଖି ପଡ଼ିଲା ଗୋଟେ ହୋଟେଲ ସାଇନ୍ ବୋର୍ଡ଼ ଉପରେ । ସୁନ୍ଦର ଗୋଟେ ଗଞ୍ଜା କୁକୁଡ଼ାର ଛବି, ତା ତଳକୁ ଲେଖା ହୋଇଛି "ଇଟ୍ ମି" । ସାଇନ୍‌ବୋର୍ଡ଼ଟାକୁ କିଛି ସମୟ ଲକ୍ଷ୍ୟ କଲା ପରେ ଗବବାବୁ କହିଲେ, 'ଚାଲ ଚାଲ ସେ ଇଟ୍ ମି ହୋଟେଲକୁ ଚାଲ । ସରଦାରଜୀ ହୋଟେଲ ବୋଧେ । ଭଲ ଖାଇବାକୁ ମିଳିବ ।' ଏତକ କହି ସେ ସିଧା ହୋଟେଲ ଭିତରେ ପହଞ୍ଚିଲେ । ଦାସେ ଆଉ ବଳିୟାରସିଂହ ତାଙ୍କ ପଛେ ପଛେ । ଛ ଫୁଟିଆ ସରଦାରଜୀ ସନ୍ଧ୍ୟା ସାତଟାରେ ଏକାବେଳକେ ତିନିଜଣିଆ ଗରାଖଙ୍କୁ ଦେଖି 'ମେନ୍ୟୁ କ'ଣ' ବୋଲି ଆସି ତାଙ୍କ ପାଖେ ଠିଆ ହେଲେ । ଗବବାବୁ ଚିକେନ୍ ରୋଷ୍ଟ, ତନ୍ଦୁରୀ ରୋଟି, ସାଲାଡ଼ ବରାଦ ଦେଇ ଦାସଙ୍କ ଆଡ଼କୁ ମୁହଁ କରି କହିଲେ, "ବୁଝିଲ, ବାହାରକୁ ଯେତେବେଳେ ଆସିବ ଏ ହୋଟେଲମାନଙ୍କରେ ଜମା ମଟନ ଖାଇବନି । ଏ ଶଳାଙ୍କୁ ଜମା ବିଶ୍ୱାସ ନାହିଁ । ଛେଳି ମାଂସ କହି କୁକୁର, ଘୁଷୁରି ମାଂସ ତମକୁ ଦେଇ କହିବେ, କଅଣ ନା 'ମଟନ' । କିନ୍ତୁ ଚିକେନ୍‌ରେ ସେକଥା ହୋଇପାରିବନି । ଆପଣ ତ ବାସ୍ନାରୁ ଜାଣିଦେବେ । ଶଳେ ସେଥିରେ କେଉଁଠି ଠକି ପାରିବେ ? ସେଇଥିଲାଗି ବାହାରକୁ ଟୁର୍‌ରେ ଗଲେ ମୁଁ ଚିକେନ୍ ଛଡ଼ା କିଛି ଖାଇବାକୁ

Digitized by PPRACHIN, SOA

ପସନ୍ଦ କରେନି ।'' ତାଙ୍କ କଥାକୁ ତାଳ ଦେଇ ବଳିୟାର ସିଂହ କହିଲା, 'ଆଜ୍ଞା ଆପଣ ବାଲେଶ୍ୱରରେ ଥିଲାବେଳେ ଦିଇଟା କେସ୍ କରି ନଥିଲେ ? ସେଇ ଯେଉଁ ହୋଟେଲବାଲା କୁକୁର ମାରି ମଟନ୍ କରି ବୋଲି ଖାଇବାକୁ ଦେଉଥିଲା ।' ତା କଥା ସରୁ ନସରୁଣୁ ଗବବାବୁ କହିଲେ, 'ମୁଁ କଅଣ ମନକୁ ଏକଥା କହୁଛି । ଅଭିଜ୍ଞତା, ତିରିଶ ବର୍ଷର ଅଭିଜ୍ଞତା ହିଁ ମୋତେ ଏସବୁ ଶିଖେଇଛି । ' ତାଙ୍କ କଥାବାର୍ତ୍ତା ଭିତରେ, ଖାଇବା ଆସି ପହଞ୍ଚିଗଲା । ଗରମ ଚିକେନ୍ ରୋଷ୍ଟ ପ୍ଲେଟରୁ ବାମ୍ଫ ବାହାରୁଥାଏ । ଗବବାବୁଙ୍କ ଆଖି ଯାଇ ସିଧା ପ୍ଲେଟ୍ ଉପରେ ।

ଆଗ ଖାଇସାରି ଗବବାବୁ ହାତଧୋଇ ହୋଟେଲ ସାମ୍ନା ପାନ ଦୋକାନୀକୁ ବରାଦ ଦେଇ ଠିଆ ହୋଇଥାନ୍ତି । ବଳିୟାର ସିଂହ ତାଙ୍କ ପରେ ମୁହଁ ସଫା କରି ଖଣ୍ଡେ ଦିଆସିଲି କାଠିରେ ଦାନ୍ତମୂଳ ଖୁଣ୍ଟିବା ଆରମ୍ଭ କରିଦେଲେ । 'ଇଟ୍ ମି' ହୋଟେଲ ମାଲିକ ବିଲ୍‌ଟିକୁ ଦାସଙ୍କ ଆଗରେ ଗୋଟେ ଧନିଆ ଗ୍ଲାଉଜ ପ୍ଲେଟ୍‌ରେ ଥୋଇ ଦାମ୍ ପାଇଁ ଅପେକ୍ଷା କଲେ । ଦାସେ ୫୫ ଟଙ୍କା ବିଲ୍ ଦେଇ କାଗଜ ଖଣ୍ଡକ ପକେଟରେ ପୂରାଇ, ବାହାରକୁ ବାହାରନ୍ତେ ଗବବାବୁ କହିଲେ, ''ହେଇ ନିଅନ୍ତୁ ଆପଣଙ୍କ ପାଇଁ ସାଧା ପାନ ଖଣ୍ଡେ ।' ପାନ ଖଣ୍ଡକ ତାଙ୍କ ହାତରୁ ନେଇ ପାଟିରେ ପୂରାଇଲା ବେଳକୁ ଗବବାବୁ ପ୍ରସ୍ତାବ ଦେଲେ ସିନେମା ଯିବା ପାଇଁ । ସେକେଣ୍ଡ ସୋ'ରେ ଭଲ ଓଡ଼ିଆ ପିକ୍‌ଚରଟାଏ ପଡ଼ିଛି । ତାଙ୍କ କଥା ଶୁଣି ଦାସେ କହିଲେ, 'ନାଇଁ ଆଜ୍ଞା । ଦିନଟାଯାକ ବସ୍‌ରେ ବସି ବସି ଅଣ୍ଟା ପିଠି ଲାଗିଯାଇଛି । ଚାଲନ୍ତୁ ଟିକେ ରେଷ୍ଟ ନେବା । ଏଇଲେ ସିନେମା ଗଲେ ରାତି ବାରଟା ପର୍ଯ୍ୟନ୍ତ ଅନିଦ୍ରା ହେବାକୁ ହେବ ।'

ତାଙ୍କ କଥାରେ ରାଜିହୋଇ ଗବବାବୁ ପୋଲିସ୍ କ୍ଲବକୁ ଫେରିଲେ । ଦାସେ ତାଙ୍କ ଲମ୍ବ ତଉଲିଆଟାକୁ ଖଟରେ ଆଗରୁ ବିଛେଇ ରଖିଥିଲେ । ଗୋଡ଼ ହାତରେ ମୁନ୍ଦେ ପାଣି ପକାଇ ସେ ଲମ୍ବିଗଲେ ଖଟ ଉପରେ । ବଳିୟାର ସିଂହ ଶୋଇବାକୁ ସଜବାଜ ହେଉଥିଲାବେଳେ କହୁଥିଲା ଯେ, ଖାଇବା ପୂର୍ବରୁ ଆଉ ଟିକିଏ କୁଆଡ଼େ ଯାଇଥିଲେ ହୋଇଥାନ୍ତା । ଦିନଟାଯାକର ପରିଶ୍ରମକୁ ଲାଘବ କରିବା ପାଇଁ, ଟିକିଏ ପାଣିପଣାର ବନ୍ଦୋବସ୍ତ ହୋଇଥିଲେ ରାତି ଅନିଦ୍ରାଟା ଖୁବ୍ ଆରାମଦାୟକ ହୋଇଥାନ୍ତା । ତାଙ୍କ କଥା ଶୁଣି ଦାସେ କହିଲେ, ''ଆରେ ସିଂହେ, ଲାଇଟ୍ ଲିଭାଇ ଖଟରେ ଗଡ଼ିପଡ଼ ଦେଖିବ ନିଦ୍ରାଦେବୀ ସଙ୍ଗେ ସଙ୍ଗେ ମାଡ଼ି ଆସିବେ । ପାଣିପଣାର କିଛି ଦରକାର ନାହିଁ ।' ଏତକ କହି ଦାସେ କଡ଼ ଲେଉଟାଇ ଶୋଇବାର ଆୟୋଜନ କଲେ ।

କେତେବେଳକୁ ନିଦ ଲାଗିଛି ତାଙ୍କର ମନେ ନାହିଁ । ବୋଧହୁଏ ଆଖି ବୁଜୁବୁଜୁ ସେ ଶୋଇ ପଡ଼ିଥିଲେ । ଫ୍ୟାନ୍‌ଟା ଜୋରରେ ବୁଲୁଥାଏ । ମଶା କାମୁଡ଼ିବାର ସମ୍ଭାବନା କମ୍, ମାତ୍ର ତାଙ୍କ ଦେହ ମୁଣ୍ଡ ଗ୍ଲରିପଟେ ଫୋଡ଼ିବାରେ ତାଙ୍କ ନିଦ ଭାଙ୍ଗିଗଲା । ମୁଣ୍ଡ ଉପରେ ସୁଇଚ୍‌ଟାକୁ ଟିପି ଦେଲାବେଳକୁ ଦେଖିଲେ, ଶହଶହ ଛାରପୋକ ପିଲାଛୁଆ

Digitized by PPRACHIN, SOA

ଧରି ଖଟ ଫାଙ୍କରେ ଲୁଚିଯିବାକୁ ଧାଇଁଚନ୍ତି । ବହୁ ଦିନରୁ ବୋଧେ ଭୋକିଲା ଥିଲେ । କିଛି ସମୟ ହେଲା ଆରାମରେ ତାଙ୍କରି ରକ୍ତରେ ଭୋଜି କରୁଥାନ୍ତି । ଦାସେ ଦେଖିଲେ, ବଳିୟାର ସିଂହ ଖଟରେ ମଧ୍ୟ ସେଇଆ । ତାଙ୍କ ଗୃରିପଟେ ଛାରପୋକ, ମାତ୍ର ସେଥିପ୍ରତି ଭ୍ରୂକ୍ଷେପ ନକରି ସିଂହେ ଆରାମରେ ଘୁଙ୍ଗୁଡ଼ି ମାରୁଥାନ୍ତି । ପୁଲିସ ଚମଡ଼ାକୁ ଛାରପୋକ କଅଣ, ଜୋକ ଲାଗିଲେ ବି କାଟିବନି । ଦାସେ ଦେଖିଲେ ଆଉ ଖଟରେ ଶୋଇ ହେବନି । ତେଣୁ ତାଙ୍କ ତଉଲିଆ ଖଣ୍ଡକ ଧରି ପିଣ୍ଡାକୁ ଗଲେ । ପିଣ୍ଡାର ଗୋଟେ ମୁଣ୍ଡ ଝାଡ଼ି ଦେଇ ସିମେଣ୍ଟ ଉପରେ ଶୋଇପଡ଼ିଲେ । ଅବଶ୍ୟ ମଶା ତାଙ୍କୁ ରାତିଟାଯାକ ହଇରାଣ କରିଥିଲେ । ମାତ୍ର ନିଦଟା କିଛି ସମୟ ପାଇଁ ତାଙ୍କୁ ଆରାମ ଦେଇଥିଲା ।

ତା ପରଦିନ ସକାଳୁ ନିତ୍ୟକର୍ମ ସାରି, ସମସ୍ତେ ପ୍ରସ୍ତୁତ ହେଲାବେଳକୁ ସକାଳ ଆଠ । ଗବବାବୁ ପୁଲିସ ପୋଷାକ ପିନ୍ଧି ଥାନା ବଡ଼ବାବୁଙ୍କୁ ଦେଖାକଲେ । ଥାନା ବଡ଼ବାବୁ, ଗବବାବୁ, ଦାସେ ସମସ୍ତେ ମିଶି ଦାମୋଦରଙ୍କ ଅଫିସ୍‌ରେ ଦଶଟା ବେଳକୁ ପହଞ୍ଚି ତାଙ୍କରି ଉପରିସ୍ଥ ଅଫିସରଙ୍କୁ ଦେଖାକରି ସମସ୍ତ ବିଷୟ ବର୍ଣ୍ଣନା କରନ୍ତେ ଉପରିସ୍ଥ ଅଫିସର ସେମାନଙ୍କୁ ରିକ୍ୟୁଜେସନ୍ ଦେବାପାଇଁ କହି ଦାମୋଦରକୁ ତାଙ୍କ ଅଫିସ ରୁମ୍‌କୁ ଡକାଇବା ପାଇଁ ପିଅନ ପଠାଇଲେ । ପିଅନଠାରୁ ଖବର ପାଇଲେ ଯେ, ଦାମୋଦର କାଲି ରାତିରୁ ଛୁଟିରେ ଭୁବନେଶ୍ୱର ଯାଇଛନ୍ତି । ଏ ଖବରଟି ପାଇ ଦାସଙ୍କ ମୁହଁ ଶୁଖିଗଲା । ଏତେ ପରିଶ୍ରମ କରି ଏଠିକି ଆସି ଦେଖିଲାବେଳକୁ ଆସାମୀ ଫେରାର୍ । କାହାକୁ କିଛି ନକହି ଗବବାବୁ ଆରେଷ୍ଟ କରିବା ପାଇଁ ପୋଲିସ ରିକ୍ୟୁଜିସନ୍ ଅଫିସରଙ୍କ ପାଖେ ଦାଖଲ କରି ଥାନାକୁ ଫେରିଲେ । ଦାସଙ୍କ ମୁହଁ ଶୁଖି ଯିବାର ଦେଖି ସମସ୍ତେ ତାଙ୍କୁ ବୋଧଶୋଧ ଦେଉଥାନ୍ତି, 'କୁଆଡ଼େ ଯିବ । ସମ୍ବଲପୁରରୁ ଖସିଗଲେ ଭୁବନେଶ୍ୱରରେ ଧରାହେବ ଇତ୍ୟାଦି ।' ସେଇଦିନ ସନ୍ଧ୍ୟା ବସ୍‌ରେ ସମସ୍ତେ ଭୁବନେଶ୍ୱର ଫେରିଲେ । ଗବବାବୁ ଥାନା ପାଖେ ଓହ୍ଲାଇ ଯିବା ପରେ, ଦାସେ ବସଷ୍ଟାଣ୍ଡରୁ ରିକ୍ସା ଧରି ଘରେ ପହଞ୍ଚିଲା ବେଳକୁ ସକାଳ ଛଅଟା ।

ଦାସେ ଘରେ ପହଞ୍ଚୁ ପହଞ୍ଚୁ ଅନିମା ଖବର ଦେଲେ ଯେ କାଲି ରାତିରେ ଦାମୋଦରଙ୍କ ମା ଆଉ ବଡ଼ଭାଇ ତାଙ୍କୁ ଖୋଜୁଥିଲେ । ତାଙ୍କ ଅପେକ୍ଷାରେ ସେମାନେ ଅଛନ୍ତି । ଆଜି ସକାଳୁ ଆସିବେ ବୋଲି ଖବର ଦେଇ ଯାଇଛନ୍ତି । ଏକଥା ଶୁଣି ଦାସଙ୍କ ମୁହଁରେ ଟିକିଏ ହସ ଦେଖାଦେଲା । ଯାହାହେଉ, ସମ୍ବଲପୁରରେ ନମିଳୁ ପଛେ, ଯେଉଁମାନେ ଧରାଛୁଆଁ ନଦେଉଥିଲେ, ସେମାନେ ତାଙ୍କ ପାଖକୁ ଆସିଲେଣି । ଅନିମାଙ୍କୁ କିଛି ନକହି ଦାସେ ଗାଧୁଆ ଘରେ ପଶିଲେ । ମନରେ ତାଙ୍କର ଅସରନ୍ତି ଭାବନା । କଅଣ କହିବେ, ଯଦି ସେମାନେ ବାହାଘର ପ୍ରସ୍ତାବ ଦିଅନ୍ତି, ତା'ହେଲେ ଥାନା କେସ୍ କଅଣ ହେବ, ହନୁମନ୍ତବାବୁଙ୍କୁ ସେ କଅଣ କହିବେ । ନାନା ପ୍ରକାର ଚିନ୍ତା ହଠାତ୍ ତାଙ୍କ ମୁଣ୍ଡରେ ପଶିବାକୁ ଲାଗିଲା । ଗାଧୁଆ ପାଧୁଆ କାମ ସାରି, ଦାସେ ଜଳଖିଆ ଖାଇବା ପାଇଁ ବସିଲେ । କାଲି

Digitized by PPRACHIN, SOA

ରାତିରୁ ସେ କିଛି ଖାଇ ନାହାନ୍ତି । ଆସାମୀ ଖସିଆସିଲା ପରେ, ତାଙ୍କ ମନରେ ବିଭିନ୍ନ ପ୍ରକାର ସନ୍ଦେହ ଦେଖା ଦେଇଥିଲା । ଦାମୋଦର ସମ୍ବଲପୁରରୁ ଖସି ଆସିବାରେ ପୁଲିସବାଲାଙ୍କ ହାତ ଅଛି କି- ନହେଲେ ସେ କିମିତି ଖବର ପାଇ ଛୁଟିନେଇ ପଳେଇଗଲା ? ଭୁବନେଶ୍ୱରରୁ ତାଙ୍କ ଯିବା ଆସିବା ଉପରେ କିଏ ନଜର ରଖି ଦାମୋଦର ପାଖକୁ ଆଗୁଆ ଖବର ଦେଲା, ଯଦିଓ ଏ ସମସ୍ତ ଚିନ୍ତା ସେ ଗଦବାବୁ ବଳିୟାର ସିଂହଙ୍କ ଆଗେ ପ୍ରକାଶ କରି ନଥିଲେ, ମାତ୍ର ବସ୍ ଯାତ୍ରା ସମୟରେ ଏ ସମସ୍ତ ସନ୍ଦେହ ତାଙ୍କ ମୁଣ୍ଡରେ ପଶିଥିଲା । ସେଇଥିପାଇଁ ତାଙ୍କୁ ଆଉ କିଛି ଖାଇବା ଭଲ ଲାଗିଲା ନାହିଁ, କିନ୍ତୁ ଘରେ ପହଞ୍ଚୁ ପହଞ୍ଚୁ ଅନିମାଙ୍କଠାରୁ ଖବର ଶୁଣିଦେଲା ପରେ, ତାଙ୍କର ଜଳଖିଆ ଖାଇବାକୁ ମନ ହେଲା ।

ଅନିମା ଆସି ଖବର ଦେଲେ ଯେ, ଦାମୋଦର ମା' ଆଉ ଭାଇ ଆସିଲେଣି । ସେମାନେ ବାହାର ଘରେ ବସିଛନ୍ତି । ଅନିମାଙ୍କଠାରୁ ଖବରଟା ପାଇଲା ପରେ ଦାସେ ଗମ୍ଭୀର ହୋଇଯାଇଥିଲେ । 'ହଉ, ମୁଁ ଆସୁଛି ବୋଲି କୁହ'- କହି ସେ ଲୁଗା ପିନ୍ଧିବାକୁ ଭିତର ଘରେ ପଶିଲେ । ଅନିମା ସେମାନଙ୍କ ସଙ୍ଗେ କଥାବାର୍ତ୍ତା ହେଉଥାନ୍ତି । ଦାସେ ଜାଣିଶୁଣି ପନ୍ଦର ମିନିଟ ଡେରି କରି ଗଲେ । ଦାସେ ଘରେ ପଶୁପଶୁ ଦାମୋଦରଙ୍କ ବଡ଼ଭାଇ ତାଙ୍କ ଗୋଡ଼ ଧରିପକାଇ ତାଙ୍କୁ ବଞ୍ଚେଇବା ପାଇଁ ଦାସଙ୍କୁ ଅନୁରୋଧ କଲେ । ଏତେଦିନ ପରେ ଦାସେ ବଦଲା ନେଇ ପାରିଲେ ଭାବି, କହିଲେ- "ମୁଁ କଅଣ କରିବି, ସେଦିନ ଆପଣମାନଙ୍କ ପାଖେ ଏତେ ନେହୁରା ହେଲି, କଥାଟା ଘରୁ ବାହାରକୁ ନଯାଉ ବୋଲି । ମୋ କଥାକୁ ଆପଣମାନେ କାନରେ ପୂରାଇଲେ ନାହିଁ, ବରଂ ମୋତେ ଅପମାନ ଦେଇ ବାହାର କରିଦେଲେ । ଏବେ ପୁଲିସ କେସ୍ କରିଛି । ନେଡ଼ିଗୁଡ଼ କହୁଣିକୁ ଗଡ଼ିଗଲା ପରେ ମୋତେ କହିଲେ ମୁଁ କଅଣ କରିବି ?' ଦାସଙ୍କ ଟାଣ ଟାଣ କଥା ଶୁଣି, ଦାମଙ୍କ ମା' କହିଲେ, 'ହଉ ସମୁଦୀ ମୋର ସବୁ ଭୁଲ, ଏବେ ଦାମର ଚାକିରି ଯିବ, ପିଲାଟା ଜେଲ୍ ଯିବ । ବର୍ଷେ ହେଇନି ବାପକୁ ଖାଇଛି, ତୁମେ କଅଣ ତାର ବାପ ନୁହଁ ?' ଦାମ ମା'ଙ୍କ କଥାରେ ଦାସଙ୍କ କଠିନ ହୃଦୟ ତରଳିଗଲା । ସେ କଇଁ କଇଁ ହୋଇ କାନ୍ଦି ଉଠିଲେ, ତାଙ୍କ ଆଖିରେ ଲୁହ ଭର୍ତ୍ତି ହୋଇଗଲା । ତାଙ୍କର ଏ ଅବସ୍ଥା ଦେଖି ଅନିମା, ଦାମ ମା' ଆଉ ଭାଇ ସମସ୍ତେ କଇଁ କଇଁ ହୋଇ କାନ୍ଦଉଠିଲେ । କିଛି ସମୟ ଏପରି କଟିଲା ପରେ, ଦାମ ମା' କହିଲେ, 'ଆପଣ ମାରିଲେ ମାରିବେ, ବଞ୍ଚାଇଲେ ବଞ୍ଚାଇବେ, ମୁଁ ଆଉ ସ୍ତ୍ରୀ ଲୋକଟେ ଅଧିକା କଅଣ କହିବି ।'

ଦାମଙ୍କ ବଡ଼ଭାଇ କହିଲେ, ଯାହା ହବାର ହେଲାଣି । ବାହାଘର ଦିନ ଠିକ୍ କରିଦିଅନ୍ତୁ । ବାହାଘର କରିଦେବା । ପୁଲିସ କେଶ୍ ଉଠାଇ ଆଣିବାର ବନ୍ଦୋବସ୍ତ ଆପଣ କରିବେ । ନହେଲେ ସମସ୍ତେ ମିଶି ହନୁମନ୍ତବାବୁଙ୍କୁ କହିବା । ଦେଖିବା ସେ କଥା କଅଣ ବଳେଇ ଯିବ ? ତାଙ୍କ କଥା ଶୁଣି ଅନିମା କହିଲେ- ଏଇ ମାସ ଶେଷରେ କେତେଟା ତିଥି ଅଛି । ଶେଷ ତିଥିରେ ସର୍ବମଙ୍ଗଳ ଜଗନ୍ନାଥ କରି, କରିଦେବା । ସମସ୍ତେ

Digitized by PPRACHIN, SOA

ତାଙ୍କ କଥାରେ ରାଜି ହେଲେ । ଦବାନବା କଥା ମୂଳରୁ ଉଠିଲାନି ।

ସେମାନଙ୍କୁ ସମସ୍ତଙ୍କୁ ଘରୁ ବିଦାୟ ଦେଇ ଦାସେ ଚିନ୍ତାରେ ପଡ଼ିଲେ । ଥାନାରେ କେସ୍ ହୋଇଛି, ଗବବାବୁ ଦାମକୁ ଖୋଜୁଛି, କଅଣ କରାଯିବ ? ତାଙ୍କୁ ଚିନ୍ତିତ ଦେଖି ଅନିମା କହିଲେ, ତୁମେ କିଛି ବ୍ୟସ୍ତ ହୁଅନା, ମୁଁ ସବୁ ଠିକ୍ କରିଦେବି । ଆମ ଗାଁ ପାଖ ହେମନ୍ତ ଏଇଠାରେ ପୁଲିସ କାମ କରେ । ତା ପାଖକୁ ଯାଇ ଯାହା କହିବା କଥା ମୁଁ କହିବି । ତୁମେ ବାହାଘର ଯୋଗାଡ଼ କର । ସାପ ମୋଡ଼ିମାଡ଼ି ହୋଇ ପେଡ଼ିକି ପଶିବାକୁ ବସିଲାଣି, ଆଉ ଏଇ ସମୟରେ ତୁମେ ତା ନାଙ୍ଗୁଡ଼ରେ ହାତ ମାରିବାକୁ ବସିଛ ।

ତାଙ୍କ କଥା ଅନୁଯାୟୀ ଦାସେ ବାହାଘର ଆୟୋଜନ କଲେ । ଥାନାରେ ଏ ଖବରଟା ମଧ୍ୟ ପହଞ୍ଚିଗଲା । ଦିନେ ହନୁମନ୍ତବାବୁ ଦାସଙ୍କୁ ଖବର ପଠାଇଲେ । ଖବର ପାଇ ଦାସେ ଯାଇ ଥାନାରେ ପହଞ୍ଚିଲେ । ଦାସଙ୍କୁ ଦେଖୁ ଦେଖୁ ହନୁମନ୍ତବାବୁ କହିଲେ, 'କିଓ କଅଣ ବାହାଘର ଯୋଗାଡ଼ କଲଣି ବୋଲି ଆମେ ଖବର ପାଉଛୁ । ହନୁମନ୍ତଙ୍କ କଥା ଶୁଣି ଦାସେ କହିଲେ, ଆଜ୍ଞା, ସେମାନେ ବଳେ ବଳେ ଆସି ମୋ ଗୋଡ଼ ହାତ ଧଇଲେ । ହିନ୍ଦୁ ସମାଜ କଥା ତ ଆପଣ ଜାଣନ୍ତି । ଝିଅଟା ଏ କାମ କରିସାରିଲା ପରେ ଆଉ କାହା ପାଖେ ନେଇ ତାକୁ ଥୋଇବି, ଆପଣ କୁହନ୍ତୁ ତ ? ଏବେ ସେମାନେ ବଳେବଳେ ଆସି ଆମ ଘରେ ପହଞ୍ଚୁଛନ୍ତି, ଏ ସୁଯୋଗ ଯଦି ଛାଡ଼ିବି, ଆଉ ଝିଅକୁ ବାହାକରି ପାରିବିନି । ଏତକ କହିସାରିଲା ବେଳକୁ ଦାସଙ୍କ ଆଖିରୁ ଧାରଧାର ଲୁହ ବୋହିଯାଉଥାଏ ।

ହନୁମନ୍ତବାବୁ ପୁଲିସ ହେଲେ ବି ଦାସଙ୍କ ପିତୃ ହୃଦୟର ଆବେଗଭରା କଥାଗୁଡ଼ାକ ଶୁଣି ଦୁଃଖିତ ହେଲେ । କହିଲେ ଯେ, ସେ ବାହାଘର ଯୋଗାଡ଼ କରନ୍ତୁ । ଆଗ ବାହାଘର କରିନିଅ । ତା'ପରେ କେସ୍ କଥା ଦେଖିବା । ଦାସେ ହନୁମନ୍ତବାବୁଙ୍କ ଠାରୁ ଏତକ ଶୁଣି କୃତକୃତ୍ୟ ହୋଇ ଥାନାରୁ ବାହାରିଲେ । ତାଙ୍କର ମନେ ପଡ଼ିଲା, ଏଇ ହନୁମନ୍ତବାବୁ ତାଙ୍କୁ କିପରି ତାଙ୍କ ରୁମ୍‌ରେ ପଶୁ ପଶୁ 'ଗେଟ୍ ଆଉଟ୍' କରି ଦେଇଥିଲେ । ଏ ପୁଲିସବାଲାଙ୍କ ହୃଦୟ ଚିହ୍ନିବା କାଠିକର ପାଠ ।

ଥାନାରୁ ଯାଇ ଏ ଖବରଟି ଅନିମାକୁ ଦେଲେ । ପନ୍ଦରଦିନ ପରେ ରୁନି ବାହାଘର ହୋଇଗଲା । ଯଦିଓ ବେଶୀ ଲୋକଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା, ଥାନାବାଲାଙ୍କ ପାଇଁ ସ୍ୱତନ୍ତ୍ର ଖାସି ମାରି ଦାସେ ଭୋଜି ଯୋଗାଡ଼ କରିଥିଲେ । ଦବାନବା କଥା, ବାହାଘର ବେଳେ କିଛି ଉଠିଲାନି । ଦାସେ ଯାହା ଦେଲେ ଜ୍ୱାଇଁ ଘର ସେତିକି ଆଦରିନେଲେ ।

ଦାସେ କହିଲେ, ବୁଝିଲ ନଟ ବାବୁ, ଝିଅ ବର୍ତ୍ତମାନ ତା' ଶାଶୁ ଘରେ । ଯାମଧ୍ୟରେ ତିନିଖଣ୍ଡ ଚିଠି ଦେଲେଣି । ଜ୍ୱାଇଁଙ୍କ ନାଁରେ ହୋଇଥିବା କେସ୍ ପୋଲିସ ଏପର୍ଯ୍ୟନ୍ତ ଫାଇନାଲ ରିପୋର୍ଟ ଦେଇନି । ଝିଅ ଚିଠି ଲେଖିଛି ଜ୍ୱାଇଁଙ୍କ ଉପର ଅଫିସର ସବୁଦିନ ତାଙ୍କୁ ସସ୍‌ପେଣ୍ଡ କରିବାକୁ ଧମକ ଦେଉଛନ୍ତି । ପୁଲିସଠାରୁ କ୍ଲିୟରେନ୍ସ ନ ଆଣିଲେ

Digitized by PPRACHIN, SOA

ଏବେ ତାଙ୍କୁ ସସ୍‌ପେଣ୍ଡ କରିବେ । ଜ୍ୱାଇଁ ଆସି ଆଠଦିନ ହେଲା ଘରେ ବସିଛି । ଝିଅ ଚିଠି ଉପରେ ଚିଠି । ଏବେ କଅଣ କରିବି କହ ? ଫାଣ୍ଡିକି ତ ଯାଇଥିଲି । ଦାସଙ୍କ କଥା ଶୁଣି ନଟବାବୁ କହିଲେ - 'ହେଲା ଯେ, ଏକେ ତ ପୁଲିସ କେସ୍ ହୋଇଛି । ପୁଣି ରେପ୍ କେସ୍ । ଥରେ ପୁଲିସ୍‌ରେ କେସ୍ ହେଲେ କଥାଟା ପୁଲିସ ପାଖରେ ଖାଲି ରୁହେନି । ତେବେ ଯେତେବେଳେ ତୁମେ ଝିଅକୁ ବାହା ଦେଇସାରିଲଣି, ଦେଖିବା ଏକଥାର ସମାଧାନ କରିବାକୁ ଚେଷ୍ଟା କରିବା । ଦାସେ କହିଲେ, 'ହଁ ଭାଇ, ବାପ ଅଜା କାଳରୁ ଆମ ଘରେ ତ କେହି ପୁଲିସ ପାଖକୁ ଯାଇ ନଥିଲେ, ଏ ଝିଅଟା ଲାଗି ବାଧ୍ୟ ହୋଇ ଯାଇଥିଲି । ମୋତେ ଏଥିରୁ ମୁକ୍ତ କରିଦିଅ ଭାଇ, ମୁଁ ଏ ସହର ଛାଡ଼ି ମୋ ଗାଁକୁ ପଳେଇବି । ସେଇଠି ଶାଗ ପଖାଳ ଖାଇ ପଡ଼ି ରହିବି ପଛେ, ଏ ସହରଭିତରେ ବଞ୍ଚି ପାରିବିନି ।

❖

Digitized by PPRACHIN, SOA

ଦଇବ ଦଉଡ଼ି.....

କଅଁଳ ନଈ ବନ୍ଧ ଉପରକୁ ଗାଈଗୋଠକୁ ଅଡ଼େଇ ଦେଇ, ମାଗୁଣି ବସିପଡ଼ିଲା ବନ୍ଧପାଖ ପୋଲାଙ୍ଗ ଗଛ ତଳେ । ଦିନ ଆସି ମୁଣ୍ଡ ଉପରେ ହେଲାଣି । ଖରାଟା ଟାଇଁ ଟାଇଁ ମାରୁଥାଏ । ଶ୍ରାବଣ ମାସରେ ବିନ୍ଦୁଏ ହେଲେ ବର୍ଷା ନାହିଁ । ବନ୍ଧତଳ ଜମିରେ ବିଆଳି ଧାନ ଗଛଗୁଡ଼ାକ ବଳି ହୋଇ ସଳିତା ପରି ଦିଶିଲେଣି । ପାଣି ଅଭାବରୁ ବିଦା ଦିଆ ହୋଇ ନଥିବା ବିଲରେ ଆଣ୍ଠୁଏ ଆଣ୍ଠୁଏ ଘାସ । ଘାସ ଭିତରୁ ମୁଣ୍ଡ ଉଠେଇଥିବା ଧାନ ଗଛ କେତେଟାକୁ ହଳଦିଗୁଣ୍ଡି ପୋକ ଝୁଣି ସାରିଲେଣି । ଡାହାଣପଟ ନଳୀଗୋଡ଼ ଘା ଉପରୁ ଗଣଗଣିଆ ମାଛି କେତେଟାଙ୍କୁ ଗାମୁଛା କାନିରେ ଉଡ଼ଉ ଉଡ଼ଉ ମାଗୁଣି ମନକୁ ମନ କହୁଥିଲା- ''କି ଯୁଗ ହେଲା କେଜାଣି, ଧାରା ଶ୍ରାବଣ ମାସରେ ଟୋପାଏ ବି ବର୍ଷା ନାହିଁ । ଯାହା ବଗଲସାହି ଗାଦି ଗୋସେଇଁ କହୁଥିଲେ ଠିକ୍ ।''

ସେତିକି ବେଳକୁ ଓଲେଇ ଗାଈଟେ ବନ୍ଧତଳ ବିଆଳି କିଆରିକୁ ଗଡ଼ିପଡ଼ିଲା । ଓଲେଇ ବେକରେ ମାଗୁଣି ଗୋଟେ ଟିପା ବାନ୍ଧିଥିଲା । ମୁହଁରେ ତୁଣ୍ଡି, ତଥାପି ସେ ଗାଈଟା ବନ୍ଧ ଉପରେ ନଚରି ଘାସ ମାଡ଼ିଯାଇଥିବା ବିଆଳି କିଆରିରେ ମୁହଁ ମାରିଲା । ଧାନ ବିଲରେ ଆଣ୍ଠୁଏ ଘାସ ହେଲେ ମଧ୍ୟ, ବିଲବାଲା ଯଦି ଦେଖିବ ତା କିଆରିରେ ଗାଈ ପଶିଛି, ତା'ହେଲେ କଥା ସଇଲା । ଘା ଉପରୁ ଗଣଗଣିଆ ମାଛିଗୁଡ଼ାକୁ ଉଡ଼େଇ ଦେଇ ସେ ଛୋଟେଇ ଛୋଟେଇ ବନ୍ଧ ଉପରକୁ ଉଠି ପାଟିକଲା, ''ଆଲୋ ହେ ବେଧ ଗ୍ରନ୍ଦ, ତୋ ମାଲିକ ଶଳା ତତେ ପଠାଣକୁ ନଦେଇ କାହିଁକି ମୋ ଗୋଠରେ ଛାଡ଼ିଲା କେଜାଣି ? ଗ୍ରଲ୍ ଗ୍ରଲ୍ ଦଉଚି କଷି ।'' ହାତରେ ଗୋଟେ ତିନି ହାତିଆ ଲମ୍ବ ଗୁଆକୋଳି ପାଞ୍ଚଣ ଧରି, ଦାନ୍ତ ରଗଡ଼ି ମାଗୁଣି ବନ୍ଧ ତଳକୁ ଓଲ୍ଲେଇ ଗାଈ ଗ୍ରନ୍ଦ ପଛେପଛେ ଗୋଡ଼ାଉ ଥାଏ । ଏତିକିବେଳକୁ ଖେରସ ଗାଁମୁଣ୍ଡରୁ ହାତରେ ଛତାଖଣ୍ଡିଏ ଧରି କୃଷ୍ଣ ଶତପଥୀ ଡାକ ଛାଡ଼ିଲେ- ''ଆରେ ଶଳା ଛୋଟା, ଗାଈ ଦିଅଣ୍ଡାକୁ ଜଗି ପାରୁନୁ ଶଳା । ବନ୍ଧ ଉପରେ ଗାମୁଛା ପକାଇ ଶୋଇପଡ଼ । ତୁଛାକୁ ତ ଇନ୍ଦ୍ର ପାଳିନି, ଯାହା କେଣ୍ଡାଏ କେଣ୍ଡାଏ ଗଛ ଅଛି, ତାକୁ ଶଳା ଗାଈ ପୂରାଇ ସଫା କରିଦିଅ ।'' ଗୁଆକୋଳି ପାଞ୍ଚଣରେ ଗ୍ରନ୍ଦ ଗାଈ ପିଗ୍ ଉପରେ କଷିକରି ଦି'ପାହାର ବସାଇ ଦେଲା ପରେ ମାଗୁଣି ତା ମନର ଓରିମାନା ମେଣ୍ଟାଇ କହିଲା, ''ନଶୁଣିଲା ଲୋକଠାରୁ, ଏ

Digitized by PPRACHIN, SOA

ଓଲେଇ ଲାଗି ମଣିଷ ଅଭାଷା ଭାଷା ଶୁଣିବ । ତୋ ମାଲିକ ଶଳା ଯେମିତି, ତୁ ଶାଳୀ ବି ସେମିତି । ମାସ ଶେଷକୁ ଟଙ୍କା ପାଞ୍ଚଟା ଦେବା ଲାଗି ଦଶଥର ଦଉଡ଼ାଉ ଥିବ । କେଉଁ ମାସରେ ଗ୍ରଉଳ ସେରେ ତ କେଉଁ ମାସରେ କାଳି । ଇଆଡ଼େ ଏ ଓଲେଇ, ଶାଳୀ କାହା ଧାନ ବିଲରେ ପଶିଲେଣି ତ କାହା ବାଡ଼ ଭାଙ୍ଗିଲେଣି ।" ଦି ପାହାର ଖାଇ ଗାଈଟା ବିଲ ଭିତରୁ ବାହାରି ବନ୍ଧ ଉପର ଗାଈଗୋଠରେ ମିଶିଗଲା ପରେ ମାଗୁଣି ଛୋଟେଇ ଛୋଟେଇ ଫେରିଲା ସେଇ ପୋଲାଙ୍ଗ ଗଛ ମୂଳକୁ । ଟାଇଁ ଟାଇଁଆ ଖରାରେ ଦଣ୍ଡେ ହେଲେ ବାହାରେ ଠିଆ ହୋଇ ହଉନି । ଗଛମୂଳେ କୋଚଟ ଗାମୁଛା ଖଣ୍ଡକୁ ଲମ୍ବାଇ ଦେଇ, ପୋଲାଙ୍ଗ ଗଛ ଗଣ୍ଡିକୁ ଆଉଜି ସେ ବସି ପଡ଼ିଲା । ଗଣଗଣିଆ ମାଛି ଦିଇଟା କେତେବେଳୁ ଉଡ଼ିଗଲେଣି । ଗୋଡ଼ର ଘା ଉପରେ ଗାମୁଛା ଖଣ୍ଡିକୁ ଢାଙ୍କି ଦେଇ ଉପରକୁ ଗ୍ରହିଁଲା । ଆକାଶରେ ଧଳା ବଉଦ ଖଣ୍ଡ ଖଣ୍ଡ ହୋଇ ଭାସି ଯାଉଥାନ୍ତି । ପୋଲାଙ୍ଗ ଗଛର ଗହଳିଆ ଚିକଣ ଶାଗୁଆ ରଙ୍ଗର ପତର ଫାଙ୍କରୁ ଚଲା ବଉଦକୁ ଦେଖି ମାଗୁଣି ଭାବୁଥିଲା, ତାର ସେଇ ପିଛିଲା ଦିନର ହଜିଲା କଥାଗୁଡ଼ାକୁ -

ବଲରା, ବାହାରଣା, ବଗଲଗଡ଼, ଅଥଙ୍ଗା ପାଖଆଖ ଦଶଖଣ୍ଡ ଗାଁରେ ମାଗୁଣି ସ୍ବାଇଁ ଘର ଜଣାଶୁଣା । ମାଛି ଖସି ପଡୁଥିବା ହଳେ ବଳଦ, ଗୋଠେ ଗାଈ, ସାତ ଆଠ ଏକର ଜମିର ମାଲିକ ଥିଲା ମାଗୁଣି । ଘରଡିହ, ବାଡ଼ି ବଗିଗ୍ଚ, ବିଲ ମାଣକ ପରେ । ସେ ଥିଲା ଚଷା ପୁଅ, ଗ୍ରଷ ଥିଲା ତାର ବେଉସା । ତା' ବାପେ ଅଗଣା ସ୍ବାଇଁ ତିନିକୋଡ଼ି ପାଞ୍ଚ ବର୍ଷରେ ମଲା ବେଳକୁ କହିଦେଇ ଯାଇଥିଲା- "ଚଷାପୁଅ - ଗ୍ରଷକୁ ଚିହ୍ନିବୁ ବାପ । ମାଟି ହେଲା ଆମର ବେଉସା- ଚଷାପୁଅର ଲକ୍ଷ୍ମୀ ।"

ବାପ ଆଖି ବୁଜିଲା ବେଳକୁ ମାଗୁଣି ତିନିପିଲାର ବାପ । ବଡ଼ପୁଅ ଶରତକୁ ଦଶ ପୂରି ଏଗାର ହେଲାବେଳକୁ ତା ତଳଝିଅ ସୁନାକୁ ସାତ ପୂରି ଆଠ ଗ୍ଲିଥାଏ । ସାନ, ଆରତଟା ମା' ଦୁଧ ଛାଡ଼ି ନଥାଏ । ବାପ ବୁଢ଼ା ହେଲେ ବି ସେ ଥିଲେ ଘରର ମୁରବୀ । ମାଗୁଣି କାନ୍ଧରେ ଜୁଆଳି ପଡ଼ି ନଥିଲା । କହନ୍ତି, ବାପଥିଲା ପୁଅ ସଭାରେ ହାରେନି । ଅଗଣି ସ୍ବାଇଁ ମଲାପରେ, ମାଗୁଣି ଉପରେ ଘରର ଦାୟିତ୍ବ । ବାପ ଯେ ସେମିତି କିଛି ରଖିଯାଇଥିଲା, ସେ କଥା ନୁହଁ । ତାଙ୍କ ଜୀବନ କାଳରେ ସେଇ ଜମିକୁ ଚଷି ସେ ଚଳେଇ ନେଇଥିଲା ତାଙ୍କ ସଂସାର । କାହା ପାଖରେ ହାତ ପତେଇ ନଥିଲା, କି କାହାର ଖାତକ ନଥିଲା ।

କନ୍ଦଳ ନଈରୁ ବାହାରି ଆସିଥିବା ଡେଙ୍ଗଯୋଡ଼କୁ ଲାଗି ତାର ଜମି । କଥାରେ କହନ୍ତି, 'ବେଙ୍ଗ ମୂତିଲେ ଡେଙ୍ଗ ଯୋଡ଼ରେ ପାଣି ।" ଠିକ୍ ସମୟରେ ପାଗ ଯୋଗ ଜଗି ଯଦି ଗ୍ରଷ କାମ ଆରମ୍ଭ ନ କରିଛ, ତା'ହେଲେ ଏଇ ଯୋଡ଼କୁ ଲାଗି ବାଁସାହ ପାଟରେ ଧାନ ଅମଳ କରିବା ସହଜ କଥା ନୁହଁ । ମାଗୁଣି ତା ବାପ ସଙ୍ଗେ କାମ କରି ଗ୍ରଷବାସକୁ

Digitized by PPRACHIN, SOA

ଠିକ୍ ଚିହ୍ନିଥିଲା । ଅକ୍ଷିତୃତୀୟା ଦିନ ମଟିବିଲକୁ ଅକ୍ଷିମୁଠି ନିଏ, ଧାନ ବୁଣେ, ରଜ ବେଳକୁ ତା ଜମିରେ ଧାନଗଛ ହୁଏ ଗ୍ରୁଖଣ୍ଡକ ପରେ । ପହିଲି ଆଷାଢ଼ର ଲଗାଣ ବର୍ଷାରେ ସେ ବେଉଷଣ ଆରମ୍ଭ କରିଦିଏ । ପରେପରେ ବିଲବଛା । ଭୋଦୁଅ ମାସ ଶେଷ ବେଳକୁ ତା କିଆରିରେ ଅଣ୍ଟାଏ ଉଚ୍ଚରେ ଧାନଗଛ ଲହଡ଼ି ଭାଙ୍ଗେ । ଗ୍ରଲି ଯାଉଥିବା ଲୋକ ମାଗୁଣିର ଧାନ କିଆରି ଆଡ଼େ ଘଡ଼ିଏ ଗ୍ରହେଁ । ତଥାପି ଇନ୍ଦ୍ର ପାଳିଲେ ପାଳକ । ଯେଉଁ ବର୍ଷ ବର୍ଷା ଠିକ୍ ସମୟରେ ନହୁଏ, ସେବର୍ଷ ଧାନ ଫସଲ ମାଡ଼ ଖାଇଯାଏ । ଷୋଳଣା ଜାଗାରେ ଚଷା ପାଏ ଆଠ'ଣା କି ଦଶ'ଣା ଫସଲ । ଯେଉଁ ବର୍ଷ କନ୍ଦଳ ନଈରେ ବଢ଼ି ପାଣି ଉଛୁଳେ, ସେଇ ବର୍ଷ ଡେଙ୍ଗପୌଡ଼ରେ ପାଣି ଆସି ବାଁସାହି ପାଟକୁ ବୁଡ଼ାଇ ଦିଏ । କେଉଁଠି ବେକେ ପାଣି ତ କେଉଁଠି ପେଟେ । ପାଟଟାରେ କାଇଁଚ ଗଛ ବାହାରିପଡ଼େ । ବଢ଼ିପାଣି ଯଦି ଦିନେ ଓଳିଏ ରହି ଛାଡ଼ିଗଲା, ସେ ବର୍ଷ ଫସଲ ହୁଏ କଚେପୁଅ ବାର । ପାଣି ଯଦି ଆଠ ଦଶଦିନ ଲଗାତର ରହିଗଲା ତା'ହେଲେ ଧାନ ଫସଲ ସେ ବର୍ଷ ନଷ୍ଟ ହୋଇଯାଏ । ତଥାପି ଗ୍ରଷାକୁଳ ଆଶା ହରାନ୍ତିନି । ବଢ଼ିପାଣି ଯେତେ ଅଧିକା ଦିନ ରହେ, ଜମିରେ ସେତେ ବେଶି ପଟୁ ପଡ଼େ । ଧାନ ନହେଲେ ରବି ଫସଲ ସେ ବର୍ଷ ଭଲ ହୁଏ । ବିରି, ମୁଗ, କୋଳଥ, ସୋରିଷ, ଧନିଆ ପ୍ରଭୃତି ଫସଲ କରି ଚଷା ତାର ଗୁଜୁରାଣ ମେଣ୍ଟାଇ ନିଏ । ଗ୍ରଷାପୁଅର କ'ଣ ବା ଦରକାର ? ଘରେ ତ ସବୁ । ଧାନ, ଗ୍ରଉଳ, ବିରି, ମୁଗ ପାଇଁ ବଜାରକୁ ଯିବା ଦରକାର ପଡ଼େନି । ବାଡ଼ି, ବଗିଗ୍ରରେ ଫଳ ଫୁଲରି ବିକି, ହାଟ ଖର୍ଚ୍ଚ ଚଳିଯାଏ । ବଳକା ଧାନ, ବିରି, ମୁଗ ବିକି ବନ୍ଧୁ ବାନ୍ଧବ, ବାହା ପୁଆଣି କାମ ଚଳେ । ଇମିତି ତାଙ୍କ ବାପ, ଗୋସେଇଁ ବାପ ଚଳୁଥିଲେ, ମାଗୁଣି ବି ଚଳୁଥିଲା । କିନ୍ତୁ ମାଗୁଣି ବାପ ମଲା ପରେ, ତିନି ତିନିଟା ପିଲାଙ୍କର ଭବିଷ୍ୟତ ତା ଆଗରେ ଦେଖାଦେଲା । ବଡ଼ପୁଅ ମାଇନର ସ୍କୁଲରୁ ହାଇସ୍କୁଲକୁ ଗଲାଣି । ଝିଅ ସୁନା ଗାଁ ପାଖ ସ୍କୁଲରେ ପଢୁଛି । ଆଗେ ସିନା ଗାଁ ପାଖରେ ସ୍କୁଲ ନଥିବାରୁ ପିଲାମାନେ ପାଠ ପଢ଼ିବାକୁ ସୁବିଧା ପାଉ ନଥିଲେ । ଏବେ ତ ଗାଁ ପାଖରୁ ବାଟ ଦି କୋଶରେ ବିଳାସୁଣୀ ହାଇସ୍କୁଲ । ପିଲାଏ ପାଠ ପଢ଼ିବେ । ତାଙ୍କ ଗାଁ ପାଖ ବଳରା ଶାସନର ପହରାଜ ଘର ପୁଅ ପାଠ ପଢ଼ି ଏବେ ଭୁବନେଶ୍ୱରରେ ଗ୍ରକିରି କରୁଛି । ବୁଢ଼ା ପହରାଜ ଗାଁ ଛାଡ଼ି ସେଇଠି ପୁଅପାଖେ । ବଳରାର ପ୍ରହରାଜ ଘର ତାଙ୍କ ବାପ ଅମଳର ପ୍ରୀତି ବାନ୍ଧବ ଘର, ଭଲ ମନ୍ଦରେ ଦୁହେଁ ଦୁହିଁଙ୍କ ପାଇଁ ଠିଆ ହେଉଥିଲେ । ନିଜ ବାଡ଼ିରେ କାକୁଡ଼ି କଷିଟେ ହେଲେ ପହରାଜ ଘର ନ ଖାଇଲେ ସ୍ୱାଇଁଙ୍କ ପାଟିରେ ବାଜୁ ନଥିଲା । ଯୁଗ ବଦଳିଗଲା -ସେଇ ପହରାଜ ଘର ଏବେ ଗାଁ ଘରେ ଗ୍ରବି ପକାଇ ରହିଲେ ଭୁବନେଶ୍ୱରରେ ।

ଶରତ ବିଳାସୁଣୀ ହାଇସ୍କୁଲରେ ପଢ଼ିଲା, ଝିଅ ସୁନା ଗାଁ ମାଇନର ସ୍କୁଲର ଛାତ୍ରୀ । ପାଠପଢ଼ାରେ ଖର୍ଚ୍ଚ ଅଛି, ଆଜି ବହି ଦରକାର, କାଲି ଟିଉସନ ପାଇଁ ପଇସା ।

Digitized by PPRACHIN, SOA

ଗୃଷବାସରୁ ଯାହା ମିଳେ, ମାଗୁଣି ପେଟରୁ କାଟି ପିଲାଙ୍କ ପଢ଼ାଖର୍ଚ୍ଚ ତୁଲାଏ । ପିଲାମାନେ ପାଠ ପଢ଼ିଲେ ଖର୍ଚ୍ଚ ରହିବ ହିଁ ରହିବ । ପଢ଼ାରେ ପିଲାଙ୍କ ଖର୍ଚ୍ଚ ବଢ଼ିବାରେ ଲାଗିଲା । ମାଟ୍ରିକ୍ ଶେଷ ବର୍ଷ ବେଳକୁ ଶରତ ହଷ୍ଟେଲରେ ରହିଲା, ମାଷ୍ଟରମାନଙ୍କ ପାଖେ ଟିଉସନ ହେଲା । ଆଜି କାଲି ଟିଉସନ ନହେଲେ ପାଶ୍ ହୋଇପାରେନି । ମାଷ୍ଟରମାନେ ଦରମା ନିଅନ୍ତି ସ୍କୁଲକୁ ଯିବାକୁ, ପାଠ ପଢ଼ାନ୍ତି ଟିଉସନ କ୍ଲାସରେ । ମାଗୁଣି ଶରତର ପଢ଼ା ଖର୍ଚ୍ଚ ତୁଲେଇ ପାରୁ ନଥାଏ । ପଇସା ଦରକାର ବେଳେ ମାଗୁଣି ମୁହଁମାରି ବସେ, କେଉଁଠୁ ଆଣିବ, ତାକୁ ବୁଦ୍ଧି ଦିଶେନି । ଏ ଯୁଗରେ ଧାର ଉଧାର ଦେବା ଲୋକ ବହୁତ କମ୍ । ମାଗୁଣି ମୁହଁମାରି ବସିଲେ ଶରତ ବୋଉ କହେ "ପିଲାଙ୍କୁ ତ ଦି ଅକ୍ଷର ପାଠ ପଢ଼ାଉଛ ? ତାଙ୍କରି ପାଇଁ ତ ସବୁ । ଏ ଯୁଗରେ ପାଠ ଦି ଅକ୍ଷର ନ ପଢ଼ିଲେ ମଣିଷ ମଣିଷରେ ଗଣା ହେଉନି । ଗହୀର ବିଲରେ ଖରା ତରାରେ ପଡ଼ି ତୁମ ଅବସ୍ଥା ତ ଦେଖୁଛ ! ତୁମ ଜୀବନଟା ତୁମେ କାଦୁଅ ପାଣିରେ ମିଶେଇ ଦେଲ ଇଆବିଲି କ'ଣ ଆମ ପିଲାମାନେ ତାଙ୍କ ଦିହକ ସାରା ସେମିତି କାଦୁଅ ପାଣି ଚକଟିବେ ?" ମାଗୁଣି ମୁହଁ ଉପରୁ ହାତ କାଢ଼ି ଶରତ ବୋଉ ଆଡ଼େ ଗୃହେଁ । ମାଇପି ଲୋକ ହେଲେ ମଧ୍ୟ ଶରତ ବୋଉ ଯାହା କହୁଛି ଠିକ୍ । ପାଠ ପଢ଼େଇଲିଣି ଯେତେବେଳେ ଆଉ କ'ଣ ଅଧାରୁ ଉଠେଇ ଆଣିବି ? ବିଲ ମାଣେ ବିକି ମାଗୁଣି ପିଲାଙ୍କ ପଢ଼ା ଖର୍ଚ୍ଚ ତୁଲାଇଲା ।

ଶରତ ମାଟ୍ରିକ ସେକେଣ୍ଡ ଡିଭିଜନରେ ପାଶ୍ କଲା । କେତେ ପିଲା ଫେଲ୍ ହେଲେ । ଶରତ ପାଶ୍‌କଲା ଖବର ଯେଉଁ ଦିନ ସେ ଶୁଣିଲା, ତା ଗୋଡ଼ ତଳେ ଲାଗୁ ନଥିଲା । ତା ବାପ ଗୋସେଇଁ ବାପ ଟିପଚିହ୍ନ ଦେଉଥିଲେ । ନିଜ ନାଁ ଲେଖି ଜାଣି ନଥିଲେ । ସେ ଅବଧାନଙ୍କ ଗୃହାଳି ଘରୁ ପାଠପଢ଼ି ଭାଗବତ ଦି'ଅକ୍ଷର ପଢ଼ି ପାରିଲା, ଏବେ ତା ପୁଅ ଶରତ ମାଟ୍ରିକ୍ ପାଶ୍ କଲା । ପୈତୃକ ସମ୍ପତ୍ତି ବିକ୍ରି କରିଥିବାର ଦୁଃଖ ସେ ଭୁଲି ଯାଇଥିଲା ।

ସେଇବର୍ଷ ତା ଗାଁ ପାଖେ କଲେଜ ଖୋଲିବା ପାଇଁ ଉଦ୍ୟୋକ୍ତା ମାନେ ଗାଁ ଗାଁ ବୁଲି ପାଣ୍ଠି ସଂଗ୍ରହ କରୁଥାନ୍ତି । ଦଳଗତ ନିର୍ବିଶେଷରେ ସବୁ ପାର୍ଟିର ନେତାମାନେ ଲାଗିପଡ଼ିଥିଲେ, ଗାଁ ପାଖେ କଲେଜ ଖୋଲି ମଫସଲ ଅଞ୍ଚଳର ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଦେବାରେ ସାହାଯ୍ୟ କରିବେ । ନେତାମାନଙ୍କ ଉଦ୍ୟମରେ ନୂଆଗାଁ ମଠର ପୁରୁଣା ଆଖଡ଼ା ଘରେ ମହାବିଦ୍ୟାଳୟ ଆରମ୍ଭ ହେଲା । ନେତାମାନଙ୍କର ନିକଟ ସମ୍ପର୍କୀୟ ଏମ୍.ଏ. ପାଶ୍ କରି ବୁଲୁଥିବା ବେକାରିଆ ମାନେ ଅଧ୍ୟାପକ ପାଇଁ ବଛା ହେଲେ । କେତେ ବେକାର ଯୁବକ ଯୁବତୀ କଲେଜର ଉନ୍ନତି ପାଇଁ ଦଶହଜାରରୁ ପନ୍ଦର ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଅଧ୍ୟାପକ, ଅଧ୍ୟାପିକା ପଦବୀ ପାଇଲେ । ମଫସଲ ଅଞ୍ଚଳରେ ଉଚ୍ଚଶିକ୍ଷା ବିତରଣ କରିବା କୁଆଡ଼େ ତାଙ୍କର ଥିଲା ଆଦର୍ଶ । ଦରମା କଥାକୁ ସେମାନେ ପଛକୁ ପକେଇ ଦେଇଥିଲେ । କିଏ ତିନିଶହ ପାଉଥିଲା ତ କିଏ ଅଢ଼େଇ ଶହ । ନୂତନ

Digitized by PPRACHIN, SOA

ଭାବେ ମଠ ଆଖଡ଼ାଶାଳାରେ ଗଢ଼ି ଉଠିଥିବା ମହାବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଉଦ୍ୟୋକ୍ତାମାନେ ମାଗୁଣି ସ୍ୱାଇଁଙ୍କ ପାଖେ ପହଞ୍ଚିଲେ । ଶରତ ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାଶ୍ କରିଛି, ସେ ଏଇ କଲେଜରେ ପଢୁ । ଘରେ ରହି କଲେଜରେ ପଢ଼ିବ, ଏ ସୁବିଧା କେତେଜଣ ପିଲାଙ୍କୁ ମିଳୁଛି ? ମାଗୁଣି ପ୍ରଥମେ ମନା କରୁଥିଲା । ଚଷାପୁଅ, ଦି'ଅକ୍ଷର ପଢ଼ିଲା । ସେଇ ପଢ଼ାକୁ ଯଦି ଗୃଷ କାମରେ ଲଗେଇ ପାରିବ, ତା'ହେଲେ ଚଳିବାରେ ତାଙ୍କର କିଛି ଅଭାବ ହେବନି । ମାତ୍ର ଶରତବୋଉ ତା କଥାକୁ ପସନ୍ଦ କଲେନି । ପୁଅ କଲେଜରେ ପଢ଼ିବ । ସେ ମାଗୁଣିକୁ ବୁଝାଇଦେଲେ ଯେ ପୁଅ ଯଦି ଯୋଗ୍ୟ ହେବ, ସମ୍ପତ୍ତି ରଖିବ କାହାପାଇଁ ? ପୁଅ ଯଦି ଅଯୋଗ୍ୟ ହେବ, ତେବେ ସମ୍ପତ୍ତି ରଖିବ କାହାପାଇଁ ? ମାଗୁଣି ଶରତ ବୋଉଙ୍କ କଥାକୁ ବୁଝିଲା । ସତ କଥା । ପୁଅ ଯୋଗ୍ୟ ହେଲେ ସେ କ'ଣ ସମ୍ପତ୍ତି କରିପାରିବନି ଯେ ତା ପାଇଁ ସେ ସମ୍ପତ୍ତି ଛାଡ଼ିକରି ଯିବ ? ବରଂ ପାଠ ନ ପଢ଼େଇଥିଲେ ପୁଅ ଝିଅ ପଛରେ ତାର ବଦନାମ କରିବେ ।

ଶରତ କଲେଜରେ ପଢ଼ିଲା । ତା ସାଙ୍ଗକୁ ସୁନା ମାଟ୍ରିକ କ୍ଲାସକୁ ଗଲା । ସାନପୁଅ ଆରତ ମାଇନର ସ୍କୁଲର ଛାତ୍ର । ଘରେ ମାଗୁଣି, ଏକା ରୋଜଗାରିଆ ଲୋକ । ରୋଜଗାର ବୋଇଲେ ସେଇ ଗୃଷଜମି । ତାରି ଦେହରୁ ଯାହା ପାଏ ପେଟରୁ କାଟି ଚଳିବା କଥା, ମାତ୍ର ପିଲାମାନେ କଲେଜ, ହାଇସ୍କୁଲରେ ପଢ଼ିଲାରୁ ଗୃଷଜମିରୁ ଖର୍ଚ୍ଚ ତୁଲାଇ ହେଲାନି । କଲେଜ ପଢୁଆ ପୁଅର ବାରମାସରେ ତେର ବରାଦ । ଯେତେବେଳେ କଲେଜରେ ପଢ଼ିଲାଣି, ବାହାରକୁ ଯିବାକୁ ହେବ । ଏତ ଗାଁ କଥା ହୋଇନି ଯେ ପକେଟରେ ପଇସା ନଥିଲେ ଚଳିଯିବ । କଣ୍ଟାପଇସା ସବୁ ପାଇଁ ଦରକାର । ପଢ଼ା ଖର୍ଚ୍ଚ ପାଇଁ ମାଗୁଣି ଯେଉଁ ଏକରକ ଜମି ଖୋରସ କୃଷ୍ଣ ଶତପଥୀଙ୍କ ପାଖରେ ବନ୍ଧା ପକାଇଥିଲା, ତାକୁ ଆଉ ମୁକାଳି ପାରିଲାନି । ଶତପଥୀଏ ବଳକା ଟଙ୍କା ଦେଇ ଜମି ଏକରକ କିଣିନେଲେ । ଜମି ଏକରକୁ ଯେଉଁଦିନ କଟକ ସବ୍‌ରେଜିଷ୍ଟର ଅଫିସରେ ଶତପଥୀଙ୍କ ନାଁରେ ରେଜିଷ୍ଟ୍ରୀ କରି ଦେଇ ଆସିଲା, ସେଦିନ ମାଗୁଣି ପେଟକୁ ଦାନା ଦିଗୁଣ୍ଡା ଯାଇ ନଥିଲା । ମାଗୁଣି ମୁଣ୍ଡରେ ହାତ ଦେଇ ବସିଥାଏ - ଶରତ ବୋଉ ମାଗୁଣି ଅବସ୍ଥା ଦେଖି ବୁଝେଇ କହିଲେ- "କାଇଁକି ଏମିତି ମୁଣ୍ଡରେ ହାତ ଦେଇ ପିଣ୍ଡାଟାରେ ବସିଚ ? ଦେଖିବ, ମୋ ପୁଅ ପାଠପଢ଼ି ଗୃକିରି କଲେ ଏମିତି କେତେ ଜମି କିଣିଦେବ ।"

ଶରତ ଆଇ.ଏ. ପାଶ୍ କଲା । ଗାଁରେ ଲୋକମାନେ ଚୁପ୍‌ଚାପ୍ ହେଲେ ନୂଆ କଲେଜର ପିଲାମାନେ କପି କରି ପାଶ୍ କଲେ । ଅଧ୍ୟାପକମାନେ ପିଲାମାନଙ୍କୁ ପରୀକ୍ଷା ହଲରେ କପି ଯୋଗାଇଦେଲେ । ପିଲାମାନେ ପରୀକ୍ଷାରେ ପାଶ୍ ନକଲେ କଲେଜ ଗ୍ରାଣ୍ଟ ପାଇବନି ବୋଲି, ନେତାମାନେ ପରୀକ୍ଷାବେଳେ କଲେଜ ବାହାରେ ଜଗି ବସି ପିଲାମାନଙ୍କର କପି ପାଇବାରେ ଯେପରି ଅସୁବିଧା ନହୁଏ, ସେଥିପ୍ରତି ସଜାଗ ଥିଲେ । ଶରତ ବି.ଏ. ପଢ଼ିଲା । ସୁନା ମାଟ୍ରିକ୍ ପରୀକ୍ଷା ଦେଲା । ମାଗୁଣିର ପୈତୃକ ସମ୍ପତ୍ତି ଆଠ ଏକରରୁ ଖସି

Digitized by PPRACHIN, SOA

ଦୁଇ ଏକରକୁ ଆସିଲା । ପାଠ ପଢ଼ିଲା ଦିନରୁ, ଶରତ ବିଲମୁଣ୍ଡ ମାଡ଼େନି । ଘର ସଂସାରର ସମସ୍ତ ଅସୁବିଧାକୁ ମୁଣ୍ଡେଇ ଥିଲେ ମଧ୍ୟ ଦିନେ ହେଲେ ମାଗୁଣି ପୁଅକୁ କହିନି ବିଲକୁ ଯିବାପାଇଁ । ସେ ଭାବେ କଲେଜ ପଢୁଆ ପୁଅ କ'ଣ ବିଲକୁ ଯାଆନ୍ତା ? କଲମ ମୁନରେ ଗ୍ରଷ କରିବା ପିଲା କ'ଣ ଲଙ୍ଗଳ ମୁନ ଧରି ପାରିବେ ? ସେ ଗ୍ରଷ, ଏ ଗ୍ରଷ ଅଲଗା । ମନକୁ ବୁଝାଏ ।

ଶରତ କଲେଜରୁ ବି.ଏ. ପାଶ୍ କଲା । ଗ୍ରରିଆଡ଼େ ହୁରିହେଲା ଯେ ନୂଆ କଲେଜର ପିଲା ବି.ଏ. ପରୀକ୍ଷା ଦେଲାବେଳେ ପରୀକ୍ଷା ଘର ଭିତରକୁ ଛୁରୀ, ଖଣ୍ଡା ଧରି ଯାଇଥିଲେ । ଛୁରୀ ଦେଖାଇ କପି କରି ପାଶ୍ କଲେ । ମାଗୁଣି, ଏସବୁ କିଛି ବୁଝିପାରୁ ନଥିଲା । ଶରତ ତ ବି.ଏ. ପାଶ୍ କଲା, ଆଉ ଛୁରୀ, କଟୁରୀ ଦେଖାଇ କ'ଣ ? ସେ ଲୋକଙ୍କ କଥାକୁ କାନକୁ ନିଏନି । ସେ ଜାଣେ ଗାଁର ଏଇ ହିଂସ୍ରିକିଆ ଲୋକମାନେ ସଜ ଗୋବରରେ ପୋକ ପକାନ୍ତି । ପୁଅ ବି.ଏ. ପାଶ୍ କଲାପରେ, ମାଗୁଣି ଦିନେ ଶରତକୁ କହିଲା, "ଦେଖ୍ ବାପା, ମୁଁ ତ ଆସି ବୁଢ଼ା ହେଲି । ଘରେ ଭଉଣୀଟା ମାଟ୍ରିକ ପାଶ୍ କରି ବସିଲାଣି । ତାକୁ ତ ପୁଣି ହାତକୁ ଦିହାତ କରିବାକୁ ପଡ଼ିବ । ଆରତ ମାଟ୍ରିକ ପଢ଼ିବାକୁ ଗଲା । ଘର ଅବସ୍ଥା ତ ଦେଖୁଛୁ । ଧାର ଉଧାର ଲାଗି ରହିଛି । ତୁମମାନଙ୍କୁ ପଢ଼େଇବା ପାଇଁ ଯାହା ମୋ ପାଖେ ଥିଲା, ସେସବୁ ସଇଲାଣି । ଗ୍ରକିରି କଥା ଦେଖ୍ ।"

ବି.ଏ. ପାଶ୍ କଲା ଦିନରୁ ଶରତ ଗ୍ରକିରି ଖୋଜୁଛି । କେତେ ଜାଗାରେ ଇଣ୍ଟରଭିଉ ଦେଲାଣି, ମାତ୍ର ଫଳ କିଛି ହଉନି । ପ୍ରତ୍ୟେକ ମାସରେ ଘରୁ ଟଙ୍କା ପଇସା ନେଇ କଟକ, ଭୁବନେଶ୍ୱର, ରାଉରକେଲା ଯାଏ । ଇଣ୍ଟରଭିଉ ଦିଏ, ଲୋକଙ୍କୁ ଦେଖାକରେ, ପୁଣି ଗାଁକୁ ଫେରେ । ଗାଁରେ କେତେଟା ଦିନ ରହିଲା ପରେ ପୁଣି ଯାଏ ଗ୍ରକିରି ଯୋଗାଡ଼ କରିବା ଆଶାରେ, ସେଇ ଭୁବନେଶ୍ୱର, କଟକ.... । ହେଲେ ଗ୍ରକିରି କାଇଁ ? ଘରର ଅବସ୍ଥା ବେଳକୁ ବେଳ ବଳେଇ ପଡ଼ିଲା । ଯାହା ଯେମିତି କଂସା, ବାସନ ଖଣ୍ଡେ ଦିଖଣ୍ଡ ଥିଲା, ସେତକ ବିକ୍ରିହେଲା । ଖାଇବା ହେଲା କଦଳୀପତ୍ରରେ । କଣ୍ଟକବଲାରେ ଜମି ଦଶଗୁଣ୍ଠ ଗଲା । ଚିନ୍ତାରେ ମାଗୁଣି ଭାଙ୍ଗିପଡ଼ିଲା । ଘରେ ବଢ଼ିଲା ଝିଅକୁ କେତେ ଦିନ ଧରି ବସିବ ? ତଥାପି ମଣିଷ ମନର ଆଶା- ପୁଅ ବି.ଏ. ପାଶ୍ କରିଛି, ଆଜି ନହେଲେ କାଲି, ଗ୍ରକିରି ଖଣ୍ଡେ କ'ଣ ଯୁଟିବନି ? ଥରେ ପଶିଗଲେ, ତା ଘରର ଅବସ୍ଥା ବଦଳିଯିବ । ଆଶା, ନିରାଶା ଭିତରେ ମାଗୁଣି . ଉବେଇ ଟୁବେଇ ହେଲାବେଳେ, ଦିନେ ଶରତ ଭୁବନେଶ୍ୱରରୁ ଫେରି କହିଲା- "ବାପା, ଭୁବନେଶ୍ୱରରେ ମନ୍ତ୍ରୀଙ୍କ ଜଣେ ପାଖ ଲୋକ କହିଛନ୍ତି ତିରିଶ ହଜାର ଟଙ୍କା ଦେଲେ ସେଲଟାକ୍ସ ଇନ୍ସପେକ୍ଟର କରିଦେବେ । ଟଙ୍କା ଯୋଗାଡ଼ କରି ଯେତେ ଶୀଘ୍ର ଦେବା ସେତେଶୀଘ୍ର ଗ୍ରକିରି ମିଳିଯିବ । ଆଜିକାଲି ବିନା ଦବାନବାରେ ଗ୍ରକିରି ମିଳୁନି । ଯେତେ ଇଣ୍ଟରଭିଉ ହଉଛି, ଏସବୁ ଲୋକ ଦେଖାଣିଆ । ଭିତରେ ହାତ ନଥିଲେ କାମ କିଛି ହବନି ।" ମାଗୁଣି ପୁଅ କଥା ଶୁଣିଲା । ସତକଥା

Digitized by PPRACHIN, SOA

ହୋଇଥିବ । ଯେଉଁ ଅଫିସକୁ ଗଲେ ତ ପାଉଣା ନଦେଲେ କାମ ହଉନି । ଆଉ ଯେ ଚାକିରି ଦେବେ, ସେ କ'ଣ ବିନା ପାଉଣାରେ ଚାକିରିଟା ଫୋପାଡ଼ି ଦେବେ । ନହେଲେ ଶରତ ଏତେ ଇଣ୍ଟରଭିଉ ଦଉଛି, କେଉଁଠି କ'ଣ ହୁଅନ୍ତାନି । ଚାକିରି ପାଇବା ପାଇଁ ଏ ଯୁଗରେ ଟଙ୍କା ଦରକାର । ତିରିଶ ହଜାର ଟଙ୍କା ସେ ଯୋଗାଡ଼ କରିବ । ପୁଅଟିଅଙ୍କୁ ପାଠ ପଢ଼େଇ ମଣିଷ କରିବ ବୋଲି ସେ ତା ବାପ, ଗୋସେଇଁ ବାପ ଅମଳର ସମ୍ପତ୍ତିସବୁ ଉଡ଼େଇ ଦେଲାଣି । ବାକି ଅଛି ଜମି ଦି'ମାଣ - ଘରଡିହ ଖଣ୍ଡକ । ଶରତ କଥା ଶୁଣି ମାଗୁଣି କହିଲା, "ହଉ, ଯଦି ଚାକିରି ମିଳିବ ବୋଲି କହୁଛୁ, ତା ହେଲେ ଟଙ୍କା ଦେବି- ବିଲ ବିକ୍ରି କରିବି । ସେତିକି ଅଛି, ଶେଷଥର ପାଇଁ ବାଜି ଲଗେଇବି । କିନ୍ତୁ ଏତେଟଙ୍କା ତୁ ଯାହାକୁ ଦବାକୁ କହୁଛୁ, ମୋତେ ଥରେ ତାକୁ ଦେଖା । ଏତେ ଗୁଡ଼ାଏ ଟଙ୍କା ଦେବି, ଲୋକଟା ଭଲ କି ଭେଲ ଜାଣିବିନି ?" ବାପା କଥା ଶୁଣି ଶରତ କହିଲା "ତା'ହେଲେ କାଲି ସକାଳୁ ସକାଳୁ ଚାଲ ଯିବା ଭୁବନେଶ୍ୱର - ସେ ମନ୍ତ୍ରୀଙ୍କ ଘରେ ଥିବେ । ତାଙ୍କ ସଙ୍ଗେ କଥାବାର୍ତ୍ତା କରି ଦିନ ଠିକ୍ କରିବା । ଡେରିକଲେ ହବନି ।"

ପରଦିନ ସକାଳୁ, ମାଗୁଣି ପୁଅକୁ ଧରି ମନ୍ତ୍ରୀଙ୍କ ଘରେ ପହଞ୍ଚିଲେ । ମନ୍ତ୍ରୀଙ୍କ ଘରେ ଭିଡ଼ । କେତେଲୋକ ମନ୍ତ୍ରୀଙ୍କ ଘର ଭିତରୁ ବାହାରୁଥାନ୍ତି, କେତେ ପଶୁଥାନ୍ତି ଆଉ କେତେ ମନ୍ତ୍ରୀଙ୍କ ବଗିଚାର୍ ଘାସ ଉପରେ ବସିଥାନ୍ତି । ମାଗୁଣି ସେଇ ବଗିଚା ଘାସ ଉପରେ ବସିଲା । କେତେ ସମୟ ପରେ ଶରତ ଜଣେ ଧୋବଧାଉଳିଆ ଭଦ୍ରଲୋକଙ୍କୁ ଧରି ମାଗୁଣି ପାଖକୁ ଫେରିଲା । ସେଇ ବଗିଚା ଘାସ ଉପରେ ଲମ୍ବ ହୋଇ ଗୋଡ଼ତଳେ ପଡ଼ିଗଲା ମାଗୁଣି । ମନ୍ତ୍ରୀଙ୍କ ପାଖଲୋକଙ୍କ ଗୋଡ଼ଧରି ମାଗୁଣି କାନ୍ଦି କାନ୍ଦି କହିଲା, "ବାବୁ, ମୋ ସଂସାର ବୁଡ଼ିଗଲାଣି ବାବୁ, ଆମକୁ ବଞ୍ଚାଅ ।" ପାଦକୁ ଘୁଞ୍ଚାଇ ନଉ ନଉ ଭଦ୍ରଲୋକ କହିଲେ, "ଥୟଧର ସ୍ୱାଇଁଏ- ଥୟ ଧର । ଏସବୁ କାମ କ'ଣ ଏମିତି ଖୋଲାଖୋଲିରେ ହୁଏ ?" ବଗିଚା ପାଖ ଆମ୍ବଗଛ ମୂଳକୁ ଡାକିନେଇ ସେ କହିଲେ, "ପୁଅକୁ କହିଦେଇଛି ତିରିଶ ହଜାରରୁ କମ୍ ହେବନି । ମନ୍ତ୍ରୀ ତ ନିଜେ ଠିକ୍ କରିଛନ୍ତି ପଚାଶ ହଜାର । ତୁମେ ଗରିବ ଲୋକ ବୋଲି କୁହାବୋଲା କରି ତିରିଶ ହଜାରକୁ ଆଣିଛି । ଏଇ ଇନ୍ସପେକ୍ଟର ଚାକିରିରେ ରାତିଏ ଗଲେ ହାତିଏ ଆସେ । ବୁଝିଲ ସ୍ୱାଇଁ- ବର୍ଷେ ଗୋଟାକରେ ତୁମ ଘରର ରଙ୍ଗ ବଦଳିଯିବ । ଯାଅ, ଏଠି ହଲା କରି ଲାଭ ନାହିଁ, ଅସଲ କାମରେ ଲାଗିପଡ଼ । ଜଲଦି ନକଲେ ପଛରେ ପସ୍ତେଇବ ।"

ମନ୍ତ୍ରୀଙ୍କ ପାଖଲୋକଙ୍କ ପାଖରୁ ଭରସା ପାଇ ମାଗୁଣି ଫେରିଲା ଗାଁକୁ । ଶରତ ବୋଉ ବାଧ୍ୟକାରେ ପଡ଼ିଥାଏ । ଘର ଆଉ ପିଲାଙ୍କ ଚିନ୍ତାରେ ସେ ମନ୍ଦୁରା ଧରିଲେଣି । ଦେହରେ ଟୋପାଏ ହେଲେ ରକ୍ତ ନାହିଁ, ମୁହଁ ଶେତା ପଡ଼ିଗଲାଣି । ଡାକ୍ତରଖାନା, ଔଷଧ କଥା ଛାଡ଼, ପଥ୍ୟ ଟିକିଏ ଖାଇବାକୁ ପଇସା ନାହିଁ । ଭୁବନେଶ୍ୱରରୁ ଫେରି ମାଗୁଣି, ଶରତ ବୋଉ ପାଖେ ବସି ସବୁକଥା କହିଲା । ମୁନ୍ଦରା ଉପରେ ପଡ଼ି, ଶରତ ବୋଉ

Digitized by PPRACHIN, SOA

ଆଖି କଣରୁ ଦି'ଧାର ଲୁହ ଗଡ଼ାଇ କହିଲା- "ମୁଁ ଅଲକ୍ଷଣୀ ଏସବୁ ପାଇଁ ଦାୟୀ । ତୁମେ ମନାକରି କହିଥିଲ, ଶରତର ପାଠ ଯେତିକି ହେଲା ସେତିକି । ଚଷାପୁଅ ଚାଷ ଦେଖୁ । ଆମର ତ କିଛି ଅଭାବ ନଥିଲା ? ଆମ ଭାତ କିଏ ଖାଉଥିଲା । ଆମେ ତ କାହା ପାଖେ ହାତ ପତେଇ ନଥିଲେ ? ଏବେ ମୋ ବଢ଼ିଲା ଝିଅଟା ଦିଓଳି ଦିଢ଼ୋକ ଖାଇବାକୁ ନପାଇ କ'ଣ ହେଲାଣି ଦେଖୁଛ ? " ତାଙ୍କର କୋହ ଉଠିଲା, ସେ ଆଉ କଥା କହିପାରିଲେନି । ମାଗୁଣିର ହାତ ଧରି ସେ ଲୁହଭରା ଆଖିରେ କହୁଥିଲେ- "ଶେଷକୁ ଜମି ଦି'ମାଣ ଥିଲା, ତାକୁ ବିକିବ ?" ରୋଗିଣୀ ଶରତ ବୋଉର ହାତକୁ ନିଜ ହାତମୁଠା ଭିତରେ ରଖି ମାଗୁଣି କହିଲା, "ଶରତ ବୋଉ, ଏ ହେଲା ମୋର ଶେଷ ବାଜି- ରାଜା ଯୁଧିଷ୍ଠିର, ପଶା ଖେଳରେ ଧନ, ରାଜ୍ୟ, ସ୍ତ୍ରୀ ସବୁକୁ ବାଜି ଲଗେଇଥିଲେ । ଚଷାପୁଅ ଆଜି ତାର ଶେଷ ବାଜି ଲଗେଇବ ଲଙ୍ଗଳଚାଷ ଛାଡ଼ି କଲମ ଚାଷ କରିବାକୁ ଯାଉଥିବା ତା ପୁଅ ପାଇଁ । ଦେଖିବୁ ଶରତ ବୋଉ, ମନ୍ତ୍ରୀଙ୍କ ପାଖଲୋକ ମୋତେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି, ଚାକିରି ନିଶ୍ଚୟ କରିଦେବେ । ଶରତ ଯେଉଁ ଚାକିରି କରିବ, ଜାଣିଚୁ, ରାତିଏ ଗଲେ କୁଆଡ଼େ ହାତିଏ ଆଣିବ । ବ୍ୟସ୍ତ ହୁଅନା, ଓଷଦ ଟିକିଏ ନପାଇ ତୁ କ'ଣ ଏମିତି ଶୁଖି ଏତେ ଚଞ୍ଚଳ ମତେ ଛାଡ଼ି ଚାଲିଯିବୁ ?"

ବାପପୁଅ ଜମି ବିକି ଚାକିରି ପାଇଁ ତିରିଶ ହଜାର ଟଙ୍କା ଦେଲେ । ଆଶା, ମାସକ ଭିତରେ ଚାକିରି ମିଳିବ । ମାଗୁଣି ଭଗବାନଙ୍କୁ ଡାକୁଥାଏ, ହେ ଭଗବାନ, ଶରତ ବୋଉଟାକୁ ଆଉ ମାସଗୋଟେ ବଞ୍ଚାଇ ଦିଅ । ଶରତ ଚାକିରି ପାଇଗଲା, ଏଇ ଖବର ଶୁଣି ସେ ସୁଖରେ ମରୁ । ଆଉ ତ ବଞ୍ଚେଇ ପାରିବିନି- ମରିବାଟା ସୁଖ ମରଣ ହେଉ । ହେ ପ୍ରଭୁ, ଏତିକି ଦୟାକର । ଶରତ ଭୁବନେଶ୍ୱର ଯାଇ ଫେରି ନଥାଏ । ଶରତ ବୋଉର ଅବସ୍ଥା ଆସ୍ତେ ଆସ୍ତେ ଖରାପ ଆଡ଼କୁ ଗଲା । ମାଗୁଣି ହାତରେ ପଇସାଟିଏ ନଥାଏ, ଫଳ ଟିକିଏ କି ଔଷଧ କିଣି ଦେବାକୁ । ଶରତବୋଉ ସେଇ ମୁନ୍ଦରା ଉପରେ ଶରତ ଫେରିବା ବାଟକୁ ଚାହିଁ ଆଖି ବୁଜିଲେ । ଶରତକୁ ମା ମଲା ଖବର ପାଇ ଗାଁକୁ ଆସିଲା । ଚାକିରି ହୋଇନଥାଏ । ମନ୍ତ୍ରୀଙ୍କ ପାଖଲୋକ କହୁଥିଲେ, ମନ୍ତ୍ରିମଣ୍ଡଳରେ ଅଦଳବଦଳ ପାଲା ଚାଲିଛି, ସେଇ ପାଲା ସଇଲା ପରେ ଯାହା ହେବ । ମା'ର ଶୁଦ୍ଧିକ୍ରିୟା ସାରି ଶରତ ପୁଣି ଫେରିଲା ଭୁବନେଶ୍ୱରକୁ । ଗଲାବେଳେ କୃଷ୍ଣ ଶତପଥୀଏ ଯାଚିକରି ହାତରେ ଦୁଇଶହ ଟଙ୍କା ଧରାଇ ଦେଇ କହିଲେ, "ନେ - ନେରେ ପୁଅ । ଚାକିରି କଲେ ଫେରେଇଦେବୁ ।" ଭାଇ ଭଗାରିଏ କହୁଥିଲେ, ଶତପଥୀଙ୍କ ଆଖି ମାଗୁଣି ଡିହ ଖଣ୍ଡକ ଉପରେ ।

ଗାଁ ଛାଡ଼ି ଶରତ ଯିବାର ଛମାସ ହେଲା । ତା' ପାଖରୁ କିଛି ଖବର ମାଗୁଣି ପାଇଲାନି । ବଢ଼ିଲା ଝିଅ ସୁନାକୁ ଚାହିଁ ହେଉନି । ଶୁଖି ଶୁଖି ଦେହରେ ହାଡ଼ ଚାରିଖଣ୍ଡ । ଚଷାଘର ଝିଅ ପେଟ ବିକଳରେ କ'ଣ ହାଡ଼ିଘରେ ପଶନ୍ତା ? ବାପ, ଭଉଣୀର ଅବସ୍ଥା ଦେଖି ଛୋଟ ଭାଇ ଆରତ, ଘର ଛାଡ଼ି ଦାଦନ ଶ୍ରମିକ କାମ କରିବାକୁ ପଞ୍ଜାବ ଆଡ଼େ

Digitized by PPRACHIN, SOA

ଦି'ମାସ ହେଲା ଗଲାଣି ବାହାରି । ମା ମଲା ଦିନଠାରୁ ସୁନା ଘରୁ ପଦାକୁ ବାହାରିନି । ତଥାପି ମାଗୁଣି ଆଶା କରି ବସିଛି, ଶରତ ଗ୍ୱକିରି କରିବ, ମନ୍ତ୍ରୀଙ୍କ ଲୋକ ତାକୁ ଜବାବ ଦେଇଛନ୍ତି । ଛ'ମାସ୍ ପରେ କିଛି ଖବର ନପାଇ ମାଗୁଣି ଗଲା ଭୁବନେଶ୍ୱର । କେତେଆଡ଼େ ବୁଲିଲା ପରେ ଶରତକୁ ଠାବ କଲା ମାଉସୀମା ମନ୍ଦିର ପାଖ ବସ୍ତିରେ । ଶରତ ରିକ୍ସା ଟାଣୁଛି । ବାଁସାଇର ମାଗୁଣି ସ୍ୱାଇଁର ବି.ଏ. ପାଶ୍ କଲା ପୁଅ ରିକ୍ସା ଟାଣୁଛି.... ମାଗୁଣି ନିଜ ଆଖିକୁ ବିଶ୍ୱାସ କରିପାରିଲାନି । ତାର ଧୈର୍ଯ୍ୟ ବୁଡ଼ିବୁଡ଼ି ଆସୁଥିଲା । ତାର ସମସ୍ତ ଆଶା ମାଟିରେ ମିଶିଗଲା ପରି ଲାଗିଲା । ତଥାପି ଶେଷ ଆଶା ନେଇ ସେ ଶରତକୁ ଧରି ଯାଇଥିଲା ମନ୍ତ୍ରୀଙ୍କ ଘରକୁ- ସେଇ ପାଖଲୋକଙ୍କୁ ଖୋଜିବାକୁ ।

ମନ୍ତ୍ରୀଙ୍କ ଘରେ ସେମିତି ପୂର୍ବପରି ଭିଡ଼ । ଲୋକ ଆସୁଥାନ୍ତି, ଯାଉଥାନ୍ତି, ନହେଲେ ବଗିଗ୍ୱ ଘାସ ଉପରେ ଅପେକ୍ଷା କରି ବସିଥାନ୍ତି । ମାଗୁଣି କିନ୍ତୁ ଏଥର ବଗିଗ୍ୱ ଘାସ ଉପରେ ବସି ଅପେକ୍ଷା କଲାନି । ସେ ପାଟିକଲା "କୁଆଡ଼େ ଗଲ ମନ୍ତ୍ରୀଙ୍କ ପାଖଲୋକ- ମୋ ଟଙ୍କା ଫେରାଅ - ନହେଲେ ମୋ ପୁଅକୁ ଗ୍ୱକିରି ଦିଅ ।" ତା ପାଟିରେ ବଗିଗ୍ୱରେ, ମନ୍ତ୍ରୀଙ୍କ ପିଣ୍ଡା ଉପରେ ଅପେକ୍ଷା କରିଥିବା ଲୋକଙ୍କ ଆଖି ତାରି ଉପରେ ପଡ଼ିଲା । ମାଗୁଣି ସେମିତି ପାଟି କରୁଥାଏ "ମୋ ଟଙ୍କା ଫେରାଅ, ମୋ ଟଙ୍କା ଫେରାଅ ।" ଲୋକମାନେ ଭାବିଲେ ସେ ବୋଧେ ପାଗଳ, ମାତ୍ର ପ୍ରକୃତ କଥା ଜାଣିଲା ପରେ ତାକୁ ସମସ୍ତେ ଘେରି ପଚରା ଉଚରା ଆରମ୍ଭ କରିଦେଲେ । ବାହାର ବଗିଗ୍ୱରେ ହଲ୍ଲା ଶୁଣି ମନ୍ତ୍ରୀ ନିଜେ ତାଙ୍କ ଅଫିସ ରୁମ୍‌ରୁ ବାହାରି ପଦାକୁ ଆସିଲେ । ମନ୍ତ୍ରୀଙ୍କୁ ଦେଖି ମାଗୁଣି ଆହୁରି ଜୋରରେ ପାଟି କଲା - "ମୋ ଟଙ୍କା ଫେରାଅ-- ନହେଲେ ମୋ ପୁଅକୁ ଗ୍ୱକିରି ଦିଅ ।" ମନ୍ତ୍ରୀ ମାଗୁଣି କଥା ଶୁଣି କହିଲେ, "କିଏ- କିଏ ତୋଠାରୁ ଟଙ୍କା ନେଇଛି ? ମୋତେ ଦେଇ ?"

ମନ୍ତ୍ରୀ କାହା ହାତରୁ ଟଙ୍କା ନିଅନ୍ତିନି ଆଜ୍ଞା ? କାହା ହାତରେ ଟଙ୍କା ଦବାନବା ହୁଏ, ମନ୍ତ୍ରୀ ଠିକ୍ ଜାଣନ୍ତି । ମୁଁ ଗରିବ ଗାଉଁଲୀ ଲୋକ ବୋଲି ମୋତେ ଭୁଟେଇ ଦେବେ ? ହେଇ ପାରିବନି । ଜେଲ୍ ଯିବି ପଛେ । ବେକରେ ଗାମୁଛା ପକେଇ ଦେବି । ଭଲରେ କହୁଛି ମୋ ଟଙ୍କା ଫେରାଇ ଦିଅ । ନହେଲେ ମୋ ପୁଅକୁ ଗ୍ୱକିରି ଦିଅ । ଏଇଠି ଆପଣଙ୍କ ପାଖଲୋକ ମୋ ହାତରୁ ତିରିଶ ହଜାର ଟଙ୍କା ନେଇ ମାସକ ଭିତରେ ଗ୍ୱକିରି ଦେବେ ବୋଲି କହିଥିଲେ । ଆଠମାସ ଗଲାଣି । ଗ୍ୱକ୍ରିରି ହେଲା ନାହିଁ । ମୋ ଟଙ୍କା ଫେରାଇ ଦିଅ- ମୁଁ ଗ୍ୱଲିଯିବି ।" ମାଗୁଣି କଥା ଶୁଣି ମନ୍ତ୍ରୀ କହିଲେ, "ହଇରେ, କାହିଁକି ଗୋଟେ ପାଗଳ ପରି ପାଟି କରୁଛୁ ? ମନ୍ତ୍ରୀଙ୍କ କୋଠିକୁ କେତେ ଭଦ୍ରଲୋକ ଆସନ୍ତି, କିଏ ତୋଠାରୁ ପଇସା ନେଲା ମୁଁ କେମିତି ଜାଣିବି ? ନିକଲ୍ ନିକଲ୍, ନହେଲେ ପୁଲିସକୁ ଡାକିବି ।"

ମନ୍ତ୍ରୀଙ୍କ ଧମକ ଶୁଣି ପଛରୁ ଶରତ ବାହାରି କହିଲା, "ପୁଲିସ ଡାକିବେ, ଡାକନ୍ତୁ । ଆପଣ ସେ ଭଦ୍ରଲୋକଙ୍କୁ ଚିହ୍ନନ୍ତିନି ? ମୁଁ ନିଜେ ଦେଖିଛି, ସେ ସବୁବେଳେ

Digitized by PPRACHIN, SOA

ଆପଣଙ୍କ ସାଙ୍ଗରେ, ଆପଣଙ୍କ ଗାଡ଼ିରେ ବସି ଯାଆନ୍ତି । ସେଦିନ ମୋଠାରୁ ଟଙ୍କା ନେଇ ସେ ଆପଣଙ୍କ ରୁମ୍‌କୁ ଗଲେ ଏବଂ ଫେରିଆସି କହିଲେ, ମାସକ ପରେ ଆସିବୁ, ଚାକିରି ହୋଇଯିବ । ଟଙ୍କା ଦେବେନି, ଠିକ୍ ଅଛି । ଆପଣମାନେ ଗାଁମାନଙ୍କରେ ଛତୁ ଫୁଟିଲା ପରି କଲେଜ ବସାଇ ଭୋଟ ପାଇବା ପାଇଁ ଫାଇଦା ନେଇଛନ୍ତି, ମୁଁ ସେମିତି ଗୋଟେ କଲେଜରୁ ଛୁରି ଦେଖାଇ ବି.ଏ. ପାଶ୍ କରିଛି । ଛୁରି ଦେଖାଇ ଯେ ବି.ଏ. ପାଶ୍ କରିଛି, ଛୁରି ଦେଖାଇ ସେ ତା କାମ ଠିକ୍ ହାସଲ କରିବ । ଚାକିରି ମିଳିବନି, ମୁଁ ଜାଣିଲି, ମାତ୍ର ମୋ ତିରିଶ ହଜାର ଟଙ୍କା ମୁଁ ଅଲବତ୍ ଆଦାୟ କରିବି । ଆପଣ ଆପଣଙ୍କ ପାଖଲୋକ ଯେଉଁଠି ଛପାନ୍ତୁ, ମୁଁ ଖୋଜି ତାଙ୍କୁ ବାହାର କରିବି ।''

ପୁଲିସ ସାହାଯ୍ୟରେ ସେଦିନ ମନ୍ତ୍ରୀଙ୍କ ଘରୁ ମାଗୁଣି ଓ ଶରତ ବାହାରି ଆସିଥିଲେ । ଶରତ ରହିଥିଲା ଭୁବନେଶ୍ୱରରେ, ମାଗୁଣି ଫେରିଲା ଗାଁକୁ । ଗାଁକୁ ଫେରି ଶୁଣିଲା ସୁନା ବେକରେ ଦଉଡ଼ି ଦେଇ ବାଡ଼ିପଟ ବରକୋଳି ଗଛରେ ଲଟକି ପଡ଼ିଛି । ଘରେ ପୁଲିସ ।

ଚଲାମେଘ ଖଣ୍ଡେ ପୋଲାଙ୍ଗ ତୋଟା ଉପର ଦେଇ ଭାସିଗଲାବେଳେ ଫରଫରିଆ ବର୍ଷା ଅସରାଏ କରି ଉଡ଼ିଗଲା । ମାଗୁଣି ଫେରି ଚାହିଁଲା..... । ବନ୍ଧ ଉପରେ ବୃନ୍ଦ ଗାଈ ବେକରେ ଟିପାଟି ରହିରହି ବାଜୁଛି । ଟିପାର ଶବ୍ଦ ଭିତରେ ସେ ଅନୁଭବ କରୁଥିଲା ତା ଜୀବନର ଶେଷ ଘଣ୍ଟି ବି ବାଜି ଉଠିଲାଣି ।

ଦୁଇ

ରାଜଧାନୀ ସହରର ମଝିରେ ସତ୍ୟନଗର ବସ୍ତି । ସହର ଆରମ୍ଭ ହେଲାବେଳେ ଏଇ ବସ୍ତି ଥିଲା ରେଳଲାଇନ୍ ପାଖ ଗୋଟେ କୋଣରେ । ବର୍ଷ କେତେଟାରେ ସହର ବଢ଼ି ଉଠିଲା, ସତ୍ୟନଗର ବସ୍ତି ରହିଗଲା ସହର ମଝିରେ । ବସ୍ତି ଚାରିପଟେ ସୁନ୍ଦର ସୁନ୍ଦର କୋଠାଘରମାନ ତିଆରି ହେଲା, ତିଆରି ହେଲା ନୂଆ ସରକାରୀ ଅଫିସ୍, ରେଳଷ୍ଟେସନ୍, ନୂତନ ଧରଣର ରେଲ୍‌ୟାର୍ଡ୍, ଲମ୍ବଚୌଡ଼ା ରାସ୍ତା, ରାସ୍ତା କଡ଼ରେ ସ୍ୱର୍ଣ୍ଣାଭ ବିଜୁଳିବତି, କିନ୍ତୁ ମଝିରେ ରହିଗଲା ଦଶ ହଜାରରୁ ଅଧିକ ଲୋକ ରହୁଥିବା ଏଇ ପୁରୁଣା ବସ୍ତି ଖଣ୍ଡିକ ସେମିତି ଯେମିତି ଥିଲା ଆରମ୍ଭ ବେଳେ । ସନ୍ଧ୍ୟାପରେ ସହରରେ ଯେତେବେଳେ ନାନା ରଙ୍ଗର ବିଜୁଳିବତି ଜଳିଉଠେ ସହରକୁ ଆଲୋକିତ କରିଦିଏ, ସେତିକିବେଳେ ନୁଆଁଣିଆ ଝୁମ୍ପୁଡ଼ି ଚାଳୀ ଭିତରୁ କିରୋସିନି ତେଲର ଡିବିରି ଆଲୁଅ ମେଘୁଆ ଆକାଶରେ ତାରା ଫୁଟିଲା ପରି ଜଳିଉଠେ ଏଇଠି । ଏଇଠି ରୁହନ୍ତି କୁଲି, ଦିନମଜୁରିଆ, ବାରିକ, ମିସ୍ତ୍ରୀ, ରାଜମିସ୍ତ୍ରୀ, କଚଡ଼ାବାଲା, ଝାଡୁଦାର, ରିକ୍ସାବାଲା, କୁଚିଆ ମଦବେପାରୀ ଆଉ ଶସ୍ତା ରୂପାଜୀବୀ ଗଣିକା । ଜଗନ୍ନାଥଙ୍କ ମନ୍ଦିର ତୋଳିବା ପାଇଁ ଯେଉଁମାନେ ପଥର ବୋହୁଥିଲେ, ସେମାନେ

Digitized by PPRACHIN, SOA

କୁରୁମ ହୋଇ ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ରହିଗଲେ । ନୂଆ ରାଜଧାନୀକୁ ଗଢ଼ିଥିବା ଲୋକମାନେ ଏଇଠି ସତ୍ୟନଗର ବସ୍ତି ଭିତରେ ଏବରଂ କୁରୁମ ହୋଇ ହୋଇ ରହିଛନ୍ତି । ବସ୍ତି ମଝିରେ ଦାମ ପାତ୍ରଙ୍କ ଠିପି ଖୋଲା ଦେଶୀ ମଦ ଦୋକାନ । ସନ୍ଧ୍ୟାପରେ ପାତ୍ରଙ୍କ ମଦଦୋକାନ ଚ୍ଚରିପଟେ ଗୋଟେ ଛୋଟକାଟିଆ ବଜାର ବସେ, ବସ୍ତିର ବାଦ୍‌ଶାହମାନଙ୍କ ପାଇଁ । ସନ୍ଧ୍ୟା ବଜାର ଜମିଉଠେ । ଯୁବତୀଝିଅ ବୋହୂଠାରୁ ଆରମ୍ଭ କରି ଦରବୁଢ଼ୀ ପର୍ଯ୍ୟନ୍ତ ବାଉଁଶ ଡାଲିଆ, ରସଥାଳି ପାଖରେ କିରାସିନି ଡିବିରି ଜାଳି, ତାଙ୍କ ପସରା ଖୋଲି ଦିଅନ୍ତି । ବିକ୍ରୀ ହୁଏ ସିଝା ଅଣ୍ଡା, ପୋଡ଼ା ଶୁଖୁଆ, ବୁଟଭଜା, ବରା, ଗୁଲୁଗୁଲା । ଦାମ ପାତ୍ର ଦୋକାନ ପିଣ୍ଡି ଉପରେ ଲଣ୍ଠନଟିଏ ଜାଳିଦେଇ ତା ପାଖରେ ଗରାଖଙ୍କର ମନୋରଞ୍ଜନ ପାଇଁ ଗୋଟେ ପୁରୁଣା ରେଡ଼ିଓ ଖୋଲି ଦିଅନ୍ତି । ସନ୍ଧ୍ୟା ବଢ଼ିଲେ ବଜାରରେ ଗହଳି ବଢ଼େ, ବଢ଼େ ପାଟିତୁଣ୍ଡ । କିଏ କାହା କଥା ବୁଝନ୍ତିନି । କିଏ ହସେ, କିଏ କାନ୍ଦେ, କିଏ ବକେ । ରାତି ବଢ଼ିଗଲେ ଗହଳି ଭାଙ୍ଗେ । ଜଣେ ଅଧେ ପାତ୍ରଙ୍କ ପିଣ୍ଡା ତଳେ ପଡ଼ି ଗାଁ ଗାଁ ହୁଅନ୍ତି । କିଏ ଚେତା ହରାଇ ରାତିଟା କଟାଇଦିଏ, ସେଇଠି ପିଣ୍ଡା ତଳେ ।

ସେଦିନ ରାତି ପହରକ ବେଳକୁ ସନ୍ଧ୍ୟାବଜାର ପଡୁଥାଏ ଉଠୁଥାଏ । ସମସ୍ତେ କହୁଥାନ୍ତି, କେହି ଶୁଣୁ ନଥାନ୍ତି । ପିଣ୍ଡି ତଳେ ଠିଆ ହୋଇ ବସ୍ତିର ଯୁବତୀ ଝିଅଟିଏ କାନ୍ଦୁଥାଏ । ମଡ଼କୁ କୁଆ ଶାଗୁଣା ଘେରି ରାଉରାଉ ହେଲାପରି ମାଇପେ, ମରଦ, ସମସ୍ତେ ତାକୁ ଘେରି ଯେ ଯାହା ପଚ୍ଚରୁଥାନ୍ତି, କହୁଥାନ୍ତି, ଶୋଧୁଥାନ୍ତି, ମାତ୍ର ଝିଅଟି ସେମିତି କାନ୍ଦୁଥାଏ । ଗହଳି ଠେଲି ଶରତ ପାତ୍ରଙ୍କ ପିଣ୍ଡା ପାଖରେ ପହଞ୍ଚିଲେ । କଇଁକଇଁ ହୋଇ କାନ୍ଦୁଥିବା ଝିଅଟି କହିଲା- ସନ୍ଧ୍ୟାବେଳେ ପୁଲିସ କନେଷ୍ଟବଳ ତା ଝୁମ୍ପୁଡ଼ି ଘରେ ପଶି ତାକୁ ବଳାତ୍କାର କଲା । ଶରତ ଠିଆ ପାଟି କରୁଥିବା ବସ୍ତି ଲୋକମାନଙ୍କୁ ବୁଝାଇବାକୁ ଚେଷ୍ଟା କଲା । ଅତ୍ୟାଚ୍ଚରିତା ଝିଅକୁ ନେଇ ଥାନାରେ ରିପୋର୍ଟ ଦେବାକୁ ହେବ । ତାଙ୍କ କଥା ଶୁଣି ବୁଢ଼ା ବାରିକ ମିସ୍ତ୍ରୀ କରୁଣାକର କହିଲେ, ଥାନାକୁ କାହିଁକି ଯିବା ଶରତବାବୁ ? ଏଇ ବସ୍ତିରେ ଏମିତି ଘଟଣା ଘଟେ । କେଉଁଦିନ ରାତିରେ ପୁଲିସବାଲା କାହା ଯୁବତୀ ମାଇପକୁ ଟାଣି ନେଲେଣି ତ କେଉଁଦିନ ଯୁବତୀ ଝିଅକୁ ମଦୁଆମାନେ ନେଇଗଲେଣି ରେଳଲାଇନ୍ ପାଖକୁ । ବସ୍ତିର ରାତିକଥା ରାତି ପାହିବା ପୂର୍ବରୁ ଇତି ହୋଇଯାଏ । ସକାଳକୁ ସମସ୍ତେ ଭୁଲି ଯାଆନ୍ତି । ଏଇ ଝିଅ ଏଇଲେ ଏଠି ସକେଇ କାନ୍ଦୁଛି । କାଲି ସକାଳୁ ତାକୁ କାମକୁ ଯିବାକୁ ତର ସହିବନି । ତା'ଛଡ଼ା କିଏ ଏ ବସ୍ତିବାଲାଙ୍କ କଥା ଶୁଣିବ ବାବୁ ? ଥାନାକୁ ଗଲେ ଥାନା ବାବୁ କ'ଣ ମୋଫତରେ ଆମ କଥା ଶୁଣିବେ ? ବରଂ ଏ ଝିଅ ରାତିଟା ପାଇଁ ଥାନାରେ ଅଟକି ରହିବ । ନା ନା, ବସ୍ତିରେ ରହିଲେ ବୋଲି କ'ଣ ଆମର କିଛି ଅଧିକାର ନାହିଁ ? ଆମେ କ'ଣ ଏହି ଦେଶର ନାଗରିକ ନୋହୁଁ ? ଆଇନ୍ କ'ଣ ଗରିବ ଗୁରୁବାଙ୍କ ପାଇଁ ଅଲଗା ? ଶରତ ପ୍ରତିବାଦ କଲା । ଆମ ବସ୍ତିର ଯୁବତୀ ଭଉଣୀ ଉପରେ ଯେଉଁ ପ୍ରକାର ଅତ୍ୟାଚ୍ଚର ହେଲା, ତାର ଯଦି ଆମେ ପ୍ରତିବାଦ ନ କରିବା, ତା'ହେଲେ ଆମ ମାଆ ଭଉଣୀ ନିରାପଦରେ ଏ ବସ୍ତିରେ ରହିପାରିବେନି । ଚ୍ଚଲ

Digitized by PPRACHIN, SOA

ମୁଁ ଯିବି ଥାନାକୁ । ଶରତ ନିର୍ଯ୍ୟାତିତା ଯୁବତୀକୁ ଧରି ସେଇ ରାତିରେ ଥାନାକୁ ଗଲେ ଏବଂ ତାଙ୍କ ସାଙ୍ଗରେ ଯାଇଥିଲେ ଏ ବସ୍ତିର କେତେଲୋକ ।

ଥାନାବାବୁ ସବୁ ଶୁଣିଲେ ଆଉ କହିଲେ- ଗ୍ୱେର, ଡକାୟତମାନଙ୍କର ଆଡ୍ଡାସ୍ଥଳୀ ହେଲା ଏଇ ବସ୍ତି । ଗ୍ୱେରକୁ ଧରିବାକୁ ଗଲେ ଗ୍ୱେର ସ୍ତ୍ରୀ କହିବ ପୋଲିସବାଲା ତା'ପ୍ରତି ବଳାତ୍କାର କଲେ । ଏ ଝିଅ ସେଇୟା, ଯା ଘଇତା ନିଶ୍ଚୟ ଗ୍ୱେରି କରିଥିବ । ଥାନାବାବୁଙ୍କ କଥା ଶୁଣି ଝିଅଟି ରାହା ଉଠାଇ କାନ୍ଦିବାକୁ ଲାଗିଲା । ଶରତ କହିଲେ- ସାର୍ ଏ ଝିଅ ତ ଏପର୍ଯ୍ୟନ୍ତ ବାହା ହେଇନି । ବୁଢ଼ୀ ମାଆ ସାଙ୍ଗରେ କୁଡ଼ିଆ ଖଣ୍ଡକରେ ରହେ । ବାବୁମାନଙ୍କ ଘରେ ପାଇଟି କରି ଚଳନ୍ତି । ତା'ର ଘଇତା ଆସିବ କୁଆଡୁ ? ତା'କଥା ଆପଣ ଶୁଣନ୍ତୁ, ଅନୁସନ୍ଧାନ କରନ୍ତୁ, ଯଦି ମିଛ ହୋଇଥାଏ ତା'ହେଲେ ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରନ୍ତୁ । ମାତ୍ର ଅନୁସନ୍ଧାନ ନକରି କଥା ଏପରି ଭାବେ ଉଡ଼ାଇ ଦେବା ଠିକ୍ ନୁହେଁ ସାର୍ । ଶରତ କଥାରେ ଥାନାବାବୁ ରାଗି ଉଠିଲେ- କହିଲେ, ତା'ର ଘଇତା ନାହିଁ , ତୁ କେମିତି ଜାଣିଲୁ ? ସେ ବସ୍ତିରେ ଘଇତାର ଅଭାବ ! ଶଳା ମୋତେ ଆଇନ୍ ଶିଖାଉଛୁ ? କିଏ ଅଛରେ ଏ ଶଳାକୁ ଆଗ ହାଜତରେ ଭର୍ତ୍ତି କର । ଆଣ ସେ ମାଇକିନିଆକୁ ମୋ ରୁମ୍‌କୁ, ମୁଁ ତା'ର ଷ୍ଟେଟ୍‌ମେଣ୍ଟ ନେବି । ଶରତ ପ୍ରତିବାଦ କଲା- ନା ସାର୍, ଆପଣ ମୋତେ ହାଜତରେ ରଖିପାରନ୍ତି, ମାତ୍ର ମୁଁ ଏଠି ଥିଲା ପର୍ଯ୍ୟନ୍ତ ସେ ଯୁବତୀ ଝିଅକୁ ଆପଣଙ୍କ ରୁମ୍‌କୁ ଛାଡ଼ିବି ନାହିଁ । ଆମରି ଆଗରେ ତାକୁ ପଗ୍ୱରନ୍ତୁ ଯାହା ପଗ୍ୱରିବେ । ତା'ଛଡ଼ା ରାତିରେ ତ ଥାନାରେ ସ୍ତ୍ରୀ ଲୋକଙ୍କୁ ପଚରାଉଚରା କରିବା ଆଇନସମ୍ମତ ନୁହେଁ । ଥାନାବାବୁଙ୍କ ମୁହଁ ରାଗରେ ଲାଲ ପଡ଼ିଗଲା । ହାତରେ ରୁଲ୍‌ବାଡ଼ି ଧରି ଶରତ ପାଖକୁ ଆସି କହିଲେ, ଶଳା ତୁ ତା'ର କଅଣ ବେ ? ଶଳା, ଏଠି କୁଜି ନେତା ସାଜିଛୁ - ସେ ମାଇକିନିଆ ଏଠି ଥାନାରେ ରହିବନି ତ କ'ଣ ତୋ ଘରେ ରାତି କଟେଇବ । ଏତକ କହୁ କହୁ ଥାନାବାବୁ ରୁଲ୍‌ବାଡ଼ିରେ ଶରତ ପିଠିରେ ଦି ପାହାର ଦେଲେ । ଥାନାବାବୁଙ୍କ ଅଭାଷାର ଭାଷାକୁ ସେ ଏ ପର୍ଯ୍ୟନ୍ତ ସହି ଯାଇଥିଲେ । ବସ୍ତି ଝିଅ ଉପରେ ଆକ୍ଷେପକୁ ସହିଯାଇଥିଲେ, ମାତ୍ର ନ୍ୟାୟ ପାଇବା ପାଇଁ ନ୍ୟାୟ ସମ୍ମତ କଥା କହି ମାଡ଼ ଖାଇବାକୁ ସେ ସହ୍ୟ କରିପାରି ନଥିଲେ । ତାଙ୍କ ଯୁବକ ରକ୍ତ ଗରମ ହୋଇ ଉଠିଥିଲା । ମୁହୂର୍ତ୍ତକ ମଧ୍ୟରେ ଥାନାବାବୁଙ୍କ ହାତରୁ ସେ ସେଇ ରୋଲବାଡ଼ିକୁ ଛଡ଼ାଇ ଆଣି ସେ ତାଙ୍କ ପିଠିରେ କଷି ଦେଲେ ଦି ପାହାର ।

ଥାନା ଭିତରେ ସେଦିନ ଶରତଙ୍କୁ ଥାନାର ଥିବା ସମସ୍ତ ପୁଲିସ୍ ନିର୍ଦ୍ଧୁମ୍ ପିଟିଲେ । ତାଙ୍କ ଦେହ ରକ୍ତାକ୍ତ ହେଲା । ଥାନା ବାରଣ୍ଡାରେ ତାଙ୍କ ଦେହରୁ ଝରିପଡୁଥିବା ଲହୁ ଦେଖି, ବସ୍ତିବାଲାଙ୍କ ଆଖିରୁ ଝରି ପଡ଼ିଥିଲା ଲୁହ । ଭୟରେ ଫେରି ଯାଉଥିବା ବସ୍ତିବାଲା ଥାନାକୁ ସେଦିନ ରାତିରେ ଘେରାଉ କଲେ । ତାଙ୍କର ଦାବି, ଗରିବ ନାଗରିକମାନଙ୍କର ନାଗରିକ ଅଧିକାର ଅଛି କି ନାହିଁ ? ନ୍ୟାୟ ପାଇବା ପାଇଁ ଆସି ସେମାନେ କ'ଣ ଅନ୍ୟାୟ ଭାବେ ମାଡ଼ ଖାଇବା ତାଙ୍କର ପ୍ରାପ୍ୟ ? କ'ଣ ପାଇଁ ? ସେମାନେ ବସ୍ତିବାଲା- ଏଇଥି ପାଇଁ ?

Digitized by PPRACHIN, SOA

ଯେଉଁମାନେ ବର୍ଷବର୍ଷ ଧରି ଭଙ୍ଗା ଗ୍ଲାନ ନଥିବା ଘରେ ପଡ଼ି ଏ ସହରକୁ ସୁନ୍ଦର କରି ଗଢ଼ି ତୋଳିଲେ, ସେମାନେ ଏପରି ନିର୍ଯ୍ୟାତିତ ହେବେ, ତାଙ୍କ ପାଇଁ କ'ଣ ଶାସନ ନାହିଁ ? ପ୍ରତିବାଦର ସ୍ୱର ଉତ୍ତୋଳନ କଲେ ଅଶିକ୍ଷିତ ଗରିବ ଦିନ ମଜୁରିଆ ବସ୍ତିବାଲା । ଶରତବାବୁଙ୍କୁ ଛାଡ଼ନ୍ତୁ, ନହେଲେ ଆମେ ସମସ୍ତେ ଏଇଠି, ଥାନା ସାମନାରେ ଆମରଣ ଅନଶନ କରିବୁ ଥିଲା ବସ୍ତିବାଲା ଖଟିଖିଆଙ୍କର ସମ୍ମିଳିତ ସ୍ୱର । ବସ୍ତିବାଲାଙ୍କ ନେତୃତ୍ୱ ନେବା ପାଇଁ ବିଭିନ୍ନ ଦଳର କୁଜି ନେତାମାନେ ସେଦିନ ରାତିରେ ଥାନା ସାମ୍ନାରେ ଭିଡ଼ କଲେ । ଭିଡ଼ା ଓଟରା ଗ୍ଲିଲା, ମାତ୍ର ବସ୍ତିବାଲା କାହା କଥାରେ ଭୁଲିଲେନି । ସମସ୍ତେ ଏକା ସ୍ୱରରେ କହିଲେ, ଶରତବାବୁ ଥାନାରୁ ନ ଆସିବା ପର୍ଯ୍ୟନ୍ତ ସେମାନେ କାହା ସଙ୍ଗେ କଥାବାର୍ତ୍ତା କରିବେନି । ପୁଲିସ୍ ମାରିବ ତ ମାରୁ । ଆଇନ୍‌ଠାରୁ ସୁରକ୍ଷା ପାଇବା ପାଇଁ ଯାଇ ଯଦି ଆଇନ ରକ୍ଷକଙ୍କଠାରୁ ଏ ଦେଶର ସାଧାରଣ ନାଗରିକ ଏ ପ୍ରକାର ବ୍ୟବହାର ପାଏ, ତା'ହେଲେ ଦେଶର ଅପରାଧ ବିଗ୍ୱର ପଦ୍ଧତିର କେନ୍ଦ୍ରବିନ୍ଦୁ ଥାନା, ତାରି ସାମ୍ନାରେ ହିଁ ତା'ର ପ୍ରତିକାର ପାଇଁ ପ୍ରତିବାଦ କରାଯିବ । ଦେଶର ସାମ୍ପ୍ରତିକ ବିଗ୍ୱର ପଦ୍ଧତି ରହୁ, ନହେଲେ ସାଧାରଣ ନାଗରିକଙ୍କ ନାଗରିକ ଅଧିକାର ରହୁ, ବସ୍ତିବାଲାଙ୍କ ଦାବି ଥିଲା ଏହି ପ୍ରକାର । କୁଜି ନେତାମାନେ ଫେରିଗଲେ ।

ଅବସ୍ଥାକୁ ଅଧିକ ଜଟିଳ ହେବାକୁ ନ ଦେଇ ସେଦିନ ରାତିରେ ଜିଲ୍ଲା ପ୍ରଶାସନର ମୁଖ୍ୟ କଲେକ୍ଟର ଏବଂ ଏସ.ପି. ଘଟଣାସ୍ଥଳକୁ ଆସି ସେମାନଙ୍କ କଥା ଶୁଣିଥିଲେ । ଶରତକୁ ଥାନାରୁ ଛାଡ଼ିଦେବା ସଙ୍ଗେ ସଙ୍ଗେ ତାଙ୍କର ଚିକିତ୍ସା ପାଇଁ ରେଡ଼କ୍ରସରୁ କିଛି ଅର୍ଥ ସାହାଯ୍ୟ ମଧ୍ୟ କରିଥିଲେ । ଥାନାବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅତ୍ୟାଗ୍ୱର ଅଭିଯୋଗରେ ଅଭିଯୁକ୍ତ କନେଷ୍ଟବଳ ବିରୋଧରେ ମୋକଦ୍ଦମା ରୁଜୁ କରିଥିଲେ । ବସ୍ତିବାଲା ବସ୍ତିକୁ ଫେରିଗଲେ, ମାତ୍ର ଫେରି ଯାଇଥିଲେ ସେମାନଙ୍କର ଅଧିକାର ସାବ୍ୟସ୍ତ କରି । ତାଙ୍କର ଝିଅ ବୋହୂ ସମସ୍ତଙ୍କର ଶାଳୀ ନୁହଁନ୍ତି, ଏ କଥା ସେମାନେ ସେଦିନ ବୁଝିଥିଲେ ।

ଶରତ ବସ୍ତି ବାସିନ୍ଦାଙ୍କ ପାଇଁ କାମ କଲେ । କେବଳ ସତ୍ୟନଗର ନୁହେଁ , ସାରା ସହରର ବସ୍ତି ଲୋକଙ୍କୁ ଏକାଠି କରି ରାଜଧାନୀ ବସ୍ତି ଉନ୍ନୟନ ସଂସଦ ସଂସ୍ଥା ଗଢ଼ିଲେ । ପ୍ରତ୍ୟେକ ବସ୍ତିରୁ ଏଇ ସଂଗଠନରେ ଦୁଇଜଣ କରି ପ୍ରତିନିଧି ରହିଲେ । ଯେତେଦିନ ପର୍ଯ୍ୟନ୍ତ ସରକାର ବାସିନ୍ଦାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ କରିଛନ୍ତି, ଯେତେଦିନ ପର୍ଯ୍ୟନ୍ତ ସେମାନଙ୍କୁ ମଣିଷ ପରି ଚଳିବା ପାଇଁ ସ୍ୱଳ୍ପ ସୁବିଧା ନ ଦେଇଛନ୍ତି, ସେତେଦିନ ପର୍ଯ୍ୟନ୍ତ ବସ୍ତି ଉନ୍ନୟନ ସଂଗଠନ ତା'ର ପ୍ରତିବାଦ କରି ଗ୍ୱଲିବ । ପ୍ରତିବାଦ କରିବ ସେମାନଙ୍କର ଅଧିକାର-ମାନବିକ ଅଧିକାର, ମଣିଷ ହୋଇ ବଞ୍ଚିବାର ଅଧିକାର । ପ୍ରତିବାଦ ଫଳରେ ସହରର ମ୍ୟୁନିସିପାଲିଟି ବସ୍ତିବାଲାଙ୍କୁ ପିଇବା ପାଣି ଯୋଗାଇ ଦେଲା କେତେଖଣ୍ଡ ନଳକୂଅ

Digitized by PPRACHIN, SOA

ବସାଇ । ବସ୍ତିର ଆବର୍ଜ୍ଜନା ଦୂର କରିବାକୁ ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ପଡ଼ିଲା ।

ଦିନ କେତେଟାରେ ଶରତ ବସ୍ତିବାସିନ୍ଦାଙ୍କର ଅପ୍ରତିଦ୍ୱନ୍ଦ୍ୱୀ ନେତା ହେଲେ । ମ୍ୟୁନିସିପାଲିଟି କାଉନସିଲର ହୋଇ ନିର୍ବାଚିତ ହେଲେ । ତାଙ୍କର ସାଂଗଠନିକ ଦୃଢ଼ତା, ନିରପେକ୍ଷ ଏବଂ ନିଷ୍କାପଟ ନେତୃତ୍ୱ ତାଙ୍କୁ କେବଳ ବସ୍ତି ବାସିନ୍ଦାମାନଙ୍କ ଭିତରେ ଆବଦ୍ଧ ନରଖି ସହରର ଜଣେ ଜଣାଶୁଣା ନେତା ଭାବରେ ପରିଚୟ କରାଇ ଦେଇଥିଲା । ଶରତ ସ୍ୱାଇଁ ଜାତି, ଧର୍ମ, ଧନୀ ଗରିବ ନିର୍ବିଶେଷରେ ଜଣେ ଟାଣୁଆ କର୍ମୀ ଭାବରେ ଠିଆ ହେଲେ ସହର ଆଉ ସହରତଳି ବସ୍ତି ଅଞ୍ଚଳରେ । ସମସାମୟିକ ସମୟର ଗତିପଥକୁ ଆଖି ଆଗରେ ରଖି ଶରତ ଏକ ପୁରୁଣା ରାଜନୈତିକ ଦଳରେ ଯୋଗଦେଲା । ରାଜଧାନୀ ସହରର ବଳିଷ୍ଠ ନେତୃତ୍ୱ ଶରତ ସ୍ୱାଇଁ ମାଧ୍ୟମରେ ପାଇଥିବା ଯୋଗୁଁ ଦଳର ମୁଖ୍ୟ ତାକୁ ନିଜ ପାଖକୁ ଟାଣିନେଲେ । ବିଧାନସଭା ପାଇଁ ସାଧାରଣ ନିର୍ବାଚନରେ ଶରତ ଦଳର ପ୍ରାର୍ଥୀ ହିସାବରେ ବିପକ୍ଷ ଦଳର ପ୍ରାର୍ଥୀମାନଙ୍କଠାରୁ ବହୁ ଅଧିକ ଭୋଟ ପାଇ ବିଧାନସଭାକୁ ନିର୍ବାଚିତ ହେଲେ । କେବଳ ସେତିକି ନୁହେଁ । ମୁଖ୍ୟଙ୍କ ସହୃଦୟ ଦୃଷ୍ଟି ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଯୋଗୁଁ ସେ ମଧ୍ୟ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ ।

ରାଜ୍ୟପାଳଙ୍କ ଦପ୍ତରରେ ମନ୍ତ୍ରୀ ହିସାବରେ ଶପଥ ଗ୍ରହଣ କଲାପରେ ସେ ଆସିଥିଲେ ତାଙ୍କୁ ମିଳିଥିବା ସରକାରୀ ବାସଭବନକୁ । ସାଙ୍ଗରେ ଥିଲେ ତାଙ୍କ ବିଭାଗର ସଚିବ । ନୂତନ ଭାବେ ତାଙ୍କ ଦପ୍ତରକୁ ନିଯୁକ୍ତି ପାଇ ଆସିଥିବା ତାଙ୍କର ବ୍ୟକ୍ତିଗତ ସଚିବ ଏବଂ ଅନ୍ୟମାନେ । ସରକାରୀ ବାସଭବନର ଗେଟ୍ ପାର ହୋଇ ମନ୍ତ୍ରୀ ଶରତ ସ୍ୱାଇଁ ଯେତେବେଳେ ସବୁଜ ଲନ୍‌ର ଘାସ ବଗିଚ୍ଚାରେ ପାଦ ଦେଲେ ତାଙ୍କର ମନେ ପଡ଼ିଥିଲା ପନ୍ଦର ବର୍ଷ ତଳର ବିଗତ ସ୍ମୃତି । ଠିକ୍ ଏଇ ଘର ଏଇ ଲନ୍ ଉପରେ ମଫସଲ ଗାଁ ବାଁ ସାଇର ମାଗୁଣି ସ୍ୱାଇଁ ପାଟି କରୁଥିଲା- ମୋ ଟଙ୍କା ଫେରାଅ- ନହେଲେ ମୋ ପୁଅକୁ ଚାକିରି ଦିଅ । ଏଇ ଘରେ ସେ ଦିନର ମନ୍ତ୍ରୀ ମାଗୁଣି ସ୍ୱାଇଁଙ୍କୁ ପାଗଳର ଆଖ୍ୟା ଦେଇ ପୁଲିସ ହାତରେ ଦେଇ ଦେଇଥିଲେ । ଚଷାପୁଅ ମାଗୁଣି ସ୍ୱାଇଁ ତା ଜମି ବିକି ପୁଅକୁ ସେଲ୍‌ଟାକ୍ସ ଇନ୍‌ସ୍ପେକ୍ଟର କରିବ ବୋଲି ମନ୍ତ୍ରୀଙ୍କ ପାଖଲୋକକୁ ଦେଇଥିବା ତିରିଶ ହଜାର ଟଙ୍କା ଫେରି ପାଇ ନଥିଲା, ସେ ପାଇଥିଲା ଅପମାନ, ପୁଲିସ୍‌ଠାରୁ ଧକ୍କା ଆଉ ପୁଲିସ୍ ହାଜତରେ ରହିବାର ଦୁର୍ଦ୍ଦଶା । ସବୁଜ ଘାସ ବଗିଚ୍ଚା ପାର ହୋଇ ବାସଭବନର ବାରଣ୍ଡା ଉପରକୁ ଉଠିଲାବେଳେ ସେ ଅନ୍ୟମନସ୍କ ହୋଇ ଉଠୁଥିଲା । ବିଭାଗୀୟ ସଚିବ ଘର ବୁଲାଇ ଦେଖାଉଥିବାବେଳେ ତାଙ୍କ ମାନସପଟରେ ଭାସି ଉଠୁଥିଲା ଥାନା ହାଜତ୍ ଭିତରେ ମାଗୁଣି ସ୍ୱାଇଁ ଆଖିର ଅନବରତ ଲୁହ ଗଡ଼ାଉଥିବାବେଳେ, ବୁଢ଼ା କନେଷ୍ଟବଳର କଥା- ବୁଝିଲ ବାବୁ, ମନ୍ତ୍ରୀଙ୍କୁ ପଇସା ଦେଇ କିଏ କେବେ କ'ଣ ପଇସା ଫେରି ପାଇବା ଶୁଣିଛ ? ଏମାନଙ୍କୁ ଆମେ ଭୋଟ ଦେଇ ଆମେ ମନ୍ତ୍ରୀ କଲେ- ସେମାନେ କହନ୍ତି ସେମାନେ ଆମକୁ ପଇସା ଦେଇ ଭୋଟ କିଣିଲେ । ଉପରବାଲାକୁ ଭବିଷ୍ୟତରେ ପଇସା ଦେବାର ଲୋଭ

Digitized by PPRACHIN, SOA

ଦେଖାଇ ମନ୍ତ୍ରୀ ହେଲେ ତାଙ୍କଠାରୁ ପଇସା ଫେରି ପାଇବା ଆଶା ବୃଥା । ଶାସ୍ତ୍ରରେ ଅଛି- ଆମ ପରି ସାଧାରଣ ଲୋକଙ୍କ ଉପରକୁ ବିପଦ ଆସେ ପାଞ୍ଚ ଜଣଙ୍କ ପାଖରୁ । ସେମାନେ ହେଲେ, ଶାସନ କଳର ବଡ଼ ବଡ଼ ଅଫିସର, ଅପରାଧୀ, ରାଜା କିମ୍ବା ମନ୍ତ୍ରୀ ପାଖଲୋକ, ରାଜ୍ୟର ଶତ୍ରୁ ଏବଂ ନିଜେ ରାଜା କିମ୍ବା ମନ୍ତ୍ରୀଙ୍କ ପାଖରୁ । ଥାନାବାବୁଙ୍କ ଗୋଡ଼ତଳେ ପଡ଼ି ସେଦିନ ମାଗୁଣି ସ୍ୱାଇଁ ଏକମୁହାଁ ହୋଇ ଫେରି ଯାଇଥିଲା ଗାଁକୁ । ଶରତ ଆଉ ତାଙ୍କୁ ଦେଖିନି, ଶୁଣିଛି କନ୍ଦଳ ନଈ ବନ୍ଧତଳେ ପଡ଼ି ମାଗୁଣି ସ୍ୱାଇଁ ମରିଗଲେ । ତା' ମୁହଁରେ ନିଆଁ ଦେବାକୁ ତା' ପାଖରେ କେହି ନଥିଲେ ।

ବିଭାଗୀୟ ସଚିବ ମନ୍ତ୍ରୀଙ୍କ ବାସଭବନର ଅଫିସ୍ ରୁମ୍ ଦେଖାଇ କହୁଥିଲେ, ସାର୍, ପୂର୍ବ ମନ୍ତ୍ରୀ ଏଇ ଘରେ ଅଫିସ୍ ରୁମ୍ କରୁଥିଲେ । ଅଫିସ୍ ପାଇଁ ଠିକ୍ ହେବ । ଟେଲିଫୋନ୍ ଲାଇନ୍‌ସବୁ ଠିକ୍ ଅଛି । ମୁଣ୍ଡ ଉଠାଇ ଶରତ ଚାହିଁଲେ । ପୁଣି ତାଙ୍କ ଆଖି ଆଗରେ ଭାସି ଉଠିଲା, ଏଇ ରୁମ୍ ଭିତରୁ ମନ୍ତ୍ରୀଙ୍କ ପାଖଲୋକ, ସେଦିନର ସେଇ ଧୋବଧାଉଳିଆ ଖଦଡ଼ପିନ୍ଧା ଭଦ୍ରଲୋକ ବାହାରି ମାଗୁଣି ସ୍ୱାଇଁଠାରୁ ତିରିଶ ହଜାର ଟଙ୍କା ନେଇଥିଲେ, ତା' ପୁଅକୁ ଚାକିରି କରାଇଦେବେ ବୋଲି । ମାଗୁଣି ସବୁଦିନ ପାଇଁ ତା ବାଜିରେ ହାରିଗଲା । ବାପ, ଗୋସେଇଁ ବାପର ସମ୍ପତ୍ତି ବିକ୍ରୀ କରିଥିଲା ପୁଅ-ଝିଅଙ୍କୁ ପାଠ ପଢ଼ାଇ ମଣିଷ କରିବ । ସମ୍ପତ୍ତି ଚାଲିଗଲା, ସ୍ତ୍ରୀ ପଡ଼ିପଡ଼ି ଔଷଧ ଟିକିଏ ନପାଇ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା, ଆଉ ମାଗୁଣି, ଖୋରସ ଗାଁର କୃଷ୍ଣ ଶତପଥୀଙ୍କ ଗାଈ ଜଗିଲା ବେଳେ କନ୍ଦଳ ନଈ ବନ୍ଧ ତଳେ ପଡ଼ି ମରିଗଲା । ତାଙ୍କ ଆଖି କୋଣରୁ ଦୁଇଧାର ଲୁହ ଗଡ଼ି ଆସୁଥିଲା । ସମସ୍ତଙ୍କ ଅଜାଣତରେ ଆଖିର ଲୁହ ଦି'ଧାରକୁ ପୋଛିଦେଇ ମନ୍ତ୍ରୀ ଶରତ ସ୍ୱାଇଁ ନିଜକୁ ପ୍ରକୃତିସ୍ଥ କରିନେଲେ । ସମସ୍ତଙ୍କୁ ବିଦାୟ ଦେଲା ପରେ ନୂଆ ହୋଇ ପଡ଼ିଥିବା ସୋଫା ସେଟ୍ ଉପରେ ବସିପଡ଼ି ସେ ସେଇ କଥା ଭାବୁଥିଲେ । ମାଗୁଣି ସ୍ୱାଇଁ ଆଉ ତାଙ୍କ ପୁଅକୁ ପୁଲିସ୍ ଗାଡ଼ିରେ ବସାଇ ନେଲାବେଳେ ମାଗୁଣି ସ୍ୱାଇଁ ପୁଅ ପାଟି କରି ମନ୍ତ୍ରୀଙ୍କୁ କହିଥିଲା- ଆପଣଙ୍କ ପାଖଲୋକ ଯେଉଁଠି ଆତ୍ମଗୋପନ କଲେ ବି, ମୁଁ ତାଙ୍କୁ ବାହାର କରିବି ସାର୍ ମୋ ବାପର ତିରିଶ ହଜାର ଟଙ୍କାର ସୁଧମୂଳ ଆଦାୟ କରିବି । ମାଗୁଣି ସ୍ୱାଇଁ ପୁଅ ସେ ଟଙ୍କାକୁ ଏ ପର୍ଯ୍ୟନ୍ତ ଆଦାୟ କରି ପାରିନାହାନ୍ତି । ସୋଫା ଉପରେ ବସି ସେ ଚାହିଁଲେ ଅଫିସ ରୁମ୍‌ରେ ପଡ଼ିଥିବା ମଖମଲି ଗଦି ଚେୟାର ଆଡ଼େ । ମନ୍ତ୍ରୀଙ୍କ କୁର୍ସୀ । କୁର୍ସୀ ପଛପଟ ବଗପକ୍ଷୀ ପରି ସଫେଦ୍ ଧଳା କାନ୍ଥରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ବନ୍ଧା ହୋଇଥିବା ଫଟୋ । ସେ ଚାହିଁଲେ ସେଇ ଗାନ୍ଧିଙ୍କ ଫଟୋକୁ... ହସ ହସ ମୁହଁ..... । କିଛି ସମୟ ଚାହିଁଲା ପରେ ସେ ଆଉ ମହାତ୍ମାଙ୍କ ମୁହଁ ଦେଖି ପାରିଲେନି । ସେଇ ଫଟୋ ଭିତରେ ସେ ଦେଖୁଥିଲେ ମାଗୁଣି, ତା' ପାଖରେ ଠିଆ ହୋଇଛନ୍ତି ତାଙ୍କ ରୋଗିଣୀ ସ୍ତ୍ରୀ, ସାନଝିଅ ସୁନା..... ସମସ୍ତଙ୍କ ଆଖିରୁ ଲୁହଧାର ଗଡ଼ି ମୁହଁ ଉପରେ ଶୁଖିଯାଇଛି । ସେ ଆଉ ଚାହିଁ ପାରିଲେନି ମହାତ୍ମା ଗାନ୍ଧିଙ୍କ ଫଟୋ ଆଡ଼େ ।

Digitized by PPRACHIN, SOA

ତାଙ୍କ ଭିତରୁ ଏକ ବେଦନାର ସ୍ୱର ତାଙ୍କ ଅଜାଣତରେ ବାହାରି ପଡ଼ିଲା । ତାଙ୍କ ପାଟି ଶୁଣି ବାହାରୁ ଚପରାସୀ ଘର ଭିତରକୁ ପଶି ଆଦେଶ ପାଇଁ ଛିଡ଼ା ହେଲା । ଗିଲାସେ ପାଣି ପିଇ ସେ ଆଶ୍ୱସ୍ତ ହେଲେ । ତାଙ୍କୁ କେମିତି ଡର ଲାଗୁଥିଲା ମହାତ୍ମା ଗାନ୍ଧିଙ୍କ ଫଟୋ ଆଡ଼େ ପୁଣି ଥରେ ମୁହଁ ଉଠାଇ ଚାହିଁବାକୁ । ମନ୍ତ୍ରୀଙ୍କ କୁର୍ସୀ... ମହାତ୍ମା ଫଟୋ ତଳେ । ତାଙ୍କର ଏକା ନୁହଁ, ପ୍ରତ୍ୟେକ ମନ୍ତ୍ରୀ, ବଡ଼ ଅଫିସର, ମହାତ୍ମା ଗାନ୍ଧିଙ୍କ ଫଟୋଚିତ୍ର, ତାଙ୍କ କୁର୍ସୀ ପଛପଟ କାନ୍ଥ ଦେହରେ ଲଟକାଇ, ସବୁ କାମ କରିଯାଆନ୍ତି ମହାତ୍ମା ଗାନ୍ଧିଙ୍କୁ ସାକ୍ଷୀ ରଖି । ମହାତ୍ମା ସେମିତି ସେଇ ଫଟୋ ଭିତରୁ ଚାହିଁଥାଆନ୍ତି । ଏ ଯୁଗରେ ସେ ମୌନବ୍ରତ କରିଛନ୍ତି । ସବୁ ଦେଖିବେ, ଶୁଣିବେ, କାହାକୁ କିଛି କହିବେନି । ଦେଶ ପ୍ରଗତି ପଥରେ ଚାଲିଛି, ଚାଲିବ । ପ୍ରଗତିର ରଥ ଚକ କେବେ ବନ୍ଦ ହେବନି । ପ୍ରଗତି ପଥରେ ପଙ୍କିଳ ରାସ୍ତା ପଡ଼ିପାରେ । ପଡ଼ିପାରେ ପ୍ରଶସ୍ତ ପିଚୁ ରାସ୍ତା । ଚାଳକମାନଙ୍କ ଉପରେ ନିର୍ଭର କରେ- ନିର୍ଭର କରେ ତାଙ୍କର ଦକ୍ଷତା, ଆନ୍ତରିକତା ଏବଂ ସେବା ମନୋବୃତ୍ତି ଉପରେ । ପୁଣି ଥରେ ତାଙ୍କର ଇଚ୍ଛା ହେଲା ମହାତ୍ମାଙ୍କ ଫଟୋଚିତ୍ର ଚାହିଁବାକୁ । ସେ ମୁଣ୍ଡ ଉଠାଇଲା ବେଳେ ତାଙ୍କ ମାନସପଟରେ ଭାସି ଉଠିଲା ଆଉ ଗୋଟିଏ ମୁହଁ- ମାଗୁଣି ସ୍ୱାଇଁଙ୍କ ସାନପୁଅ, ଆରତ- ଆରତର ମୁହଁ । ବାପ, ମା'ଙ୍କ ମୁହଁ ଦେଖି ବି.ଏ. ପାଶ୍ କରିଥିବା ବେକାରିଆ ଭାଇର ଅବସ୍ଥା ବୁଝି, ସେ ନବମ ଶ୍ରେଣୀରୁ ପାଠ ଛାଡ଼ି ଦାଦନ ଶ୍ରମିକ ହୋଇ ଯାଇଥିଲା ସୁଦୂର କାଶ୍ମୀରର ଅଜଣା ଅଞ୍ଚଳକୁ । ଏବେ ସେ ବଞ୍ଚିଥିବ ? ତା' ଖବର ବୁଝିବାକୁ ତା' ମନ ବ୍ୟଗ୍ର ହୋଇ ଉଠିଲା । କାହାକୁ ପଚାରିବେ, କିଏ ତା'ର ଖବର ଦେବ ? ସେ ବଞ୍ଚିଛି କି ସେଠି ବରଫ ତଳେ କେତେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଙ୍ଗେ ତାର ବି ମୃତ୍ୟୁ ଘଟିଛି ? ଗତାନୁଗତିକ ପନ୍ଥାରେ ମନ୍ତ୍ରୀ ଶରତ ସ୍ୱାଇଁଙ୍କ ସରକାରୀ ଗୃହ ଲୋକାରଣ୍ୟ ହୋଇ ଉଠିଲା । ମନ୍ତ୍ରୀ ଚାହାନ୍ତୁ ବା ନ ଚାହାନ୍ତୁ, ଲୋକେ କିନ୍ତୁ ଆସିବେ ଆଉ ପଞ୍ଚେ ପରାନ୍ନଭୋଜୀ ଦଳ, ସେମାନଙ୍କୁ ଡାକିକରି ଆଣିବେ ସରକାରୀ ଘରର ବାରଣ୍ଡା, ଲନ୍ ଘାସ, ବାଡ଼ ପାଖ ଗଛମୂଳ, ସବୁଠି ଏମାନେ ବସିବେ, ଶୋଇବେ, ପାନଛେପ ପକେଇବେ, ଓଦା ଗାମୁଛା ବାଡ଼ ଉପରେ ଶୁଖେଇବେ । ଏ ଯୁଗର ଗଣତନ୍ତ୍ର ଶାସନକୁ ପରିଚାଳନା କରିବା ଦାୟିତ୍ୱରେ ଥିବା ମନ୍ତ୍ରୀ କିମ୍ବା ଏମ୍.ଏଲ୍.ଏ. ମାନଙ୍କ ନିର୍ବାଚନ ମଣ୍ଡଳୀରୁ ଯେଉଁମାନେ ଆସିଥାନ୍ତି, ସେମାନଙ୍କର ଗତି ଏମାନଙ୍କ ଘରେ ଅବାଧ । ମନ୍ତ୍ରୀଙ୍କ ଶୋଇବା ଘର, ରୋଷେଇ ଘର, ଖାଇବା ଘର- ସବୁ ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କ ପାଇଁ ଉନ୍ମୁକ୍ତ । ଯେଉଁ ମନ୍ତ୍ରୀ କିମ୍ବା ଏମ୍.ଏଲ୍.ଏ. ରାଜନୀତିରୁ ଧାର ଧାରନ୍ତିନି, ସେ ସେହିପରି ରାତିଅଧଯାଏ କାକୁସ୍ଥ ହୋଇ ଠିଆ ହୋଇଥିବେ । ଘରକୋଣରେ । ରାତି ଅଧ ବେଳକୁ ଭାତ, ଡାଲମା କରି ରାନ୍ଧିକରି ଦବାକୁ ପଡ଼େ । ନହେଲେ ମନ୍ତ୍ରୀ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଗଲେ, ତାଙ୍କୁ ବୋଲୁଅମାଡ଼ ଖାଇବାକୁ ହେବ । ଏବର ଲୋକେ କୁହନ୍ତି- ମନ୍ତ୍ରୀ, ଏମ୍.ଏଲ୍.ଏ. ଦଳ ଆଉ ଯାହା ଭୋଗ କରନ୍ତୁ ନା କାହିଁକି- ଯେତେଦିନ ପର୍ଯ୍ୟନ୍ତ ସେମାନେ ଏଇ ପଦବୀକୁ ଧରି ବସିଥିବେ, ସେତେଦିନ ପର୍ଯ୍ୟନ୍ତ ତାଙ୍କର ପାରିବାରିକ ଶାନ୍ତି କେବଳ ଅଶାନ୍ତି ଛଡ଼ା ଆଉ କିଛି ନୁହେଁ ।

Digitized by PPRACHIN, SOA

ପରିବାର ନଥିବା ମନ୍ତ୍ରୀ ଶରତ ସ୍ୱାଇଁଙ୍କ ପାଇଁ ଘର, ଅଫିସ୍ ସମାନ । କାମ କରି ପାରିବା ପର୍ଯ୍ୟନ୍ତ ସେ ଖଟନ୍ତି, ଆସିଥିବା ଲୋକଙ୍କ ଗୁହାରି ଶୁଣନ୍ତି । ଯେତେଦୂର ପାରନ୍ତି, ସାହାଯ୍ୟ କରନ୍ତି । ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦିଅନ୍ତି । ମନ୍ତ୍ରୀ ହେବାର ଅଳ୍ପଦିନ ପରେ ଦିନେ ସକାଳୁ ସକାଳୁ ସେ ଅଫିସ୍ ଘରେ ବସିଥିବାବେଳେ ଚପରାଶୀ ଖବର ଦେଲା ଯେ, ଦାସବାବୁ ଆସିଛନ୍ତି ଦେଖା କରିବାକୁ । ସମସ୍ତଙ୍କୁ ଦେଖା ଦେଲା ପରି ସେ ମଧ୍ୟ ଦାସବାବୁଙ୍କୁ ଦେଖା କରିବାକୁ କହିଥିଲେ । ଦାସବାବୁ ପୁରୁଣା ଦଳୀୟ କର୍ମୀ । ଖଦଡ଼ ଧୋତି, ପଞ୍ଜାବି, ମୁଣ୍ଡରେ ଗାନ୍ଧିଟୋପି, ମନ୍ତ୍ରୀଙ୍କ ରୁମ୍ ମଧ୍ୟକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସେ ଆରମ୍ଭ କଲେ- ନମସ୍କାର ସାର୍ ! ଆପଣ ମନ୍ତ୍ରୀ ହେଲା ପରେ ଆସିବି ଆସିବି ବୋଲି ଆସିପାରି ନଥିଲି । ଏଇ କେତେ ବର୍ଷ ହେଲା ଦେହ ଅସୁସ୍ଥ ଯୋଗୁଁ ରାଜଧାନୀ ଆଡ଼େ ଆସିପାରୁନି । ମୁଁ ତ ଜଣେ ପୁରୁଣା କର୍ମୀ । ଏବେ ପାରାଦ୍ୱୀପ ଅଞ୍ଚଳରେ କଣ୍ଟ୍ରାକ୍ଟରୀ କରେ । ଗାଡ଼ି ଆଠ ଦଶଟି ଚାଲିଛି । ସେ କାମ ବୁଝୁ ବୁଝୁ ସମୟ ମିଳେନି ଦଳକାମ ବୁଝିବାକୁ । କିନ୍ତୁ ନିର୍ବାଚନ ସମୟରେ ତ ସବୁ କରିବାକୁ ପଡ଼ିବ । ଦଳ କାମ ଆଗ- ଘର କାମ ପଛ । ଜୀବନଯାକ ଆମର ରାଜନୀତିରେ କଟିଗଲା । ଏଇଠି, ଏଇ ଘରେ, ମୋର କେତେବର୍ଷ କଟିଛି । ସେ କଥା କ'ଣ କହିବି ସାର୍, ଏ ଘର ସହିତ ମୋର ବର୍ଷ ବର୍ଷର ସମ୍ପର୍କ ।

ମନ୍ତ୍ରୀ ଶରତ ସ୍ୱାଇଁ ମୁହଁ ଉଠାଇ ଦାସବାବୁଙ୍କ ଆଡ଼େ ଚାହିଁଲେ । ଚିହ୍ନିଲା ଚିହ୍ନିଲା ମୁହଁ- ସେ ମନେ ପକାଇ ଭଲ କରି ଚିହ୍ନିବାକୁ ଚେଷ୍ଟା କଲେ । ଠିକ୍ ସେଇ ଖଦଡ଼ ପୋଷାକ, ଗୋଲ ମୁହଁ, ଆଖିରେ ଚଷମା, ମୁଣ୍ଡରେ ଗାନ୍ଧିଟୋପି, ବୟସର ଛାପରେ ଚେହେରାରେ ଟିକିଏ ପରିବର୍ତ୍ତନ । କଥାବାର୍ତ୍ତା ଠିକ୍ ସେମିତି । ତାଙ୍କୁ ଚିହ୍ନିବାରେ ତାଙ୍କର ଆଉ ସନ୍ଦେହ ରହିଲାନି । ଏତେଦିନ ଧରି ସେ ଯାହାକୁ ଖୋଜୁଥିଲେ, ସେ ଆସି ଆଜି ତାଙ୍କ ସାମନାରେ ବସିଛନ୍ତି । ସେ କିଛି ଭାବିପାରୁ ନଥିଲେ । କ'ଣ କହିବେ, କି ଉତ୍ତର ଦେବେ ଦାସବାବୁଙ୍କୁ ! ତାଙ୍କ ମୁହଁ ଭିତରେ ସେ ଦେଖୁଥିଲେ ମାଗୁଣି ସ୍ୱାଇଁଙ୍କୁ । ମାଗୁଣି ସ୍ୱାଇଁର ବିକଳ ଅନୁରୋଧକୁ । "ମୋ ପୁଅ ବି.ଏ. ପାଶ୍ କରିଛି ସାର୍ । ତାକୁ ଚାକିରି ଖଣ୍ଡିଏ ଦିଅନ୍ତୁ । ମୋ ବଂଶକୁ ରକ୍ଷା କରନ୍ତୁ ସାର୍ ।" ଘୃଣା ଆଉ କ୍ରୋଧରେ ତାଙ୍କ ଦେହ ଉତ୍ତେଜିତ ହୋଇପଡୁଥିଲେ ମଧ୍ୟ ସେ ଅବିଚଳିତ ଭାବେ ଦେଖୁଥିଲେ ଆଉ ଶୁଣୁଥିଲେ ଦାସବାବୁଙ୍କ କଥାକୁ । ଦାସବାବୁ କହୁଥିଲେ, ସାର୍ ସବୁବେଳେ ତ ଜଣେ ସଚ୍ଚୋଟ ପୁରୁଣା ଦଳୀୟ କର୍ମୀ ହିସାବରେ ଆମେ ଆପଣଙ୍କ ସାଙ୍ଗରେ । ଆପଣଙ୍କ ବିଷୟରେ ମୁଁ ଆଗରୁ ଶୁଣିଥିଲି, ଦେଖି ନଥିଲି । ଆମ ଦଳ, ଏ ରାଜ୍ୟ ଧନ୍ୟ ହୋଇଛି । ଆପଣଙ୍କ ପରି ଜଣେ ସଚ୍ଚୋଟ ପରୋପକାରୀ ମନ୍ତ୍ରୀଙ୍କୁ ପାଇ । ଯେତେବେଳେ ଯାହା ଦରକାର କହିବେ ସାର୍, ଆମେ ତ ଆପଣଙ୍କ ପାଖ ଲୋକ ।

Digitized by PPRACHIN, SOA

ଦାସବାବୁଙ୍କ ପାଟିରୁ କଥା ସରୁ ନସରୁଣୁ, ମନ୍ତ୍ରୀଙ୍କ ମୁହଁରୁ ବାହାରିପଡ଼ିଲା- ମିଃ ଦାସ, ମୁଁ ଆପଣଙ୍କୁ ଚିହ୍ନେ, ବହୁତ ଦିନରୁ । ଆପଣ ଜଣେ ଜଣାଶୁଣା ବଦାନ୍ୟ ବ୍ୟକ୍ତି । ମୋର ଗୋଟେ ଛୋଟ ଅନୁରୋଧ - 'ଅନୁରୋଧ କୁହନ୍ତୁନି ସାର୍, କୁହନ୍ତୁ ଆଦେଶ' -କଥା ଛଡ଼ାଇ କହିଲେ ଦାସବାବୁ । ମନ୍ତ୍ରୀ କହିଲେ- ମୋର ଇଛା ଥିଲା, ସତ୍ୟନଗର ବସ୍ତି ପିଲାମାନଙ୍କ ପାଇଁ ଖଣ୍ଡିଏ ବିଦ୍ୟାଳୟ ଖୋଲିବା । ସରକାର ଯାହା ଦେବେ, କେବଳ ଗୃହ ନିର୍ମାଣ ହେଲେ ବିଦ୍ୟାଳୟ ଚ୍ଳନ୍ତା, ଏଇ ବର୍ଷ ଆରମ୍ଭରୁ । ବିଶେଷ କିଛି ଟଙ୍କା ଦରକାର ପଡ଼ିବନି । ଲକ୍ଷେ, ଦେଢ଼ଲକ୍ଷ ଟଙ୍କା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ହୋଇଯିବ । କିଛି ଚିନ୍ତା ନାହିଁ ସାର୍, ମୋର କଣ୍ଟ୍ରାକ୍ଟରୀ କାମ ଏ ପାଖରେ ଚ୍ଳିଛି । ଦୁଇମାସ ମଧ୍ୟରେ ମୁଁ ଆପଣଙ୍କୁ ବିଦ୍ୟାଳୟ ଗୃହ ନିର୍ମାଣ କରିଦେବି । ଏ ବର୍ଷ ଆରମ୍ଭରୁ ବିଦ୍ୟାଳୟ ବସ୍ତିରେ ଚ୍ଳିବ । ଏତକ କହି ସେଦିନ ବିଦାୟ ନେଇଥିଲେ ଦଳୀୟ କର୍ମୀ, ଏବର ସ୍ପେଶାଲ କ୍ଲାସ୍ କଣ୍ଟ୍ରାକ୍ଟର ମିଃ ଦାସ ।

ସତ୍ୟନଗର ବସ୍ତିରେ ଆନନ୍ଦ ଉଲ୍ଲାସ । ବସ୍ତିପିଲାମାନଙ୍କ ପାଇଁ ବିଦ୍ୟାଳୟ ଗୃହ ଉଦ୍‌ଘାଟନ ହେବ । ଉଦ୍‌ଘାଟନ କରିବେ ନିଜେ ମନ୍ତ୍ରୀ ଶରତ ସ୍ୱାଇଁ । ଉଦ୍‌ଘାଟନ ଉତ୍ସବ ପାଇଁ କଣ୍ଟ୍ରାକ୍ଟର ଦାସବାବୁ ବ୍ୟସ୍ତ । ସମସ୍ତ ପ୍ରକାର ବନ୍ଦୋବସ୍ତ ସରିଥାଏ । ଠିକ୍ ସମୟରେ ମନ୍ତ୍ରୀ ଉତ୍ସବ ସ୍ଥାନରେ ପହଞ୍ଚିଲେ । ହାତରେ ଫୁଲମାଳ ଧରି ଦାସବାବୁ ବସ୍ତି ପିଲାଙ୍କ ସଙ୍ଗେ ତାଙ୍କୁ ପାଛୋଟି ଆଣିଲେ । ସଭା କାର୍ଯ୍ୟ ଆରମ୍ଭ ହେଲା । ମନ୍ତ୍ରୀ ତାଙ୍କର ଉଦ୍‌ଘାଟନ ଉତ୍ସବରେ ଉଦ୍‌ବୋଧନ ଦେଇ କହିଥିଲେ, ବସ୍ତି ବାସିନ୍ଦା ବନ୍ଧୁଗଣ, ଆପଣମାନେ ସମସ୍ତେ ଜାଣନ୍ତି, ଆମ ଦଳର ପୁରୁଣା କର୍ମୀ ଏବର ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର ଦାସବାବୁ ଏଇ ବିଦ୍ୟାଳୟ ଗୃହ ନିର୍ମାଣ କରିବା ପାଇଁ ସମସ୍ତ ଖର୍ଚ୍ଚ ବହନ କରିଛନ୍ତି । ସଭାସ୍ଥଳ ଉପସ୍ଥିତ ଜନତାଙ୍କ କରତାଳିରେ ପ୍ରକମ୍ପିତ ହେଇଉଠିଲା । ମିଃ ଦାସଙ୍କ ମୁହଁ ଆନନ୍ଦରେ ରକ୍ତିମ ହୋଇ ଉଠୁଥାଏ । ମନ୍ତ୍ରୀ କହୁଥାନ୍ତି- ମାତ୍ର, ଏହା ସତ୍ୟ ନୁହେଁ । ତାଙ୍କ ପଇସାରୁ ସେ ଗୋଟିଏ ନୂଆ ପଇସା ମଧ୍ୟ ଖର୍ଚ୍ଚ କରିନାହାନ୍ତି । ଉପସ୍ଥିତ ଜନତା କିଛି ବୁଝିପାରୁ ନଥିଲେ । ସମସ୍ତେ ମନ୍ତ୍ରୀ ଆଉ ଦାସବାବୁଙ୍କ ମୁହଁ ଆଡ଼େ ଚ୍ହୁଁଥାନ୍ତି । ମାଇକ୍ ଉପରେ ହାତରଖି ଟିକିଏ ସମୟ ନେଲା ପରେ ମନ୍ତ୍ରୀ କହିଲେ- ସେ ପନ୍ଦର ବର୍ଷ ତଳର ଘଟଣା । ବାଁ ସାହି ଗାଁର ଚଷାପୁଅ ମାଗୁଣି ସ୍ୱାଇଁର ବି.ଏ. ପାଶ୍ କରିଥିବା ପୁଅକୁ ଚ୍କିରି କରାଇ ଦେବାର ଆଶା ଦେଖାଇ ସେତେବେଳେ ମନ୍ତ୍ରୀଙ୍କର ପାଖଲୋକ, ଆଜିର ମିଃ ଦାସ, ତାଙ୍କଠାରୁ ତିରିଶ ହଜାର ଟଙ୍କା ନେଇଥିଲେ । ମାଗୁଣି ପୁଅ ଚ୍କିରି ପାଇ ନଥିଲା କି ମାଗୁଣିକୁ ମିଃ ଦାସ ତା' ତିରିଶ ହଜାର ଟଙ୍କା ଫେରାଇ ଦେଇ ନଥିଲେ ।

ମାଗୁଣି ସ୍ୱାଇଁ ତା'ର ସମସ୍ତ ସମ୍ପତ୍ତି ବିକି ପାଗଳ ହୋଇ କନ୍ଦଳ ନଈବନ୍ଧ ତଳେ ପଡ଼ି ମଲା । ତା'ର ସ୍ତ୍ରୀ ମଲା ଔଷଧ ଟିକିଏ ନପାଇ, ଝିଅ ମଲା ବେକରେ ଦଉଡ଼ି ଦେଇ, ଛୋଟ ପୁଅ ଚ୍ଲିଗଲା ଦାଦନ ଶ୍ରମିକ ହୋଇ । ଏତିକି କହିଲାବେଳେ ମନ୍ତ୍ରୀଙ୍କ

Digitized by PPRACHIN, SOA

ଆଖିରୁ ଦୁଇଧାର ଲୁହ ଗଡ଼ି ଆସିଥିଲା । ସେ ମାଇକକୁ ଧରି ପୁଣି କହିଲେ- ଜାଣନ୍ତି ସେ ମାଗୁଣି ସ୍ୱାଇଁ କିଏ ? ମୋ ବାପ । ମୁଁ ତାଙ୍କର ସେଇ ଅଭାଗା ସନ୍ତାନ, ଯେ ମିଃ ଦାସଙ୍କୁ ପୁଅର ଗ୍ରକିରି ପାଇଁ ସମସ୍ତ ସମ୍ପତ୍ତି ବିକି ତିରିଶ ହଜାର ଟଙ୍କା ଦେଇଥିଲା, ସେଇ ତିରିଶ ହଜାର ଟଙ୍କା ସୁଧ ମୂଳ ଆଜି ଦେଢ଼ଲକ୍ଷ ଟଙ୍କା । ସେଇ ଟଙ୍କାରେ ଏ ବିଦ୍ୟାଳୟ ଗୃହ, ତାଙ୍କ ଉଦ୍ଦେଶ୍ୟରେ ତାଙ୍କର ଅତୃପ୍ତ ଆତ୍ମାର ଶାନ୍ତି ପାଇଁ ବସ୍ତିବାସିନ୍ଦାଙ୍କ ଉଦ୍ଦେଶ୍ୟରେ ଏ ବିଦ୍ୟାଳୟ ଗୃହଟି ଉତ୍ସର୍ଗ କଲି ।

କରତାଳିରେ ସଭାସ୍ଥଳ କମ୍ପିଉଠୁଥିଲା । କେବଳ ମନ୍ତ୍ରୀ ଶରତ ସ୍ୱାଇଁ ଲୁହଭରା ଆଖିରେ ଫେରିଯାଇଥିଲେ ତାଙ୍କ ସରକାରୀ ଗାଡ଼ି ପାଖକୁ ।

❖

Digitized by PPRACHIN, SOA

ଖଡୁ

ଗାଁମୁଣ୍ଡ କିଆ ଗୋହିରୀ ପାରହୋଇ ଗାଡ଼ି ନଈବନ୍ଧକୁ ଉଠିବାର ଘଁ ଘଁ ଶବ୍ଦ ଶୁଭୁଥାଏ । ଚକାତଳୁ ଉଠିଥିବା ଦାଣ୍ଡଧୂଳି ଉପରକୁ ଭଉଁରି କାଟି ଆସ୍ତେ ଆସ୍ତେ ପବନରେ ମିଳେଇ ଗଲାଣି । ଧାରବୋଉ ଦାଣ୍ଡ ବାରଣ୍ଡା ଉପରେ ପଥର ଖୁଣ୍ଟିକୁ ଆଉଜି ସେଇ ଗାଡ଼ି ଯାଉଥିବା ଶବ୍ଦ ଆଡ଼େ କାନ ଡେରିଥାନ୍ତି । ଆଖିରୁ କେଇଧାର ଲୁହ ଗଡ଼ି ଶୁଖି ଆସିଲାଣି । ଖୁଣ୍ଟକୁ ଆଉଜି ଧାରବୋଉ ଭାବୁଥିଲେ, ଠିକ୍ ଏଇମିତି ବର୍ଷକ ତଳେ ସେ ଏଇ ଦାଣ୍ଡପିଣ୍ଡା ପଥରଖୁଣ୍ଟିକୁ ଆଉଜି ସେମିତି ଗାଡ଼ି ଶବ୍ଦକୁ ଶୁଣିବା ପାଇଁ କାନ ଡେରି ଅପେକ୍ଷା କରିଥିଲେ । ପୁଅ ବାହାହୋଇ ସେଦିନ ଭୁବନେଶ୍ୱରରୁ ବୋହୂକୁ ଧରି ଗାଡ଼ିରେ ଘରକୁ ଆସୁଥାଏ । କଣ୍ଟ୍ରାକ୍ଟର ସମୁଦି ଘର, ଝିଅର ଘରକରଣା ଜିନିଷ ସବୁ ଟ୍ରକରେ ପଠାଇଥାନ୍ତି । ଆଜିକାଲିକା ନୂଆ ନୂଆ ପ୍ରକାରର ଘର କରଣା ଜିନିଷ । ଶିଳ, ଚକି, ପେଟରା କି କାଠସିନ୍ଦୁକ ଯୁଗ ଗଲାଣି । ଏଇଲେ ନୂଆ ବୋହୂ ଆଣୁଛି ଫ୍ରିଜ୍, ଟି.ଭି. ବମ୍ବେ ପାର୍ଟର୍ଣ୍ଣ ଖଟ, ଷ୍ଟିଲ ଆଲମିରା, ସୋଫାସେଟ୍, କେତେ କ'ଣ । କଣ୍ଟ୍ରାକ୍ଟର ସମୁଦି ସାନ ଝିଅକୁ ଦବାରେ କିଛି ଊଣା କରି ନଥିଲେ । ଅବଶ୍ୟ ତାଙ୍କର ପୁରୁଣାକାଳିଆ ଖାନ୍‌ଦାନୀ ଘରର ଜିନିଷ ଏବକୁ ଅଚଳ ହେଲାଣି । ପୁରୁଣା ପଲଙ୍କ, କାଠସିନ୍ଦୁକକୁ ପଚାରେ କିଏ । ସମୁଦି ଆଗରୁ ଖବର ଦେଇଥିଲେ ପୁଅ-ବୋହୂ କାର୍‌ରେ ଆସିବେ, ଜିନିଷପତ୍ର ଟ୍ରକ୍‌ରେ ଲୋଡ୍ ହୋଇ ଆସିବ । ଧାରବୋଉ ମନା କରିଥିଲେ । ପୁଅ ନୂଆ ଚାକିରିଆ, କେତେଟା ଦିନ, ଗାଁରେ ରହିବ? ପାଠପଢୁଆ ବୋହୂ ବା କଉଁ ଗାଁରେ ରହିବାଟାକୁ ଚାହିଁବ । ଆଜିକାଲି, ପୁଅ ଯୁଆଡ଼େ ବୋହୂ ସିଆଡ଼େ । ଧାରବୋଉ ସମୁଦିଙ୍କୁ କହିଥିଲେ, "ବୋହୂ ଜିନିଷ, ସମୁଦି ସେଇ ଭୁବନେଶ୍ୱର ତୁମରି ଘରେ ଥାଉ - ପୁଅ-ବୋହୂ ସରକାରୀ ଘର ପାଇଲେ, ତାଙ୍କ ବସାକୁ ପଠାଇ ଦେବ । ଡେପୁଟୀ କଲେକ୍ଟର ପୁଅ- ଆଜି ନହେଲେ କାଲି ସରକାରୀ ଘର ମିଳିବ । ଦିନ କେତେଟା ପାଇଁ କାଇଁକି ସେସବୁ ଦାମୀ ଜିନିଷ ଗାଁକୁ ଆଣିବ ।" ଧାରବୋଉ କଥା ଶୁଣି ସମୁଦି କହିଥିଲେ, "ଆହେ ସମୁଦୁଣୀ ! ମୁଁ କ'ଣ ଗାଡ଼ି ଭଡ଼ାରେ ଆଣୁଛି କିଓ । ମୋର ତ ଚାରି ଚାରିଟା ଟ୍ରକ- ଦିଇ ଦିଇଟା କାର୍ । ମୋ ନିଜ ଗାଡ଼ିରେ ଜିନିଷ ଆସି ଥୁଆହେବ, ଦରକାର ପଡ଼ିଲେ ପୁଣି ଆସି ବୋହିନେବ । ଝିଅଟା ଗାଁକୁ ଖାଲି ଖାଲି ଆସିଲେ ତମ ସାଇପଡ଼ିଶା ଗାଁଲୋକ କ'ଣ କହିବେ ? ଯେତେହେଲେ ତମ ଘର ତ ଏ ଅଞ୍ଚଳର ପୁରୁଣା ଖାନଦାନୀ ଘର । ସମୁଦି ଯଦି ବଞ୍ଚିଥାନ୍ତେ, ସେ କ'ଣ ଏଇକଥା କହିଥାନ୍ତେ ?"

ସତକଥା, ତାଙ୍କ ଘରକୁ ବୋହୂ ଆସିବ, ପୁଣି ଖାଲି ହାତରେ । ଲୋକେ ଛି-

Digitized by PPRACHIN, SOA

ଛାକର କରିବେ । ସମୁଦି ଯାହା କହୁଛନ୍ତି, ସତ । ଧୀରବୋଉ ମୁଣ୍ଡ ହଲେଇ ରାଜି ହେଲେ । ପୁଅ ବାହାଘର ଭୁବନେଶ୍ୱରରେ ହେଲା । ଶଶୁର ଗାଡ଼ି କରି ଜିନିଷ ଆଉ କାରରେ ଝିଅକୁ ପଠାଇଥାନ୍ତି । ଗାଁଟାଯାକ ଲୋକ ବିଶ୍ୱାଳ ଘର ବୋହୂ କ'ଣ ଆଣୁଛି, କିମିତିଆ ସହରୀ ବୋହୂ, ଦେଖିବାକୁ ଗାଁ ଦାଣ୍ଡରେ ଭିଡ଼ କରିଥାନ୍ତି । ସାତ ଅହିଅ ମାଇପେ ହାତରେ ବନ୍ଦାପନା ଥାଳିଧରି ଦୁଆର ମୁହଁରେ ଅପେକ୍ଷା କରିଥାନ୍ତି । ଧୀରବୋଉ ପଥରଖୁଣ୍ଟିକୁ ଆଉଜି ପୁଅ-ବୋହୂ କେତେବେଳେ ଆସିବେ ବୋଲି କାନ ଡେରିଥିଲେ ସେଇ ଗାଡ଼ି ଶବ୍ଦକୁ । ସେଦିନ ନଈବନ୍ଧରୁ ଗାଡ଼ି ଗଡ଼ିବା ଶବ୍ଦ ଶୁଣୁଶୁଣୁ ଧୀରବୋଉ ଆନନ୍ଦରେ ଫାଟି ପଡୁଥିଲେ । ପାଟିକରି ସମସ୍ତଙ୍କୁ ଶୁଣେଇ କହୁଥିଲେ- "ଆଲୋ ସାରିମା, ମଙ୍ଗୁଳିଆ ବୋଉ, କୁଆଡ଼େ ଗଲ କିଲୋ, ବନ୍ଦାପନା ଥାଳି ଆଣ । ସାତ ମାଇପଙ୍କୁ ଡାକ ଲୋ- ବୋହୂ ମୋର ପହଞ୍ଚି କ'ଣ ଗାଡ଼ିରେ ବସି ରହିବ ? ଆଲୋ ହେ ବେଙ୍ଗ, ବରହମପୁରୀ ପାଟଶାଢ଼ୀ ଆଣି ଦୁଆରବନ୍ଧ ପାଖେ ଟାଣିକରି ଧର । ପୁଅ ବୋହୂ କ'ଣ ଘର ଭିତରକୁ ସେମିତି ଯିବେ ।" ସେଦିନ ତାଙ୍କ ଗୋଡ଼ ତଳେ ପଡୁ ନଥିଲା । ପୁରୁଣା ଜମିଦାର ବିଶ୍ୱାଳ ବଡ଼ଁଶକୁ ବୋହୂ ଆସୁଛି ।

ତାଙ୍କ ଘର ସାମ୍ନାରେ ଗାଡ଼ି ଲାଗିଥିଲା । କାର୍ ଭିତରୁ ପୁଅ-ବୋହୂ ବାହାରିଲେ । ଗାଁଟାଯାକର ମାଇପେ, ମରଦ, ପିଲା ଛୁଆ ଠିଆ ହୋଇଥାନ୍ତି । କାର୍ ପଛେପଛେ ଟ୍ରକରେ ଜିନିଷ ଆସିଥାଏ । କଣ୍ଟ୍ରାକ୍ଟର ସମୁଦିଙ୍କ ଲୋକମାନେ ଗାଡ଼ି ଉପରୁ ଗୋଟାକ ପରେ ଗୋଟେ ଜିନିଷ ଧୀରେ, କାଢୁଥାନ୍ତି । ଗାଁଲୋକେ କୌତୂହଳୀ ଆଖିରେ ଚାହିଁଥାନ୍ତି, ବୋହୂ କି ଜିନିଷ ଆଣିଛି ? ଏଣେ ବୋହୂ ବନ୍ଦାପନା ସାରି ଘର ଭିତରକୁ ପଶିଲାବେଳେ ଧୀରବୋଉ ଦୁଆର ମୁହଁ ପାଖରେ ବୋହୂ ହାତରେ ତାଙ୍କ ଶାଶୁ ଅମଳର ସେଇ ସୁନା ଖଡୁ ଦି'ପଟ ପିନ୍ଧାଇ ଦେଇଥିଲେ । ତାଙ୍କ ଶାଶୁ ତାଙ୍କୁ ଏଇ ନିଦା ସୁନାଖଡୁ ଦି'ପଟ ଏମିତି ପିନ୍ଧେଇ ଦେଇଥିଲେ, ସେ ଯେତେବେଳେ ଏଇ ଘରକୁ ବୋହୂ ହୋଇ ଆସିଥିଲେ । ହାତରେ ହୀରାବସା ସୁନା ଖଡୁ ଦି'ପଟ ପିନ୍ଧିଲାବେଳେ ବୋହୂ ଗାୟତ୍ରୀ ମୁହଁରେ ସଲଜ୍ଜ ଭାବ ଫୁଟି ଉଠୁଥିଲା ।

ବିଶ୍ୱାଳ ଘରେ ଆଠଦିନ କାଳ ବନ୍ଧୁବାନ୍ଧବଙ୍କର ସୁଅ ଛୁଟିଲା । ନୂଆବୋହୂ ଗାୟତ୍ରୀଙ୍କ ପ୍ରଶଂସା ସମସ୍ତଙ୍କ ମୁହଁରେ । ପାଠୋଇ ସହରୀ ବୋହୂ ହେଲେ କ'ଣ ହେଲା- ସମସ୍ତଙ୍କ ମନ ବୁଝୁଛି । ହସିକରି କଥା କହୁଛି । ଶାଶୁଙ୍କୁ କାମ କରେଇ ଦଉନି । ବୋହୂର ପ୍ରଶଂସା ଶୁଣି ଶାଶୁଙ୍କ ଗୋଡ଼ ତଳେ ପଡୁ ନଥାଏ । ସାଇପଡ଼ିଶାବାଲା କହିଲେ, ଯାହାହେଉ ଧୀର ଭାଗ୍ୟ । ବାପଛେଉଣ୍ଡ ପିଲା ଭାଗ୍ୟରେ ଏମିତି ବନ୍ଧୁ ମିଳେ । ଧୀରବୋଉ ତ ବୋହୂ ପାଇନି- ପାଇଛି ଗୋଟେ ଝିଅ । ଗାଁ ମାଇପେ କହନ୍ତି- "ଆଲୋ ବୋହୂ କ'ଣ ମ ? ବୋହୂ ତ ଧୀରବୋଉଙ୍କ ଜନମକଲା ଝିଅଠାରୁ ବଳି । ଗିରସ୍ତ ମଲେଣି ପନ୍ଦର ବର୍ଷ ହେଲା । ସେ ଦୁଃଖ କ'ଣ କମ୍ ? ହେଲେ ଏଣିକି ବୁଢ଼ୀ ବୋହୂ, ନାତି ନାତୁଣୀ ଦେଖି

Digitized by PPRACHIN, SOA

ଦୁଃଖ ଭୁଲିଯିବ । ଧୀରବୋଉ ସବୁ ଶୁଣନ୍ତି, କୁହନ୍ତି- "ହଉଲୋ ସାରିମା, ବେଙ୍ଗ ବୋଉ ତୁମ ତୁଣ୍ଡ ସୁତୁଣ୍ଡ ହେଉ- ବୋହୂ ମୋର ଅଇସୁଲକ୍ଷଣୀ ହୋଇଥାଉ । ମୋର ତ ବେଳକାଳ ସଇଲା । ଆଉ ଦିନ କେତେଟା, ତାଙ୍କରି ଆଗରେ କଟିଗଲେ ଗଲା ।"

ଷୋଳମଙ୍ଗଳା ପର୍ଯ୍ୟନ୍ତ ଗାଁରେ ରହିଲା ପରେ ସମୁଦି ଖବର ଦେଲେ ବୋହୂକୁ ନେଇଯିବା ପାଇଁ । ପୁଅର ଛୁଟି ବି ପୂରିଗଲା । ସରକାରୀ ଚାକିରି । ଭୁବନେଶ୍ୱରରୁ ଗାଡ଼ି ଆସି ପହଞ୍ଚିଲା । ଧୀରବୋଉ ବୋହୂ ଗାୟତ୍ରୀକୁ ବିଦାକଲେ । ଧୀର ବି ସାଙ୍ଗରେ ଗଲା । ଗଲାବେଳେ ଧୀରବୋଉ ଲୁହ ସମ୍ଭାଳି ପାରି ନଥିଲେ । ଗାୟତ୍ରୀକୁ କୁଣ୍ଢେଇ ଧରି କାନ୍ଦିକାନ୍ଦି ତାକୁ ଗାଡ଼ିରେ ବସେଇଲାବେଳେ କହିଥିଲେ, "ମା, ଜଲ୍‌ଦି ଆସିବୁ- ମୁଁ ବୁଢ଼ୀ ହେଲିଣି । ତୁମମାନଙ୍କ ପାଇଁ ବଞ୍ଚିରହିଛି । ବେଶୀଦିନ ଗାଁରେ ନରହ ପଛେ, ଦିନ ଦିଇଟା କି ଚାରିଟା ପାଇଁ ଆସିଗଲେ ମୋ ମନ ଖୁସି ।" ଲୁହଭରା ଆଖିରେ ଗାୟତ୍ରୀ ଧୀରବୋଉଙ୍କ ପାଦଧୂଳି ମୁଣ୍ଡରେ ମାରି ଗାଡ଼ିରେ ବସିଲେ ।

ସେଇଦିନର ଗାୟତ୍ରୀ ମୁହଁ ତାଙ୍କ ଆଖିରେ ନାଚି ଉଠିଲାବେଳେ ପୁଣି ତାଙ୍କ ଶୁଖିଲା ପାଉଁଶିଆ ମୁହଁ ଉପରେ ଦି'ଧାର ଲୁହ ଗଡ଼ି ଆସିଲା । ସେ ପଥରଖୁଣ୍ଟିକୁ ଆଉଜି ଲଥକିନା ବସିପଡ଼ିଲେ । ଛାଇଲେଉଟାଣି ଗାଈଆଳ ପିଲା କେତେଟା ଗାଈପଲଙ୍କୁ ଧରି କିଆ ଗୋହିରୀ ଆଡୁ ଗାଁ ଭିତରକୁ ପଶୁଥାନ୍ତି । ଧୀରବୋଉ ସେମିତି ସେଇ ଗୋହିରୀ ମୁଣ୍ଡଆଡ଼କୁ ଚାହିଁଥାନ୍ତି । ଗାଡ଼ିର ଯିବା ଶବ୍ଦ କେତେବେଳୁ ଆଉ ଶୁଭୁ ନଥାଏ । ବୋଧେ ନଈବନ୍ଧ ପାର ହୋଇ ପିଚୁ ସଡ଼କ ଧରିବଣି । ପଥରଖୁଣ୍ଟିକୁ ଆଉଜି ଧୀରବୋଉ ଏଇମାସ କେତେଟାର ପଛକଥାକୁ ଭାବୁଥିଲେ । ଧୀର, ଗାୟତ୍ରୀ ଷୋଳମଙ୍ଗଳା ସାରି ଭୁବନେଶ୍ୱର ଗଲେ । ସେଇଠୁ ଧୀର ଗଲା କୋରାପୁଟ- ବି.ଡି.ଓ. ହୋଇ । ଅଳ୍ପ କେତେଦିନ ପରେ ଗାୟତ୍ରୀ ତାଙ୍କ ବାପା ସାଙ୍ଗରେ ଯାଇ ଧୀର ପାଖେ ରହିଲେ, ବି.ଡ଼ି.ଓ.ଙ୍କ ସରକାରୀ କ୍ୱାଟରରେ । ରହିଲାର ଅଳ୍ପଦିନ ପରେ ଗାୟତ୍ରୀ ଚିଠି ଦେଇଥିଲା ଧୀରବୋଉଙ୍କ ପାଖକୁ । ଲେଖିଥିଲା, "ବୋଉ, ବ୍ୟସ୍ତ ହେବନି । କୋରାପୁଟ ଆସିବା ଆଗରୁ, ଗାଁ ଆଡ଼େ ଯାଇ ପାରିଲିନି । ବହୁତ ଇଚ୍ଛା ଥିଲା, ଅଇଲାବେଳେ ତୁମକୁ ଦେଖି ଆସିବାକୁ । ଆମେ ଏଠି ଭଲ ଅଛୁ । ରଜକୁ ଗାଁକୁ ଯିବି ।"

ଝିଆରୀ ବେଙ୍ଗ ଚିଠି ପଢ଼ି ଶୁଣାଇଲାବେଳେ କହିଥିଲା, "ବୁଝିଲ ବଡ଼ମା, ନୂଆବୋଉ ଆମର ଲକ୍ଷେକେ ଗୋଟେ । ଦେଖୁନ ପହଞ୍ଚୁ ପହଞ୍ଚୁ ତୁମ ପାଖକୁ କିମିତି ଚିଠି ଦେଇଛନ୍ତି, କେତେ କଥା ଲେଖିଛନ୍ତି । ସତରେ ବଡ଼ମା, ଆଜିକାଲି ଯୁଗରେ ଏମିତି ବୋହୂଟେ ପାଇବା କଷ୍ଟ । ଚିଠିରୁ ସେମାନଙ୍କ ଖବର ଶୁଣି ସେ ମୁଣ୍ଡ ଉପରକୁ ହାତ ଉଠାଇ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ସେମାନଙ୍କ ମଙ୍ଗଳ କାମନା କରିଥିଲେ । ଆନନ୍ଦରେ ତାଙ୍କର ଆଖି କଣରୁ ପାଣିଧାରେ ଗଡ଼ି ଆସିଲାବେଳେ କହିଲେ, "ଆଲୋ ବେଙ୍ଗ- ତୋ ନୂଆବୋଉ ପାଖକୁ ଭାଷା ଖଣ୍ଡେ ଲେଖିଲୁ । ଲେଖେ- ମୋତେ ନଦେଖି ବାପଘରୁ, ବାପ

Digitized by PPRACHIN, SOA

ଗାଡ଼ିରେ ବସି ପଳେଇଗଲ । ହଉ- ଭଲ କଲ । ପୁଅଟା ଏକୁଟିଆ ସେ ଜଙ୍ଗଲ ରାଇଜରେ କ'ଣ ହଟହଟା ହୋଇଥାନ୍ତା ? ଯାଉ ଯେ ଲେଖେ ତାକୁ, ଯେମିତି ହେଲେ ରଜ ଆଠଦିନ ଥିବ ଆସି ଗାଁରେ ପହଞ୍ଚିବ ।'' ମୁଣ୍ଡ ଟୁଙ୍ଗାରି ବେଙ୍ଗ ଭାଷା ଲେଖିଦେଲା ।

ଧୀରବୋଉ ଦେଇଥିବା ଭାଷାର ଉତ୍ତର ବୋହୂ ପାଖରୁ ପାଇ ନଥିଲେ । ପୁଅ ଦି'ମାସ ପରେ ଭାଷାଦେଇ ଜଣାଇଥିଲା ଯେ, ଗାୟତ୍ରୀ କୋରାପୁଟ ଛାଡ଼ି ପଳେଇ ଆସିଲା ଭୁବନେଶ୍ୱର । ରହୁଛି ବାପଘରେ । ଧୀର ଲେଖିଥିଲା - ''ସେ ବହୁତ କଥା । ଗଲେ କହିବି ।'' ଧୀରବୋଉ ଭାଷା ପାଇ ଆଚମ୍ବିତ ହେଲେ । ବୋହୁ ଆସି ଭୁବନେଶ୍ୱରରେ ରହିଲାଣି, ତାଙ୍କ ପାଖକୁ ଖବର ନାହିଁ । କ'ଣ ଘଟଣା ? ଏତେ ଆଗ୍ରହରେ ଯାଇଥିଲା, ମାସ ଗ୍ୱରିଟା ପୁଅ ପାଖେ ନରହି, ପୁଣି ଫେରିଲା ବାପ ଘରକୁ । ପୁଅ ଲେଖିଛି, ''ସେ ପୁଣି ବହୁତ କଥା ।'' ହଁ, ହେଲା ଏବେ ଗିରସ୍ତ ଭାରିଯାଙ୍କ ଭିତରେ ମାନ ଅଭିମାନ ହୁଏ, କିନ୍ତୁ ସେମାନଙ୍କର ଏ ବୟସରେ କ'ଣ ମାନ ଅଭିମାନ ଦିନେ ଦି'ଦିନରୁ ଅଧିକା ରହିବା କଥା ? ତେବେ କାହିଁକି ଗାୟତ୍ରୀ ତାଙ୍କ ବାପ ଘରକୁ ଆସି ତାଙ୍କୁ ଖବର ଦେଇନି ?

ଖବର ପାଇ ସେ ଲୋକ ପଠାଇଲେ ଭୁବନେଶ୍ୱରରେ ବୋହୂ ଘରକୁ । ଲେଖିଥିଲେ ଭାଷା ପାଇ ଗାଁକୁ ତାଙ୍କ ପାଖକୁ ଆସିବା ପାଇଁ, ମାତ୍ର ଲୋକ ଫେରିଲା ଅଲଗା ଖବର ନେଇ । ଗାୟତ୍ରୀ ମନା କରିଦେଲା ଯେ ସେ ତାଙ୍କ ଘରକୁ ଆସିବନି । ଧୀର ଯେତେଦିନ ପର୍ଯ୍ୟନ୍ତ ସେଇ ମାଇକିନିଆ ପିଛା ନ ଛାଡ଼ିଛନ୍ତି, ତାଙ୍କ ସହିତ ଗାୟତ୍ରୀ କିଛି ସମ୍ପର୍କ ରଖିବନି । ଧୀରବୋଉ ଏ ଖବର ଶୁଣି ମୁଣ୍ଡରେ ହାତ ଦେଇ ବସିଲେ । ଧୀର ପୁଣି ଆଉ ଗୋଟେ ମାଇକିନିଆ ରଖିଛି- ସେ ପୁଣି କିଏ ? ପୁଅ ପଛେ ପଛେ ବୋହୁ ଯାଇଛି । ଅଜବ କଥା । ଧୀର ଚହଲା ପାଣିରେ ଗୋଡ଼ ପୂରାଇବା ପିଲା ନୁହଁ । ତା'ଛଡ଼ା ଏଇ ମାସ କେତେଟା ହୋଇନି ବି.ଡି.ଓ. ହୋଇ ଯାଇଛି କୋରାପୁଟ ରାଇଜକୁ ।

ଧୀରବୋଉଙ୍କ ମୁଣ୍ଡରେ ବିଛା କାମୁଡ଼ିଲା । ତା ପରଦିନ ଡାକଘରକୁ ଲୋକ ପଠେଇ ଧୀର ପାଖକୁ ଟେଲିଗ୍ରାମ ପଠାଇଲେ- ''ବସିଲାଠାରୁ ଉଠି ଆସିବୁ- ନହେଲେ ତୋ ବୋଉକୁ ଆଉ ଦେଖିବୁନି ।'' ତାର ପଠାଇଲା ପରେ ମଧ୍ୟ ତାଙ୍କ ମନରେ ଶାନ୍ତି ନଥାଏ କି ପାଟିକୁ ଭାତଗୁଣ୍ଡା ଯାଉ ନଥାଏ । ବାହାଘର ମାସ କେତେଟାରେ ପୁଣି ଏପରି ଅଘଟଣ । କି ଯୁଗ ହେଲା କେଜାଣି ! କଥା କଥାକେ କଳି, ଘର ଛାଡ଼ି ଭୁଆସୁଣୀ ବୋହୂ ବାପ ଘରକୁ ପଳେଇ ଆସୁଛି । ଶାଶୁ ଶଶୁରଙ୍କୁ ଭୁଲିଯାଉଛି । ତାଙ୍କର ମନେପଡ଼େ, ସେ ଯେତେବେଳେ ନୂଆ ହୋଇ ଏ ଘରକୁ ବୋହୂ ହୋଇ ଆସିଲା, ତାଙ୍କ ଶାଶୁ, ସେତେବେଳେର ଜମିଦାରିଣୀଙ୍କ ହାକିମ୍ କଥା । କଥା କଥାକେ ପାଟିରେ ଲଗାମ ଲାଗୁ ନଥିଲା । ମୁଣ୍ଡରେ ହାତେ ଲମ୍ବରେ ଓଢ଼ଣା ନଦେଇ ବାହାରିଲେ, ବାପ, ଅଜା ଚଉଦ ପୁରୁଷ ଉଝାଳୁଥିଲେ । ଦିନଟାଯାକ ଖଟିଖଟି, ରାତି ନହେଲେ ଗିରସ୍ତ-ଭାରିଯାଙ୍କ ଦେଖା ହୁଏନି କି କଥା ହୁଏନି । ଏବେ, ଆଜି ବାହାହୋଇ କାଲି ସକାଳୁ ଗିରସ୍ତକୁ ଧରି ବାହାରକୁ ବାହାରିଲେ । ଓଢ଼ଣା

Digitized by PPRACHIN, SOA

କଥା ତ ଛାଡ଼, ଦେହର ଲୁଗାପଟାକୁ ଦେଖିଲେ ଲାଜରେ ମୁଣ୍ଡ ନଇଁପଡ଼ିବ । ମନ କଥାକୁ ମନରେରଖି, ପୁଅ ବାଟକୁ ଗ୍ରହିଁ ବସିଥିଲେ ଧୀରବୋଉ ।

ତାର ଖବର ପାଇ ଧୀର କୋରାପୁଟରୁ ଗାଁକୁ ଆଠ ଦିନ ଛୁଟିନେଇ ଆସିଲା । ଘରେ ଗୋଡ଼ ଦେଉ ନଦେଉଁ ଧୀରବୋଉଙ୍କ ମୁଣ୍ଡପିଟା କାନ୍ଦଣା ତାଙ୍କ କାନରେ ବାଜିଲା । ଅଳ୍ପେ ବହୁତେ ସେ ବୁଝି ଯାଇଥିଲେ କ'ଣ ପାଇଁ ବୋଉ ତାଙ୍କୁ ତାର କରି ଡକେଇଛି ।

ଧୀରଠାରୁ ସେ ଶୁଣିଲେ, ତାଙ୍କ ବ୍ଲକର ଆଇ.ସି.ଆର୍. ସୁପର ଭାଇଜର ମିସ୍ ନମିତା ପଣ୍ଡା ତାଙ୍କ କ୍ଲାସମେଟ୍ । ସାଙ୍ଗ ହୋଇ ସେମାନେ ବାଣୀବିହାରରେ ପାଠ ପଢୁଥିଲେ । ସେ ଓ.ଏ.ଏସ୍. ପାଇ ଡେପୁଟୀ କଲେକ୍ଟର ହେଲେ, ନମିତା ସୁପରଭାଇଜର ହୋଇ କୋରାପୁଟରେ ଜଏନ କଲେ । ବ୍ଲକ ଅଫିସରେ ତାଙ୍କ ସହ ଦେଖା ହେଲା । ସହପାଠିନୀ ହିସାବରେ ତାଙ୍କର ବନ୍ଧୁତ୍ୱ । ବ୍ଲକ କାମରେ ଗଲାବେଳେ ଦି'ଜଣ ସାଙ୍ଗ ହୋଇ ଗୋଟିଏ ଗାଡ଼ିରେ ଯାଆନ୍ତି-ଫେରନ୍ତି । କେଉଁଦିନ ଦିନରେ ତ କେଉଁଦିନ ରାତିରେ । ସେମାନଙ୍କ ଏପରି ମିଳାମିଶା ଗାୟତ୍ରୀ ମନରେ ସନ୍ଦେହ ସୃଷ୍ଟି କରିଥିଲା । ଧୀର ବହୁଥର ଗାୟତ୍ରୀଙ୍କୁ ବୁଝାଇବାକୁ ଚେଷ୍ଟା କଲେ, ମାତ୍ର ସେ କିଛି ଶୁଣିବାକୁ ନାରାଜ । ସେ ଯେଉଁଦିନ କୋରାପୁଟ ଛାଡ଼ିଲେ, ତା'ର ପୂର୍ବଦିନ କୋରାପୁଟଠାରୁ ତିରିଶ କିଲୋମିଟର ଆଦିବାସୀ ଗାଁରେ ବ୍ଲକ ତରଫରୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟକ୍ରମ ଥିଲା । ମନ୍ତ୍ରୀ ଯାଇଥିଲେ । ନମିତା, ବ୍ଲକ ତରଫରୁ ସେସବୁର ଆୟୋଜନ କରିଥିଲେ । ବି.ଡି.ଓ. ହିସାବରେ ସେ ମଧ୍ୟ ସେଇ ମିଟିଂକୁ ଯାଇଥିଲେ । ଫେରିଲା ବେଳକୁ ଅଧିକ ରାତି ହୋଇଯାଇଥିଲା । ନମିତାକୁ ସେ ସାଙ୍ଗରେ ଧରି ଫେରିଥିଲେ । ଏକଥା ଗାୟତ୍ରୀ ଜାଣିଲେ ଏବଂ ତାଙ୍କର ସନ୍ଦେହ ବହୁଗୁଣରେ ବଢ଼ିଯାଇଥିଲା- ଧୀର ଆଉ ନମିତାଙ୍କୁ କେନ୍ଦ୍ର କରି । ତା ପରଦିନ ସେ କୋରାପୁଟ ଛାଡ଼ି ଧୀରକୁ ନକହି ପଳେଇ ଆସିଲେ ଭୁବନେଶ୍ୱର ।

ତାଙ୍କ ପଛେପଛେ ଧୀର ମଧ୍ୟ ଆସିଥିଲା । ଶଶୁରଙ୍କ ଘରେ ଗାୟତ୍ରୀଙ୍କୁ ବୁଝାଇବାକୁ ଚେଷ୍ଟାକଲା । କେବଳ ଗାୟତ୍ରୀ ନୁହଁ, ଗାୟତ୍ରୀଙ୍କ ମା' ମଧ୍ୟ ଧୀର ନମିତାଙ୍କ ସହିତ ସମ୍ପର୍କ ଉପରେ କୁତ୍ସିତ ଟିପ୍ପଣୀ ମାନ ଦେବାକୁ ପଛେଇ ନଥିଲେ । ଝିଅକୁ ପାଖରେ ବସେଇ ଧୀର ମୁହଁ ଉପରେ ଶାଶୁ କହିଥିଲେ- ସେ ନଷ୍ଟ ଚରିତ୍ରର ପିଲା, ସେପରି ଲୋକଙ୍କ ସଙ୍ଗେ ତାଙ୍କ ଝିଅ ଗାୟତ୍ରୀର ସମ୍ପର୍କ କେବେହେଲେ ରହି ନପାରେ । ଧୀର ବୁଝାଇବାକୁ ଚେଷ୍ଟା କରିଥିଲା, ହୁଏତ ଗାୟତ୍ରୀ ବୁଝି ଯାଇଥା'ନ୍ତା । ମାତ୍ର, ତାଙ୍କ ମା' ଝିଅ ପାଖେ ପାଖେ ରହି ସୂତାରୁ ଖିଅ ବାହାର କରିବାରେ ଲାଗିପଡ଼ିଲେ । ମା' ମୁହଁ ଉପରେ ଝିଅ କିଛି କହିପାରି ନଥିଲା । ଭୁବନେଶ୍ୱରରୁ କୋରାପୁଟ ଫେରିଲା ବେଳେ ଧୀର ଗାଁକୁ ଆସିନଥିଲା କି ବୋଉଙ୍କ ସଙ୍ଗେ ଦେଖା କରି ନଥିଲା ।

ଧୀର ଭୁବନେଶ୍ୱର ଆସି ବୋହୂକୁ ବୁଝାଇବା କଥା ସେ ଶୁଣିଥିଲେ । ଭାବିଥିଲେ

Digitized by PPRACHIN, SOA

ପିଲାମାନଙ୍କ ମନରେ ଏମିତି ମାନ ଅଭିମାନ ହୁଏ, ଦିନ କେତେଟାରେ ସେ ପୁଣି ପାଣି ଫୋଟକା ପରି ମିଳେଇ ଯାଏ । ବାହାଘରଟା ତ ପିଲାଙ୍କ ଖେଳ ନୁହେଁ ଯେ କଥାକଥାକେ କଟିଯିବ ପୁଣି ଯୋଡ଼ି ହୋଇଯିବ । ନିଜ ମନକୁ ନିଜେ ବୁଝେଇ ଦେଉଥିଲେ । ଧୀର ବି ଏ ବିଷୟରେ ଆଉ କିଛି ଲେଖି ଭାଷା ଦେଇନଥିଲା ।

ହଠାତ୍ ସକାଳୁ ସକାଳୁ ବୋହୂ ଗାୟତ୍ରୀ, ସାଙ୍ଗରେ ଗାଡ଼ି, ପୁଲିସ ଆଉ ଅନ୍ୟମାନଙ୍କୁ ଦେଖି ସେ କିଛି ବୁଝିପାରି ନଥିଲେ । ଏତେଦିନ ପରେ ବୋହୂ ଘରକୁ ଆସିଛି ଦେଖି ତାଙ୍କ ମନ ଯେତିକି ଖୁସି ହେଲା, ତାଙ୍କ ସାଙ୍ଗରେ ଅନ୍ୟମାନଙ୍କୁ ଦେଖି ମନରେ ସନ୍ଦେହର ବୁଢ଼ିଆଣୀ ଜାଲ ବୁଣି ହୋଇଗଲା । ସାଙ୍ଗରେ ଏମାନେ ସବୁ କିଏ ? ଦୁଆର ମୁହଁରୁ ବୋହୂକୁ ଦେଖି, ଧୀରବୋଉଙ୍କ ମନରେ କୋହ ଉଠିଥିଲା ତାଙ୍କ ଆଖିରେ ଲୁହ ଭରି ଯାଇଥିଲା । ପୁଅ ଉପରେ ଗାୟତ୍ରୀ ସିନା ଅଭିମାନ କରି ପଳେଇ ଆସିଥିଲା- ସେ କ'ଣ ମରିଯାଇଥିଲେ ? ଏତେଦିନ ହେଲା ତାଙ୍କ କଥା ତାର ମନେ ପଡୁ ନଥିଲା ? ବାପର ଏତେ ଗାଡ଼ି ମଟର, ଦିନେ ତାର ମନ ହେଲାନି, ବୁଢ଼ୀ ଶାଶୁଟା, ପାଚିଲା ଆମ୍ବ ପରି କାଳର ଗଛ ଡାଳରେ ଝୁଲୁଛି, କେତେବେଳେ ଖସିପଡ଼ିବ, ତାକୁ ଟିକିଏ ଦେଖି ଆସିବୁ ।

ଅଭିମାନରେ ଧୀରବୋଉ ଭିତର ବାରଣ୍ଡାରେ ଠିଆ ହୋଇଥିଲେ । ବୋହୂ ଗାୟତ୍ରୀଠାରୁ ଦି'ପଦ କଥା ଶୁଣିବେ ବୋଲି, ମାତ୍ର ତାଙ୍କ ଅଭିମାନକୁ ଭାଙ୍ଗି ସାଙ୍ଗରେ ଆସିଥିବା ପୁଲିସ, ଆଉ ପାରିବାରିକ ପରାମର୍ଶଦାତା ମହିଳା ସଭ୍ୟ ଶ୍ରୀମତୀ ଦାସ କହିଲେ, "ମାଉସୀ, ଗାୟତ୍ରୀ ଆସିଛି ସେ ଆଣିଥିବା ଯୌତୁକ ଜିନିଷ ଫେରେଇ ନବାକୁ । ତୁମ ପୁଅ ନାଁରେ ସେ କୋର୍ଟରେ ୪୯୮ (କ) ଦଫାରେ ମକଦ୍ଦମା କରିଛି । ସେଥିଲାଗି ପୁଲିସ ମଧ୍ୟ ଆସିଛନ୍ତି, ଆପଣ ତାଙ୍କ ଯୌତୁକ ଜିନିଷ ଫେରେଇ ଦିଅନ୍ତୁ ।" ଧୀରବୋଉ କିଛି ବୁଝି ପାରିଲେନି । ସେ ପୁଣିଥରେ ମହିଳା ପରାମର୍ଶଦାତାଙ୍କ ଆଡ଼େ ଚାହିଁ, ଆଖି ବୁଲେଇ ନେଇ ଗାୟତ୍ରୀ ଆଡ଼େ ଚାହିଁଲେ । ଗାୟତ୍ରୀ ଆଖି ସାଙ୍ଗରେ ତାଙ୍କ ଆଖି ମିଶିବା ପୂର୍ବରୁ ସେ ମୁହଁ ଫେରାଇ ନେଲେ । ଗାୟତ୍ରୀର ବ୍ୟବହାରରୁ ସେ ବୁଝିଗଲେ । ଫେରି ଚାହିଁଲେ ମିସେସ୍ ଦାସଙ୍କ ଆଡ଼େ । କୋହଭରା କଣ୍ଠରେ କହିଲେ, "ମା, ମୁଁ ତ ଯୌତୁକ କିଛି ମାଗି ନଥିଲି । ତା ବାପ ମୋ ସାଇପଡ଼ିଶାଙ୍କୁ ଦେଖାଇବା ପାଇଁ ଗାଡ଼ି କରି ଯୌତୁକ ବୋଲି କହୁଥିବା ଜିନିଷଗୁଡ଼ିକୁ ଏଗାଁକୁ ପଠାଇଥିଲେ, ନିଜେ ବାହାବା ନବାକୁ । ମୋର ସେ ଜିନିଷର କିଛି ଦରକାର ନଥିଲା, କି କେବେ ଦରକାରରେ ଆସିବନି । ଏଇଥିପାଇଁ ମା ଏତେ ଲୋକ ଆସିଛ କାହିଁକି ? ବୋହୂ ଆଣିଥିବା ଜିନିଷ ଖୋଜିକରି ସେ ନେଇଯିବ ।" ତାଙ୍କ ପାଟିରୁ କଥା ସରୁ ନସରୁଣୁ, ଗାୟତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ସାଙ୍ଗରେ ଆସିଥିବା ମୂଲିଆମାନେ ଘରେ ପଶି ସବୁ ଜିନିଷ ଗାଡ଼ିରେ ନଦିବା ଆରମ୍ଭ କରିଦେଲେ । ବିଶ୍ୱାଳ ଘରେ କ'ଣ ହେଉଛି ବୋଲି ଗାଁଟାଯାକର ଲୋକ ତାଙ୍କ ଦାଣ୍ଡ ଆଗରେ ଜମି ଯାଇଥାନ୍ତି । ଗୋଟିକ ପରେ ଗୋଟିଏ ଜିନିଷ ବର୍ଷକ ତଳେ ଯେମିତି ଘରେ ପଶିଥିଲା, ସେମିତି ବାହାରକୁ ବାହାରିଗଲା ।

Digitized by PPRACHIN, SOA

ଶେଷକୁ ଗାୟତ୍ରୀଙ୍କ ନିର୍ଦ୍ଦେଶରେ ଠାକୁରଘରୁ ପୁରୁଣା କମକୁଟା ତମ୍ବାଥାଳି ପଟକ ବାହାରିଲା । ସେ ପର୍ଯ୍ୟନ୍ତ ଧାରବୋଉ କିଛି କହି ନଥିଲେ । ମାତ୍ର ତାଙ୍କ ପୁରୁଷ ପୁରୁଷର ଠାକୁରଙ୍କ ମାଣବସା ଥାଳି ନେଲାବେଳେ ଧାରବୋଉ କହିଲେ, "ସେ ମାଣବସା ଥାଳି, ମା କେଉଁଯୁଗର । ତାକୁ ତ ବୋହୂ ଆଣି ନଥିଲା । ସେ ଥାଳିକୁ ନଉଚ କୁଆଡ଼େ ? ମୁହଁ ବୁଲାଇ ଗାୟତ୍ରୀ କହିଲା, "ମୁଁ ଆଣିଥିବା ଷ୍ଟିଲ ଥାଳିର ଦୁଇଖଣ୍ଡ ମିଳୁନି- ତା ପରିବର୍ତ୍ତେ ମୁଁ ଏଇ ଥାଳି ନେବି ।" ବୋହୂ ପାଟିରୁ ଏତକ ଶୁଣି ଧାରବୋଉ ଆଖିରୁ ଠକ୍ ଠକ୍ ଲୁହ ଦି'ଟୋପା ଗଡ଼ି ତାଙ୍କ ପାଟି ବନ୍ଦ ହୋଇଯାଇଥିଲା । ପରାମର୍ଶଦାତା ସଦସ୍ୟା ମିସେସ୍ ଦାସ କହିଲେ "ଆପଣ ବୋହୂକୁ ଦେଇଥିବା ଜିନିଷ ମଧ୍ୟ ବୋହୂ ଫେରେଇ ଦେବେ ।

କଥା ପଦକ ଶୁଣୁଶୁଣୁ ଗାୟତ୍ରୀ ଚମକି ପଡ଼ି ନିଜ ହାତକୁ ଗ୍ରହିଁଲେ । ସେ ବୋହୁ ହୋଇ ଏଘରେ ପାଦ ଦେଲା ଦିନ ତାଙ୍କ ଶାଶୁ ଏଇ ଦୁଇପଟ ପୁରୁଣା ହୀରାବସା ଖଡ଼ୁ ତାଙ୍କ ହାତରେ ପିନ୍ଧାଇ ଦେଇଥିଲେ । ବିଶ୍ୱାଳ ବଂଶର ପାରମ୍ପରିକ ରୀତିରେ ଏଇ ଖଡ଼ୁ ଦି'ପଟ ସବୁବେଳେ କୁଆଡ଼େ ଶାଶୁଠାରୁ ବୋହୂ ପୁଣି ବୋହୂ ଶାଶୁ ହେଲେ ତାଙ୍କ ବୋହୂ ହାତକୁ ଯାଉଥିଲା । କେଜାଣି କେତେ ଯୁଗର ପରମ୍ପରା । ଗାୟତ୍ରୀ ନିଜ ହାତର ଖଡ଼ୁ ଦି'ପଟକୁ ଗ୍ରହିଁଲେ । ତାଙ୍କ ଆଗରେ ଭାସିଉଠିଥିଲା ସେଇ ଦିନର ଘଟଣା । କେତେ ହସଖୁସି, ଥଟ୍ଟା ତାମସା ଭିତରେ ତାଙ୍କ ଶାଶୁ ଏ ଖଡ଼ୁ ଦି'ପଟ ତାଙ୍କ ହାତରେ ପିନ୍ଧେଇ ଦେଇ ନଥିଲେ ।

ମହିଳା ପରାମର୍ଶଦାତା କହୁଥିଲେ, "ଗାୟତ୍ରୀ ଦେବୀ, ଆପଣ ଯଦି କିଛି ଜିନିଷ ଫେରାଇବାକୁ ଅଛି ଫେରାଇ ଦିଅନ୍ତୁ ।" ଗାୟତ୍ରୀ ହାତକୁ ଗ୍ରହିଁଲେ । ହୀରାବସା ଖଡ଼ୁ ତା ହାତରେ ଚକ୍ ଚକ୍ କରୁଛି । ସେ ବାଁ ହାତରୁ ଖଡ଼ୁ ପଟକ ଓହ୍ଲାଇବାକୁ ଉଦ୍ୟତ ହେଲେ । ହଠାତ୍ ଧାରବୋଉ ଘର ଭିତରୁ ବାହାରିପଡ଼ି କହିଲେ- "ଏ କ'ଣ କରୁଛୁ ମା ? ଏ ବଂଶର ବଡ଼ବୋହୂ ତୁ ? ଧାର ମୋର ବଞ୍ଚିଛି- ଏବେବି ତୁ ବିଶ୍ୱାଳ ବଂଶର ବଡ଼ବୋହୂ। ତୁ ହାତରୁ ଖଡ଼ୁ ଓହ୍ଲାଉଛୁ ? ନାଇଁ ମା । ତୋ ହାତରେ ସେ ଖଡ଼ୁ ସେମିତି ଝଟକୁ ଥାଉ । ମୁଁ ବଞ୍ଚି ଥାଉଥାଉ, ବିଶ୍ୱାଳ ବଂଶର ବଡ଼ବୋହୂ ହାତରୁ ଖଡ଼ୁ କାଢ଼ି ଦେବ । ତୁ ଯେଉଁଦିନ ତୋ ବୋହୂ ଆଣିବୁ, ସେଇଦିନ ମା ଏ ଖଡ଼ୁ ଓହ୍ଲେଇ ତା ହାତରେ ପିନ୍ଧେଇଦେବୁ ।" ଏତକ କହିଲାବେଳେ ସେ ନିଜକୁ ସମ୍ଭାଳି ପାରି ନଥିଲେ । ନିଜ ମନର କୋହ ଆଉ ଧାରାଶ୍ରାବଣର ଅମାନିଆ ଜଳଧାରା ପରି ଗଡ଼ିଆସୁଥିବା ଆଖିଲୁହକୁ ସମ୍ଭାଳି ନେବାକୁ ଯାଇ ସେ ଘର ଭିତରକୁ ପଶିଯାଇ କବାଟ ଆଉଜାଇ ଦେଇ ଘର କଣରେ କଇଁକଇଁ ହୋଇ କାନ୍ଦିଉଠିଥିଲେ । ସେଇ ଘରକଣ ତାଙ୍କ ଆଖିର ଲୁହକୁ ଅନେକ ସମୟ ଦେଖିଛି- ଏବେ ବି ଦେଖୁ ।

ଦାଣ୍ଡ ଦୁଆରୁ ବୋଝେଇ ଗାଡ଼ି ଗ୍ଭଲି ଯାଉଥିଲା- ଗ୍ଭଲିଯାଉଥିଲା ଗାୟତ୍ରୀ... ବିଶ୍ୱାଳ ବଂଶର ବଡ଼ ବୋହୂ। ଘର ଭିତରୁ ଥାଇ ଧାରବୋଉ ଶୁଣୁଥିଲେ ଗାଡ଼ିଶବ୍ଦ ଆସ୍ତେ

Digitized by PPRACHIN, SOA

ଆଁସ୍ତେ ଦୂରେଇ ଯାଉଛି । ସେ କବାଟ ଫାଙ୍କରୁ ଦେଖିଲେ, ତାଙ୍କ ଦୁଆର ମୁହଁରେ ଠିଆ ହୋଇଥିବା ସାଇପଡ଼ିଶାବାଲା ବି ଗ୍ଲିଯାଉଛନ୍ତି । କବାଟ ଖୋଲି ବାହାରକୁ ଆସିଲେ । ବନ୍ଧ ଉପରକୁ ଉଠୁଥିବା ଗାଡ଼ି ଶବ୍ଦ ଶୁଣାଯାଉଥିଲା । ସେ ପଥରଖୁଣ୍ଟିକୁ ଆଉଜି ବସିପଡ଼ିଥିଲେ । ସ୍ୱାମୀ ସେ ପାରିକୁ ଯେଉଁଦିନ ଗ୍ଲିଗଲେ, ସେଦିନ ସେ ଭାଙ୍ଗି ପଡ଼ିଥିଲେ, ମାତ୍ର ତାଙ୍କ ହୃଦୟ ଚୂର୍‌ମାର ହୋଇଯାଇ ନଥିଲା । ଯାହାକୁ ଆଖି ଆଗରେ ରଖି ସେ ବିଶ୍ୱାଳ ବଂଶର ଗାରିମାକୁ ଧରିବସିଥିଲେ, ତାଙ୍କରି ଆଗରେ ସେ ପରମ୍ପରା ଧୂଳିସାତ୍ ହୋଇଗଲା । ଆଖି ତାଙ୍କର ବୁଜି ହୋଇ ଆସୁଥିଲା- ସେ ଯେମିତି ଦେଖୁଥିଲେ ତାଙ୍କୁ ସେ ପୁରରୁ ବିଶ୍ୱାଳ ବୁଢ଼ା ଡାକୁଛନ୍ତି- "ଆଉ ଡେରି କରନି ଧାରବୋଉ- ପଳେଇ ଆ । କ'ଣ ପାଇଁ ବସିଛୁ ? କାହା ପାଇଁ କ'ଣ କରିବୁ ? ନିର୍ଲଜ ମୁହକୁ ୨ ଉଁ ସାଇପଡ଼ିଶାଙ୍କୁ ଦେଖେଇବୁ ?" କେତେ ଭାବନା ତାଙ୍କ ମନ ଭିତରେ ଉଙ୍କି ମାରିଗଲା ।

ଅର୍ଦ୍ଧଚେତନ ଅବସ୍ଥାରେ ସେ ଭାବୁଥିଲେ । ତାରି ଭିତରେ ସେ ଶୁଣିଥିଲେ ପୁଣି ସେଇ ଗାଡ଼ିର ଶବ୍ଦ । ନଈବନ୍ଧରୁ ଗଡ଼ିବାର ଶବ୍ଦ- ନା ଉଠିବାର ଶବ୍ଦ । ଶବ୍ଦ ଶୁଭୁଥିଲା ମାତ୍ର ଆଖି ଖୋଲୁ ନଥିଲା । କାହାର ସ୍ପର୍ଶରେ ସେ ଚମକିଉଠିଲେ । "ଆରେ ମା... ତୁ ? କ'ଣ ହେଲା ମା ? ପାଦତଳେ ମୁଣ୍ଡରଖି ଗାୟତ୍ରୀ କାନ୍ଦୁଥିଲା । ମୋତେ କ୍ଷମାକର ମା, ମୋର ଭୁଲ ହୋଇଛି । ତୁମର ସ୍ନେହ, ବିଶ୍ୱାଳ ବଂଶର ପରମ୍ପରା ମୋତେ ନଈବନ୍ଧରୁ ପକ୍କା ସଡ଼କକୁ ଛାଡ଼ି ଦେଲାନି । ମୋ ହାତରେ ତୁମ ପିନ୍ଧେଇଥିବା ଖଡ଼ୁ, ବେଡ଼ି ପରି ମୋ ଅବୁଝାମଣା ମନକୁ ବାନ୍ଧି ପକାଇଲା ମା ।" ଗାୟତ୍ରୀ କାନ୍ଦୁଥିଲେ, ମାତ୍ର ଧାରବୋଉ ତାଙ୍କୁ ହିଁ ଦେଖୁଥିଲେ । ତାଙ୍କ ମନରେ କୋହ ନଥିଲା । ଉତ୍ତେଜନା ନଥିଲା । ସେ ଖାଲି ଆଖି ଖୋଲି ଦେଖୁଥିଲେ ।

ସବୁଦିନ ପାଇଁ ସେ ତାଙ୍କର ଖୋଲା ଆଖି ଖୋଲି ରହିଗଲେ ।

Digitized by PPRACHIN, SOA